# ଧରିତ୍ରୀ
DHARITRI

ଶୁକ୍ରବାର, ଏପ୍ରିଲ ୨୪/୨୦୨୦ (୧୮ ପୃଷ୍ଠା) Friday, April 24/2020

୪୬ଶ ଭାଗ ୧୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**୨୦ ହଜାର ହଳ ଜୋତା ଦାନ କରିବେ ପ୍ରିୟଙ୍କା**

ବଲିଉଡ୍ ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା କରୋନା ସଙ୍କଟର ସାମ୍ନା କରୁଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୨୦ ହଜାର ହଳ ଜୋତା ଦାନ କରିବେ ବୋଲି କହିଛନ୍ତି।

୦୭

୧୮

**ଦିନେଶ କାର୍ତ୍ତିକଙ୍କ ଅଭିଳାଷ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ନିଜ ଘରୋଇ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସରେ ଖେଳିବାକୁ ଆଶା ରଖିଛନ୍ତି ଷ୍ଟାର କ୍ରିକେଟର ଦୀନେଶ କାର୍ତ୍ତିକ।



# ଆଜିଠାରୁ ସକାଳୁଆ ହେବ ବ୍ୟାଙ୍କ

- ୮ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ
- ୬ ଅଞ୍ଚଳ ଲାଗି ଲାଗୁ ହେବନି ନିୟମ

**ଭୁବନେଶ୍ୱର, ୨୨।୪(ବ୍ୟୁରୋ)**

ସରକାରୀ ଅଫିସ ଏବଂ ବ୍ୟାଙ୍କଗୁଡିକ ଚଳାଇବା ନେଇ ରାଜସ୍ୱ ବିଭାଗ ପକ୍ଷରୁ ଗତ ୧୭ତାରିଖରେ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା ସେଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ମେ ୩ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଲକ୍‌ଡାଉନ ବଳବତ୍ତର ରହିବ ବୋଲି ଗୁରୁବାର ନୂଆ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୨୩ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ଗ୍ରୀଷ୍ମଋତୁ ଯୋଗୁ ଲୋକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖାଯାଇ ରାଜ୍ୟର ସବୁ ବ୍ୟାଙ୍କ ☞ପୃଷ୍ଠା-୪

# ମାନବ ଶରୀରରେ କରୋନା ଟିକାର ପରୀକ୍ଷା ଆରମ୍ଭ

**ଲଣ୍ଡନ,୨୩।୪**

ବ୍ରିଟେନ୍‌ର ଅକ୍ସଫୋର୍ଡ ୟୁନିଭର୍ସିଟି ପକ୍ଷରୁ ପ୍ରସ୍ତୁତ କୋଭିଡ୍-୧୯ ଟିକାର ମାନବ ଶରୀରରେ ପରୀକ୍ଷା ଗୁରୁବାର ଆରମ୍ଭ ହୋଇଛି। ତେବେ ଏହା ବ୍ୟବହାର ଲାଗି ଉପଲବ୍ଧ ହେବାକୁ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଲାଗିଯିବ ବୋଲି କୁହାଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୮ରୁ ୫୫ ବର୍ଷୀୟ ସୁସ୍ଥ



ବ୍ୟକ୍ତିଙ୍କ ଠାରେ ଏହି ପରୀକ୍ଷା କରାଯିବ। ଏହା ନିରାପଦ ବୋଲି ନିଶ୍ଚିତ ହେବା ପରେ ବରିଷ୍ଠ ନାଗରିକ, ଅଣଶ୍ୱେତାଙ୍ଗ ଏବଂ ଭାରତୀୟଙ୍କ ସମେତ ଏସିଆର ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ ମଧ୍ୟରେ ପରୀକ୍ଷା କରାଯିବ ବୋଲି ୟୁନିର୍ଭସିଟି

**ଆସନ୍ତା ବର୍ଷ ପର୍ଯ୍ୟନ୍ତ ଉପଲବ୍ଧ ହୋଇ ନ ପାରେ**

ପକ୍ଷରୁ କୁହାଯାଇଛି। ଇଣ୍ଟେନ୍‌ସିଭ କେୟାର ନ୍ୟାଶନାଲ ଅଡିଟ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ତଥ୍ୟ ଅନୁଯାୟୀ ୨୦୦୦ ଅତି ଗୁରୁତର କରୋନା ରୋଗୀଙ୍କ ମଧ୍ୟରୁ ୩୫ ପ୍ରତିଶତ ଅଣଶ୍ୱେତାଙ୍ଗ। ସେମାନେ ମୁଖ୍ୟତଃ ଏସୀୟ ଦେଶର ମୂଳ ବାସିନ୍ଦା।

ମାନବ ଶରୀରରେ କରୋନା ଟିକାର ପରୀକ୍ଷା ଆଶାର କିରଣ ଆଣିଥିବା ବ୍ରିଟିଶ୍ ମେଡିକାଲ ଆସୋସିଏଶନର ଉପାଧ୍ୟକ୍ଷ ଡ. କୈଳାସ ଚାନ୍ଦ୍ କହିଛନ୍ତି। ତେବେ ଅଣଶ୍ୱେତାଙ୍ଗ ଏବଂ ଏସୀୟ ସମ୍ପ୍ରଦାୟଙ୍କ ଉପରେ ପରୀକ୍ଷା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। କାରଣ କୋଭିଡ୍-୧୯ ସଂକ୍ରମଣରେ ସେମାନଙ୍କର ମୃତ୍ୟୁ ହାର ଅଧିକ। ରୋଗ ପ୍ରତିରୋଧ ଶକ୍ତି ଭିନ୍ନ ହୋଇଥିବାରୁ ଟିକା ପ୍ରତି ସେମାନଙ୍କ ଶରୀରରେ ଭିନ୍ନ ପ୍ରତିକ୍ରିୟା ହୋଇପାରେ ☞ପୃଷ୍ଠା-୪



ଲକ୍‌ଡାଉନ୍ ଯୋଗୁ ଶୂନ୍‌ଶାନ୍ ହୋଇପଡ଼ିଛି ପୁରୀ ବେଳାଭୂମି। (ଫଟୋ-ଅନିଲ)

# ଭଦ୍ରକ, ବାଲେଶ୍ୱର, ଯାଜପୁରରେ ୬୦ଘଣ୍ଟିଆ ଶଟ୍‌ଡାଉନ

**ବଢୁଛି କୋଭିଡ୍-୧୯ ସଂକ୍ରମଣ ଚିନ୍ତା**

- ଗୁରୁବାର ରାତି ୧୦ଟାରୁ ରବିବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରହିବ ବଳବତ୍ତର
- ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ ଚିହ୍ନଟ କରିବାକୁ ସରପଞ୍ଚଙ୍କୁ ନିର୍ଦ୍ଦେଶ
- ଶଟ୍‌ଡାଉନ ସମୟରେ ୩ଗୁଣ ବଢ଼ିବ ନମୁନା ସଂଗ୍ରହ, ପରୀକ୍ଷା
- ବାହାର ରାଜ୍ୟରୁ ଆସି ଘରେ ଛପିଥିବା ଲୋକ ତୁରନ୍ତ ପଞ୍ଜୀକରଣ କରିବାକୁ ପରାମର୍ଶ, ନଚେତ୍ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ରାଜ୍ୟରେ କାରୋନା(କୋଭିଡ୍-୧୯) ସ୍ଥିତି ବେଳକୁବେଳ ଜଟିଳ ହେବାରେ ଲାଗିଛି। ଭୁବନେଶ୍ୱର ପରେ ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ି ଯାଇଛି। ଏହି ମାରାତ୍ମକ ରୋଗର ସଂକ୍ରମଣକୁ ରୋକିବା ଲାଗି ରାଜ୍ୟ ସରକାର ଉକ୍ତ ୩ଟି ଜିଲାକୁ ୬୦ଘଣ୍ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶଟଡାଉନ ଘୋଷଣା କରିଛନ୍ତି।



ଅସିତ କୁମାର ତ୍ରିପାଠୀ

ଏହି ଶଟଡାଉନ କଟକଣା ଗୁରୁବାର ରାତି ୧୦ଟାରୁ ଆରମ୍ଭ ହୋଇ ୨୬ତାରିଖ ରବିବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟଶାସନ ସଚିବ ଅସିତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

ଗତ ସୋମବାର ଠାରୁ ଗୁରୁବାର ମଧ୍ୟରେ ଏହି ୩ ଜିଲାରେ ୨୮ଜଣ କରୋନା ସଂକ୍ରମିତ ଚିହ୍ନଟ ହେଲେଣି। ତେଣୁ ଏହାକୁ ରୋକିବାକୁ ଏଭଳି କଟକଣା ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଛି। ଏହି ଶଟଡାଉନ ଏକ ପ୍ରକାର ଅଘୋଷିତ କର୍ଫ୍ୟୁ ଭଳି ରହିବ। ଭୁବନେଶ୍ୱରରେ ଯେପରି ୪୮ ଘଣ୍ଟିଆ ସମ୍ପୂର୍ଣ୍ଣ ଶଟଡାଉନ କରାଯାଇଥିଲା ଠିକ୍ ସେହିଭଳି କରାଯିବ। କୌଣସି ବ୍ୟକ୍ତି ପଦାକୁ ବାହାରିବେ ନାହିଁ। ନିର୍ଦ୍ଦିଷ୍ଟ କିଛି ଔଷଧ ଦୋକାନ ଛଡ଼ା ଅନ୍ୟସବୁ ଦୋକାନ, ଅନୁଷ୍ଠାନ ବନ୍ଦ ରହିବ। ଏହି ସମୟରେ ବ୍ୟାପକ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ହେବ। ଏଥିସହିତ କରୋନା ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂକୁ ବ୍ୟାପକ କରାଯିବ। ପଶ୍ଚିମବଙ୍ଗ କିମ୍ବା ଅନ୍ୟ ରାଜ୍ୟରୁ ଆସୁଥିବା ଲୋକମାନଙ୍କୁ ଚିହ୍ନଟ କରିବାକୁ ସରପଞ୍ଚମାନଙ୍କୁ କୁହାଯାଇଛି। ଯେଉଁମାନେ କାହାକୁ କିଛି ସୂଚନା ନ ଦେଇ ଘରେ ଅଛନ୍ତି ତୁରନ୍ତ ନାମ ପଞ୍ଜୀକରଣ କରନ୍ତୁ ନଚେତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଭଦ୍ରକ ବାଲେଶ୍ୱର ଏବଂ ଯାଜପୁର ଜିଲାରେ ୩୩ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ଶଟଡାଉନ ସମୟରେ ନମୁନା ସଂଗ୍ରହ ଓ ପରୀକ୍ଷଣକୁ ୩ଗୁଣା କରାଯିବ। ପୂର୍ବରୁ ଭୁବନେଶ୍ୱର, କଟକ ଓ ଭଦ୍ରକ ସହରକୁ ସମ୍ପୂର୍ଣ୍ଣ ଶଟଡାଉନ କରାଯାଇଥିଲା। ପଡ଼ୋଶୀ ରାଜ୍ୟରୁ ଏହି ଜିଲାଗୁଡ଼ିକୁ ଅଧିକ ଲୋକଙ୍କ ଆଗମନ ହେଉଥିବାରୁ ସଂକ୍ରମଣର ଆଶଙ୍କା ଅଧିକ ରହୁଛି ବୋଲି ମୁଖ୍ୟ ଶାସନ ସଚିବ ତ୍ରିପାଠୀ କହିଛନ୍ତି।

## ଯାଜପୁରରେ ଦ୍ୱିତୀୟ ସର୍ବାଧିକ ପଜିଟିଭ୍

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

- ପୁଣି ଯାଜପୁରରୁ ୪, ବାଲେଶ୍ୱରରୁ ୨ ଚିହ୍ନଟ
- ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି
- ଭୁବନେଶ୍ୱରରୁ ଆଉଜଣେ ସୁସ୍ଥ, ଚିକିତ୍ସାଧୀନ ଅଛନ୍ତି ୫୬ ଆକ୍ରାନ୍ତ

ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ଗତ ୪ଦିନ ହେବ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ବିଶେଷକରି ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ଅଧିକାଂଶ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗୁରୁବାର ଯାଜପୁରରୁ ଆଉ ୪ଜଣ ଓ ବାଲେଶ୍ୱରରୁ ୨ଜଣଙ୍କ ରିପୋର୍ଟ ପଜିଟିଭ୍ ବାହାରିଛି। ଫଳରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୯ରେ ପହଞ୍ଚିଛି। ତେବେ ନୂଆ ୪ ଆକ୍ରାନ୍ତ ବାହାରିବା ପରେ ଯାଜପୁର ଏବେ ଖୋର୍ଦ୍ଧା ତଳକୁ ଦ୍ୱିତୀୟ ସର୍ବାଧିକ କରୋନା ଆକ୍ରାନ୍ତଙ୍କ ଜିଲା ଭାବେ ପରିଗଣିତ ହୋଇଛି। ଏହି ଆକ୍ରାନ୍ତଙ୍କ ମଧ୍ୟରୁ ୩ଜଣ ମହିଳା ଓ ଜଣେ ଯୁବକ ଅଛନ୍ତି। ସେମାନଙ୍କ ବୟସ ଯଥାକ୍ରମେ ୮୦, ୭୦, ୪୮ ଓ ୨୧ ରହିଥିବାବେଳେ ଜଣଙ୍କ ଘର ଦଶରଥପୁର ବ୍ଲକ୍ ଓ ଅନ୍ୟ ୩ଜଣଙ୍କ ଘର ଯାଜପୁର ବ୍ଲକ୍‌ରେ। ଗତ ୨୦ ତାରିଖରୁ ସେମାନେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେହିପରି ବାଲେଶ୍ୱରରୁ ଚିହ୍ନଟ ୨ ଜଣଙ୍କ ମଧ୍ୟରୁ ଜଣେ ୫୫ ବର୍ଷୀୟ ମହିଳା ଓ ଅନ୍ୟଜଣେ ୩୬ବର୍ଷର ଯୁବକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ☞ପୃଷ୍ଠା-୪

## କ'ଣ ସବୁ ଖୋଲା ରହିବ

- ଡାକ୍ତରଖାନା
- ପୋଲିସ, ଅଗ୍ନିଶମ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସେବା
- ଇ ଆଣ୍ଡ ଆଇଟି ସଚିବଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଟେଲିକମ ସେବା
- ଜିଲା ପ୍ରଶାସନ ଦ୍ୱାରା ଚିହ୍ନିତ ହୋଇଥିବା ପେଟ୍ରୋଲ ପମ୍ପ
- ରେଳବାଇ ଏବଂ ବନ୍ଦର ଭିତ୍ତିକ କାର୍ଗୋ ଅପରେଶନ
- ଜିଲା ପ୍ରଶାସନ ଦ୍ୱାରା ମାନ୍ୟତା ପ୍ରାପ୍ତ ବୈଦ୍ୟୁତିକ ଗଣମାଧ୍ୟମ
- କରୋନା ସମ୍ପର୍କିତ ଆଇଟି/ଆଇଟିଇଏସ କଲ୍ ସେଣ୍ଟର
- ଜଳ ଯୋଗାଣ, ପରିମଳ ଏବଂ ସ୍ୱେରେଜ କାର୍ଯ୍ୟ
- ବିଦ୍ୟୁତ୍ ବିତରଣ ଓ ବଣ୍ଟନ
- ଜିଲା ପ୍ରଶାସନ ଦ୍ୱାରା ଚିହ୍ନିତ ହୋଇଥିବା ଔଷଧ ଦୋକାନ
- ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଗାଡି
- କଣ୍ଟାକ୍ଟ ଟ୍ରେସିଂ, ଟେଷ୍ଟିଂ, କ୍ୱାରାଣ୍ଟାଇନ, ଆଇସୋଲେଶନ ଏବଂ କଣ୍ଟେନମେଣ୍ଟ ସମ୍ପର୍କିତ ପରିବହନ(ସ୍ୱାସ୍ଥ୍ୟ ବିଭାଗ ଅନୁମତି ଅନୁଯାୟୀ)
- ଅତ୍ୟାବଶ୍ୟକ ସାମଗ୍ରୀ ପ୍ରସ୍ତୁତ ହେଉଥିବା ୟୁନିଟ୍‌ରେ ସାମାଜିକ ଦୂରତାକୁ ଗୁରୁତ୍ୱ

# ମହଙ୍ଗା ଭତ୍ତା ବୃଦ୍ଧି ୨୦୨୧ ଜୁଲାଇ ଯାଏ ସ୍ଥଗିତ

**ନୂଆଦିଲ୍ଲୀ,୨୩।୪(ପି.ଟି.)**

କୋଭିଡ୍-୧୯ ଜନିତ ସଙ୍କଟକୁ ନେଇ ଅର୍ଥ ମନ୍ତ୍ରଣାଳୟ କେନ୍ଦ୍ରୀୟ କର୍ମଚାରୀ ଓ ପେନ୍‌ସନଧାରୀମାନଙ୍କୁ ମହଙ୍ଗା ଭତ୍ତା ବୃଦ୍ଧି ୨୦୨୧ ଜୁଲାଇ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଗୁରୁବାର ନିଷ୍ପତ୍ତି ନେଇଛି। ମହଙ୍ଗା ଭତ୍ତା ୪ ପ୍ରତିଶତ ବଢ଼ାଇବା ପାଇଁ କେନ୍ଦ୍ର କ୍ୟାବିନେଟ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିବାରୁ ଦେଶର ୫୦ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୧ ଲକ୍ଷ ପେନ୍‌ସନଧାରୀ ପ୍ରଭାବିତ ହେବେ। ୨୦୨୦ ଜାନୁୟାରୀ ୧ରୁ ଲାଗୁ ହେବାକୁ ଥିବା ବର୍ଦ୍ଧିତ ମହଙ୍ଗା ଭତ୍ତା (ଡିଏ) ସମେତ ମହଙ୍ଗା ସହାୟତା (ଡିଆର୍) ପ୍ରଦାନ ନ କରିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରଣାଳୟର ବ୍ୟୟ ବିଭାଗ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ତୈଳ ଦର ହ୍ରାସରୁ ଫାଇଦା ନାହିଁ

# ରଥଯାତ୍ରା: ହୋଇପାରେ ବଡ଼ ଘୋଷଣା

**ପୁରୀ ଅଫିସ,୨୩।୪**

କରୋନା କଟକଣା ଭିତରେ କେମିତି ହେବ ରଥଯାତ୍ରା? ଏହାକୁ ନେଇ ସରକାରଙ୍କ ଚିନ୍ତା ବଢିଥିବାବେଳେ ଭକ୍ତଙ୍କ ମଧ୍ୟରେ ବି ଉତ୍ସୁକତା ଲାଗିରହିଛି। ରୁକୁଣା ରଥ ପରି ଏଥର ବଡ଼ଦାଣ୍ଡରେ ଗଡ଼ିବନି କି କାଳିଆ ସାଆନ୍ତଙ୍କ ରଥ ଏମିତି ଆଶଙ୍କା ସୃଷ୍ଟି ହୋଇଛି। ତେବେ ରଥ ନିର୍ମାଣ ଆରମ୍ଭ ହେବାକୁ ଆଉ ମାତ୍ର ଦୁଇଦିନ ଥିବାବେଳେ ଗୁରୁବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର। ମଧ୍ୟାହ୍ନରେ ଜିଲାପାଳ ବଲୱନ୍ତ ସିଂଙ୍କ ସହ ମୁଖ୍ୟ ପ୍ରଶାସକ ଗୋବର୍ଦ୍ଧନ ମଠରେ ପହଞ୍ଚି ଶଙ୍କରାଚାର୍ଯ୍ୟଙ୍କ ସହ ପ୍ରାୟ ୧ ଘଣ୍ଟା ଧରି ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ତେବେ ଲକ୍‌ଡାଉନ ସମୟରେ ଗୁରୁଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବାକୁ ଆସିଥିବା ମୁଖ୍ୟ ପ୍ରଶାସକ



**ଗଜପତିଙ୍କ ସହ ମଧ୍ୟ କଲେ ଆଲୋଚନା**

ଗଣମାଧ୍ୟମ ସମ୍ମୁଖରେ କହିଥିଲେ ମଧ୍ୟ ଚନ୍ଦନ ଯାତ୍ରା ଏବଂ ରଥଯାତ୍ରା ହିଁ ମୁଖ୍ୟ ପ୍ରସଙ୍ଗ ରହିଥିଲା ବୋଲି ଚର୍ଚ୍ଚା ହେଉଛି। ତେଣୁ ଖୁବଶୀଘ୍ର ସରକାର

**ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ରଥଯାତ୍ରାକୁ ନେଇ ବଡ଼ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି।

ବର୍ତ୍ତମାନ ଲକ୍‌ଡାଉନ ଚାଲିଛି। ଏହି ଲକ୍‌ଡାଉନ ଭିତରେ ପଡୁଛି ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ଆସନ୍ତା ୨୬ ତାରିଖରେ ବାହାର ଚନ୍ଦନ ଯାତ୍ରାରେ ୨୧ ଦିନ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ତେବେ ପରମ୍ପରାକୁ ବଜାୟ ରଖି ଏବଂ ଲକ୍‌ଡାଉନ କଟକଣାକୁ ମାନି କିପରି ଏହା ଅନୁଷ୍ଠିତ ହେବ ସେ ନେଇ ମୁଖ୍ୟ ପ୍ରଶାସକ ଏବଂ ଜିଲାପାଳ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଲୋଡ଼ିଛନ୍ତି। ତେବେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ରଥଯାତ୍ରା ରହିଥିବା ଜଣାପଡ଼ିଛି। ସାଧାରଣତଃ ☞ପୃଷ୍ଠା-୪

# କମୁଛି ଖାଉଟିଙ୍କ ଖର୍ଚ୍ଚ, ଆଶଙ୍କାରେ ଶିଳ୍ପ



- ଆବଶ୍ୟକ ହେଲେ ବି ପୂର୍ବାପେକ୍ଷା ଖର୍ଚ୍ଚ କମିଛି
- କଷ୍ଟ ଉପାର୍ଜିତ ଅର୍ଥକୁ ନେଇ ଲୋକେ ଅଧିକ ଯତ୍ନଶୀଳ
- କୋଭିଡ୍-୧୯ ଯୋଗୁ ଅନିଶ୍ଚିତତାରେ ବଜାର
- କମ୍ପାନୀଙ୍କ ଉତ୍ପାଦନ, ନିଯୁକ୍ତି ଉପରେ ପ୍ରଭାବ

**ନୂଆଦିଲ୍ଲୀ,୨୩।୪**

ବିଶ୍ୱ ସ୍ତରରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି କଞ୍ଜ୍ୟୁମର ସ୍ପେଣ୍ଡିଂ ବା ଖାଉଟିଙ୍କ ଖର୍ଚ୍ଚ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଖାଉଟିଙ୍କ ଆତ୍ମବିଶ୍ୱାସ, ବେକାରୀ ହାର ଏବଂ ଜୀବନ ଧାରଣମାନ ଉପରେ ଲୋକଙ୍କର କ୍ରୟ ଅଭ୍ୟାସ ନିର୍ଭର କରିଥାଏ। ମାତ୍ର କରୋନା ଭଳି ଭୂତାଣୁ ଯୋଗୁ ଉପୁଜିଥିବା ସମସ୍ୟା ବର୍ତ୍ତମାନ ଖାଉଟିଙ୍କ ଖର୍ଚ୍ଚକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଲୋକମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ କେଉଁ ଭଳି ଭାବେ ଖର୍ଚ୍ଚ କରିବେ ସେ ନେଇ ଏବେ ବେଶି ଯତ୍ନଶୀଳ ହୋଇପଡିଛନ୍ତି। ଅନେକେ ଖର୍ଚ୍ଚ କମାଉଥିବା ନଜରକୁ ଆସିଛି। ଲୋକଙ୍କର ଖର୍ଚ୍ଚ ସମ୍ପର୍କୀତ ବ୍ୟବହାରକୁ କରୋନାର ପ୍ରଭାବ ଆମୂଳଚୁଳ ପରିବର୍ତ୍ତନ କରିଛି ବୋଲି ବଜାର ବିଶେଷଜ୍ଞ ମତ ରଖିଛନ୍ତି। ଲୋକ ଖର୍ଚ୍ଚ କମାଇଲେ ଏହାର ସିଧାସଳଖ ପ୍ରଭାବ ବଜାର ଉପରେ ପଡିବ ବୋଲି କୁହାଯାଇଛି।

ମ୍ୟାକେନ୍ସି ଆଣ୍ଡ କମ୍ପାନୀ ପକ୍ଷରୁ ହୋଇଥିବା ଏକ ସର୍ଭେ ମୁତାବକ, ଏଭଳି ସ୍ଥିତି ଯୋଗୁ କମ୍ପାନୀଗୁଡିକର ଉତ୍ପାଦନ ଉପରେ ମଧ୍ୟ ଗଭୀର ପ୍ରଭାବ ପଡୁଛି। ଖରାପସ୍ଥିତିକୁ ସାମ୍ନା କରିବା ଲାଗି କିଛି କମ୍ପାନୀ ପ୍ରସ୍ତୁତ ହୋଇ ରହିଛନ୍ତି। ମାତ୍ର ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଆଉ କିଛି କମ୍ପାନୀ ନିଜ ସ୍ଥିତି ବଜାୟ ରଖିବା ଲାଗି ନିରନ୍ତର ଉଦ୍ୟମ କରୁଛନ୍ତି। ଭବିଷ୍ୟତ ନେଇ ଖାଉଟି ଅନିଶ୍ଚିତତାରେ ଅଛନ୍ତି। ଏଥିଯୋଗୁ କ୍ରୟ ବ୍ୟବହାର ସିଧାସଳଖ ପ୍ରଭାବିତ ହୋଇଛି। ଅନେକ କ୍ଷେତ୍ରରେ ଖର୍ଚ୍ଚ କମାଇବା କିମ୍ବା ଖର୍ଚ୍ଚ ବାତିଲ କରିବା ଭଳି ପରିସ୍ଥିତି ଦେଖାଯାଇଛି। ଯେଉଁ ସାମଗ୍ରୀ ଓ ସେବା ଦରକାର ନାହିଁ ଲୋକମାନେ ତାହା କିଣିବା ଯୋଜନାକୁ ବାଦ ଦେଇଛନ୍ତି। କୋଭିଡ-୧୯ ସ୍ଥିତି ଶୀଘ୍ର ସୁଧୁରିବା ନେଇ ଅଧିକାଂଶ ଦେଶ ଆଶାବାଦୀ ନାହାନ୍ତି। ଏହି ଦେଶ ସମୂହଙ୍କ ଜାପାନ, ଦକ୍ଷିଣ କୋରିଆ, ଇଟାଲି, ସ୍ୱିଡେନ, ବ୍ରିଟେନ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ଜର୍ମାନୀ, ଦକ୍ଷିଣ ଆମେରିକା, ରୁଷିଆ, ସୁଇଜରଲାଣ୍ଡ,କାନାଡା ଏବଂ ଆମେରିକା ରହିଛି। ☞ପୃଷ୍ଠା-୪

## ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀଙ୍କୁ ୭ ବର୍ଷ ଜେଲ

ମନିଲଣ୍ଡରିଂ ମାମଲାରେ ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ଅନୋଶ ଏକ୍କାଙ୍କୁ ରାଞ୍ଚିର ଏକ ଅଦାଲତ ୭ ବର୍ଷ ଜେଲଦଣ୍ଡାଦେଶ ଦେବା ସହ ୨ କୋଟି ଟଙ୍କା ଜରିମାନା କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏକ୍କାଙ୍କ ବିରୋଧରେ ତଦନ୍ତ ଚଳାଇଥିଲା। ଏହି ମାମଲାରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ା ଓ ଅନ୍ୟମାନେ ସମ୍ପୃକ୍ତ ଅଛନ୍ତି।



ନ୍ୟୁୟର୍କ ସହରରେ ହାତ ପ୍ରତିକୃତିର ଏକ ପ୍ରାଚୀର ଚିତ୍ର ମଧ ଦେଇ ଯାଉଛନ୍ତି ସୁରକ୍ଷା ମାସ୍କ ପିନ୍ଧିଥିବା ଜଣେ ମହିଳା।

## ବାତିଲ ହେଲା କୈଳାସ ମାନସରୋବର ଯାତ୍ରା

**ଗ୍ୟାଙ୍ଗଟକ,୨୩।୪:** କରୋନା ମହାମାରୀ ଯୋଗୁ ସିକିମ ସରକାର ଚଳିତ ବର୍ଷ କୈଳାସ ମାନସରୋବର ଯାତ୍ରାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ସିକିମ ପର୍ଯ୍ୟଟନ ମନ୍ତ୍ରୀ ବି.ଏସ୍. ପନ୍ଥ ଗୁରୁବାର ସୂଚନା ଦେଇଛନ୍ତି। ଏଥିସହ ନାଥୁଲା ପାସ୍ ଜରିଆରେ ଭାରତ ଓ ଚାଇନା ମଧ୍ୟରେ ହେବାକୁ ଥିବା ସୀମା ବାଣିଜ୍ୟ ମଧ ଚଳିତ ବର୍ଷ ବନ୍ଦ ରହିବ ବୋଲି ସେ କହିଛନ୍ତି। ସୂଚନା ମୁତାବକ ନାଥୁଲା ପାସ୍ ଦେଇ ସୀମା ବାଣିଜ୍ୟ ଚଳିତ ବର୍ଷ ମେ' ମାସରେ ଆରମ୍ଭ ହେବାକୁ ଥିବାବେଳେ କୈଳାସ ମାନସରୋବର ଯାତ୍ରା ମଧ ନାଥୁଲା ପାସ ମଧ୍ୟରେ ଜୁନରେ ଆରମ୍ଭ ହୋଇଥାନ୍ତା। ପ୍ରତିବର୍ଷ ଏହି ଯାତ୍ରାରେ ଶହ ଶହ ଶ୍ରଦ୍ଧାଳୁ ସାମିଲ ହୋଇଥାନ୍ତି। ହେଲେ କରୋନା ମହାମାରୀ ଯୋଗୁ ସବୁ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ତେବେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବିଷୟରେ କେନ୍ଦ୍ର ସରକାରଙ୍କୁ ଜଣାଇଦିଆଯାଇଛି ବୋଲି ପନ୍ଥ ସୂଚନା ଦେଇଛନ୍ତି।

## 'ସଂରକ୍ଷଣ ବଦଳାଇବାକୁ ଚାହୁଁନାହାନ୍ତି ସରକାର'

**ନୂଆଦିଲ୍ଲୀ,୨୩।୪(ପି.ଟି.)**



ସଂରକ୍ଷଣ ସୁବିଧା ପାଇଆସୁଥିବା ଜାତି ତାଲିକାର ନା ସମୀକ୍ଷା କରାଯାଉଛି, ନା ସଂରକ୍ଷଣ ବ୍ୟବସ୍ଥାର ଅନ୍ତ ହେଉଛି। ଏହାକୁ ନେଇ ଦେଶରେ ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଲାଗି ନିର୍ବାଚିତ ସରକାରଙ୍କର କ୍ୱଚିତ ରାଜନୈତିକ ଇଚ୍ଛାଶକ୍ତି ରହିଛି। ସଂରକ୍ଷଣ ସୁବିଧା ପ୍ରକୃତ ଗରିବ ଓ ଅନଗ୍ରସର ପାଇବା ଲାଗି ଏହି ତାଲିକାରେ ସଂଶୋଧନ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସମାଜରେ ଅବହେଳିତ ଓ ପାତରଅନ୍ତରର ଶିକାର ହୋଇ ଆସୁଥିବା ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗଙ୍କୁ ସୁବିଧା ଦେବା ଲାଗି ସଂରକ୍ଷଣ ବ୍ୟବସ୍ଥା ପ୍ରଚଳନ ହୋଇଥିଲା। ଏହାଦ୍ୱାରା ୧୦ ବର୍ଷ ମଧ୍ୟରେ ଦେଶରୁ ସାମାଜିକ ଅସମାନତା, ଅର୍ଥନୈତିକ ଅନଗ୍ରସରତା ଦୂର ହୋଇଯିବ ବୋଲି ଲକ୍ଷ୍ୟ ରଖାଯାଇଥିଲା। ପରେ ଏଥିରେ ସଂଶୋଧନ କରାଯାଇ ସମୟସୀମା ବଢ଼ାଗଲା। କିନ୍ତୁ ସମୀକ୍ଷା କରାଗଲା ନାହିଁ କି ସଂରକ୍ଷଣ ବ୍ୟବସ୍ଥାର ଅନ୍ତ ହେଲାନାହିଁ ବୋଲି ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ କହିଛନ୍ତି। ଏହା ପରିବର୍ତ୍ତେ କୋଟା ବଢ଼ାଇବା ଓ ସଂରକ୍ଷଣ ଭିତରେ ସଂରକ୍ଷଣ ଯୋଗାଇଦେବାକୁ ଦାବି ହୋଇଆସୁଛି। ଏହାକୁ ବଦଳାଇବା କୌଣସି ନିର୍ବାଚିତ ସରକାରଙ୍କ ପାଇଁ କଷ୍ଟକର ହୋଇପଡ଼ିଛି ବୋଲି ଖଣ୍ଡପୀଠ କହିଛନ୍ତି।

# ସତ ଲୁଚାଉଛି ଚାଇନା

**ନୂଆଦିଲ୍ଲୀ/ୱାଶିଂଟନ,୨୩।୪**

କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଉହାନ ଭିତରକୁ ଯିବା ପାଇଁ ଆମେରିକୀୟ ବୈଜ୍ଞାନିକମାନଙ୍କୁ ମନା କରିଦେଇଛି ଚାଇନା। ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି କିମ୍ବା ଚାଇନାର ଅନ୍ୟ କୌଣସି ସ୍ଥାନକୁ ତଦନ୍ତ ନିମନ୍ତେ ଆମେରିକାର କେହି ଯାଇପାରିବେ ନାହିଁ ବୋଲି ରୋକ୍‌ଠୋକ୍ ମନାକରିଦେଇଛି ବେଜିଂ।

ଆମେରିକାର ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଗୁରୁବାର ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଏବେ ମଧ ଚାଇନା ସରକାର ଆମେରିକୀୟ ବୈଜ୍ଞାନିକମାନଙ୍କୁ ଚାଇନା ଭିତରକୁ ଯିବାକୁ ଅନୁମତି ଦେଇନାହାନ୍ତି। କେବଳ ଉହାନ ଲାବ୍ ନୁହେଁ, ଭାଇରସ୍ ସମ୍ପର୍କରେ ଜାଣିବା ପାଇଁ ଯେଉଁ ସବୁ ସ୍ଥାନକୁ ସେମାନେ ଯିବାକୁ ଚାହିଁଛନ୍ତି ଚାଇନା ବାଧା ଦେଇଛି। ସେଠାରୁ ହିଁ ଭାଇରସ୍ ଅନ୍ୟ ସବୁଆଡ଼େ ବିସ୍ତାର ଲାଭ କରିଥିବା ନେଇ ଟ୍ରମ୍ପ୍ ପ୍ରଶାସନ ନିକଟରେ ସୂଚନା ରହିଛି। ତେବେ ଏନେଇ ଆମେ ସ୍ପଷ୍ଟ ଭାବେ ଜାଣିବାକୁ ଚାହୁଁ। ଜି ଜିନ୍‌ପିଙ୍ଗ୍ ସରକାର ଏନେଇ ଅଧିକ ସ୍ୱଚ୍ଛତାର ପ୍ରମାଣ ଦେବା ଦରକାର ବୋଲି ପମ୍ପିଓ କହିଛନ୍ତି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଧ ଏହି କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରୁନାହିଁ। ତେଣୁ ଡବ୍ଲ୍ୟୁଏଚ୍‌ଓକୁ ବି କରୋନା ସଂକ୍ରମଣ ବୃଦ୍ଧି ପାଇଁ ଉତ୍ତରଦାୟୀ କରାଯିବା ଦରକାର। ଅନ୍ୟ ରାଷ୍ଟ୍ରଗୁଡ଼ିକ ଡବ୍ଲ୍ୟୁଏଚ୍‌ଓର ବିଫଳତାକୁ ନେଇ କିପରି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ତାହା ଦେଖିବାର କଥା ବୋଲି ପମ୍ପିଓ କ୍ଷୋଭବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ଏହି ସଙ୍ଗଠନ ଲୋକଙ୍କ ଜୀବନରକ୍ଷା ପରିବର୍ତ୍ତେ ଚାଇନାକୁ ରାଜନୈତିକ ସୁରକ୍ଷା ଦେବାରେ ଅଧିକ ତତ୍ପରତା ଦେଖାଉଥିବା ଦର୍ଶାଇ ଗତ ସପ୍ତାହରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଡବ୍ଲ୍ୟୁଏଚ୍‌ଓକୁ ପାଣ୍ଠି ଯୋଗାଇବା ବନ୍ଦ କରିଦେଇଥିଲେ।

**ଆମେରିକୀୟ ବୈଜ୍ଞାନିକଙ୍କୁ ଉହାନ ମନା**



## 'କରୋନା ଫ୍ଲୁ ନୁହେଁ, ଏକ ଆକ୍ରମଣ'

**ୱାଶିଂଟନ,୨୩।୪:** କରୋନା ସଂକ୍ରମଣ ରୋକିବା ପାଇଁ ବିପୁଳ ଡଲାର ଢାଳିଦେବା ପରିବର୍ତ୍ତେ ଆଉ କିଛି ବିକଳ୍ପ ନାହିଁ। ଏହି ଭାଇରସ୍ ଏକ ଫ୍ଲୁ ନୁହେଁ, ବରଂ ଏକ ଆକ୍ରମଣ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି।

ହ୍ୱାଇଟ୍ ହାଉସ୍‌ରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଟ୍ରମ୍ପ୍ କହିଛନ୍ତି, ଋତୁକାଳୀନ ଇନ୍‌ଫ୍ଲୁଏଞ୍ଜା ତୁଳନାରେ କୋଭିଡ୍-୧୯ ଅଧିକ ଦ୍ରୁତଗତିରେ ମାଡ଼ିଚାଲିଛି। ପୂର୍ବରୁ କେହି କେବେ ଏପରି ଦେଖି ନ ଥିଲେ। ଏହା ଆମ ପାଇଁ ଏକ ଆକ୍ରମଣ ବୋଲି ସେ କହିଛନ୍ତି। କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ହାଉସ୍ ଅତିରିକ୍ତ ୩୦୦ ବିଲିୟନ ଡଲାର ପ୍ରଦାନ ନିମନ୍ତେ ପ୍ରସ୍ତୁତ ହେଉଥିବାବେଳେ ଟ୍ରମ୍ପ୍ ଏହି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।


ଡୋନାଲ୍ଡ ଟ୍ରମ୍ପ୍

ଆମେରିକାରେ ୨୨ ନିୟୁତ ଲୋକ ନିଯୁକ୍ତି ହରାଇଥିବାବେଳେ ପୂର୍ବରୁ ଟ୍ରମ୍ପ୍ ଓ କଂଗ୍ରେସ ଅର୍ଥନୀତି ସଜାଡ଼ିବା ପାଇଁ ୨.୨ ଟ୍ରିଲିୟନ୍ ଡଲାର ଅନୁଦାନ ମଞ୍ଜୁର କରିସାରିଛନ୍ତି। ଗୁରୁବାର ସୁଦ୍ଧା ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ୮୪୯,୦୯୪ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୪୭,୬୮୪ ଛୁଇଁଛି।

## ମିସୋରିରେ ଚାଇନା ବିରୋଧରେ ମାମଲା

**ୱାଶିଂଟନ,୨୩।୪:** ଆମେରିକୀୟ ରାଜ୍ୟ ମିସୋରି ଚାଇନା ବିରୋଧରେ ମାମଲା ରୁଜୁ କରିଛି। ଚାଇନା ସତକୁ ଚପାଇ, ହ୍ୱିସିଲ୍‌ବ୍ଲୋୟରଙ୍କୁ ଗିରଫ କରିବା ସହ କରୋନା ଭାଇରସ୍‌ର ସଂକ୍ରାମକତାକୁ ଅସ୍ୱୀକାର କରିଥିବାରୁ ବିଶ୍ୱର ବହୁ ଦେଶକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିଛି। ମିସୋରିର ଆଟର୍ନି ଜେନେରାଲ ଏରିକ୍ ସ୍କମିଟ୍ ଏଭଳି ଯୁକ୍ତି ବାଢ଼ି ଗୁରୁବାର ଚାଇନାର କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱାଧୀନ ସରକାର ଓ ଅଧିକାରୀମାନଙ୍କ ବିରୋଧରେ ଇଷ୍ଟର୍ନ ଡିଷ୍ଟ୍ରିକ୍ଟ କୋର୍ଟରେ ମାମଲା ରୁଜୁ କରିଛନ୍ତି। କରୋନାର ଭୟାବହତା ନେଇ ପ୍ରମାଣ ଥିଲେ ମଧ ଚାଇନା ଡିସେମ୍ବର ୩୧ ପର୍ଯ୍ୟନ୍ତ ଡବ୍ଲ୍ୟୁଏଚ୍‌ଓକୁ ଏନେଇ ଜଣାଇ ନ ଥିଲା। ଏଥିଯୋଗୁ ଡବ୍ଲ୍ୟୁଏଚ୍‌ଓ ମଧ ଏହାକୁ ହାଲକା ଭାବେ ନେଇଥିଲା ବୋଲି ଦାଏର କରାଯାଇଥିବା ପିଟିଶନରେ ଦର୍ଶାଯାଇଛି। ଚାଇନା ବିରୋଧରେ ଏଭଳି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାରେ ମିସୋରି ହେଉଛି ଆମେରିକାର ପ୍ରଥମ ଷ୍ଟେଟ୍।

## ଡବ୍ଲ୍ୟୁଏଚ୍‌ଓର ନେତୃତ୍ୱ ନେବ ଭାରତ

**ନୂଆଦିଲ୍ଲୀ,୨୩।୪:** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟାଳୟରେ ଭାରତ ନେତୃତ୍ୱ ଭୂମିକା ନେବ। ସାରା ବିଶ୍ୱ କରୋନା ମହାମାରୀ କବଳିତ ହୋଇଥିବାବେଳେ ଆସନ୍ତା ମାସରେ ଡବ୍ଲ୍ୟୁଏଚ୍‌ଓ କାର୍ଯ୍ୟନିର୍ବାହୀ ବୋର୍ଡରେ ଭାରତୀୟ ପ୍ରତିନିଧି ଅଧ୍ୟକ୍ଷ ନିଯୁକ୍ତ ହେବାକୁ ଯାଉଛନ୍ତି।

କୋଭିଡ୍-୧୯ ମହାମାରୀରେ ଏପର୍ଯ୍ୟନ୍ତ ବିଶ୍ୱରେ ୧,୮୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ୨୬ ଲକ୍ଷରୁ ଅଧିକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ବିଭିନ୍ନ ଦେଶ ଲକ୍‌ଡାଉନ୍‌ରେ ଥିବାବେଳେ ଚଳିତ ବର୍ଷ ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ୧ ଟ୍ରିଲିୟନ ଡଲାର କ୍ଷତି ସହିବାକୁ ପଡିବ ବୋଲି ଆକଳନ କରାଯାଇଛି। ମେ' ୨୨ରେ ଡବ୍ଲ୍ୟୁଏଚ୍‌ଓ କାର୍ଯ୍ୟନିର୍ବାହୀ ବୋର୍ଡର ପ୍ରଥମ ବୈଠକରେ ଜାପାନ ସ୍ଥାନରେ ଭାରତ ନେତୃତ୍ୱ ନେବାକୁ ଯାଉଥିବା ଜେନେଭା ଓ ଭାରତର କୂଟନୀତିଜ୍ଞଙ୍କ ସୂତ୍ରରୁ ଜଣାପଡିଛି।

## ମୁମ୍ବାଇରେ ମାଡ଼ିଚାଲିଛି କରୋନା

**ଦେଶରେ ୭୧୬ ମୃତ, ୨୨,୯୩୧ ସଂକ୍ରମିତ**

**ମୁମ୍ବାଇ/ନୂଆଦିଲ୍ଲୀ,୨୩।୪:** ଭାରତରେ ମହାମାରୀ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୨,୯୩୧ରେ ପହଞ୍ଚି ଥିବାବେଳେ ୭୧୬ ବ୍ୟକ୍ତି ପ୍ରାଣ ହରାଇଲେଣି। ମହାରାଷ୍ଟ୍ରରେ ସର୍ବାଧିକ ୬,୪୨୭ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୁମ୍ବାଇରେ ୪ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଥିବା ଜଣାପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭୨୮ ନୂଆ ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୃତ୍ୟୁସଂଖ୍ୟା ବଢ଼ି ୨୮୩ରେ ପହଞ୍ଚିଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଗୁଜରାଟ, ଦିଲ୍ଲୀ, ରାଜସ୍ଥାନ, ମଧ୍ୟପ୍ରଦେଶ, ତାମିଲନାଡୁ, ଉତ୍ତରପ୍ରଦେଶ ସ୍ଥିତି ଜଟିଳ ରହିଛି।

ମହାରାଷ୍ଟ୍ର ପରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଗୁଜରାଟ। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ଗୁରୁବାର ୨,୬୨୪ ରହିଥିବା ବେଳେ ୨୧୭ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ୧୧୨ ମୁଣ୍ଡ ଏଠାରେ ଗଡ଼ିସାରିଲାଣି। ରାଜଧାନୀ ଦିଲ୍ଲୀରେ ୨,୩୭୬ ଆକ୍ରାନ୍ତ ଥିବାବେଳେ ୫୦ ଜଣ ଏପର୍ଯ୍ୟନ୍ତ ପ୍ରାଣ ହରାଇଲେଣି। ରାଜସ୍ଥାନରେ ୨୭ ଜଣ ମୃତ୍ୟୁବରଣ କରିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧,୯୩୭କୁ ବୃଦ୍ଧିପାଇଛି। ମଧ୍ୟପ୍ରଦେଶରେ ୮୩ ଜଣଙ୍କ ପ୍ରାଣ ଯାଇଥିବା ବେଳେ ୧,୬୮୭ ଆକ୍ରାନ୍ତ। ତାମିଲନାଡୁରେ ୧,୬୮୩ କରୋନା ରୋଗୀ ଥିବାବେଳେ ମୃତ୍ୟୁସଂଖ୍ୟା ୨୦ ରହିଛି। ଉତ୍ତରପ୍ରଦେଶରେ ଯାଇଛି ୨୧ ଜୀବନ ଓ ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୧,୪୪୯ ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତେଲଙ୍ଗାନାରେ ୯୭୦, ଆନ୍ଧ୍ରପ୍ରଦେଶରେ ୮୯୩, ପଶ୍ଚିମବଙ୍ଗରେ ୪୫୬, କେରଳରେ ୪୪୭, କର୍ଣ୍ଣାଟକରେ ୪୪୫, ଜମ୍ମୁ-କଶ୍ମୀରରେ ୪୩୪, ପଞ୍ଜାବରେ ୨୮୩ ସଂକ୍ରମିତ ଅଛନ୍ତି। ଗୋଟିଏ ଦିନରେ ୧,୫୫୯ ନୂଆ ରୋଗୀ ଚିହ୍ନଟ ହେବା ସହ ୩୫ ଜୀବନ ଯାଇଛି। ଏପର୍ଯ୍ୟନ୍ତ ୪,୮୧୦ ସୁସ୍ଥହୋଇ ଘରକୁ ଫେରିଛନ୍ତି।

## ଅର୍ଣ୍ଣବ ଗୋସ୍ୱାମୀଙ୍କୁ ଆକ୍ରମଣ

**ବିଭିନ୍ନ ମହଲରେ ନିନ୍ଦା**

**ଅଭିବ୍ୟକ୍ତି ସ୍ୱାଧୀନତାକୁ ଅସ୍ତ୍ର କରା ନ ଯାଉ: କଂଗ୍ରେସ**

**ନୂଆଦିଲ୍ଲୀ,୨୩।୪:** ରିପବ୍ଲିକ୍ ଟିଭିର ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ଆକ୍ରମଣ ହୋଇଛି। ଅର୍ଣ୍ଣବ ଓ ତାଙ୍କ ସ୍ତ୍ରୀ କାର୍ ଯୋଗେ ସେମାନଙ୍କର ୱର୍ଲି ବାସଭବନକୁ ଫେରୁଥିବାବେଳେ ସ୍କୁଟରରେ ଦୁଇଜଣ ଦୁର୍ବୃତ୍ତ ସେମାନଙ୍କ ଗାଡ଼ିକୁ ଅଟକାଇ ଆକ୍ରମଣ କରି ତାଙ୍କ କାର ଉପରକୁ କାଳି ଫିଙ୍ଗିବା ସହ କାଚ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆକ୍ରମଣକାରୀ କଂଗ୍ରେସ ଦଳର ବୋଲି ସ୍ୱୀକାର କରିଥିବା ଅର୍ଣ୍ଣବ କହିଛନ୍ତି।

ଜଣେ ବରିଷ୍ଠ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣାକୁ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ନିନ୍ଦା କରିବା ସହ ଏହି ଘଟଣା ପାଇଁ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ମୁଖ୍ୟମନ୍ତ୍ରୀମାନେ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ସର୍ବସାଧାରଣରେ ଧମକ ଦେବା ପରେ ଏଭଳି ଆକ୍ରମଣରେ ସେ ମର୍ମାହତ ବୋଲି ନଡ୍ଡା କହିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ରାଜ୍ୟ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ (ପିସିଆଇ) ଆକ୍ରମଣକୁ ନିନ୍ଦା କରିବା ସହ ମହାରାଷ୍ଟ୍ର ସରକାର ଏହା ଉପରେ



ରିପୋର୍ଟ ଦିଅନ୍ତୁ ବୋଲି ଦାବି କରିଛି।

ଅନ୍ୟପକ୍ଷରେ ଏଆଇସିସି କୋଷାଧ୍ୟକ୍ଷ ଅହମ୍ମଦ ପଟେଲ କହିଛନ୍ତି, ପ୍ରଚାରବାଦୀମାନେ ଅଭିବ୍ୟକ୍ତି ସ୍ୱାଧୀନତାକୁ ଦେଶ ବିଭାଜନ ଲାଗି ବିଷ ଭଳି ପ୍ରୟୋଗ କରୁଛନ୍ତି। ଭାରତୀୟ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଏହି ସ୍ୱାଧୀନତାକୁ ନେଇ କେହି ଅସ୍ତ୍ର ଭାବେ ବ୍ୟବହାର କରିବା ଅନୁଚିତ। ଅର୍ଣ୍ଣବଙ୍କ ଉପରେ ଆକ୍ରମଣ ହୋଇଥିବାବେଳେ ସେ ଏଥିଲାଗି ସୋନିଆଙ୍କୁ ଦାୟୀ କରିଥିଲେ। ଅହମ୍ମଦ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ କଂଗ୍ରେସ କେବେ ଏତେ ତଳକୁ ଖସେ ନାହିଁ ବୋଲି କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ଆଖି ତାଡ଼ିଦେଲେ

**ଡାମୋହ,୨୩।୪:** ମଧ୍ୟପ୍ରଦେଶର ଡାମୋହଠାରେ ଜଣେ ନାବାଳିକା(୬)କୁ ବଳାତ୍କାର ପରେ ଅପରାଧୀମାନେ ତାଙ୍କ ଆଖି ତାଡ଼ିଦେଇଛନ୍ତି। ନାବାଳିକା ଜଣକ ସଙ୍କଟାପନ୍ନ ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ନିଜ ଘର ନିକଟରେ ସାଙ୍ଗମାନଙ୍କ ସହ ନାବାଳିକା ଖେଳୁଥିବା ବେଳେ ତାଙ୍କୁ ଜଣେ ଅଜଣା ଯୁବକ ଉଠାଇ ନେଇଥିଲେ। ଗୁରୁବାର ସକାଳେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଏନେଇ କେତେଜଣ ସନ୍ଦିଗ୍ଧଙ୍କୁ ପୋଲିସ ଜେରା କରିଥିବା ଜଣାପଡ଼ିଛି। ପୋଲିସ ଟିମ୍ ଜବଲପୁର ଯାଇ ପୀଡ଼ିତାଙ୍କ ବାପା-ମା'ଙ୍କୁ ଭେଟିଛି। ଦେଶ କରୋନା ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିଥିବା ବେଳେ ମଧ୍ୟପ୍ରଦେଶରେ ଏଭଳି ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି।

**ବନ୍ଦୀ ସଜାଇଛି ଲକ୍‌ଡାଉନ୍**


ମହାରାଷ୍ଟ୍ରର ନାଗପୁରସ୍ଥିତ ଏକ ଆଶ୍ରୟସ୍ଥଳୀରେ ଦାଦନ ଶ୍ରମିକମାନେ ମାସ୍କ ପିନ୍ଧି ବାହାରକୁ ଅନାଇଛନ୍ତି।

## 'ଲକ୍‌ଡାଉନର ବିକଳ୍ପ ଖୋଜାଯାଉ'

**ନୂଆଦିଲ୍ଲୀ,୨୩।୪(ପି.ଟି.)**



- କେନ୍ଦ୍ରକୁ ଦୋଷଦେଲେ କଂଗ୍ରେସ ମୁଖ୍ୟମନ୍ତ୍ରୀ
- କରୋନା ବିରୋଧୀ ଲଢ଼େଇ ପାଇଁ ମିଳୁନି ସହାୟତା

ସାରା ଦେଶରେ ଲାଗୁ ହୋଇଥିବା ୪୦ ଦିନିଆ ଲକ୍‌ଡାଉନ ଶେଷ ହେବାକୁ ଆଉ ୧୦ ଦିନ ବାକି ଥିବାବେଳେ ଏବେ ଏଥିରୁ ବାହାରିବାର ଉପାୟ ଖୋଜାଯାଉ ବୋଲି କଂଗ୍ରେସ କାର୍ଯ୍ୟକାରୀ କମିଟି(ସିଡବ୍ଲ୍ୟୁସି) ଦାବି କରିଛି। ଏଥିସହିତ ଭବିଷ୍ୟତ କାର୍ଯ୍ୟପନ୍ଥା ବାହାର କରାଯାଉ ବୋଲି କଂଗ୍ରେସ ଦାବି କରିଛି। ସାରା ଦେଶ କୋଭିଡ୍-୧୯ ବିରୋଧରେ ଲଢୁଥିବାବେଳେ ଭାଜପା ସାମ୍ପ୍ରଦାୟିକ ଭେଦଭାବ ବଢ଼ାଇବାକୁ ଚାହୁଁଛି ବୋଲି ଗୁରୁବାର ଅନୁଷ୍ଠିତ ସିଡବ୍ଲ୍ୟୁସି ବୈଠକରେ ଏଆଇସିସି ସାଧାରଣ ସମ୍ପାଦକ କେ. ସି. ବେଣୁଗୋପାଳ କହିଛନ୍ତି। କୃଷି ଓ ଅନ୍ୟାନ୍ୟ ଋଣ ଆଦାୟ ଅନ୍ତତଃ ବର୍ଷେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରଖିବା ଏବଂ ସୁଧ ଛାଡ଼ କରିବାକୁ ସିଡବ୍ଲ୍ୟୁସି ପକ୍ଷରୁ ଦାବି କରାଯାଇଛି।

କରୋନା ମହାମାରୀ ବିରୋଧରେ ଲଢ଼େଇ ପାଇଁ କେନ୍ଦ୍ରୀୟ ସହାୟତା ମିଳୁ ନ ଥିବା କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅଭିଯୋଗ ଆଣିଛନ୍ତି। କୋଭିଡ୍-୧୯ ମହାମାରୀରୁ ମୁକୁଳିବାକୁ ହେଲେ ରାଜ୍ୟଗୁଡ଼ିକୁ ଆର୍ଥିକ ପ୍ୟାକେଜ୍ ଯୋଗାଇଦେବା ଲାଗି ପଞ୍ଜାବ, ରାଜସ୍ଥାନ, ଛତିଶଗଡ଼ ଓ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। କେନ୍ଦ୍ର ଆର୍ଥିକ ସହାୟତା ନ ଦେଲେ କରୋନା ବିରୋଧରେ ଲଢ଼େଇ ଦୁର୍ବଳ ହୋଇପଡ଼ିବ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ନେତାମାନେ ଦ୍ରୁତ ପରୀକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ।

## କରୋନା ମୁକାବିଲାରେ ମୋଦି ସରକାର ସଫଳ

**ନୂଆଦିଲ୍ଲୀ,୨୩।୪**

ପ୍ରାଣଘାତୀ କରୋନା ଭୂତାଣୁ ଯୋଗୁ ବିଶ୍ୱବ୍ୟାପୀ ଆତଙ୍କ ଖେଳିଯାଇଛି। ଏଥିରୁ ଭାରତ ବାଦ୍ ଯାଇନି। ଦେଶରେ ଏବେ କରୋନା ମୃତ୍ୟୁ ୬୯୧ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨୧,୭୭୪ ହଜାରରେ ପହଞ୍ଚିଲାଣି। ଏହାର ମୁକାବିଲା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବେଶ୍ ତତ୍ପରତା ପ୍ରକାଶ ପାଇଛି। ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ତୁଳନାରେ ଭାରତର ସ୍ଥିତି ଭଲ ରହିଛି। କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରିବା ସହ କେତେକ କଟକଣା ଲଗାଇଛନ୍ତି। ରେଳ, ବିମାନ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ତଥାପି ବିଦେଶ ଫେରନ୍ତାଙ୍କୁ ନେଇ ଏବେ ବି ଭୟ ଲାଗିରହିଛି। ତେବେ ଦେଶରେ କରୋନା ମୁକାବିଲା ନେଇ ମୋଦି ସରକାରଙ୍କ ସପକ୍ଷରେ ଦୃଢ଼ ଜନ ସମର୍ଥନ ଦେଖିବାକୁ ମିଳିଛି। ଏକ ସର୍ଭେ ରିପୋର୍ଟରେ ୯୩.୫ ପ୍ରତିଶତ ଲୋକ ମୋଦି ସରକାର କରୋନା ଭୂତାଣୁର ମୁକାବିଲା କରିବାରେ ସଫଳ ହୋଇଥିବା କହିଛନ୍ତି। ପ୍ରଥମେ ୨୧ ଦିନିଆ ଲକ୍‌ଡାଉନ୍ ଓ ପରେ ମେ ୩ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା ମୋଦି ସରକାରଙ୍କ ଏକ ଦୃଢ଼ ପଦକ୍ଷେପ ବୋଲି ଲୋକେ କହିଛନ୍ତି।

**୯୩.୫% ଭାରତୀୟଙ୍କ ସମର୍ଥନ**



ଆଇଏଏନ୍‌ଏସ୍-ସି-ଭୋଟର କୋଭିଡ୍-୧୯ ଟ୍ରାକର ମତରେ ଏପ୍ରିଲ ୧୬ରେ ୨୧ ଦିନିଆ ଲକ୍‌ଡାଉନ୍‌କୁ ଦେଶର ୭୬.୮ ପ୍ରତିଶତ ଜନତା ସମର୍ଥନ କରିଥିଲେ। ତେବେ କରୋନା କାୟାମେଳାଇବା ପରେ ମେ ୩ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିବା ଲକ୍‌ଡାଉନ୍‌କୁ ଏବେ ୯୩.୫ ପ୍ରତିଶତ ଲୋକେ ସମର୍ଥନ କରିଛନ୍ତି। ଦେଶରୁ କରୋନା ଭୂତାଣୁକୁ ହଟାଇବା ଲାଗି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକଙ୍କ ସହ ମୋଦିଙ୍କ ଆଲୋଚନା, କେନ୍ଦ୍ରର କରୋନା ପ୍ୟାକେଜ୍, ଚିକିତ୍ସା ସେବା ନେଇ ପ୍ରସ୍ତୁତି, ଗରିବଙ୍କୁ ସହାୟତା ଘୋଷଣା, କରୋନା ଯୋଦ୍ଧାଙ୍କୁ ସମ୍ମାନ, ପ୍ରୋତ୍ସାହନ ସହ ଉତ୍ସାହିତ କରିବା ଭଳି ମୋଦି ସରକାରଙ୍କ ପଦକ୍ଷେପକୁ ଦେଶବାସୀ ବିପୁଳ ସମର୍ଥନ କରିଥିବା ସର୍ଭେ ରିପୋର୍ଟରେ ଦର୍ଶାଯାଇଛି।

## ସଂକ୍ଷେପରେ

### ୩ ଜିଲା ପାଇଁ ୩ ଆଇଏଏସ୍‌ଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୨୩।୪(ବ୍ୟୁରୋ): ରାଜ୍ୟରେ କରୋନା ସଂକ୍ରମିତଙ୍କ ସୁସ୍ଥହେବା ସଂଖ୍ୟା ବୃଦ୍ଧି ହେବାରେ ଲାଗିଥିଲା। ହେଲେ ଏହି ସମୟରେ କେତେକ ପଶ୍ଚିମବଙ୍ଗ ଫେରନ୍ତା ସଂକ୍ରମିତ ଚିହ୍ନଟ ହେବା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ଉତ୍ତର ଓଡ଼ିଶାର ୩ ପ୍ରମୁଖ ଜିଲା ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ପାଇଁ ୩ ଅଧିକାରୀଙ୍କୁ ସ୍ୱତନ୍ତ୍ର କୋଭିଡ୍-୧୯ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଏହି ଅଧିକାରୀମାନେ ହେଉଛନ୍ତି ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ(ଭଦ୍ରକ), ଓଡ଼ିଶା ରାଜ୍ୟପାଳଙ୍କ ପ୍ରମୁଖ ସଚିବ ପ୍ରମୋଦ ମେହେର୍ଦ୍ଦା(ଯାଜପୁର) ଏବଂ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ସ୍ୱତନ୍ତ୍ର ସଚିବ ଏସ୍.କେ. ବଶିଷ୍ଠ। ଏହି ଅଧିକାରୀ ତୁରନ୍ତ ୩ ଜିଲା ଗସ୍ତ କରି କ୍ଷେତ୍ର ପରିଦର୍ଶନ କରି ରାଜ୍ୟ ସରକାରଙ୍କୁ ପ୍ରତିନିୟତ ରିପୋର୍ଟ ପ୍ରଦାନ କରିବେ। ଏହି ଅଧିକାରୀମାନେ ଗସ୍ତ କରିବା ପୂର୍ବରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ରାଜଧାନୀରେ ନିୟୋଜିତ କୋଭିଡ୍-୧୯ ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା କରିବେ। ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କରୋନା ସଂକ୍ରମଣ ମୁକାବିଲାରେ ଅଭିଜ୍ଞତା ହାସଲ କରିଥିବା ବିଏମ୍‌ସି କମିଶନର ପ୍ରେମଚାନ୍ଦ ଚୌଧାରୀ ଏବଂ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ମଧ ଆଲୋଚନା ସମୟରେ ଉପସ୍ଥିତ ରହିବେ।

### ୧୭ ଜିଲାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୩।୪(ବ୍ୟୁରୋ): ସମୁଦ୍ର ପତ୍ତନରୁ ୯ କି.ମି. ଉପରେ ଦକ୍ଷିଣରୁ ପଶ୍ଚିମକୁ ଏକ ବାୟୁ ପବାହିତ ହେଉଛି। ଏଥିସହିତ ମରାଠାୱାଡା, ଆଭ୍ୟନ୍ତରୀଣ କର୍ଣ୍ଣାଟକ ଏବଂ ତାମିଲନାଡୁ ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ପୁରୀ, ଯାଜପୁର, ଗଞ୍ଜାମ, ନୟାଗଡ, ବଲାଙ୍ଗୀର, ଢେଙ୍କାନାଳ, ସୋନପୁର, ବୌଦ୍ଧ, ସମ୍ବଲପୁର, ଦେବଗଡ, ଅନୁଗୋଳ, କନ୍ଧମାଳ, କେନ୍ଦ୍ରାପଡ଼ା, ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବା ସମ୍ଭାବନା ରହିଛି। ଘଣ୍ଟାକୁ ୩୦ରୁ ୪୦ କି.ମି. ବେଗରେ ପବନ ବହିବ ବୋଲି ଜଣାପଡିଛି। ଆସନ୍ତା ୩୦ ତାରିଖ ଯାଏ ବିଭିନ୍ନ ଜିଲାରେ ଝଡବର୍ଷା ଲାଗି ରହିବ। ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୪୮ ଘଣ୍ଟା ମଧ୍ୟରେ ଗଞ୍ଜାମ ଜିଲାରେ ସର୍ବାଧିକ ୭ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ନୂଆପଡା ଖରିଆରରେ ୫, ରାୟଗଡାରେ ୩, କନ୍ଧମାଳ ୩, ଦାରିଙ୍ଗବାଡି ୨, ନବରଙ୍ଗପୁରରେ ୧ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

# ବ୍ରିଟେନ: ଅନ୍ୟ ସମୁଦାୟଠାରୁ ଭାରତୀୟ ଅଧିକ ପ୍ରଭାବିତ



ଲଣ୍ଡନ,୨୩।୪



କରୋନା ଭୂତାଣୁ ସଂକ୍ରମଣରେ ବ୍ରିଟେନରେ ଗୁରୁବାର ସୁଦ୍ଧା ୧୮,୭୩୮ ଲୋକଙ୍କ ମୃତ୍ୟୁ ଘଟିଲାଣି। ସେହିପରି ୧ ଲକ୍ଷ ୩୮ ହଜାରରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଛନ୍ତି। ହେଲେ ଚିନ୍ତାର ବିଷୟ ଯେ, ବ୍ରିଟେନର କୃଷ୍ଣକାୟ, ଏସୀୟ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ(ବିଏମ୍‌ଇ) ବର୍ଗ ମଧ୍ୟରୁ ଭାରତୀୟମାନେ ଏହି ମହାମାରୀରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ଇଂଲଣ୍ଡର ଜାତୀୟ ସ୍ୱାସ୍ଥ୍ୟସେବା(ଏନ୍‌ଏଚ୍‌ଏସ୍) ତଥ୍ୟ ଅନୁଯାୟୀ ଗତ ୧୭ ତାରିଖ ସୁଦ୍ଧା ଦେଶର ହସ୍ପିଟାଲଗୁଡ଼ିକରେ ୧୩,୯୧୮ଜଣ କରୋନା ରୋଗୀଙ୍କ ମୃତ୍ୟୁ ଘଟିଥିଲା। ସେଥିରୁ ୧୬.୨% ହେଉଛନ୍ତି ବିଏମ୍‌ଇ ବର୍ଗର। ବିଶେଷକରି ମୃତକଙ୍କ ମଧ୍ୟରେ ଭାରତୀୟ ସମୁଦାୟଙ୍କ ସଂଖ୍ୟା ହେଉଛି ୩%। ଏହାପଛକୁ ୨.୯% କାରିବିଆନ ଏବଂ ୨.୧% ପାକିସ୍ତାନୀଙ୍କ ମୃତ୍ୟୁ ଘଟିଛି।

ବିଏମ୍‌ଇ ବର୍ଗର ଲୋକଙ୍କ କରୋନା ଭାଇରସ୍‌ଜନିତ ମୃତ୍ୟୁକୁ ନେଇ ବ୍ରିଟେନ ସରକାର ସମୀକ୍ଷା କରିଛନ୍ତି। ବ୍ରିଟେନର ସ୍ୱାସ୍ଥ୍ୟମନ୍ତ୍ରୀ ମ୍ୟାଟ୍ ହାନକକ୍ ଗତ ସପ୍ତାହର ସ୍ଥିତି ସମୀକ୍ଷା କରି କହିଛନ୍ତି ଯେ, ସଂଖ୍ୟାଲଘୁ ବର୍ଗର ବହୁ ଲୋକଙ୍କ ଯେଭଳି ମୃତ୍ୟୁ ଘଟିଚାଲିଛ, ତାହା ଉଦ୍‌ବେଗଜନକ। ସୂଚନାଥାଉ କି, ମୋଟ ବିଏମ୍‌ଇ ଜନସଂଖ୍ୟାକୁ ତୁଳନା କଲେ ଏହି ବର୍ଗର ମୃତ୍ୟୁ ସଂଖ୍ୟା ବହୁତ ଅଧିକ। ଅର୍ଥାତ୍ ଜନସଂଖ୍ୟାର ପ୍ରାୟ ୧୩ ପ୍ରତିଶତ। ବିଏମ୍‌ଇ ବର୍ଗର ମୃତକଙ୍କ ମଧ୍ୟରେ ୦.୬% ବାଂଲାଦେଶୀ, ୧.୬% ଅନ୍ୟ ଏସୀୟ, ୧.୯% ଆଫ୍ରିକାନ୍, ୦.୯% ଅନ୍ୟ କୃଷ୍ଣକାୟ ସମୁଦାୟ, ୦.୪% ଚାଇନିଜ୍ ରହିଛନ୍ତି। ଅନ୍ୟପକ୍ଷରେ ମୃତ ଶ୍ୱେତାଙ୍ଗଙ୍କ ସଂଖ୍ୟା ହେଉଛି ୭୩.୬%। କେବଳ ସେତିକି ନୁହେଁ, ବିଏମ୍‌ଇ ସମୁଦାୟର ବହୁ ଲୋକ ସଂକ୍ରମିତ ହୋଇଥିବା ବ୍ରିଟେନର ପ୍ରଥମ ଶିଖ୍ ଆପାତକାଳୀନ ଚିକିତ୍ସା ପରାମର୍ଶଦାତା ଡା. ମନ୍‌ଜିତ୍ ସିଂ ରିଆତ କହିଛନ୍ତି।

ବ୍ରିଟିଶ ମେଡିକାଲ ଆସୋସିଏଶନ (ବିଏମ୍‌ଏ)ର କାଉନସିଲ ଚେୟାରମ୍ୟାନ ଡା. ଚାନ୍ଦ ନାଗପାଉଲ କହିଛନ୍ତି ଯେ, ଅସମାନତାକୁ ଦୂର କରିବା ଏବଂ ଜନସଂଖ୍ୟାର ସମସ୍ତ କ୍ଷେତ୍ରକୁ ସମାନ ଭାବରେ ସୁରକ୍ଷା ଦେବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବା ଜରୁରୀ। ବିଏମ୍‌ଇ ସମୁଦାୟ ସମ୍ମୁଖୀନ ହେଉଥିବା ବିପଦ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଜାଣିବା ଯାଏ ସେମାନଙ୍କ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବା ଜରୁରୀ ବୋଲି ସେ କହିଛନ୍ତି। ବ୍ରିଟେନରେ ଭାରତୀୟ ବଂଶୋଦ୍ଭବ ଡାକ୍ତରମାନଙ୍କ ସଂଘ(ବିଏପିଆଇଓ) ଏମ୍ପୋରିଆଲ କଲେଜ ଲଣ୍ଡନ ସହିତ ଏକ ନୂତନ ଏକାଡେମିକ ବୁଝାମଣା ଘୋଷଣା କରିଛି, ଯାହା ବ୍ରିଟେନର ଡାକ୍ତରୀ ବୃତ୍ତି ମଧ୍ୟରେ ଥିବା ପାର୍ଥକ୍ୟକୁ ଗଭୀର ଭାବରେ ଅନୁସନ୍ଧାନ କରିବ। ଏହି ଅନୁସନ୍ଧାନରୁ ବିଏମ୍‌ଇ ଜନସଂଖ୍ୟା ଉପରେ ମହାମାରୀର ପ୍ରଭାବ କିପରି ହ୍ରାସ କରାଯାଇପାରିବ ସେନେଇ ସ୍ପଷ୍ଟ ପରାମର୍ଶ ମିଳିପାରିବ ବୋଲି ବିଏପିଆଇଓ ସଭାପତି ଡା. ରମେଶ ମେହେଟ୍ଟା କହିଛନ୍ତି।

ବିଶେଷଜ୍ଞଙ୍କ କହିବାନୁଯାୟୀ, ହୃଦ୍‌ରୋଗ, ମଧୁମେହ, ଭିଟାମିନ ଅଭାବ, ବହୁ ପିଢ଼ିର ପରିବାରରେ ସାମାଜିକ ଦୂରତ୍ୱ ପାଳନ ନ ହେବା ଆଦି କାରଣ ପାଇଁ ବ୍ରିଟେନରେ ଜାତିଭିତ୍ତିକ ସଂଖ୍ୟାଲଘୁଙ୍କ ମୃତ୍ୟୁହାର ଅଧିକ।

# ସ୍କୁଲ ଫି' ଛାଡ଼ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ ଅଫିସ୍,୨୩।୪

ଲକ୍‌ଡାଉନ୍ ଚାଲିଥିବା ଯୋଗୁ ଏବେ ଅଭିଭାବକଙ୍କ ରୋଜଗାର ବନ୍ଦ ହୋଇଯାଇଛି। ଏଭଳି ସମୟରେ ସେମାନେ ନିଜ ପିଲାଙ୍କ ସ୍କୁଲ ଫି' ଦାଖଲ କରିପାରିବେ ନାହିଁ। ତେଣୁ ମାର୍ଚ୍ଚ ଠାରୁ ଜୁନ୍ ପର୍ଯ୍ୟନ୍ତ ସ୍କୁଲ ଫି' ଛାଡ଼ କରାଯିବା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଗୁରୁବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ସମ୍ବଲପୁରର ଆଇନ୍‌ଜୀବୀ ମହମ୍ମଦ ମୁସ୍ତାକ୍ ଅନ୍‌ଶାରୀଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି।

ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ଲକ୍‌ଡାଉନ୍ ପାଇଁ ଏବେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ ତାଲା ପଡ଼ିଛି। ମେ' ୩ତାରିଖ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ହେଲେ ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଯୋଗୁ ଲକ୍‌ଡାଉନ୍ କଟକଣା କେବେ ଉଠିବ, ତାହା କହିବା କଷ୍ଟକର। ଏହାର ପ୍ରଭାବରେ ଲୋକମାନେ ଘୋର ଆର୍ଥିକ ଦୁରାବସ୍ଥାର ଶିକାର ହେଲେଣି। ଏ ପରିକି ଦୁଇ ମୁଠାଖାଇବା ପାଇଁ ସରକାରଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଯେଉଁଠି ଲୋକଙ୍କ ପାଖରେ ଦୈନନ୍ଦିନ ଖର୍ଚ୍ଚ ପାଇଁ ଟଙ୍କା ନାହିଁ, ସେଠାରେ ସେମାନେ ସ୍କୁଲ ଫି' ଦେବା କଷ୍ଟକର ହୋଇପଡ଼ିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ୍ ୧୦ତାରିଖରେ ସ୍କୁଲ ଫି' ନେଇ ଏକ ଟୁଇଟ୍ କରିଥିଲେ। ଏପ୍ରିଲ୍‌ଠାରୁ ଜୁନ୍ ପର୍ଯ୍ୟନ୍ତ ସ୍କୁଲ ଫି' ହ୍ରାସ କିମ୍ବା ସ୍ଥଗିତ ରଖିବା ପାଇଁ ଘରୋଇ ସ୍କୁଲଗୁଡ଼ିକୁ ନିବେଦନ କରିଥିଲେ। କେନ୍ଦ୍ର ମାନବ ସମ୍ବଳ ବିଭାଗ ତରଫରୁ ମଧ ଅନୁରୂପ ନିବେଦନ କରାଯାଇଛି। ଅନ୍ୟପଟେ ଅତିରିକ୍ତ ଫି' ଆଦାୟ ନ କରିବା ପାଇଁ ସିବିଏସ୍‌ଇ ପକ୍ଷରୁ ବୋର୍ଡ଼ ଅଧିନସ୍ଥ ସ୍କୁଲଗୁଡ଼ିକୁ ଗତ ୧୭ତାରିଖରେ ନିର୍ଦ୍ଦେଶ ଦିଆଯାଇଛି। ଏଣୁ ତୁରନ୍ତ ରାଜ୍ୟ ସରକାର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରନ୍ତୁ। ମାର୍ଚ୍ଚ ଠାରୁ ଜୁନ୍ ପର୍ଯ୍ୟନ୍ତ କିମ୍ବା ସମ୍ପୂର୍ଣ୍ଣ ଭାବେ ପାଠପଢ଼ା ଆରମ୍ଭ ହେବା ଯାଏଁ ସ୍କୁଲ ଫି ଛାଡ଼ କରାଯାଉ। ୨୦୨୦-୨୧ ଶିକ୍ଷା ବର୍ଷରେ ସ୍କୁଲ ଫି' ବୃଦ୍ଧି କିମ୍ବା ଅନ୍ୟାନ୍ୟ ପ୍ରକାର ଫି' ଆଦାୟ ଉପରେ ରୋକ୍ ଲଗାଯାଉ। ଯେଉଁମାନେ ଏହାକୁ ଅବମାନନା କରିବେ, ସେମାନଙ୍କ ବିରୋଧରେ ଦୃଢ଼ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅପରପକ୍ଷେ ସ୍କୁଲ ବନ୍ଦ ରହିଥିବା ଯୋଗୁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଶିକ୍ଷକ ଏବଂ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବାରେ ଅସୁବିଧାର ସମ୍ମୁଖୀନ ହେବେ। ଏପରିକି ବିଦ୍ୟୁତ୍ ବିଲ୍ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା ମଧ୍ୟ ସେମାନଙ୍କ ପକ୍ଷେ କଷ୍ଟ ହେବ। ଏଣୁ ରାଜ୍ୟ ସରକାର ଘରୋଇ ସ୍କୁଲ ଗୁଡ଼ିକପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି।

# ଏପ୍ରିଲ ଶେଷସୁଦ୍ଧା ଦୈନିକ ୩ହଜାର ନମୁନା ପରୀକ୍ଷା ଲକ୍ଷ୍ୟ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

**ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକ**

- ପଞ୍ଚାୟତସ୍ତରରେ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ୫ଜଣିଆ କମିଟି ଗଠନ ହେବ
- ପଶ୍ଚିମବଙ୍ଗ ସୀମା ସିଲ୍ କରିବା ସମ୍ଭବ ନୁହେଁ: ପଞ୍ଚାୟତିରାଜ ମନ୍ତ୍ରୀ



ଚଳିତମାସ ଶେଷ ସୁଦ୍ଧା ରାଜ୍ୟରେ ଦୈନିକ ୩ ହଜାର କରୋନା ନମୁନା ପରୀକ୍ଷା କରାଯିବ। ଏଥିପାଇଁ ବଲାଙ୍ଗୀର, ବାଲେଶ୍ୱର, ବାରିପଦା ଓ କୋରାପୁଟଠାରେ ଥିବା ମେଡିକାଲ କଲେଜ ହସ୍ପିଟାଲଗୁଡିକରେ ନମୁନା ପରୀକ୍ଷା ପାଇଁ ଲାବୋରେଟୋରି ଖୋଲାଯିବ। ଗୁରୁବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ବର୍ତ୍ତମାନ ରାଜ୍ୟରେ ଦୈନିକ ୨ହଜାର ନମୁନା ପରୀକ୍ଷା ହେଉଛି। ଏହାକୁ ୩ ହଜାରକୁ ବୃଦ୍ଧି କରାଯିବ। କେବଳ ୪ଟି ମେଡିକାଲ କଲେଜ ନୁହେଁ ଭୁବନେଶ୍ୱରରେ ଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ କରୋନା ପରୀକ୍ଷା ଆରମ୍ଭ ହୋଇଥିବାବେଳେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ ସାଇନ୍ସ(ଆଇଏଲ୍‌ଏସ୍)ର ପରୀକ୍ଷା କ୍ଷମତାକୁ ଦୈନିକ ୪୫୦କୁ ବୃଦ୍ଧି କରିବା ପାଇଁ ସ୍ଥିର କରାଯାଇଛି। ଏଥିସହିତ ବାହାର ରାଜ୍ୟରୁ ଆସୁଥିବା ଶ୍ରମିକଙ୍କ ପରୀକ୍ଷା ସେମାନେ ଅଟକିଥିବା ସ୍ଥାନରେ ଯେପରି ହୋଇପାରିବ ସେ ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ହେବ। ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ସହ ଏନେଇ ଆଲୋଚନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। କୋଭିଡ-୧୯ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଅଧିକ ପ୍ରୋତ୍ସାହନ ରାଶି ଦେବା ପାଇଁ ବୈଠକରେ ଆଲୋଚନା ହୋଇଛି। ତେବେ ଏନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ। କରୋନା ବ୍ୟାପୁଥିବା ୩ଜିଲା ଭଦ୍ରକ, ବାଲେଶ୍ୱର ଓ ଯାଜପୁର ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ପଞ୍ଚାୟତରେ ଥିବା କ୍ୱାରାଣ୍ଟାଇନ୍‌ରେ ରହିବା, ଖାଇବା ଓ ଚିକିତ୍ସା ଆଦି ମାଗଣାରେ କରାଯାଇଛି। ଅନ୍ୟ ରାଜ୍ୟରେ ଲକ୍‌ଡାଉନ ଯୋଗୁ ଅଟକି ରହିଥିବା ଓଡ଼ିଆ ଶ୍ରମିକଙ୍କ ମଧ୍ୟରୁ ଯେଉଁମାନେ ଗାଁକୁ ଫେରିବେ, ସେମାନଙ୍କୁ ପ୍ରଥମେ ସଂଗରୋଧରେ ରଖାଯିବ। ପଞ୍ଚାୟତସ୍ତରରେ ଶ୍ରମିକମାନଙ୍କ ପଞ୍ଜୀକରଣ ପାଇଁ ଏକ ୫ଜଣିଆ କମିଟି ଗଠନ କରାଯିବ। ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କିମିଟିରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ୩ଜଣ ଶିକ୍ଷକ ରହିବେ। ଏହି କମିଟି ଉପରେ କ୍ୟାରାଣ୍ଟାଇନ ସେଣ୍ଟରର ଦାୟିତ୍ୱ ନ୍ୟସ୍ତ ରହିବ। ସେହିପରି ପଶ୍ଚିମବଙ୍ଗକୁ ଲାଗି ଥିବା ଓଡ଼ିଶା ସୀମା ଦୀର୍ଘ ହୋଇଥିବାରୁ ତାହାକୁ ସମ୍ପୂର୍ଣ୍ଣ ସିଲ୍ କରିବା ସମ୍ଭବ ନୁହେଁ। ଯେଉଁମାନେ ସୀମା ଆରପଟୁ ଓଡିଶା ଆସୁଛନ୍ତି ସେମାନଙ୍କୁ ବୁଝାଇ ଶୁଝାଇ କ୍ୱାରାଣ୍ଟାଇନରେ ରଖାଯିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି। ମନ୍ତ୍ରୀସ୍ତରୀୟ ବୈଠକରେ ପଞ୍ଚାୟତିରାଜମନ୍ତ୍ରୀ ପ୍ରତାପ ଜେନା, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଭାଗ ନେଇଥିଲେ।

# ବଜ୍ରପାତରେ ୩ ଜୀବନ ଗଲା

ପଦ୍ମପୁର/ଭଟଲି/ପାଟଣା, ୨୩।୪(ଡି.ଏନ୍.ଏ./ସ୍ୱ.ପ୍ର.)



କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକର ମଲାରପଦା ପଞ୍ଚାୟତର ଏକ ଘର ଉପରେ ଗଛଡ଼ାଳ ଭାଙ୍ଗିପଡ଼ିଛି।

**ଭାଙ୍ଗିଲା ୫୦ରୁ ଊର୍ଦ୍ଧ୍ୱ ଘର**

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ଯୋଗୁ ଗୁରୁବାର ୩ଜଣଙ୍କ ମୃତ୍ୟୁ ହୋଇଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ୨ ଓ ବରଗଡ ଜିଲା ଭଟଲି ବ୍ଲକ ଅଞ୍ଚଳରେ ଜଣଙ୍କର ପ୍ରାଣହାନୀ ଘଟିଛି। ଝଡ଼ ତୋଫାନରେ ଭଦ୍ରକ ଓ କେନ୍ଦୁଝର ଜିଲାର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଘର ଭାଙ୍ଗିଥିବା ଖବର ମିଳିଛି।

ବାସୁଦେବପୁର ବ୍ଲକ ଅଧୀନ ଗୋପବନ୍ଧୁନଗର ଗ୍ରାମରେ ସନ୍ଧ୍ୟାରେ ପ୍ରବଳ ବର୍ଷା ଓ ପବନ ସାଙ୍ଗକୁ ବଜ୍ରପାତରେ ବିଷ୍ଣୁ ବିଶ୍ୱାସ ଓ ମଉମିତା ହୋତାଙ୍କ ମୃତ୍ୟୁ ଘଟିଛି। ଏହି ଗ୍ରାମର ୧୦ ପରିବାରର ମାଟିଘର ଭୁଶୁଡ଼ି ପଡ଼ିଛି। ଖବର ପାଇ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ବିରସ ରାଜସ୍ୱ ନୀରିକ୍ଷକ ତୁଷାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଘର ଭାଙ୍ଗିଯାଇଥିବା ବ୍ୟକ୍ତିମାନଙ୍କୁ ପଲିଥିନ ପ୍ରଦାନ କରିଛନ୍ତି। କଷିଆ ସାମୁଦ୍ରିକ ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଇଛି। ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତର ଦେବେନ୍ଦ୍ର ଧଳ ଓ ତାଙ୍କ ୩ ଭାଇଙ୍କର ଆଜବେଷ୍ଟସ୍ ଘର ଉପରେ ଏକ ଚାକୁଣ୍ଡା ଗଛ ପଡ଼ି ୪ ବଖରା ଘର ସମ୍ପୂର୍ଣ୍ଣ ନଷ୍ଟ ଭାଙ୍ଗି ଯାଇଥିବା ଖବର ମିଳିଛି।

ବରଗଡ଼ ଜିଲା ଭଟଲି ବ୍ଲକ କମଗାଁ ପଞ୍ଚାୟତ ଅଧୀନ ଅଇଁଲାପାଲି ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କିଶୋର ମାଝି(୧୮)। ସେ ଖେଳ ପଡିଆରୁ ସାଙ୍ଗମାନଙ୍କ ସହ ଫେରୁଥିବା ବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହକୁ ଶବାଗାରରେ ରଖାଯାଇଛି ଏବଂ ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୨୦/୨୦) ରୁଜୁ ହୋଇଛି।

କେନ୍ଦୁଝର ଜିଲା ସାହାରପଡା ବ୍ଲକ ଅଧୀନ ମଲାରପଦା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବର୍ଷା ପବନ ସାଙ୍ଗକୁ ପ୍ରବଳ କୁଆପଥର ମାଡ଼ ହୋଇଛି। ଫଳରେ ଏହି ପଞ୍ଚାୟତର ବାଲିପଶି ଓ ମୟୂରପଙ୍ଖା ଗ୍ରାମରେ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଘରର ଆଜବେଷ୍ଟସ ଭାଙ୍ଗିବା ସହ କେତେକଙ୍କ ଘରର ଟାଇଲ ଛପର ଉଡ଼ି ଯାଇଛି। ବନମାଳିପୁର ଗ୍ରାମର ହାରାମଣୀ ନାଏକଙ୍କ ପରିବାର ଲୋକେ ଘରଭିତରେ ଥିବା ବେଳେ ଏକ ଆମ୍ବଗଛ ଡାଳ ତାଙ୍କ ଘର ଉପରେ ପଡ଼ିଥିଲା। ଫଳରେ ତାଙ୍କ ଟାଇଲ ଛପର ଘର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାଇକଳା ଓ ଲୁଙ୍ଗା ଗ୍ରାମରେ କୁଆ ପଥର ମାଡ଼ରେ ବହୁ ଚାଷୀଙ୍କ ପନିପରିବା ଫସଲ ଉଜୁଡି ଯାଇଛି। ଖବର ପାଇ ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ସାହାରପଡା ତହସିଲଦାର ଲମ୍ବୋଦର ଖୁଣ୍ଟିଆ ପ୍ରଭାବିତଙ୍କ ନିକଟରେ ପହଞ୍ଚି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି।

# ବଢ଼ିବ ବଣ୍ଟନ କମ୍ପାନୀଙ୍କ ଆର୍ଥିକ ବୋଝ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

- ନିର୍ବାଚନ, କୋଭିଡ୍-୧୯ ସାଧିଲା ଦାଉ
- ୨ ବର୍ଷ ହେଲା ବଢ଼ିନି ବିଦ୍ୟୁତ୍ ଶୁଳ୍କ
- ୪ ବିଦ୍ୟୁତ୍ କମ୍ପାନୀ ଉପରେ ଗ୍ରୀଡ୍‌କୋର ୬ ହଜାର କୋଟି ବାକି
- ସରକାରୀ, ବେସରକାରୀ ଶିଳ୍ପ ଉପରେ ପଡ଼ିଛି ୩୪୮୨.୭୨ କୋଟି

କରୋନା ସଂକ୍ରମଣ ଦୃଷ୍ଟିରୁ ରାଜ୍ୟ ଲକ୍‌ଡାଉନ୍ ଜାରି ରହିଛି। ଏଥିଯୋଗୁ ଲୋକମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯାଇଛି। ଏଭଳି ପରିସ୍ଥିତିରେ କେବେ ସୁଧାର ଆସିବ ତାହା ଜଣାପଡୁନାହିଁ। ଏହି ଘଡିସନ୍ଧି ମୁହୂର୍ତ୍ତରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ସାମୟିକ ଭାବେ ଶୁଳ୍କ ବୋଝରୁ ମୁକ୍ତି ଦେଇଛି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଓଇଆରସି ବିଦ୍ୟୁତ୍ ଦର ବୃଦ୍ଧି ନ କରି ଅପରିବର୍ତ୍ତିତ ରଖିଛନ୍ତି। ଗତ ୨ବର୍ଷ ହେବ ରାଜ୍ୟରେ ଶୁଳ୍କ ବଢି ନାହିଁ। ୨୦୧୯ରେ ସାଧାରଣ ନିର୍ବାଚନ ଥିବାରୁ ଦର ବୃଦ୍ଧି କରାଯାଇ ନ ଥିଲା। ଚଳିତ ବର୍ଷ କରୋନା ପାଇଁ ମଧ ଏ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି। ଓଇଆରସିଙ୍କ ଏହି ନିଷ୍ପତ୍ତି ଉପଭୋକ୍ତାଙ୍କୁ ଆଶ୍ୱସ୍ତି ଦେଇଥିବା ବେଳେ ବିଦ୍ୟୁତ୍ ଉତ୍ପାଦନ, କ୍ରୟ ଓ ବଣ୍ଟନ କରୁଥିବା କମ୍ପାନୀଗୁଡିକ କ୍ଷତି ହେବାର ଆଶଙ୍କା ଦେଖାଦେଇଛି। ଘରୋଇକରଣ ପରେ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ସୁଧାର ହେବ ବୋଲି ଆଶା କରାଯାଉଥିଲା। ମାତ୍ର ତାର ଫଳ ଓଲଟା ହେଲା। ଘରୋଇ ପରିଚାଳନା କମ୍ପାନୀଗୁଡିକ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ କରିବା ପରିବର୍ତ୍ତେ ନିଜର ଫାଇଦା ପାଇଁ ବଣ୍ଟନ କମ୍ପାନୀଗୁଡିକକୁ ଦେବାଳିଆ କରି ଦେଇଛନ୍ତି। ଘରୋଇ କମ୍ପାନୀ ବୋଝକୁ ଏବେ ରାଜ୍ୟ ସରକାର ବୋହିବାକୁ ବାଧ ହେଉଛନ୍ତି। ଋଣ ବୋଝରେ ଅଣନିଃଶ୍ୱାସୀ ଥିବା ଗ୍ରୀଡ୍‌କୋ, ଓପିଜିସି, ଓପିଟିସିଏଲ ଏବଂ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡିକ ଶୁଳ୍କ ବୃଦ୍ଧି ନ କଲେ ଅସମ୍ଭାଳ ପରିସ୍ଥିତି ହେବ ବୋଲି ଓଇଆରସିଙ୍କ ନିକଟରେ ଆବେଦନ କରିଥିଲେ। କିନ୍ତୁ କରୋନା ପାଇଁ ଉକ୍ତ କମ୍ପାନୀଗୁଡିକ ଉପରେ ଏହା ବୋଝ ଉପରେ ନଳିତା ବିଡା ହୋଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ବିଦ୍ୟୁତ୍ ଦର ବୃଦ୍ଧି କରା ନ ଗଲେ ସ୍ଥିତି ଜଟିଳ ହେବ। ୪ ବଣ୍ଟନ କମ୍ପାନୀ ଉପରେ ଗ୍ରୀଡ୍‌କୋର ୫୮୭୩.୩୩ କୋଟି ଟଙ୍କା ବାକି ପଡିଛି। ଏହାଛଡା ସରକାରୀ ଓ ଘରୋଇ ଶିଳ୍ପ ସଂସ୍ଥା ଉପରେ ମଧ ୩୪୮୨.୭୨ କୋଟି ଟଙ୍କା ବକେୟା ଗଡୁଛି। ଉପଭୋକ୍ତାଙ୍କ ନିକଟରୁ ୧୦୦ ପ୍ରତିଶତ ବିଲ ଆଦାୟ ନ ହେବା, ବାଣିଜ୍ୟିକ ଓ ବୈଷୟିକ କ୍ଷତି ବୃଦ୍ଧି, ଚଢାଦରରେ ବିଦ୍ୟୁତ୍ କ୍ରୟ ବଣ୍ଟନ କମ୍ପାନୀଗୁଡିକୁ ଆହୁରି ଆର୍ଥିକ କ୍ଷତି ସହିବାକୁ ହେବ ବୋଲି ସେସୁର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ସେହିପରି ଚଳିତ ବର୍ଷ ବିଦ୍ୟୁତ୍ ବଣ୍ଟନ କମ୍ପାନୀ କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ପ୍ରାୟ ୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏଥିସହିତ ସପ୍ତମ ବେତନ କମିଶନ ହାରରେ ଦରମା ଓ ବକେୟା ମଧ ଖର୍ଚ୍ଚ ବୋଝକୁ ଆହୁରି ଦ୍ୱିଗୁଣିତ କରିବ। ବିଦ୍ୟୁତ୍ ଭିତ୍ତିଭୂମି ମରାମତି ଓ ପରିଚାଳନା ପାଇଁ ୧୮ କୋଟି ଟଙ୍କାର ଆବଶ୍ୟକତା ପଡିବ। ବିଶ୍ୱ ବ୍ୟାଙ୍କ ଓ ରାଜ୍ୟ ସରକାରଙ୍କଠାରୁ ବଣ୍ଟନ କମ୍ପାନୀ ନେଇଥିବା ଋଣ ଶୁଝିବାକୁ ହେବ। କିନ୍ତୁ ଚଳିତ ଆର୍ଥିକ ବର୍ଷ ପାଇଁ କମ୍ପାନୀଗୁଡିକୁ ୧୨୪୧୫.୦୧ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଅନ୍ୟପକ୍ଷରେ ବିଦ୍ୟୁତ୍ ଯୋଗାଉଥିବା ଗ୍ରୀଡ୍‌କୋର ଆର୍ଥିକ ସ୍ଥିତି ବେଳକୁ ବେଳ ଆହୁରି ବିଗିଡିବାରେ ଲାଗିଛି। ଏସବୁକୁ ଦେଖିଲେ ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନ କମ୍ପାନୀଗୁଡିକ ଭୟଙ୍କର ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ଜଳଜଳ ଦିଶୁଛି।

# ଭାରତର ପ୍ରଥମ ମହିଳା ତିଆରି କରୁଛନ୍ତି ମାସ୍କ

## ଦିଲ୍ଲୀର ବିଭିନ୍ନ ଶେଲ୍‌ଟର ହୋମ୍‌ରେ ବଣ୍ଟାଯିବ

ନୂଆଦିଲ୍ଲୀ,୨୩।୪: ଭାରତର ରାଷ୍ଟ୍ରପତିଙ୍କ ସ୍ତ୍ରୀ ତଥା ଦେଶର ପ୍ରଥମ ମହିଳା ସବିତା କୋବିନ୍ଦ ସିଲେଇ ମେଶିନରେ ମାସ୍କ ତିଆରି କରୁଛନ୍ତି। ଏଗୁଡ଼ିକୁ ଦିଲ୍ଲୀ ସହରାଞ୍ଚଳରେ ଥିବା ବିଭିନ୍ନ ଶେଲ୍‌ଟର ହୋମ୍‌ରେ ବଣ୍ଟାଯିବ ବୋଲି ଜଣାପଡ଼ିଛି। ସବିତା ଶକ୍ତିହାଟରେ ସିଲେଇ ମେଶିନରେ ମାସ୍କ ତିଆରି କରୁଥିବାର ଛବି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିଜ ମୁହଁରେ ନାଲି ରଙ୍ଗର ମାସ୍କ ପିନ୍ଧି ସେ ସିଲେଇ କରୁଥିବା ଦେଖାଯାଇଛି। କର୍ଣ୍ଣାଟକ ଭାଜପାର ଅଫିସିଆଲ ଟୁଇଟର ଆକାଉଣ୍ଟରେ ଏହା ସ୍ଥାନ ପାଇଛି। ଏଭଳି ଫଟୋକୁ ବହୁଲୋକ ପ୍ରଶଂସା କରିଛନ୍ତି। ଦେଶରେ କରୋନା ଭୂତାଣୁ ଆତଙ୍କ ସୃଷ୍ଟି କରିଥିବା ବେଳେ ୮୨୧ ଲୋକ ପ୍ରାଣ ହରାଇଲେଣି। ୨୩ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହେଲେଣି। ସରକାର ସମସ୍ତଙ୍କୁ ଲକ୍‌ଡାଉନ୍ ମାନି ମୁହଁରେ ମାସ୍କ ବାନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷାକରିବା ଲାଗି କହିଆସୁଛନ୍ତି। ବିଭିନ୍ନ ସ୍ଥାନରେ ଲୋକମାନେ ନିଜେ ଘରେ ମାସ୍କ ତିଆରି କରି ପିନ୍ଧିବା ଆରମ୍ଭ କଲେଣି। ହେଲେ ଦେଶର ପ୍ରଥମ ମହିଳାଙ୍କ ଏଭଳି ପ୍ରୟାସ ଉଦାହରଣ ପାଲଟିଛି। ଏହାଦ୍ୱାରା ଅନ୍ୟମାନେ ଅନୁପ୍ରାଣିତ ହୋଇ ମାସ୍କ ପ୍ରସ୍ତୁତ କରିବା ଆରମ୍ଭ କରିବେ ବୋଲି କୁହାଯାଉଛି।



ସବିତା କୋବିନ୍ଦ ମାସ୍କ ତିଆରିରେ ନିମଗ୍ନ।

# 'ରବି ଧାନ ସଂଗ୍ରହ ଉପରେ ସରକାରଙ୍କ ଗୁରୁତ୍ୱ'

ଭୁବନେଶ୍ୱର,୨୩।୪(ବ୍ୟୁରୋ)

କରୋନା ସଂକ୍ରମଣର ମୁକାବିଲା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ ବଳବତ୍ତର ରହିଛି। ଏହି ଦୃଷ୍ଟିରୁ ରାଜ୍ୟରେ ଲୋକମାନଙ୍କର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ତ୍ୱରାନ୍ୱିତ ପଦକ୍ଷେପ ନେବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଗୁରୁବାର ଲୋକସେବା ଭବନରେ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମର ମନ୍ତ୍ରୀ ସମୀକ୍ଷା କରିଛନ୍ତି।

ରବିଧାନ ସଂଗ୍ରହ ସମୟରେ ଧାନ ସଂଗ୍ରହ କେନ୍ଦ୍ର ନିମନ୍ତେ ଜାରି କରାଯାଇଥିବା ବିସ୍ତୃତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟାକୁ କଡ଼ାକଡ଼ି ଭାବରେ ଅନୁପାଳନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସାମାଜିକ ଦୂରତ୍ୱ, ମାସ୍କ, ରୁମାଲ, ଗାମୁଛା ଆଦି ବ୍ୟବହାର, ମଣ୍ଡି ଏବଂ ଏଥିରେ ବ୍ୟବହୃତ ଯନ୍ତ୍ରପାତିକୁ ସାନିଟାଇଜ୍ କରିବା ସହିତ ମଣ୍ଡିରେ ପର୍ଯ୍ୟାପ୍ତ ପରିମାଣର ସାନିଟାଇଜର, ସାବୁନ, ପାଣି ଇତ୍ୟାଦି ଉପଲବ୍ଧ କରାଇବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

**ଆଜିର ମନ୍ତବ୍ୟ**

"କୋଭିଡ୍‌-୧୯ର ମୁକାବିଲା ପରିବର୍ତ୍ତେ ସାମ୍ପ୍ରଦାୟିକ ବିଦ୍ୱେଷର ଭୂତାଣୁ ବିସ୍ତାର କରୁଛି ଭାଜପା।
—ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା"



## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଜାଳକ ଋଷିଙ୍କ ଘରକୁ**
**କନ୍ୟା ଅଲକ୍ଷ୍ମଣୀ**
**ଶିବଙ୍କ ଛାତି ଉପରେ**
**କାଳୀ ଠାକୁରାଣୀ।**

ଅଲକ୍ଷ୍ମୀଙ୍କୁ ବର ନ ମିଳିବାରୁ ଉଜାଳକ ଋଷି ଲକ୍ଷ୍ମୀଙ୍କ ପ୍ରସ୍ତାବ କ୍ରମେ ତାଙ୍କୁ ବିବାହ କରିବସିବା ଭଳି ଜଗତର ମଙ୍ଗଳ ପାଇଁ ଶିବ ମାତା କାଳୀଙ୍କୁ ବିବାହ କରିଥିବା ପୁରାଣ ପୃଷ୍ଠାରୁ ଜଣାଯାଏ। ।ସାମାଜିକ ଲକ୍ଷ୍ୟରେ ଯାହାକୁ ଯେମିତି ବିହି ଖଞ୍ଜିଥିବା ବେଳେ ଏହାକୁ ମାନିନେବାକୁ ସମସ୍ତେ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଉତ୍ତମ ଚାଷ କର୍ମ**
**ବେଉସା ମଧ୍ୟମ**
**ନିକୃଷ୍ଟ ଚାକିରି**
**ଭିକ୍ଷା ସବୁଠୁଁ ହୀନ।**

ଭାରତ ଏକ କୃଷିପ୍ରଧାନ ଦେଶ। ଆଗକାଳରେ ସଭିଏଁ ଚାଷବାସ କରି ଜୀବିକା ନିର୍ବାହ କରୁଥିଲେ। ଜମିଜମା ନ ଥିଲେ ବେପାର ବଣିଜ ପ୍ରତି ମନ ବଳାଉଥିଲେ। ଚାକିରି କରିବା ଅର୍ଥ ପର ଆଗରେ ମୁଣ୍ଡ ବିକିବା। ଚାକିରି କଲେ ଘର, ପରିବାରଠାରୁ ଦୂରରେ ରହିବାକୁ ପଡୁଥିବାରୁ ସେଥି ପ୍ରତି କେହି ଆଗ୍ରହ ଦେଖାଉ ନ ଥିଲେ। ସେହିପରି ଭିକ୍ଷା ମାଗି ପେଟ ପୋଷିବା ସବୁଠୁ ବଡ଼ ହୀନ କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଉଗଡ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ୪କୋଟି ଆନ୍ତଃରାଜ୍ୟ ପ୍ରବାସୀ ପ୍ରଭାବିତ

**ଲକ୍‌ଡାଉନ ଦୁଃଖ**

■ ୫୦ରୁ ୬୦ହଜାର ସହରାଞ୍ଚଳରୁ ଗ୍ରାମାଞ୍ଚଳମୁହାଁ ହୋଇଛନ୍ତି



**ନୂଆଦିଲ୍ଲୀ,୨୩।୪(ପି.ଟି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୨୫ରେ ଦେଶବ୍ୟାପୀ ଲକ୍‌ଡାଉନ ଲାଗୁ କରିଛନ୍ତି। ଏହା ମେ'୩ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ଏହି ଲକ୍‌ଡାଉନ ଯୋଗୁ ଦେଶରେ ପ୍ରାୟ ୪କୋଟି ଆନ୍ତଃରାଜ୍ୟ ପ୍ରବାସୀ ପ୍ରଭାବିତ ହୋଇଛନ୍ତି। ଯେଉଁଥିପାଇଁ ଗତ କିଛିଦିନ ମଧ୍ୟରେ ପ୍ରାୟ ୫୦ରୁ ୬୦ହଜାର ପ୍ରବାସୀ ସହରାଞ୍ଚଳରୁ ଗ୍ରାମାଞ୍ଚଳ ଅର୍ଥାତ୍ ନିଜ ଭିଟାମାଟି ମୁହାଁ ହୋଇଛନ୍ତି ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ଘୋଷଣା କରାଯାଇଥିବା ଲକ୍‌ଡାଉନ ଯୋଗୁ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ରହୁଥିବା ଲୋକମାନେ ଏବେ କାମଧନ୍ଦା ପାଉ ନ ଥିବାରୁ ଖାଇବାକୁ ଠିକ୍‌ରେ ପାଉନାହାନ୍ତି। ତେଣୁ ସେମାନେ ସମସ୍ତେ ଭିଟାମାଟିକୁ ଫେରିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟଦେଶରେ ରହୁଥିବା ପ୍ରବାସୀଙ୍କଠାରୁ ଆନ୍ତଃରାଜ୍ୟ ପ୍ରବାସୀଙ୍କ ସଂଖ୍ୟା ଅଢ଼େଇଗୁଣ। ରେଳ ଓ ବସ୍ ଚଳାଚଳ ସବୁ ବନ୍ଦ ରହିଥିବାରୁ ସେମାନେ ମାଳମାଳ ହୋଇ ଗ୍ରାମାଞ୍ଚଳ ମୁହାଁ ହେଉଛନ୍ତି। ଫଳରେ ସାମାଜିକ ଦୂରତା ରକ୍ଷା କରିବା କଷ୍ଟକର ହୋଇପଡୁଛି। ଏହି ଅବସ୍ଥା କରୋନା ସଂକ୍ରମଣ ବ୍ୟାପିବାର ଆଉ ଏକ ସୁଯୋଗ ସୃଷ୍ଟି କରୁଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଆନ୍ତଃରାଜ୍ୟ ପ୍ରବାସୀଙ୍କ ଏଭଳି ସମସ୍ୟା ଦୂର କରିବା ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ। ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ଆର୍ଥିକ ସହଯୋଗ ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ସୁରକ୍ଷା ଦେବା ଆବଶ୍ୟକ। କରୋନା ଭାଇରସ୍‌ର ବିପଦ ବିଶେଷକରି ଦକ୍ଷିଣ ଏସୀୟ ଅଞ୍ଚଳରେ ରହୁଥିବା ଉଭୟ ଆନ୍ତଃରାଜ୍ୟ ଏବଂ ଅନ୍ତଃରାଷ୍ଟ୍ରୀୟ ପ୍ରବାସୀଙ୍କ ଉପରେ ପ୍ରଭାବ ପକାଇଛି। କରୋନା ଭାଇରସ ସଂକ୍ରମଣ ପ୍ରଭାବର ପ୍ରାଥମିକ ପର୍ଯ୍ୟାୟରେ ଯେତେବେଳେ ଯାତାୟାତ କଟକଣା ଲାଗି ନ ଥିଲା, ସେତେବେଳେ ଗଲ୍ଫ ବା ଉପସାଗରୀୟ ରାଷ୍ଟ୍ରରୁ ଭାରତ, ପାକିସ୍ତାନ ଏବଂ ବାଂଲାଦେଶକୁ ବହୁ ପ୍ରବାସୀ ଫେରି ଆସିଥିଲେ। ଏପରିକି ଚାଇନା ଏବଂ ଇରାନ ଭଳି କିଛି ରାଷ୍ଟ୍ର ସେଠାରେ ଥିବା ପ୍ରବାସୀଙ୍କୁ ତାଙ୍କ ନିଜ ଦେଶକୁ ପଠାଇଦେଇଥିଲେ। ୨୦୧୯ରେ ଭାରତ ଓ ପାକିସ୍ତାନରୁ ଉପସାଗରୀୟ ରାଷ୍ଟ୍ରଗୁଡ଼ିକୁ ଦେଶାନ୍ତର ହେବାରେ ଅଣକୁଶଳୀ ଶ୍ରମିକଙ୍କ ସଂଖ୍ୟା ପୂର୍ବବର୍ଷଗୁଡ଼ିକ ଅପେକ୍ଷା ଅଧିକ ରହିଥିଲା। ମାତ୍ର ୨୦୨୦ରେ କରୋନା ମହାମାରୀ ଏବଂ ଉପସାଗରୀୟ ରାଷ୍ଟ୍ରରେ ତୈଳ ଆମଦାନୀ ହ୍ରାସ ଯୋଗୁ ଏହି ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି। ୨୦୧୯ରେ ଭାରତରେ ପୂର୍ବାପେକ୍ଷା ୮ପ୍ରତିଶତ ବୃଦ୍ଧି ପାଇ ୩,୬୮,୦୪୮ଜଣ ଅଣକୁଶଳୀ ଶ୍ରମିକଙ୍କୁ ଉପସାଗରୀୟ ରାଷ୍ଟ୍ରକୁ ଯିବା ପାଇଁ ଅନୁମତି ମିଳିଥିଲା। ସାମ୍ପ୍ରତିକ ପରିସ୍ଥିତିକୁ ଦେଖି ଏବେ ଦେଶାନ୍ତରଙ୍କ ସଂଖ୍ୟା କମିବାରେ ଲାଗିବ। ଅପରପକ୍ଷରେ ଗମନାଗମନର ସୁବିଧା ନ ଥିବାରୁ ନିକଟ ଭବିଷ୍ୟତରେ ବାହାରେ ରହୁଥିବା ପ୍ରବାସୀଙ୍କ ସଂଖ୍ୟାରେ ମଧ୍ୟ ହ୍ରାସ ଘଟିବ ନାହିଁ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଏଲ୍‌ପିଜି ଯୋଗାଣ ଠିକ୍ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ଦେଶର ତୈଳ ବିପଣନ କମ୍ପାନୀର ଜିଲା ନୋଡାଲ ଅଫିସରମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଭିଡିଓ କନ୍‌ଫରେନ୍ସିଂ ଯୋଗେ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ଏଲ୍‌ପିଜି ଯୋଗାଣକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା, ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମାଗଣାରେ ଗ୍ୟାସ୍ ଯୋଗାଣ ତ୍ୱରାନ୍ୱିତ କରିବାକୁ ଆହ୍ୱାନ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଏହି ଯୋଜନାରେ ୮ କୋଟିରୁ ଊର୍ଦ୍ଧ୍ୱ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଆସନ୍ତା ୩ ମାସ ପାଇଁ ମାଗଣାରେ ତିନୋଟି ଏଲ୍‌ପିଜି ସିଲିଣ୍ଡର ଯୋଗାଇ ଦିଆଯିବ । ଏହି ପଦକ୍ଷେପ ସ୍ୱରୂପ ଏପ୍ରିଲ ପ୍ରଥମ ତିନିସପ୍ତାହରେ ୪୦ ପ୍ରତିଶତ ହିତାଧିକାରୀ ସିଲିଣ୍ଡର ପାଇଁ ବୁକ୍ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ବିଶେଷ ଯୋଜନା ଅନୁସାରେ ଅଧିକରୁ ଅଧିକ ଉଜ୍ଜ୍ୱଳା ରିଫିଲ୍ ଉପରେ ଗୁରୁତ୍ୱ ଦେବାକୁ ନୋଡାଲ ଅଫିସରଙ୍କୁ କହିଛନ୍ତି। ଗରିବଙ୍କ ଘରେ ଏଲ୍‌ପିଜି ଯୋଗାଣରେ କିଛି ସାଲିସ୍ କରାଯିବନାହିଁ।

# ପ୍ରବାସୀ ଶ୍ରମିକଙ୍କୁ ଫେରାଇଆଣିବା ନିଷ୍ପତ୍ତି ଭୁଲ୍: ନିରଞ୍ଜନ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ବାହାର ରାଜ୍ୟରେ ଥିବା ଶ୍ରମିକମାନଙ୍କୁ ଓଡ଼ିଶା ଫେରାଇ ଆଣିବା ଲାଗି ରାଜ୍ୟ ସରକାର ଯୋଜନା କରୁଛନ୍ତି। କିନ୍ତୁ ଏହି ନିଷ୍ପତ୍ତି ଭୁଲ୍ ହେବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଲକ୍‌ଡାଉନ ଖୋଲିବା ପରେ ବସ୍ କିମ୍ବା ଟ୍ରେନ୍‌ରେ ସେମାନଙ୍କୁ ଆଣିବା ଦ୍ୱାରା ସଂକ୍ରମଣ ହେବ ନାହିଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଏହା କରା ନ ଯାଇ ବାହାରେ ଥିବା ଶ୍ରମିକଙ୍କୁ ସେଠାରେ ଭଲରେ ରଖି ଖାଦ୍ୟ ବ୍ୟବସ୍ଥା ସହିତ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ନିରଞ୍ଜନ ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶା ଫେରିଲେ ସେମାନେ କ'ଣ କରିବେ, ଏଠାରେ ଚାକିରି ନାହିଁ।



ନିରଞ୍ଜନ ପଟ୍ଟନାୟକ

ଆଗକୁ ଅବସ୍ଥା ଆହୁରି ସାଂଘାତିକ ହେବା ସମ୍ଭାବନା ରହିଛି। କରୋନା ସଂକ୍ରମଣ ରୋକିବା ଦିଗରେ ପୋଲିସ, ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ପ୍ରଶଂସନୀୟ। ସରକାର ସ୍ୱାସ୍ଥ୍ୟକର୍ମୀଙ୍କ ଭଳି ପୋଲିସଙ୍କ ପାଇଁ ଆର୍ଥିକ ବ୍ୟବସ୍ଥା କରିବାର ଆବଶ୍ୟକତା ଥିଲା। ଗ୍ରାମାଞ୍ଚଳରେ ସରପଞ୍ଚଙ୍କୁ ଜିଲାପାଳଙ୍କ କ୍ଷମତା ଦେଇଛନ୍ତି, ହେଲେ ଏହିସବୁ ଅଞ୍ଚଳରେ ଗରିବ ଏବଂ ମଧ୍ୟବିତ୍ତଙ୍କ ଅବସ୍ଥା ଅତ୍ୟନ୍ତ ଖରାପ। ଗତ ୨୦ବର୍ଷ ହେଲା ରାଶନ କାର୍ଡ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକମାନେ ଅଧିକ ଅସୁବିଧା ଘେରକୁ ଚାଲିଗଲେଣି ବୋଲି ପିସିସି ସଭାପତି କହିଛନ୍ତି। ଗୁରୁବାର ନିରଞ୍ଜନ ଇଲେକ୍ଟ୍ରୋନିକ ଗଣମାଧ୍ୟମର ଖବରଦାତା ଅର୍ଣ୍ଣବ ଗୋସ୍ୱାମୀଙ୍କ ବିରୋଧରେ ଏକ ଦାବିପତ୍ର ପୋଲିସ କମିଶନରଙ୍କୁ ପ୍ରଦାନ କରିଛନ୍ତି। ମହାରାଷ୍ଟ୍ରରେ ହୋଇଥିବା ଗୋଷ୍ଠୀ ହିଂସା ବିଷୟରେ ଗତ ୨୧ତାରିଖରେ ଏକ ଟିଭି ଚ୍ୟାନେଲରେ ଅର୍ଣ୍ଣବ ଉପସ୍ଥାପକ ଥିଲେ। ସେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ରଖିଥିବା ନେଇ ନିରଞ୍ଜନ ଅଭିଯୋଗ କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ସହ ଯୋଗୀ ମନୋଭାବରୁ କର୍ମ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଅର୍ଥ ଲାଭ ସଙ୍ଗକୁ ଶାରୀରିକ ସୁସ୍ଥତା ଓ ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ। ବନ୍ଧୁମାନଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବା ସଙ୍ଗକୁ ବନ୍ଧୁମାନଙ୍କ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ସହକର୍ମୀଙ୍କ ପରାମର୍ଶ କ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଆଇନ, ଅଦାଲତ, ଜମିଜମା କ୍ଷେତ୍ରରେ କାର୍ଯ୍ୟ ସାଧିତ ହେବ।

**ମିଥୁନ**
ପ୍ରତ୍ୟେକ ପରିସ୍ଥିତିରେ ନିଜ ଲୋକ ଦ୍ୱାରା ସାହାଯ୍ୟ,ସହଯୋଗର ଅଭାବ ରହିବ ନାହିଁ। ସନ୍ତାନ ହେତୁକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ପରୋକ୍ଷ ଶତ୍ରୁତା କେତେକ କାମକୁ ସାମୟିକ ଅଟକାଇ ଦେଇପାରେ। ଭୁଲ୍ ବୁଝାମଣା ଜନିତ ପାରିବାରିକ ଅଶାନ୍ତିରେ ଅସ୍ଥିରତା ଅନୁଭବ କରିବେ।

**କର୍କଟ**
ପାରିବାରିକ ଆବଶ୍ୟକତାକୁ ନେଇ ଖର୍ଚ୍ଚାନ୍ତ ହେବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଘରେ ଅସାବଧାନତା କିମ୍ବା ଅନ୍ୟମନସ୍କତା ହେତୁ ଧନହାନି ଘଟିବାର ସୂଚନା ରହିଛି। କେତେକଙ୍କ କ୍ଷେତ୍ରରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ,ଏଣୁ ସାବଧାନତା ଆବଶ୍ୟକ ।

**ସିଂହ**
ନିଜର କଥା ଓ ବ୍ୟବହାରରେ ସଂଯମତା ଅବଲମ୍ବନ କଲେ ଉପକୃତ ହୋଇପାରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଖୋଜୁଥିବା ଜିନିଷ ହଠାତ୍ ପାଇଯିବାର ଆଶା କରାଯାଇପାରେ।

**କନ୍ୟା**
ବିକ୍ଷିପ୍ତ ଭାବଧାରାର ଅବ୍ୟବସ୍ଥିତ ମନ ଜୀବନଯାତ୍ରାକୁ ବିଶୃଙ୍ଖଳିତ କରିପାରେ। ସବୁ ପ୍ରକାରର ସୁବିଧା ଥିଲେ ମଧ୍ୟ ପାରିବାରିକ ଜୀବନରେ କିଛିଟା ଅଭାବ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ପଡୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି ।

**ତୁଳା**
ଶାରୀରିକ ସୁସ୍ଥତା ଓ ମାନସିକ ସ୍ଥିରତା ରକ୍ଷା କରିବାରେ ସମର୍ଥ ହେବେ। ଶାନ୍ତ ମନରେ ସବୁ କାମକୁ କରିବାର ଧୈର୍ଯ୍ୟ ପୂର୍ଣ୍ଣମାତ୍ରାରେ ରହିବ। ମାଲିମକଦ୍ଦମାରେ ଆପୋଷ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ବିଛା**
ସ୍ୱାସ୍ଥ୍ୟରେ ଉନ୍ନତି,ଆର୍ଥିକ ପ୍ରଗତି ସହ ସୁଚିନ୍ତିତ କାର୍ଯ୍ୟଧାରାର ଶୃଙ୍ଖଳତା ଦିନଟିକୁ ଖୁସୀରେ କାଟିବାରେ ସାହାଯ୍ୟ କରିବ। ତଥାପି ସାମୟିକ ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରକ୍ରାନ୍ତ ରହିପାରେ। ପ୍ରତିଯୋଗିତା,ପ୍ରତିଦ୍ୱନ୍ଦ୍ୱିତା ତଥା ବିବାଦୀୟ ପରିସ୍ଥିତିରେ ବିଜୟୀ ହେବେ।

**ଧନୁ**
ସାମୟିକ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟତଃ ଦିନଟିରେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ପାରିବାରିକ,ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**ମକର**
ଆପଣ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରିବା ପାଇଁ ଚେଷ୍ଟା କରିବେ। ଶନି ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ କରାଇବ। ଜମିଜମା ବିବାଦର ସମାଧାନ ହେବାର ସମ୍ଭାବନା ରହିଛି।

**କୁମ୍ଭ**
ଅନ୍ୟମାନଙ୍କର ପରୋକ୍ଷ ଶତ୍ରୁତା ଆପଣଙ୍କ କୌଣସି କାମକୁ ଅଟକାଇପାରିବ ନାହିଁ। ସହକର୍ମୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି । ଅର୍ଥରେ ମିତବ୍ୟୟିତା,ଚିନ୍ତାରେ ଶୃଙ୍ଖଳତା ରକ୍ଷାକଲେ ଉପକୃତ ହେବେ।

**ମୀନ**
କେତେକ କ୍ଷେତ୍ରରେ କଥାରେ ଓ କାର୍ଯ୍ୟରେ ଜିଦ୍‌ଖୋର ଯୋଗୁ ହଇରାଣ ହୋଇପାରନ୍ତି। ସମ୍ପର୍କସ୍ଥାପନ ତଥା ବ୍ୟବସାୟ,ବାଣିଜ୍ୟ, ନିର୍ମାଣ,ଶେୟାର ବଜାର,ପରିବହନରେ ଲାଭବାନ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

ଆଜି ବୈଶାଖ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ଶୁକ୍ରବାର, ଏପ୍ରିଲ ୨୪ ତାରିଖ, ମାନବ ଏକତା ଦିବସ, ଶ୍ରୀମାଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ, ସତ୍ୟସାଇବାବାଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ବୃଷା। ମେଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷରାଶିର ଘାତଚନ୍ଦ୍ର, ପ୍ରାତଃ ଘ.୦୫.୨୫ମି. ଗତେ ଘ.୦୬.୧୬ ମି.ମଧ୍ୟେ, ଘ.୦୭.୦୬ମି. ଗତେ ଘ.୦୯.୩୮ମି. ମଧ୍ୟେ, ଘ.୧୨.୧୦ମି. ଗତେ ଘ.୦୨.୪୧ମି. ମଧ୍ୟେ, ଘ.୦୪.୨୨ମି.ଗତେ ଘ.୦୬.୦୩ମି. ମଧ୍ୟେ, ସନ୍ଧ୍ୟା ଘ.୦୭ .୩୪ମି. ଗତେ ଘ. ୦୯ .୦୫ମି. ମଧ୍ୟେ, ରାତ୍ରି ଘ.୦୧.୩୮ମି. ଗତେ ଘ.୦୩.୦୮ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯ .୦୫ମି. ଗତେ ଘ.୦୯.୫୧ମି. ମଧ୍ୟେ, ଘ.୦୩.୦୮ମି. ଗତେ ଘ.୦୩.୫୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୦ମି.ଗତେ ଘ.୧୧.୪୪ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମାନବ ଶରୀରରେ କରୋନା...

ବୋଲି ଡ. ଚାନ୍ଦ୍ କହିଛନ୍ତି। ଜେନିର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଅକ୍ସଫୋର୍ଡ ଭାକ୍ସିନ୍ ଗ୍ରୁପ୍ ପକ୍ଷରୁ ଟିକା ପରୀକ୍ଷା କରାଯାଉଛି। ଏହି ଟିମ୍ ଜାନୁୟାରୀ ୨୦ରୁ ଟିକା ପ୍ରସ୍ତୁତି ନେଇ କାର୍ଯ୍ୟ ଆରମ୍ଭ କରିଥିଲା। ପ୍ରକଳ୍ପର ନେତୃତ୍ୱ ନେଇଥିଲେ ପ୍ରଫେସର ସାରାହ ଗିଲବର୍ଟ, ପ୍ରଫେସର ଆଣ୍ଡ୍ରୁ ପୋଲାର୍ଡ, ଟେରେସା ଲାମ୍ବେ, ଡ. ସାଣ୍ଡି ଡୋଗ୍‌ଲାସ, ପ୍ରଫେସର କାଥେରିନ ଗ୍ରୀନ୍ ଏବଂ ପ୍ରଫେସର ଆଡ୍ରିନ୍ ହିଲ୍। ଏହାର କ୍ଲିନିକାଲ ପରୀକ୍ଷା ବିଭିନ୍ନ ସେଣ୍ଟରରେ ହୋଇଥିଲା। ଇମ୍ପେରିଆଲ କଲେଜ ଟିକାର ମାନବ ଶରୀରରେ ପରୀକ୍ଷା ଜୁନ୍ ମାସରେ କରିପାରେ ବୋଲି ଜଣାପଡିଛି।

କରୋନା ଭୂତାଣୁ ବିରୋଧରେ ମାନବ ଶରୀରରେ ରୋଗ ପ୍ରତିରୋଧ ବ୍ୟବସ୍ଥା ବଢ଼ାଇବା ଲାଗି ଅକ୍ସଫୋର୍ଡ ୟୁନିଭର୍ସିଟି ସିମ୍ପାଞ୍ଜି ଶରୀରରୁ ସାଧାରଣ ଥଣ୍ଡା ଭୂତାଣୁ ନେଇ ପରୀକ୍ଷା କରୁଥିବାବେଳେ ଇମ୍ପେରିଆଲ କଲେଜ କରୋନା ଭୂତାଣୁର ଜେନେଟିକ୍ ଉପାଦାନକୁ ବ୍ୟବହାର କରୁଛି। ସ୍ପାଇକ୍ ପ୍ରୋଟିନ୍ ସୃଷ୍ଟି କରି ଏହି ସଫଳତା ହାସଲ ଲାଗି ଗବେଷକମାନେ ଉଦ୍ୟମ ଚଳାଇଛନ୍ତି। ଏଥିରେ ସଫଳ ହେଲେ ଭୂତାଣୁ ବିରୋଧରେ ଲଢ଼ିବା ଲାଗି ଶରୀର ଭିତରେ ଆଣ୍ଟିବଡି ସୃଷ୍ଟି କରାଯାଇପାରିବ। ପୂର୍ବରୁ ପ୍ରାଣୀ ଶରୀରରେ ଏହି ଟିକା ପ୍ରୟୋଗ କରାଯାଇ କରୋନା ଭୂତାଣୁ ବିରୋଧରେ ଆଣ୍ଟିବଡିକୁ ନିଷ୍କ୍ରିୟ କରାଯାଇପାରିଛି। ମଣିଷ ଦେହରେ ଅନୁରୂପ ପ୍ରତିକ୍ରିୟା ସୃଷ୍ଟି କରୁଛି କି ନାହିଁ ତାହାର ପରୀକ୍ଷା ଆରମ୍ଭ ହୋଇଛି।

### ଯାଜପୁରରେ ଦ୍ୱିତୀୟ ...

ଏମାନେ ପୂର୍ବରୁ ଚିହ୍ନଟ ହୋଇଥିବା ପଶ୍ଚିମବଙ୍ଗ ଫେରନ୍ତା ଆକ୍ରାନ୍ତଙ୍କ ନିକଟ ସମ୍ପର୍କୀୟ ଓ ସେମାନଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଗତ ସୋମବାର ଗୋଟିଏ ଦିନରେ ୧୩ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବାବେଳେ ମଙ୍ଗଳବାର ୫ ଓ ବୁଧବାର ୪ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏମାନେ ସମସ୍ତେ ପଶ୍ଚିମବଙ୍ଗ ଫେରନ୍ତା କିମ୍ବା ସଂସ୍ପର୍ଶରେ ଆସିଥିବାରୁ ଅନ୍ୟମାନଙ୍କୁ ଠାବ କରିବା ଏବେ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଏପଟେ ଗୁରୁବାର ଭୁବନେଶ୍ୱରର ଆଉଜଣେ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ୩୩ଜଣ ସୁସ୍ଥ ହୋଇଥିବାବେଳେ ୫୬ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧାରେ ୪୬ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୨ଜଣ ସୁସ୍ଥ ହୋଇଛନ୍ତି, ଜଣଙ୍କର ମୃତ୍ୟୁ ହୋଇଛି ଓ ୨୩ ଆକ୍ଟିଭ୍ କେସ୍ ରହିଛି। ସେହିପରି ଯାଜପୁରରେ ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିଥିବା ବେଳେ ଜଣେ ସୁସ୍ଥ ହୋଇଛନ୍ତି। ଭଦ୍ରକରେ ୧୧ ଆକ୍ରାନ୍ତଙ୍କ ମଧ୍ୟରୁ ୨ ସୁସ୍ଥ ହୋଇଛନ୍ତି। ବାଲେଶ୍ୱରରେ ୧୦ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା କେହି ବି ସୁସ୍ଥ ହୋଇ ନାହାନ୍ତି। ଅନୁରୂପ ଭାବେ ସୁନ୍ଦରଗଡ଼ରେ ୩ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୨ ସୁସ୍ଥ, କେନ୍ଦ୍ରାପଡ଼ାର ୨ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ସୁସ୍ଥ ଓ କଳାହାଣ୍ଡିରେ ସମସ୍ତ ୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ତେବେ କଟକ, ପୁରୀ ଓ ଢେଙ୍କାନାଳରେ ଚିହ୍ନଟ ଜଣେ ଲେଖାଏ ଆକ୍ରାନ୍ତ ସୁସ୍ଥ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଉଲ୍ଲଘନ କଲେ କାର୍ଯ୍ୟାନୁଷ୍ଠାନ:ଡିଜିପି

କଟକ ଅଫିସ୍,୨୩।୪: କରୋନା ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩ ଜିଲା ଯଥା ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱରରେ ୬୦ ଘଣ୍ଟିଆ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏହାକୁ କଡ଼ାକଡ଼ି ପାଳନ କରିବା ଦିଗରେ ପୋଲିସ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରିବ। ଯେଉଁମାନେ ଏହାକୁ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ ଦୃଢ଼ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯାନବାହନ ଚଳାଚଳ ବନ୍ଦ ରହିବ। କିନ୍ତୁ ଏହି ଜିଲାଗୁଡ଼ିକ ଦେଇ ଯାଇଥିବା ରାଜପଥରେ ମାଲ୍ ପରିବହନ ଜାରି ରହିବ। ଏଥିପାଇଁ କୌଣସି ପ୍ରକାର କଟକଣା ନାହିଁ ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପଶ୍ଚିମବଙ୍ଗରୁ ବାଲେଶ୍ୱର ଜିଲାକୁ ସଂଯୋଗ କରୁଥିବା ୩୭ ଏବଂ ମୟୂରଭଞ୍ଜ ଜିଲାର ୨୨ଟି ଯାନବାହନ ଚଳାଚଳ ରାସ୍ତାକୁ ଓଡ଼ିଶା ପୋଲିସ ନିଜ ଦଖଲକୁ ନେଇଛି। ସେହିଭଳି ଶଟ୍‌ଡାଉନ୍ କଟକଣାକୁ ସମସ୍ତେ ମାନନ୍ତୁ ବୋଲି ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ ଜରିଆରେ ନିବେଦନ କରାଯାଇଛି। ଯେଉଁମାନେ ଏହାକୁ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପୂର୍ବରୁ ଜାରି ସମସ୍ତ ପ୍ରକାର ପାସ୍‌କୁ ବାତିଲ୍ କରାଯାଇଛି ବୋଲି ଭଦ୍ରକ ପୋଲିସ ତରଫରୁ କୁହାଯାଇଛି ।

### ରଥଯାତ୍ରା: ହୋଇପାରେ ...

ରଥଯାତ୍ରାରେ ପୁରୀରେ ପ୍ରାୟ ୫ରୁ ୧୦ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ଜୁନ୍ ୨୩ରେ ପଡୁଛି ରଥଯାତ୍ରା। ଠିକ୍ ଆଉ ୨ ମାସ ରହିଲା। ଏଥିପାଇଁ ଆସନ୍ତା ୨୬ ତାରିଖ ପବିତ୍ର ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ କାମ ଆରମ୍ଭ ହେବ। ଶ୍ରୀମନ୍ଦିର ପ୍ରଶାସନ ଏ ନେଇ ପ୍ରସ୍ତୁତି ଚଳାଇଛି। କିନ୍ତୁ ବର୍ତ୍ତମାନ କରୋନା ସ୍ଥିତିକୁ ଦେଖିଲେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ତେଣୁ ଠିକଣା ସମୟକୁ ସ୍ଥିତିରେ ସୁଧାର ଆସିଥିବା ନେଇ ସମସ୍ତେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କରୋନା ସଂକ୍ରମଣ ଭୟ ଯୋଗୁ ଶେଷ ମୁହୂର୍ତ୍ତରେ ସରକାର ରୁକୁଣା ରଥ ବନ୍ଦ କରିଦେଲେ। ତେଣୁ ପୁରୀ ରଥଯାତ୍ରାକୁ ନେଇ ଦୋଛକିରେ ଠିଆ ହୋଇଥିବା ସରକାର ଶେଷରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଲୋଡ଼ିଛନ୍ତି। କରୋନା ସଂକ୍ରମଣ ଭୟ ଥିଲେ କିପରି ରଥଯାତ୍ରା ହେବ ଆଉ ଯଦି ବନ୍ଦ କରିବାକୁ ପଡ଼େ ତେବେ କଣ ରହିଛି ଶାସ୍ତ୍ର ବିଧିବିଧାନ ସେ ସବୁ ଉପରେ ଶଙ୍କରାଚାର୍ଯ୍ୟଙ୍କ ସହ ମୁଖ୍ୟ ପ୍ରଶାସକ ଏବଂ ଜିଲାପାଳ ଆଲୋଚନା କରିଥିବା କୁହାଯାଉଛି। ଏ ନେଇ ଶଙ୍କରାଚାର୍ଯ୍ୟ ତାଙ୍କ ମତ ରଖିଛନ୍ତି। ତେଣୁ ସରକାର ରଥଯାତ୍ରାକୁ ନେଇ ବଡ଼ ଘୋଷଣା କରିପାରନ୍ତି ବୋଲି ସୂଚନା ମିଳିଛି।

ଏହି ଆଲୋଚନା ପରେ ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ କହିଛନ୍ତି, କରୋନାକୁ ନେଇ ବର୍ତ୍ତମାନ ଲକ୍‌ଡାଉନ ଚାଲିଛି। ଗୁରୁଜୀଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ଅଛି ଏବଂ ସୁବିଧା ଅସୁବିଧା ବିଷୟରେ ବୁଝିବାକୁ ଆସିଥିଲୁ। ମାତ୍ର ରଥଯାତ୍ରା ଓ ଚନ୍ଦନ ଯାତ୍ରା ଆୟୋଜନ ପ୍ରସଙ୍ଗକୁ ସେ ଏଡ଼ାଇ ଯାଇଥିଲେ। ମଠ ମୁଖପାତ୍ର ମନୋଜ ରଥ କହିଥିଲେ, ମଠର ଭଲମନ୍ଦ ଓ ଗୁରୁଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅଧିକାରୀ ଦ୍ୱୟ ବୁଝିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମଠ ମୁଖପାତ୍ରଙ୍କ ବିଭିନ୍ନ ପ୍ରସଙ୍ଗର ଇସାରା ରଥଯାତ୍ରା ଏବଂ ଚନ୍ଦନ ଯାତ୍ରା ଆୟୋଜନ ବୋଲି କୁହାଯାଉଛି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ପୁରୀ ଗଜପତି ଦିବ୍ୟସିଂହଦେବଙ୍କୁ ଭେଟି ମନ୍ଦିର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଶେଷ ଆଲୋଚନା କରିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟ ପ୍ରଶାସକ ଏବଂ ଜିଲାପାଳ ଶଙ୍କରାଚାର୍ଯ୍ୟଙ୍କୁ ଭେଟିବା ପରେ ଏବର୍ଷ ରଥଯାତ୍ରା ବନ୍ଦ ହୋଇପାରେ ବୋଲି ପୁରୀରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ତାଙ୍କ ଇଚ୍ଛାରେ ହିଁ ହୋଇଥାଏ ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ। ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ମହାପ୍ରଭୁଙ୍କ ଆଶୀର୍ବାଦରୁ ଏ ପର୍ଯ୍ୟନ୍ତ ସହରକୁ କରୋନା ଛୁଇଁପାରିନି। ଏହାର ମର୍ମକୁ ସମସ୍ତେ ବୁଝିବା ଦରକାର। ନ ହେଲେ ମହାପ୍ରଭୁ କାହାକୁ କ୍ଷମା ଦେବେ ନାହିଁ ବୋଲି ଦାସମହାପାତ୍ର କହିଛନ୍ତି।

### କମୁଛି ଖାଉଟିଙ୍କ ଖର୍ଚ୍ଚ, ...

ଏହି ସ୍ଥାନଗୁଡିକରେ ପରିବାରଗୁଡ଼ିକର ଖର୍ଚ୍ଚ କମ୍ ହେଉଥିବା ଦେଖାଯାଉଛି। ସେହିଭଳି ଭାରତ, ଚାଇନା, ନାଇଜେରିଆ, ଇଣ୍ଡୋନେସିଆ, ବ୍ରାଜିଲ ଏବଂ ପର୍ତ୍ତୁଗାଲରେ ସ୍ଥିତି ଅନ୍ୟ ଦେଶଗୁଡ଼ିକ ତୁଳନାରେ ସାମାନ୍ୟ ଭଲ ରହିଛି। ରିପୋର୍ଟରେ କୁହାଯାଇଛି, ଭାରତ ଭଳି ଅନ୍ୟ କିଛି ଦେଶରେ କରୋନା ମାମଲା ଅପେକ୍ଷାକୃତ କମ୍। ଏଣୁ ଲୋକମାନଙ୍କର କ୍ରୟ କ୍ଷମତା ଉପରେ ପ୍ରଭାବ କମ୍ ରହିବ। ୟୁରୋପୀୟ ଦେଶଗୁଡ଼ିକ ତୁଳନାରେ ଆମେରିକା ସ୍ଥିତି ସୁଧୁରିବା ଲାଗି ଅଧିକ ଆଶାବାଦୀ ରହିଛି। ଆଗାମୀ ୨ରୁ ୩ ମାସ ମଧ୍ୟରେ ସ୍ଥିତି ସୁଧୁରିଯିବ ବୋଲି ଆମେରିକା ବାସୀ ଆଶାବାଦି ରହିଛନ୍ତି। ଉଚ୍ଚ ଆୟ କରୁଥିବା ବ୍ୟକ୍ତି ବିଶେଷଙ୍କ କ୍ରୟ ମନୋଭାବ ସାଧାରଣତଃ ଉଚ୍ଚରେ ରହିଛି। କିଛି କ୍ଷେତ୍ରରେ ମହାମାରୀ ପୂର୍ବରୁ ଲୋକମାନେ ଯେତେ ପରିମାଣର ଖର୍ଚ୍ଚ କରୁଥିଲେ ତାଠାରୁ ଅଧିକ କରୁଛନ୍ତି। ଏହି ବର୍ଗରେ ଗ୍ରସେରୀ ଏବଂ ହାଉସହୋଲ୍ଡ ସାମଗ୍ରୀ ରହିଛି। ଅନ୍ୟ କିଛି ସ୍ଥାନରେ ହୋମ୍ ଏଣ୍ଟରଟେନମେଣ୍ଟର ଚାହିଦା ବଢ଼ିଛି। କୋରିଆରେ ଗେମିଂ କଲ୍‌ଚର ଅଧିକ ମାତ୍ରାରେ ବୃଦ୍ଧି ହେଉଥିବା ରିପୋର୍ଟରେ କୁହାଯାଇଛି। ଚାଇନାରେ କଟକଣା ଉଠିଥିବାରୁ ଗ୍ୟାସୋଲିନ, ୱେଲନେସ,ପେଟ୍‌କେୟାର ସେବାର ଚାହିଦା ବଢ଼ିଛି। ଅନ୍ୟ କିଛି ଦେଶରେ ଏହି ସ୍ଥିତି ସମାନ ରହିଛି। ମାତ୍ର ଅନ୍ୟ କିଛି ବର୍ଗରେ ଆବଶ୍ୟକ ଥିଲେ ମଧ୍ୟ ଲୋକମାନେ ପୂର୍ବାପେକ୍ଷା ଖର୍ଚ୍ଚ କମ୍ କରିଛନ୍ତି।

ରେଷ୍ଟୁରାଣ୍ଟ ଏବଂ ଆଉଟଅଫ୍ ହୋମ ସେଗମେଣ୍ଟକୁ କରୋନା ପୁରା କ୍ଷତି କ୍ଷତିଗ୍ରସ୍ତ କରିଛି। ପ୍ରାୟ ସବୁ ଦେଶରେ ଏହି ଶିଳ୍ପର ଅବସ୍ଥା ବେହାଲ ହୋଇଛି। ଯାତ୍ରାକଟକଣା ଏବଂ ସାମାଜିକ ଦୂରତ୍ୱ ନିୟମ ଯୋଗୁ ପରିବହନ ଏବଂ ପର୍ଯ୍ୟଟନ ଶିଳ୍ପ କାରବାର ପୁରା ଠପ୍ ହୋଇଛି। ଆମେରିକା ଟ୍ରାଭେଲ ଶିଳ୍ପ ରାଜସ୍ୱ ୮୧% ଖସିବା ନେଇ ଆକଳନ କରାଯାଇଛି। ୨୦୨୦ରେ ୫୧୯ ବିଲିୟନ ଡଲାର ଏବଂ ଅର୍ଥ ବ୍ୟବସ୍ଥାକୁ ୧.୨ ଲକ୍ଷ କୋଟି ଡଲାର କ୍ଷତି ହେବାର ଆଶଙ୍କା କରାଯାଇଛି। ବିଶ୍ୱ ଟ୍ରାଭେଲ ଆଣ୍ଡ ଟୁରିଜମ କାଉନସିଲ ପକ୍ଷରୁ ହୋଇଥିବା ଆକଳନ ମୁତାବକ କୋଭିଡ-୧୯ ମୋଟ ୫୦ ନିୟୁତ ନିଯୁକ୍ତି ଉପରେ କଳାବାଦଲ ଛାଇ ହୋଇ ରହିଛି। ଏସିଆର ୩୦ ନିୟୁତ ନିଯୁକ୍ତି କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଛି। ବିଶ୍ୱ ଜିଡିପକୁ ଟ୍ରାଭେଲ ଆଣ୍ଡ ଟୁରିଜିମ ଶିଳ୍ପର ଯୋଗଦାନ ୧୦.୪% ରହିଛି। କରୋନା ପରେ ସ୍ଥିତି ସୁଧୁରିଲେ ମଧ୍ୟ କେବେ କାରବାର ଟ୍ରାକ୍‌କୁ ଫେରିବ ସେ ନେଇ କହି ହେଉନାହିଁ।

କରେନା ପରେ ପୋଷାକ ଶିଳ୍ପରେ ଆଶଙ୍କା ଲାଗି ରହିଛି। ଚାଇନା କଥା ବିଚାରକୁ ନେଲେ ମହାମାରି ପୂର୍ବ ତୁଳନାରେ ବର୍ତ୍ତମାନ ଏହି ବର୍ଗରେ ଖର୍ଚ୍ଚ ୪୦ରୁ ୫୦% କମିଛି। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ବାଣିଜ୍ୟର କାରବାର କ୍ଷତିଗ୍ରସ୍ତ ହେଉଛି। ଲୋକମାନେ କିଣିବା କମ୍ କରିବା ଲୋକ ପୋଷାକ ବ୍ରାଣ୍ଡ ଗୁଡ଼ିକ ଉତ୍ପାଦନ କମାଉଛନ୍ତି। ସ୍ଥିତି କେବେ ଠିକ୍ ହେବ ସେ ନେଇ କିଛି କହିହେବ ନାହିଁ ବୋଲି ଜଣେ ବ୍ୟବସାୟୀ ମତବ୍ୟକ୍ତ କରିଛନ୍ତି। କୋଭିଡ-୧୯ ପ୍ରତି ଶିଳ୍ପକୁ କ୍ଷତିଗ୍ରସ୍ତ କରିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି କିଛି କମ୍ପାନୀ ସେମାନଙ୍କ କୌଶଳରେ ପରିବର୍ତ୍ତନ ଆଣିଛନ୍ତି। ଅନ୍ୟ କିଛି କମ୍ପାନୀ ଭଲ ସ୍ଥିତିକୁ ଅପେକ୍ଷା କରି ରହିଛନ୍ତି। ମହାମାରି ଯିବା ପରେ ବଜାର ସ୍ଥିତି କିଛି ଭିନ୍ନ ହେବ ବୋଲି ବିଶେଷଜ୍ଞ ମତବ୍ୟକ୍ତ କରିଛନ୍ତି।

### ଆଜିଠାରୁ ସକାଳୁଆ ...

ଶୁକ୍ରବାରଠାରୁ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏହି ନିୟମ ୬ଟି ଅଞ୍ଚଳ କଟକ, ଭୁବନେଶ୍ୱର, ପୁରୀ, ଛତ୍ରପୁର, ବ୍ରହ୍ମପୁର ଏବଂ କୋରାପୁଟ ପାଇଁ ଲାଗୁ ହେବନାହିଁ। ସକାଳୁ ବ୍ୟାଙ୍କ କାର୍ଯ୍ୟାରମ୍ଭ ହେବାପରେ ସେଠାରେ ଯେପରି ଲୋକମାନଙ୍କ ଗହଳି ନ ଜମିବ ସେଥିପ୍ରତି ଧ୍ୟାନ ଦିଆଯିବ। ଗ୍ରାହକମାନଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା ଉପରେ ଦୃଷ୍ଟି ଦିଆଯିବ। ଏପ୍ରିଲ ୧୦ ତାରିଖରୁ ଜୁନ୍ ୧୫ତାରିଖ ପର୍ଯ୍ୟନ୍ତ ଏହି ନିୟମ ଜାରି ରହିବ। ନିର୍ଦ୍ଦେଶନାମାରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ସକାଳ ୮ଟାରୁ ଯେପରି ଗ୍ରାହକମାନେ ସେବା ପାଇବେ ସେଥିପ୍ରତି ଦୃଷ୍ଟି ଦିଆଯିବ।

### ମହଙ୍ଗା ଭତ୍ତା ବୃଦ୍ଧି ୨୦୨୧...

ବର୍ଦ୍ଧିତ ଡିଏ ଏବଂ ଡିଆର୍ ବାବଦକୁ ୩୭,୫୩୦ କୋଟି ଟଙ୍କା ସଞ୍ଚୟ ହୋଇପାରିବ। ରାଜ୍ୟଗୁଡ଼ିକ ମଧ୍ୟ ଅନୁରୂପ ନିଷ୍ପତ୍ତି ନେବେ। ଫଳରେ ୮୨,୫୬୬ କୋଟି ଟଙ୍କା ସଞ୍ଚୟ ହେବ। ଏହିପରି ଉଭୟ କେନ୍ଦ୍ର ଓ ରାଜ୍ୟ ରାଜକୋଷରେ ମୋଟ ୧.୨୦ ଲକ୍ଷ କୋଟି ଟଙ୍କା ବଳକା ରହିପାରିବ, ଯାହା କୋଭିଡ୍-୧୯ ମୁକାବିଲାରେ ବିନିଯୋଗ ହେବ ବୋଲି ଏକ ସୂତ୍ରରୁ ଜଣାପଡିଛି।

### ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

**ପୁରୀ ଅଫିସ,୨୩।୪:** ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହେବ। ଲକ୍‌ଡାଉନ କଟକଣା ଯୋଗୁ ଏହି ବୈଠକ ଭିଡିଓ କନଫରେନ୍ସିଂ ମାଧ୍ୟମରେ କରାଯିବ। ପ୍ରତ୍ୟେକ ସଦସ୍ୟ ନିଜ ନିଜ ଘରେ ରହି ସେମାନଙ୍କର ମତ ରଖିବେ। ଏଥିପାଇଁ ପ୍ରତ୍ୟେକ ସଦସ୍ୟଙ୍କ ମୋବାଇଲ ଫୋନ୍‌ରେ ଜୁମ୍ ଆପ୍ ଇନ୍‌ଷ୍ଟଲ କରାଯାଇଛି। ବୈଠକରେ ଚନ୍ଦନ ଯାତ୍ରା ନୀତି ନିର୍ଘଣ୍ଟ ଏବଂ ଏହାର ସୁପରିଚାଳନା ନେଇ ମୁଖ୍ୟତଃ ଆଲୋଚନା କରାଯିବ। ସେହିପରି ରଥଯାତ୍ରା ସମ୍ପର୍କରେ ମଧ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଏଥିରେ ସଦସ୍ୟମାନଙ୍କ ମତାମତକୁ ଭିତ୍ତିକରି ରଥଯାତ୍ରା ଆୟୋଜନ ସମ୍ପର୍କରେ ସରକାର ନିଷ୍ପତ୍ତି ନେବେ ବୋଲି ସୂଚନା ମିଳିଛି।

# ଦୋଛକିରେ ଶିକ୍ଷାନୁଷ୍ଠାନର ଫି' ଆଦାୟ

## କର୍ମଚାରୀ, ଶିକ୍ଷାନୁଷ୍ଠାନ ଭିତ୍ତିଭୂମି ପାଇଁ ଫି' ଆଦାୟ ଜରୁରୀ: ଏଓପିଏସ୍‌ଏ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

କରୋନା ପାଇଁ ଏବେ ବନ୍ଦରହିଛି ରାଜ୍ୟର ସମସ୍ତ ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟ। କ୍ଲାସ୍ ହେଉନି କି ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ଯାଉନାହାନ୍ତି। ଆସନ୍ତା ଜୁନ୍ ୧୭ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏଭଳି ସ୍ଥିତି ଲାଗିରହିବ। ତେଣୁ ଛାତ୍ରୀଛାତ୍ରଙ୍କ ୩ମାସର ଫି' ହ୍ରାସ କିମ୍ବା ଫି' ଆଦାୟ ସମୟ ଘୁଞ୍ଚାଇବା ଲାଗି ଗତ ୧୦ତାରିଖରେ ମୁଖ୍ୟମନ୍ତ୍ରୀ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିବେଦନ କରିଥିଲେ। ଲକ୍‌ଡାଉନ୍ ଯୋଗୁ ଅଭିଭାବକଙ୍କ ଉପରେ ଆର୍ଥିକ ଚାପ ପଡୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସବୁ ଘରୋଇ ଶିକ୍ଷାନୁଷ୍ଠାନ ସହାନୁଭୂତି ଦେଖାଇବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି କୁହାଯାଇଥିଲା। ଏହି ସମୟରେ ଅଭିଭାବକଙ୍କ ରୋଜଗାର ଗଭୀରଭାବେ ପ୍ରଭାବିତ ହୋଇଥିବାରୁ ଏପ୍ରିଲ୍‌ରୁ ଜୁନ୍ ପର୍ଯ୍ୟନ୍ତ ଫି' କମାଇବା କିମ୍ବା ପଇଠ ତାରିଖକୁ ଘୁଞ୍ଚାଇ ଦେବାକୁ କୁହାଯାଇଥିଲା। ତେବେ ଇତିମଧ୍ୟରେ କିଛି ଶିକ୍ଷାନୁଷ୍ଠାନ ଫି' ବିଳମ୍ବରେ ନେବେ ବୋଲି ଘୋଷଣା କରିଥିବା ବେଳେ ଆଉକିଛି ସଙ୍ଗେସଙ୍ଗେ ଦେବା ଲାଗି ଅଭିଭାବକଙ୍କୁ କହିଛନ୍ତି। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରର ଘରୋଇ ସ୍କୁଲ୍, କଲେଜ କର୍ତ୍ତୃପକ୍ଷ ଏଭଳି ବିଜ୍ଞପ୍ତି ପ୍ରକାଶ କରିଥିବାରୁ କିଛି ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶକୁ ସ୍କୁଲ୍ କର୍ତ୍ତୃପକ୍ଷ ମାନୁ ନଥିବା ଅଭିଭାବକ ସଂଘ ଅଭିଯୋଗ ଆଣିଥିବାବେଳେ ଘରୋଇ ସ୍କୁଲ୍ ଓ କଲେଜ କର୍ତ୍ତୃପକ୍ଷ ମଧ୍ୟ ନିଜର ଯୁକ୍ତି ରଖିଛନ୍ତି।

ଗୋଟିଏପଟେ କୌଣସି କର୍ମଚାରୀଙ୍କ ଦରମା ନ କାଟିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏପରିକି କରୋନା ସଙ୍କଟ ସମୟରେ ଜଣେ ବି କର୍ମଚାରୀଙ୍କୁ ଛଟେଇ କରିପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଭଳିସ୍ଥିତିରେ ସ୍କୁଲ୍ କର୍ତ୍ତୃପକ୍ଷ ଏବେ ଦୋଛକିରେ ପଡ଼ିଛନ୍ତି। ଯଦି ପିଲାଙ୍କଠାରୁ ଫି' ଆଦାୟ କରିବେ ନାହିଁ ତେବେ କର୍ମଚାରୀଙ୍କୁ ଦରମା କେମିତି ଦେବେ। ବିଦ୍ୟୁତ୍ ବିଲ୍ କେମିତି ଭରଣା କରିବେ। ଶିକ୍ଷାନୁଷ୍ଠାନ ଭିତ୍ତିଭୂମିକୁ କିଭଳି ଆଗକୁ ନେବେ ସେନେଇ ପ୍ରଶ୍ନ ଉଠାଇଛନ୍ତି। ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ୍ ଆସୋସିଏଶନ (ଏଓପିଏସ୍‌ଏ) ଏପ୍ରିଲ୍, ମେ' ଓ ଜୁନ୍ ମାସ ଫି' ପଇଠ ଅବଧିକୁ କୋହଳ କରିଥିବାବେଳେ ସ୍କୁଲ୍ ଖୋଲିବା ପରେ ଜୁନ୍ ମାସ ଶେଷସୁଦ୍ଧା ପଇଠ କରିବାକୁ ବିକଳ୍ପ ପ୍ରଦାନ କରିଛି। ହେଲେ ଫି' ସମ୍ପୂର୍ଣ୍ଣ ଛାଡ଼ କରିବା ସମ୍ଭବ ନୁହେଁ ବୋଲି କହିଛି। ରାଜ୍ୟର ପ୍ରାୟ ୯ହଜାର ଘରୋଇ ସ୍କୁଲ୍‌ରେ ୫ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ କାମ କରୁଛନ୍ତି। ଏହାସହ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ଲକ୍ଷାଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ କର୍ମନିଯୁକ୍ତି ରହିଛି। କରୋନା ଲାଗି ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ମଧ ସମସ୍ତ କର୍ମଚାରୀଙ୍କୁ ଯଥାସମ୍ଭବ ମାସିକ ବେତନ ଦିଆଯାଉଛି। ଏହାସହ ବିଦ୍ୟାଳୟ ଘରଭଡ଼ା ଓ ଅନ୍ୟାନ୍ୟ ଆନୁସଙ୍ଗିକ ଦେୟର ବୋଝ ମଧ ରହିଛି। ୩ମାସର ଫି' ଆଦାୟ ନ ହୋଇପାରିଲେ ବହୁ ଶିକ୍ଷକ ଏବଂ କର୍ମଚାରୀ ନିଯୁକ୍ତି ହରାଇବାର ସମସ୍ୟା ଉପୁଜିପାରେ ବୋଲି ଆସୋସିଏଶନ୍ କହିଛି।

### କୁଆଡ଼େ ଗଲା ଜରୁରିକାଳୀନ ପାଣ୍ଠି: ଅଭିଭାବକ ମହାସଂଘ

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଏନେଇ କୁହାଯାଇଛି, କେତେକ ଘରୋଇ ସ୍କୁଲ୍ ମାଲିକ ଅଭିଭାବକଙ୍କୁ ଶୋଷଣ କରୁଛନ୍ତି। ମିଥ୍ୟା ତଥ୍ୟ ଦେଇ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ସ୍କୁଲ୍ ଜରୁରୀକାଳୀନ ପାଣ୍ଠି ରଖିବେ ଏବଂ ବିପର୍ଯ୍ୟୟ ସମୟରେ ଶିକ୍ଷକ ଓ କର୍ମଚାରୀଙ୍କ ଦରମା ଓ ଆନୁସଙ୍ଗିକ ଖର୍ଚ୍ଚ ତୁଲାଇବେ। ଏନେଇ ଏନ୍‌ସିପିସିଆର୍, ସିବିଏସ୍‌ଇ ଏବଂ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି। ଉକ୍ତ ଜରୁରୀକାଳୀନ ପାଣ୍ଠିର କିଭଳି ଓ କେଉଁ ସମୟରେ ବିନିଯୋଗ କରାଯାଉଛି ସେନେଇ ହିସାବ ଦେବାକୁ ମହାସଂଘ ଘରୋଇ ସ୍କୁଲ୍ ଆସୋସିଏଶନ୍‌କୁ ଚ୍ୟାଲେଞ୍ଜ କରିଛି। ଫି' ଛାଡ଼ ନେଇ ମୁଖ୍ୟମନ୍ତ୍ରୀ କେବଳ ନିବେଦନ କରିଥିଲେ ମଧ ଲକ୍‌ଡାଉନ୍ ସମୟରେ ସ୍କୁଲଗୁଡ଼ିକ ଫି' ନାମରେ କୌଣସି ଛାତ୍ରୀଛାତ୍ର କିମ୍ବା ଅଭିଭାବକଙ୍କୁ ଉପେକ୍ଷା କିମ୍ବା ନିର୍ଯାତନା ଦେଇପାରିବେ ନାହିଁ ବୋଲି ଏନ୍‌ସିପିସିଆର୍ ସ୍ପଷ୍ଟ କରିଥିବା ଓଡ଼ିଶା ଅଭିଭାବକ ମହାସଂଘର ସହ ଅଧ୍ୟକ୍ଷ ପ୍ରଶନ୍ନ ବିଶୋଇ କହିଛନ୍ତି।

## ସଂକ୍ଷେପରେ

### ୮୩ ନଂ. ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି

**ଭୁବନେଶ୍ୱର, ୨୩।୪(ବ୍ୟୁରୋ):** ରାଜ୍ୟର ୮୩ ନଂ. ଆକ୍ରାନ୍ତ ତଥା ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରୁ ଚିହ୍ନଟ ୩୮ ବର୍ଷୀୟ ଯୁବକଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି କରିଛି ସୂଚନା ଓ ଲୋକ ସମ୍ପର୍କ ବିଭାଗ। ତାଙ୍କ ଘର ଦଶରଥପୁର ବ୍ଲକ୍‌ସ୍ଥିତ ଅକରପଡ଼ା ଅଞ୍ଚଳରେ। ସେ କଲିକତା ଗଙ୍ଗାଘାଟରୁ ମାର୍ଚ୍ଚ ୩୦ରେ ଅନ୍ୟମାନଙ୍କ ସହ ଏକ ଗାଡ଼ିରେ ଗାଁ ଅଭିମୁଖେ ବାହାରିଥିଲେ। ଉକ୍ତ ଗାଡ଼ିରେ ମୋଟ ୧୧ଜଣ ଆସିଥିବାବେଳେ ୩ଜଣ ଭଦ୍ରକରେ ଓ ୮୩ ନଂ ଆକ୍ରାନ୍ତଙ୍କୁ ମିଶାଇ ୮ଜଣ ଯାଜପୁରର କ୍ଲାନଲକୁଲାରେ ଓହ୍ଲାଇଥିଲେ। ସେହି ଦିନ ପୋଲିସ ତାଙ୍କୁ ଅଟକାଇବା ସହ ପ୍ରଥମେ ଜିଲା ଚିକିତ୍ସାଳୟ ପଠାଇଥିଲା। ପରେ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଡାକ୍ତରଖାନାରୁ ଚାଲିଚାଲି ଘରେ ପହଞ୍ଚିବା ପରେ ୧୪ ଏପ୍ରିଲ ଯାଏ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିଥିଲେ। ପରେ ୧୫ରୁ ୨୧ ଏପ୍ରିଲ ଯାଏ ସେ ବାଇକ୍‌ରେ ଗାଁରେ ବୁଲାବୁଲି କରିବା ସହ ଗାଁରେ ଚାଲିଥିବା କେତେକ କାର୍ଯ୍ୟ କରିଥିଲେ। ୨୦ ତାରିଖରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଇନ୍ଦାସ୍ ଶାଖାକୁ ଯାଇଥିଲେ। ବାହାର ରାଜ୍ୟରୁ ଫେରିଥିବାରୁ ୨୨ ତାରିଖରେ ତାଙ୍କ ନମୁନା ସଂଗ୍ରହ କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବାରୁ ସେହିଦିନ ତାଙ୍କୁ ଯାଜପୁରର କଳିଙ୍ଗନଗର ସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

### ଅର୍ଣ୍ଣବଙ୍କ ବିରୋଧରେ ଅଭିଯୋଗ

**କଟକ ଅଫିସ୍,୨୩।୪:** ରିପବ୍ଲିକ ଭାରତ ନ୍ୟୁଜ୍ ଚ୍ୟାନେଲର ମୁଖ୍ୟ ତଥା ଖବରଦାତା ଅର୍ଣ୍ଣବ ଗୋସ୍ୱାମୀ ଏକ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ କଂଗ୍ରେସ କମିଟି ଅଧକ୍ଷା ସୋନିଆ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ଶିଷ୍ଟାଚାର ବିହୀନ ଆକ୍ଷେପ, ମିଥ୍ୟା, କପୋଳକଳ୍ପିତ ଆରୋପ ଲଗାଇଥିବା ନେଇ ଅଭିଯୋଗ ହୋଇଛି। ଗୁରୁବାର ମଧାହ୍ନରେ କଟକ ନଗର (ଜିଲା) କଂଗ୍ରେସ କମିଟିର ସଭାପତି ତଥା ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କୁ ସାକ୍ଷାତ କରି ଅର୍ନବଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଗିରଫ କରିବାକୁ ଦାବି କରିଛନ୍ତି। ଏଥିସହ ଉକ୍ତ ନିୟୁଜ ଚ୍ୟାନେଲ୍‌ର କାର୍ଯ୍ୟକ୍ରମରେ ରୋକ ଲଗାଇବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଲାଲବାଗ ଥାନାରେ ମଧ କଂଗ୍ରେସ ଦଳ ପକ୍ଷରୁ ବିଧାୟକ ମୋକିମ ଅର୍ଣ୍ଣବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏତଲା ଦେଇଛନ୍ତି। ଅର୍ନବ ଦଳର ଭାବମୂର୍ତ୍ତି ନଷ୍ଟ କରିବା ସହ ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷକୁ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟମାନଙ୍କ ମଧରେ ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ଗିରିବାଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପିପିଇ ସହ ସୁରକ୍ଷା ଉପକରଣ ଯୋଗାଇବାକୁ ଦାବି

#### ସ୍ୱାସ୍ଥ୍ୟ ବିଭାଗକୁ ଘରୋଇ ମେଡିକାଲ ଆସୋସିଏଶନର ଚିଠି

**ଭୁବନେଶ୍ୱର, ୨୩।୪(ବ୍ୟୁରୋ):** କରୋନା ମୁକାବିଲାର ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରଙ୍କୁ ସହଯୋଗର ହାତ ବଢ଼ାଇଛି ରାଜ୍ୟର ସମସ୍ତ କ୍ଲିନିକାଲ୍ ଏଷ୍ଟାବ୍ଲିଶମେଣ୍ଟ ତଥା ଘରୋଇ ହସ୍ପିଟାଲ୍। ଏହି ଅବସରରେ ଅଲ୍ ଓଡ଼ିଶା ପ୍ରାଇଭେଟ୍ ମେଡିକାଲ୍ ଏଷ୍ଟାବ୍ଲିଶମେଣ୍ଟସ ଫୋରମ୍ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ କେତେକ ଦାବି ଉପସ୍ଥାପନ କରାଯାଇଛି। ଫୋରମ ସଭାପତି ଅଜୟ ମିଶ୍ର କହିଛନ୍ତି, ରାଜ୍ୟର କେତେକ ଘରୋଇ ହସ୍ପିଟାଲ୍ କରୋନା ପଜିଟିଭ୍ ରୋଗୀ ଓ ସନ୍ଦିଗ୍ଧଙ୍କୁ ଚିକିତ୍ସା କରୁଛନ୍ତି। ଏଭଳିସ୍ଥଳେ ସେମାନଙ୍କ ଲାଗି ଆବଶ୍ୟକ ସଂଖ୍ୟକ ପିପିଇ, ଏନ-୯୫ ମାସ୍କ, ପ୍ରୋଟେକ୍ଟିଭ ଗଗଲ୍ସ, ସାନିଟାଇଜେଶନ ମ୍ୟାଟେରିଆଲ୍ ଯୋଗାଇ ଦିଆଯାଉ। ପ୍ରତ୍ୟେକ ରୋଗୀଙ୍କୁ ଚିକିତ୍ସା ଓ ପରୀକ୍ଷାବେଳେ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ଏହା ଆବଶ୍ୟକ ଥିବାରୁ ତୁରନ୍ତ ଏଗୁଡ଼ିକ ସରକାର ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ସେହିଭଳି କରୋନା ଲାଗି ସମ୍ପ୍ରତି ହସ୍ପିଟାଲଗୁଡ଼ିକୁ ଲୋକେ ପ୍ରାୟ ଆସୁ ନ ଥିବାରୁ ମେଡିକାଲ୍ କର୍ମୀମାନଙ୍କୁ ଦରମା ଦେବାରେ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ସ୍ଥିତି ସୁଧୁରିବା ପର୍ଯ୍ୟନ୍ତ ବୈଧାନିକ ଦେୟ, ଉପଭୋକ୍ତା ଦେୟ ତଥା କର ଛାଡ଼ କରନ୍ତୁ ବୋଲି ଉପସଭାପତି ଡାକ୍ତର ସୁବ୍ରତ ଜେନା କହିଛନ୍ତି। ବିଶେଷକରି ଏବେ ସ୍ଥିତି ଗମ୍ଭୀର ଥିବାରୁ ପୂର୍ବରୁ ବାକି ଥିବା ଟିପିଏ, କର୍ପୋରେଟ୍ସ, ଇଏସ୍‌ଆଇସି, ସିଜିଏଚ୍‌ଏସ୍, ଏନ୍‌ଏଚ୍‌ଏମ ସୂତ୍ରରୁ ଥିବା ବାକିଆ ପାଉଣା କ୍ଲିନିକାଲ୍ ଏଷ୍ଟାବ୍ଲିଶମେଣ୍ଟମାନଙ୍କୁ ତୁରନ୍ତ ଦିଆଯାଉ ବୋଲି ଫୋରମର ସମ୍ପାଦକ ଡାକ୍ତର ଇନ୍ଦ୍ରମଣି ଜେନା କହିଛନ୍ତି।

### ଆସୁଛି ଚନ୍ଦନ ଯାତ୍ରା: ଚାପ କାମ ଆରମ୍ଭ



**ପୁରୀ ଅଫିସ,୨୩।୪**

ଆସନ୍ତା ୨୬ ତାରିଖରେ ଚନ୍ଦନ ଯାତ୍ରା। ବାହାର ଚନ୍ଦନ ଯାତ୍ରାରେ ମହାପ୍ରଭୁ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବଙ୍କ ସହ ମିଶି ୨୧ ଦିନ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା ଖେଳିବେ। ଏଥିପାଇଁ ଗୁରୁବାରଠାରୁ ଚାପ କାମ ଆରମ୍ଭ ହୋଇଛି। ତିନି ରଥର ମହାରଣା, ଭୋଇସେବକମାନେ ଏହି କାମରେ ଲାଗିଛନ୍ତି। ପ୍ରଥମ ଦିନରେ ୨ଟି ଲେଖାଏ ଡଙ୍ଗାକୁ ଯୋଡ଼ି ୨ଟି ଚାପ (ନନ୍ଦା ଓ ଭଦ୍ରା) ପ୍ରସ୍ତୁତ କରାଯାଇଛି। ଏହି ୨ ଚାପ ଉପରେ କାଠପଟା ବାଡ଼ିଆ ସରି ଅନ୍ୟାନ୍ୟ କାମ ଚାଲିଛି। ପରମ୍ପରା ମୁତାବକ, ଚୈତ୍ର ପୂର୍ଣ୍ଣିମାରେ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ରଖାଯାଇଥିବା ୫ ଡଙ୍ଗାକୁ ଶ୍ରୀମନ୍ଦିର ଭୋଇସେବକମାନେ ଉପରକୁ କାଢିଥିଲେ। ଡଙ୍ଗାଗୁଡ଼ିକୁ ପୁଷ୍କରିଣୀ କଡ଼ରେ ରଖାଯାଇଥିଲା। ଶୁଖିବା ପରେ ସେଥିରେ ରଙ୍ଗ ଦିଆଯାଇଥିଲା। ସୂଚନାଯୋଗ୍ୟ, ନନ୍ଦା ଚାପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଭଦ୍ରା ଚାପରେ ରାମକୃଷ୍ଣ ଓ ପଞ୍ଚ ମହାଦେବ ବିଜେ କରି ଚାପ ଖେଳିଥାନ୍ତି। ବୈଜୟନ୍ତୀ ଡଙ୍ଗାରେ ତେଲିଙ୍ଗି ବାଜା ବଜାଯାଏ।

### 'ମୋ ପ୍ରତିଭା' ପାଇଁ ୯ ହଜାର ଆବେଦନ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

#### ତୃତୀୟ ସପ୍ତାହରେ ପୁରସ୍କାର ଘୋଷଣା

ଲକ୍‌ଡାଉନ୍ ସମୟରେ ୫ରୁ ୧୮ ବର୍ଷର ଛାତ୍ରୀଛାତ୍ରଙ୍କୁ ସୃଜନଶୀଳ କାର୍ଯ୍ୟରେ ନିୟୋଜିତ ରଖିବା ନିମନ୍ତେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ 'ମୋ ପ୍ରତିଭା' କାର୍ଯ୍ୟକ୍ରମର ତୃତୀୟ ସପ୍ତାହ (୧୬ରୁ ୨୨ ତାରିଖ)ରେ ରାଜ୍ୟରୁ ୮ଶହ ଆବେଦନ ପତ୍ର ଆସିଛି। ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୯ ହଜାର ଆବେଦନପତ୍ର ଆସିଥିବାବେଳେ ଏଥିମଧ୍ୟରେ ୬୧୪୮ଟି ଚିତ୍ରକଳା ପାଇଁ, ୭୬୧ଟି କ୍ଷୁଦ୍ର ଗଳ୍ପ ପାଇଁ, ୧୭୦୪ଟି କବିତା ଏବଂ ୮୯ଟି ପ୍ରବନ୍ଧ ପାଇଁ ଆସିଛି। ସେହିଭଳି ପୂର୍ବଭଳି ଗୁରୁବାର ସାପ୍ତାହିକ ପୁରସ୍କାର ଘୋଷଣା କରାଯାଇଛି। ଚିତ୍ରାଙ୍କନ ପ୍ରତିଯୋଗିତାରେ ୫ ରୁ ୧୦ ବର୍ଷ ବର୍ଗରେ ଭୁବନେଶ୍ୱରର ଦିବ୍ୟାଙ୍କିତା ଦାସ, କେନ୍ଦ୍ରାପଡ଼ାର କିର୍ତ୍ତୀସାନା ଦାସ ଏବଂ ଭୁବନେଶ୍ୱରର ସୁରଜ ରଥ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୧ରୁ ୧୫ ବର୍ଷ ବର୍ଗରେ କଟକର ଅଶ୍ୱିନୀ ଆଚାର୍ଯ୍ୟ ପ୍ରଥମ, ଅନୁଗୋଳର ତୁଳସୀ ତନ୍ମୟା ପଟ୍ଟନାୟକ ଦ୍ୱିତୀୟ, ଭୁବନେଶ୍ୱରର ସ୍ମୃତିକାନ୍ତ ଷଡଙ୍ଗୀ ଓ ପୁରୀର ଅମରଜିତ୍ ପାଇକରାଏ (ଯୁଗ୍ମ ବିଜେତା) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୬ ରୁ ୧୮ ବର୍ଷ ବର୍ଗରେ କଟକର ବୈଭବ ମୋହନ ଦାସ, ଖୋର୍ଦ୍ଧାର ମାହେକ ଅଗ୍ରୱାଲ, ଏବଂ ଅନୁଗୋଳର ସମ୍ବୁଲ ଫାତେମା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।




ଅଗ୍ନିଶମ କର୍ମଚାରୀମାନେ ଗୁରୁବାର କଟକ ରେଳ ଷ୍ଟେଶନକୁ ବିଶୋଧନ କରୁଛନ୍ତି।

### ବଳାତ୍କାର ପୀଡ଼ିତାଙ୍କ ପରିଚୟ ପ୍ରକାଶ କଲା ପୋଲିସ

#### କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର,୨୩।୪ (ବ୍ୟୁରୋ)**

ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ପୋଲିସ ଆଇନକୁ ଅପବ୍ୟବହାର କରିଛି। ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପୋର୍ଟାଲ ସିସିଟିଏନ୍‌ଏସ୍‌ରେ ନାବାଳିକାର ପରିଚୟ ଓ ଅଭିଯୋଗ କପିକୁ ଅପ୍‌ଲୋଡ୍ କରିଛି। ଏହାକୁ ନେଇ ଏବେ ବିବାଦ ଉପୁଜିଛି। ପୋଲିସର ଏଭଳି ଖାମଖିଆଲ କର୍ଯ୍ୟ ପାଇଁ ନାବାଳିକାଙ୍କ ପରିବାର ଲଜ୍ଜାରେ ଘରୁ ବାହାରି ପାରୁନାହାନ୍ତି। ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପୋଲିସର ଏଭଳି କାର୍ଯ୍ୟ ୨୦୧୫ ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ଧାରା ୩ ଏବଂ ଉପଧାରା ୧୧ ଓ ପରିଛେଦ -୨ର ଉଲ୍ଲଂଘନ କରୁଛି। ତେଣୁ ପୀଡ଼ିତାଙ୍କ ପରିବାରକୁ ୩ ସପ୍ତାହ ମଧ୍ୟରେ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିମାଂଶୁ ପିଟିଶନରେ ନିବେଦନ କରିଛନ୍ତି।

ହିମାଂଶୁ କହିଛନ୍ତି ଯେ,୧୯ ଏପ୍ରିଲ ଅପରାହ୍ନ ୧.୪୦ରେ ଚୌଦ୍ୱାର ଥାନାରେ ପୋକ୍‌ସୋ ଆକ୍ଟ ଅନୁଯାୟୀ କେସ ନଂ-୧୬୭/୨୦ରେ ଏକ ବଳାତ୍କାର ମାମଲା ରୁଜୁ କରାଯାଇଥିଲା, ଯାହାକୁ ପୋଲିସ୍ ଅପଲୋଡ୍ କରିଥିଲା।

### ମହାପ୍ରଭୁଙ୍କ ପାଟବସ୍ତ୍ର ଲାଗି ପହଞ୍ଚିଲା ସୂତା

**ଖୋର୍ଦ୍ଧା ଅଫିସ,୨୩।୪**



#### ଧରିତ୍ରୀ ପ୍ରଭାବ

#### ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ ହେବ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏବଂ ବର୍ଷସାରା ବିଭିନ୍ନ ପର୍ବପର୍ବାଣି ଲାଗି ସୂତା ଓ ପାଟବସ୍ତ୍ର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡା ଗ୍ରାମର ମଧୁସୂଦନ ୱେଲ୍ଡିଂ ଫ୍ୟାକ୍ଟ୍ରି ଯୋଗାଇଥାଏ। ଚଳିତବର୍ଷ ମଧ ଏହି ପାଟବସ୍ତ୍ର ଯୋଗାଇବା ଲାଗି ଅର୍ଡର ପାଇଥିଲେ। ଲକ୍‌ଡାଉନ ଯୋଗୁ କଞ୍ଚାମାଲ( ସୂତା) ସଂଗ୍ରହରେ ବିଳମ୍ବ ଯୋଗୁ ନିର୍ଦ୍ଧାରିତ ସମୟରେ ପାଟବସ୍ତ୍ର ଯୋଗାଣ ନେଇ ଅନିଶ୍ଚିତତା ପ୍ରକାଶ କରିଥିଲେ ବୁଣାକାର ଗୋପୀନାଥ ଦାସ। ଏ ନେଇ ଏପ୍ରିଲ ୧୯ ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଗୁରୁବାର ରାଜ୍ୟ ବୟନ ଓ ହସ୍ତତନ୍ତ ବିଭାଗ ପକ୍ଷରୁ ଗୁରୁବାର କଟନ ସୂତା ଯୋଗାଇ ଦିଆଯାଇଥିବା ବୁଣାକାର ଗୋପୀନାଥ କହିଛନ୍ତି। କଞ୍ଚାମାଲ ପହଞ୍ଚିବା ପରେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି ବୁଣାକାର। ଯୁଦ୍ଧକାଳୀନ ଭିତ୍ତିରେ ସୂତା ଓ ପାଟବସ୍ତ୍ର ପ୍ରସ୍ତୁତ କରି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚାଇବା ବ୍ୟବସ୍ଥା କରାଯିବ। ଗୋପୀନାଥ କୁହନ୍ତି, ସୂତା ଲୁଗା ପ୍ରସ୍ତୁତ ଲାଗି ଖୋର୍ଦ୍ଧାରୁ କଞ୍ଚାମାଲ ଅଣାଯାଉଥିବା ବେଳେ ପାଟବସ୍ତ୍ର ଲାଗି କଞ୍ଚାମାଲ ପଶ୍ଚିମବଙ୍ଗ ମାଲଦା ଅଞ୍ଚଳରୁ ସଂଗ୍ରହ କରାଯାଇଥାଏ। ଲକ୍‌ଡାଉନ ଯୋଗୁ ଏହା ଆସିବାରେ ବିଳମ୍ବ ଘଟିଥିଲା।

# ବାହାର ଫେରନ୍ତାଙ୍କ ପାଇଁ ଆଜିଠୁ ପଞ୍ଜୀକରଣ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

- ଜାରି ହେଲା ସ୍ୱତନ୍ତ୍ର ଫର୍ମ, ତଦାରଖ କରିବ ୫ଜଣିଆ କମିଟି
- ଫେରିବା ପୂର୍ବରୁ ନମୁନା ପରୀକ୍ଷା ପାଇଁ କେନ୍ଦ୍ରକୁ ପ୍ରସ୍ତାବ
- ପଞ୍ଜୀକରଣ ପାଇଁ ଅନ୍‌ଲାଇନ୍, ଅଫ୍‌ଲାଇନ୍ ବ୍ୟବସ୍ଥା

ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ମେ ୩ ପର୍ଯ୍ୟନ୍ତ ଜାରି ରହିଛି। ଲକ୍‌ଡାଉନ୍ ହଟିବା ପରେ ନିଜ ରାଜ୍ୟକୁ ଫେରିବେ ପ୍ରବାସୀ ଓଡ଼ିଆ। ଏନେଇ ଶୁକ୍ରବାରଠାରୁ ପଞ୍ଜୀକରଣ ଆରମ୍ଭ ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଫର୍ମ ଜାରି କରାଯାଇଛି। ଓଡ଼ିଶା ଫେରିଲେ ସେମାନଙ୍କ ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପଞ୍ଚାୟତ ସ୍ତରରେ କ୍ୱାରାଣ୍ଟାଇନ୍ ସେଣ୍ଟରର ପ୍ରସ୍ତୁତି କାର୍ଯ୍ୟ ମଧ ଏବେ ଜୋର୍‌ସୋରରେ ଚାଲିଛି। ଏସବୁ କାର୍ଯ୍ୟର ତଦାରଖ ପାଇଁ ସରପଞ୍ଚଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଗଠନ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ମଝିରେ ମାତ୍ର ୧୦ ଦିନ ବାକି ରହିଛି। ଲକ୍‌ଡାଉନ୍‌ରେ ବିଭିନ୍ନ ରାଜ୍ୟରେ ଫସିଥିବା ପ୍ରାୟ ୫ଲକ୍ଷ ଓଡ଼ିଆ ଫେରିବେ। ଏଠାରେ ପହଞ୍ଚିବା ପରେ ସିଧାସଳଖ ନିଜ ପଞ୍ଚାୟତରେ ପ୍ରସ୍ତୁତ ହୋଇ ରହିଥିବା କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଯିବେ। ସେଠାରେ ସେମାନେ ୧୪ଦିନ ସଙ୍ଗରୋଧ ଭାବେ ରହିବେ। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବ। କରୋନା ଲକ୍ଷଣ ଦେଖାଦେଲେ ଟେଷ୍ଟିଂ ପାଇଁ ନମୁନା ପଠାଯିବ। ରିପୋର୍ଟ ପଜିଟିଭ୍ ଆସିଲେ ସେମାନଙ୍କୁ କୋଭିଡ୍ ମେଡିକାଲକୁ ସ୍ଥାନାନ୍ତର କରାଯିବ।

ତେବେ ଫେରିବା ପୂର୍ବରୁ ନାମ ପଞ୍ଜୀକରଣ କରିବେ। ଏଥିପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫଲାଇନ୍‌ର ବ୍ୟବସ୍ଥା କରାଯାଇଛି। ନିଜେ କିମ୍ବା ଅନ୍ୟକେହି ଆବଶ୍ୟକ ତଥ୍ୟ ଦେଇ ପଞ୍ଜୀକରଣ କରିପାରିବେ। ଉକ୍ତ ଫର୍ମରେ ଓଡ଼ିଶା ଫେରନ୍ତାଙ୍କ ନାଁ, ଗାଁ ଓ ଠିକଣା ସହ ସମ୍ପୂର୍ଣ୍ଣ ଯାତ୍ରା ବିବରଣୀ ଉଲ୍ଲେଖ କରିବାକୁ କୁହାଯାଇଛି। ଏହାସହ ସେ ଦାଦନ ଶ୍ରମିକ, ଛାତ୍ର, ପର୍ଯ୍ୟଟକ ନା ଅନ୍ୟ କେଉଁ ଶ୍ରେଣୀର ସେ କଥା ବି ଉଲ୍ଲେଖ କରିବେ। ପଞ୍ଜୀକରଣ ପରେ ଜିଲା ନୋଡାଲ ଅଧିକାରୀ ଅନଲାଇନ୍ ପୋର୍ଟାଲରେ ସବିଶେଷ ତଥ୍ୟ ଅପଲୋଡ୍ କରିବେ। ଏନେଇ ଗୁରୁବାର ରାଜ୍ୟ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକରେ ସବିଶେଷ ଆଲୋଚନା ହୋଇଛି। ପଞ୍ଜୀକରଣ ତଦାରଖ ପାଇଁ ସରପଞ୍ଚଙ୍କ ନେତୃତ୍ୱରେ ଏକ ୫ଜଣିଆ କମିଟି ରହିବ। ଏହି କମିଟିରେ ସରପଞ୍ଚଙ୍କ ସହ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ୨ଜଣ ଶିକ୍ଷକ ରହିବେ ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି। ସେପଟେ ଓଡ଼ିଶା ଫେରିବା ପୂର୍ବରୁ ସମସ୍ତଙ୍କର ଆଗୁଆ କୋଭିଡ୍ ଟେଷ୍ଟ ବ୍ୟବସ୍ଥା କରିବାକୁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି।

### ହାତରେ ଲାଗିବ କ୍ୱାରାଣ୍ଟାଇନ୍ ଷ୍ଟାମ୍ପ

ପଞ୍ଜୀକୃତ ହୋଇଥିବା ବାହାର ଫେରନ୍ତାଙ୍କୁ ସିଧା ପୌର ସଂସ୍ଥା କିମ୍ବା ପଞ୍ଚାୟତ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ତେବେ ଏହା ପୂର୍ବରୁ ସେମାନଙ୍କ ହାତରେ କ୍ୱାରାଣ୍ଟାଇନ୍ ଆରମ୍ଭ ତାରିଖକୁ ଏକ ଷ୍ଟାମ୍ପ ଜରିଆରେ ଲଗାଯିବ। ଏହା ସହଜରେ ଲିଭବ ନାହିଁ, ୨୦ଦିନରୁ ଊର୍ଦ୍ଧ୍ୱ ରହିବ। କ୍ୱାରାଣ୍ଟାଇନ୍‌ରୁ ବାହାରକୁ ଗଲେ ସହଜରେ ଧରାପଡ଼ିଯିବେ। ଏଥିସହ ଅନ୍ୟମାନଙ୍କ ଅବଗତି ନିମନ୍ତେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ସମ୍ମୁଖରେ ମଧ ଏକ ନିର୍ଦ୍ଦିଷ୍ଟ ଷ୍ଟିକର ଲଗାଯିବ। ଏନେଇ ଗୁରୁବାର ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ଗୁରୁବାର ଉଭୟ ପଞ୍ଚାୟତିରାଜ ବିଭାଗ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କୁ ଚିଠି ଲେଖିଛନ୍ତି।

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
A GOVT. OF ODISHA UNDERTAKING
OPTCL Lifeline of Odisha
O/o General Manager, EHT (O&M) Circle, Berhampur PO: Engineering School, Dist: Ganjam-760010, CIN:U40102OR2004GC007553
NOTICE INVITING TENDER
Advt. No. 01/2020-21
Sealed tenders are invited from VEHICLE OWNERS/TRAVEL AGENCIES for Engagement of One No. hired Non-A/C Bolero (9 Seater/7 seater) or equivalent required for the field & office works of SDO, E&MR Sub-Division, Berhampur on monthly basis with daily hiring rate along with copies of required documents of the Vehicle, GST registration no. & copy of valid PAN of the owner. The said vehicles should not be more than 3 years old from the date of initial Registration. Commencement of Sale of Tender Paper:- From Date 24.04.2020 to 26.05.2020 upto 5.00 PM. (GST Registration No. is to be produced at the time of purchase of Tender Specification). Last Date of Submission of Tender Paper:- Dated 27.05.2020 upto 02.00 PM. Date of opening of Tender Paper:- Dated 27.05.2020 at 3.00 PM. Cost of Tender Paper:- Rs. 4,000 + GST @ 12%= Rs. 4,480/- For details please visit our website www.optcl.co.in
Corrigendum if any will be published in the website only. General Manager (Elect.)

OPTCL Lifeline of Odisha
ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିଃ
ଉପ-ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ
ଅତ୍ୟୁଚ୍ଚ ଶକ୍ତି (ନିର୍ମାଣ) ବିଭାଜନ, କଟକ
ଘୋଷଣା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡର ଯୋଜନା ଅନୁଯାୟୀ ୧୩୨/୩୩ କେଭି ମାର୍ଶାଘାଇ ଗ୍ରୀଡ଼ ସବ୍-ଷ୍ଟେସନଠାରୁ କେନ୍ଦ୍ରାପଡ଼ା ଟ୍ରାକ୍ସନ ସବ୍-ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଲାଇନ୍‌ର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । ଉକ୍ତ ଲାଇନ୍ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ତହସିଲ ଅଧୀନ ମାର୍ଶାଘାଇ ରାଜସ୍ୱ ମଣ୍ଡଳର ତୁଳସୀପୁର, କୁଣ, ପୁରସ୍ତମପୁର, ଦରବଛା, ମଣିକୁଣ୍ଡା ଓ ବାଟିଆ ରାଜସ୍ୱ ଗ୍ରାମ, ଦୃମୁକା ରାଜସ୍ୱ ମଣ୍ଡଳର ଶିଳିପୁର ରାଜସ୍ୱ ଗ୍ରାମ, ଅଙ୍ଗୁଳାଇ ରାଜସ୍ୱ ମଣ୍ଡଳର ଅଙ୍ଗୁଳାଇ ରାଜସ୍ୱ ଗ୍ରାମ, ତଥା କେନ୍ଦ୍ରାପଡ଼ା ତହସିଲ ଅଧୀନ ଭଗବାନପୁର ରାଜସ୍ୱ ମଣ୍ଡଳର ଶାମଗୁଡିଆ, ଚକଡ଼ା, ମେଘ ବରଦା ଓ ଗୋପ ରାଜସ୍ୱ ଗ୍ରାମ, ବଗଡ଼ା ରାଜସ୍ୱ ମଣ୍ଡଳର ଶୋଭନପୁର, ବଡ଼ ନଇପୁର, ତୁଣପୁର ଓ ସାନ ନଇପୁର ରାଜସ୍ୱ ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି । ଉକ୍ତ ଲାଇନ୍‌ରେ ଆସନ୍ତା ତା୨୬।୦୪।୨୦୨୦ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି ।
ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନ୍‌ର ଧାରା ୭୯, ୮୦ ଓ ୮୨ (କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ୍ ତଳେ ଘରତିଆରି କରିବା, ଗଛଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁଗାଇ ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ ।
ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ ।
(ସ୍ୱାକ୍ଷର- ପ୍ରଦୀପ କୁମାର ଦାଶ)
ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି (ନିର୍ମାଣ) ବିଭାଜନ, କଟକ

ମଧ୍ୟଯୁଗ ଏକ ରାତ୍ରିଥିଲା । ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ । ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ । ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ-ଅଧିକ ଖୋଜି ପାରିବ -ଅଧିକ ଶ୍ରମ କରିପାରିବ- ସେ ହିଁ ଅଧିକ ଶକ୍ତି ଲାଭ କରିବ । -ଶ୍ରୀଅରବିନ୍ଦ

# ତୈଳ ଦର ହ୍ରାସରୁ ଫାଇଦା ନାହିଁ

ଚଳିତ ସପ୍ତାହ ପ୍ରାରମ୍ଭରେ ଆମେରିକାରେ ଅଶୋଧିତ ତେଲ ଦର ରସାତଳଗାମୀ ହୋଇଛି । ଇତିହାସରେ ପ୍ରଥମ ଥର ପାଇଁ ବ୍ୟାରେଲ ପ୍ରତି ଦର ଶୂନ ଡଲାର୍‌ରୁ ତଳକୁ ଖସିଆସିଛି । ଅଶୋଧିତ ତେଲ ଦରରେ ଏଭଳି ହ୍ରାସ ପୂର୍ବରୁ କେବେ ବି ଘଟି ନ ଥିଲା । ଏଥିରୁ ବୁଝାପଡୁଛି ଯେ, ମେ'ରେ ଷ୍ଟୋରେଜ କ୍ଷମତା ଶେଷ ହେଉଥିବାବେଳେ ଉତ୍ପାଦନକାରୀ କମ୍ପାନୀଗୁଡିକ ଉତ୍ପାଦନ ଜାରି ରଖିଛନ୍ତି । ବଳକା ତେଲରୁ ସେମାନଙ୍କ ନିକଟରୁ ଖସାଇବା ଲାଗି ଚାହୁଁଥିବାବେଳେ ଏବେ ଚାହିଦା ଖସିଥିବାରୁ କେହି ତେଲ ନେଉନାହାନ୍ତି । ଫଳରେ କ୍ରେତାଙ୍କୁ ଅର୍ଥ ଯାଚିବା ଭଳି ସ୍ଥିତି ଦେଖାଯାଇଛି । ତୈଳ କାରବାରରେ ଥିବା ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ଏହା କରାଯାଇଥାଇପାରେ । ମଙ୍ଗଳବାର ତେଲ କାରବାରରେ ଥିବା ଚୁକ୍ତି ଶେଷ ହୋଇଯାଇପାରେ ଏବଂ ବ୍ୟବସାୟୀମାନେ ତେଲ ନେବାକୁ ଅମଙ୍ଗ ହୋଇପାରନ୍ତି । ତେବେ ଏହାର ବହୁ ପୂର୍ବରୁ ସ୍ଥିତି ବଦଳିଗଲା । କରୋନା ଭାଇରସ୍ ସଂକ୍ରମଣ ଯୋଗୁ ତେଲ ଦର ଶୂନ ଡଲାରରୁ ତଳକୁ ଖସିବାର ନୈରାଶ୍ୟଜନକ ଅବସ୍ଥା ବିଶ୍ୱରେ ଉପୁଜିଲା । ଏହି ମାସ ଆରମ୍ଭରେ ଅର୍ଗାନାଇଜେଶନ ଅଫ୍ ଦି ପେଟ୍ରୋଲିୟମ ଏକ୍ସପୋର୍ଟିଂ କଣ୍ଟ୍ରିଜ (ଓପିଇସି)ର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ବିଶ୍ୱସ୍ତରରେ ତୈଳ ଉତ୍ପାଦନକୁ ୧୦ ପ୍ରତିଶତ ହ୍ରାସ କରିବା ନେଇ ସହମତି ପ୍ରକାଶ ପାଇଥିଲା । ଫଳରେ ଏହି ନିଷ୍ପତ୍ତି ପ୍ରଭାବଶୂନ୍ୟ ହୋଇଯାଇଛି । ଲକ୍‌ଡାଉନ ଯୋଗୁ ସବୁ ଠପ୍ ହୋଇଯାଇଛି । ବିଶ୍ୱରେ ଅଶୋଧିତ ତେଲ ଦର ପୂରା କମିଯାଇଛି । କିନ୍ତୁ ତୈଳ କୂପଗୁଡିକରେ ତେଲ ଭର୍ତ୍ତି ହୋଇ ରହିଛି । ଏବେ ନୂଆ ଅଶୋଧିତ ତେଲ ରଖିବାକୁ ହେଲେ ଅଧିକ ଟ୍ୟାଙ୍କର ଆଣିବାକୁ ପଡିବ । ଉତ୍ପାଦନକାରୀମାନେ ଏବେ ଗଚ୍ଛିତ ଥିବା ତୈଳ ଉପରେ ଅଧିକ ଟ୍ୟାକ୍ସ ଦେବା କିମ୍ବା ଷ୍ଟୋର ଉପରେ ଅଧିକ ବ୍ୟୟ କରିବାକୁ ନ ଚାହିଁବା କାରଣରୁ ସେମାନଙ୍କ ପାଖରେ ଥିବା ବର୍ତ୍ତମାନ ଗଚ୍ଛିତ ଷ୍ଟକ୍‌କୁ ଶେଷ କରିବାକୁ ଚାହୁଁଛନ୍ତି ।

କୋଭିଡ୍-୧୯ ସଂକ୍ରମଣ ଯୋଗୁ ସାରା ବିଶ୍ୱରେ ଆର୍ଥିକ କାର୍ଯ୍ୟକଳାପ କମିବା ଯୋଗୁ ତେଲ ଚାହିଦା ଖସିଛି । ଫଳରେ ବ୍ରେଣ୍ଟ ଅଶୋଧିତ ତେଲ ଦର ହ୍ରାସ ପାଇ ବ୍ୟାରେଲ ପିଛା ୨୦ ଡଲାରରେ ପହଞ୍ଚିଛି । ଯେହେତୁ ଭାରତରେ ତୈଳ ଚାହିଦାର ୮୫ ପ୍ରତିଶତ ଆମଦାନୀରୁ ପୂରଣ ହେଉଛି କ୍ରୁଡ୍ ଦର କମିବା ଦେଶ ପାଇଁ ଲାଭ ବୋଲି କୁହାଯାଇପାରେ । କିନ୍ତୁ ଭାରତୀୟ ଅର୍ଥବ୍ୟବସ୍ଥା ମହାମାରୀ ପୂର୍ବରୁ ମାନ୍ଦା ପରିସ୍ଥିତି ଦେଇ ଗତିକରଥିବା ଯୋଗୁ ତୈଳ ଦର ହ୍ରାସରୁ ଏବେ ଲାଭ ପାଇବା ସମ୍ଭବ ନୁହେଁ । ଦେଶ ଭିତରେ ଏବେ ତେଲର ଚାହିଦା ୬୦ ପ୍ରତିଶତ କମିଯାଇଛି । ତେବେ ୨୦୧୮-୧୯ରୁ ପେଟ୍ରୋଲିୟମ ସାମଗ୍ରୀର ଚାହିଦା କମିବା ଆରମ୍ଭ ହୋଇଯାଇଥିଲା । କିନ୍ତୁ ଏବର ଲକ୍‌ଡାଉନ ଯୋଗୁ ଔଦ୍ୟୋଗିକ କାର୍ଯ୍ୟକଳାପ ସାରା ଦେଶରେ ଏକ ପ୍ରକାର ବନ୍ଦ ହୋଇଥିବାରୁ ଏହି ହ୍ରାସ ହାର ଏବେ ବଢିଯିବ । ଏପ୍ରିଲରେ ପେଟ୍ରୋଲ ଓ ଡିଜେଲର ଚାହିଦା ୬୦ ପ୍ରତିଶତକୁ ଖସିଆସିଛି । ବିଶ୍ୱ ମୁଦ୍ରା ପାଣ୍ଠି( ଆଇଏମ୍‌ଏଫ୍) ଆକଳନ ମୁତାବକ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ୧.୯ ପ୍ରତିଶତ ବୃଦ୍ଧି ହେବ ଏବଂ ସେହି ସମୟରେ ତୈଳ ଚାହିଦାର ପୂର୍ବ ସ୍ଥିତିକୁ ଧୀରେ ଧୀରେ ଫେରିବ ।

## ଆଜିର ଅର୍ଥନୀତି

ଶସ୍ତା ଅଶୋଧିତ ତେଲର ପ୍ରଭାବ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜସ୍ୱ ଉପରେ ପଡିବ । ଏଭଳି ହ୍ରାସ ଯୋଗୁ ଭାରତର ଆମଦାନୀ ବିଲ୍ ବି କମିବ । ଅପରପକ୍ଷରେ ଭାରତ ବିଦେଶକୁ ପଠାଉଥିବା ପେଟ୍ରୋଲିୟମ ସାମଗ୍ରୀ ଉପରେ ମଧ୍ୟ ଅଧିକ ଫାଇଦା ପାଇବନି । ସମାନ ହାରରେ ପେଟ୍ରୋଲିୟମ ଉତ୍ପାଦର ରପ୍ତାନି ପ୍ରଭାବିତ ହେବ । ଏଣୁ ଏବକାର ପରିସ୍ଥିତିରେ ଭାରତ ବିଶେଷ ଲାଭ ପାଇବ ବୋଲି ଆଶା କରିପାରିବା ନାହିଁ । ଦେଶରେ ତୈଳ ଚାହିଦା ହ୍ରାସ ହେବା ଯୋଗୁ ପେଟ୍ରୋଲିୟମ ଉତ୍ପାଦଗୁଡିକ ଉପରେ କେନ୍ଦ୍ର ଲଗାଉଥିବା ଉତ୍ପାଦ ଟିକସ ରାଜସ୍ୱ ସଂଗ୍ରହରେ ବାଧା ଉପୁଜିବ । ପେଟ୍ରୋଲିୟମ ଉତ୍ପାଦଗୁଡିକର ମୂଲ୍ୟ ସହ ବିକ୍ରିକର ଓ ଭାଟ୍‌ର ସମ୍ପର୍କ ରହିଥିବାରୁ ରାଜ୍ୟଗୁଡିକ ଏହା ଆଦାୟ କରିବାରେ ଅସୁବିଧାରେ ପଡିବେ ଓ ରାଜସ୍ୱରେ ଘାଟା ହେବ । ଏଣୁ ଅଶୋଧିତ ତୈଳ ଦର କମିବା କେନ୍ଦ୍ର ଓ ରାଜ୍ୟମାନଙ୍କ ପାଇଁ ଲାଭଜନକ ହେବନାହିଁ । ଅଶୋଧିତ ତୈଳ ଦର ହ୍ରାସରୁ ସାଧାରଣତଃ ଅଏଲ ରିଫାଇନେରିଗୁଡିକ ଲାଭ ପାଇଥାନ୍ତି । ସେମାନଙ୍କୁ ଏଥିରୁ ବେଶି ଲାଭ ନ ଦେବା ଲାଗି ସରକାର ଉତ୍ପାଦ ଶୁଳ୍କ ବୃଦ୍ଧି କରିପାରନ୍ତି । ମାର୍ଚ୍ଚରେ ସରକାର ଏହା କରିଛନ୍ତି । ଏବେ ଅର୍ଥବ୍ୟବସ୍ଥା ଜଟିଳ ସ୍ଥିତି ଦେଇ ଗତି କରୁଥିବାରୁ ସରକାର ପେଟ୍ରୋଲିୟମ ଉତ୍ପାଦଗୁଡିକ ଉପରେ ଉତ୍ପାଦ ଶୁଳ୍କ ବୃଦ୍ଧି କରିବା ଅନୁମାନ କରାଯାଉଛି । କରୋନା ଭାଇରସ୍‌ର ପ୍ରଭାବ ଏବେ ଅଧିକ ଥିବାରୁ ବିଶ୍ୱରେ ଅଶୋଧିତ ତେଲ ଦରରେ ଆଗାମୀ କିଛି ଦିନ ଧରି ନିମ୍ନରେ ରହିବ, କିନ୍ତୁ ଏହା ଭାରତ ପାଇଁ ଖୁସି ଆଣିବ ନାହିଁ । ଏବେକାର ପରିସ୍ଥିତି ସରକାରଙ୍କ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଏପ୍ରିଲ ୧୯୯୫

- ଦକ୍ଷିଣ-ପଶ୍ଚିମ ରୁଆଣ୍ଡାରେ ଥିବା କିବେହୁ ଶିବିର ଉପରେ ବିଦ୍ରୋହୀ ସୈନ୍ୟଙ୍କ ଅଚାନକ ଆକ୍ରମଣରେ ୮୦୦୦ ହୁଟୁ ଶରଣାର୍ଥୀ ନିହତ ।
- ଯୁକ୍ତରାଷ୍ଟ୍ର ଆମେରିକା ସୈନ୍ୟବାହିନୀ ସଫଳତାର ସହ ତା'ର ପ୍ରଥମ ଥିଏଟର କ୍ଷେପଣାସ୍ତ୍ର ପରୀକ୍ଷା ଶେଷ କରିଛି ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | D | | | A | | | | E | | | | 3 | | |
| | 5 | | | 4 | 2 | B | 1 | | | | | | | |
| | E | | 3 | 0 | 6 | | | | | | | 9 | C | |
| | | | | 9 | | | | | C | | | 5 | 6 | |
| | A | C | B | 7 | | 2 | | | E | 0 | | | | |
| A | | 1 | 4 | | | | 9 | | | | D | | 2 | E |
| | | 6 | | | | | | C | | | 9 | B | | |
| E | | | 2 | | | | | 6 | 0 | | B | | | |
| | 9 | | 6 | | | 5 | 8 | 2 | | | | 4 | | |
| | B | 8 | | | | E | | | 6 | | | | D | A |
| 3 | | | | | A | | 5 | 9 | | 6 | | | 8 | |
| | | | | | | | B | 0 | 8 | | | | A | 4 |
| 4 | | | | | | | | | | C | 3 | | 7 | 9 |
| | | 9 | 7 | | 0 | 4 | | | 2 | | | | | |
| | | | | | | | | D | | A | 5 | 0 | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 5 | A | 7 | 9 | 1 | D | B | 6 | E | 3 | 4 | C | 0 | 8 |
| 1 | C | B | 6 | 5 | E | 3 | 4 | 2 | 7 | 8 | 0 | 9 | A | D |
| 7 | E | 0 | B | A | 2 | 8 | 9 | C | D | 5 | 1 | 6 | 3 | 4 |
| 3 | 6 | 4 | 8 | 0 | D | A | 5 | 1 | 9 | 2 | C | B | E | 7 |
| 8 | 9 | D | 4 | C | 3 | 7 | E | 0 | 6 | A | B | 2 | 5 | 1 |
| 5 | 2 | 7 | 0 | 8 | 9 | 4 | A | B | C | 1 | D | E | 6 | 3 |
| C | 1 | 9 | D | 4 | A | E | 0 | 8 | B | 6 | 3 | 7 | 2 | 5 |
| A | 0 | 8 | 2 | 6 | C | 1 | 3 | 9 | 5 | E | 7 | D | 4 | B |
| D | B | 6 | E | 3 | 7 | 2 | C | 5 | 4 | 0 | 8 | 1 | 9 | A |
| 4 | 3 | E | 1 | B | 5 | 6 | D | 7 | A | 9 | 2 | 0 | 8 | C |
| 9 | 7 | 3 | 5 | 2 | 0 | B | 1 | 4 | 8 | D | 6 | A | C | E |
| 0 | A | C | 3 | 7 | 6 | 5 | 2 | D | 1 | 4 | E | 8 | B | 9 |
| E | 8 | 2 | A | 1 | 4 | C | 7 | 3 | 0 | B | 9 | 5 | D | 6 |
| B | D | 1 | 9 | E | 8 | 0 | 6 | A | 3 | C | 5 | 4 | 7 | 2 |
| 6 | 4 | 5 | C | D | B | 9 | 8 | E | 2 | 7 | A | 3 | 1 | 0 |

ଗତକାଲିର ଉତ୍ତର

# ଗ୍ରାମାଞ୍ଚଳ ଭବିଷ୍ୟତ ବଦଳାଇବ 'ମାଲିକାନା'

ବିଜୟ ଶଙ୍କର ପାଣ୍ଡେ

ଦେଶ ଏବେ କରୋନା ଭୂତାଣୁ ବିରୋଧରେ ଲଢ଼େଇ କରୁଛି । ୨୪ ମାର୍ଚ୍ଚରେ ଘୋଷିତ ଲକ୍‌ଡାଉନ ପରେ ଅଧିକାଂଶ ସରକାରୀ କାର୍ଯ୍ୟାଳୟ ମାସେ ହେବ ବନ୍ଦ ଅଛି । ବଜାରର ଚମକ ଗାଏବ ଓ ବ୍ୟବସାୟିକ କାରବାର ଠପ୍ ହୋଇଯାଇଛି ।

ଏବେ ୨୦ଏପ୍ରିଲ ପରେ ଗୋଟିଏ ପଟେ ଦେଶର ଗ୍ରାମୀଣ ଇଲାକାରେ ଚାଷବାସ କାମ ଆରମ୍ଭ ହେବ ବା ହୋଇସାରିଛି, ଅନ୍ୟପଟେ ଟ୍ରକ ତଥା ଅନ୍ୟ ମାଲ ପରିବହନକାରୀ ଗାଡ଼ି ଚଳାଚଳ ଲାଗି କଟକଣା କୋହଳ କରାଯାଇଛି । ଆଶା କରାଯାଉଛି କି ଆଗାମୀ ଦିନରେ ଲୋକଙ୍କ ଭରପୂର ସହଯୋଗରେ ଦେଶ ନିଜ ସାମର୍ଥ୍ୟରେ ଏହି ଭୂତାଣୁକୁ ନିୟନ୍ତ୍ରଣ କରିବାରେ ସଫଳ ହେବ ।

ବିଶ୍ୱବ୍ୟାପୀ ଏହି ମହାମାରୀର ପ୍ରକୋପ ସମୟରେ ଆମ ଦେଶ ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏକ ଅତ୍ୟନ୍ତ ବ୍ୟାପକ ଏବଂ ଗମ୍ଭୀର ସମସ୍ୟାର ସମାଧାନ କରିବା ଦିଗରେ ଆଜି ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଉଠାଇବାକୁ ଯାଉଛି । ଆଜି ପ୍ରଧାନମନ୍ତ୍ରୀ 'ମାଲିକାନା' ପ୍ରକଳ୍ପର ଶୁଭାରମ୍ଭ କରିବେ, ଯାହାକୁ ଗ୍ରାମୀଣ ଇଲାକାର ଭବିଷ୍ୟତ ପରିବର୍ତ୍ତନ ଦିଗରେ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ଦେଖାଯାଉଛି ।

ପ୍ରାଚୀନ କାଳରୁ ଗାଁ ହିଁ ଭାରତୀୟ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ହୋଇ ରହିଛି । କାରଣ ଭୂ-ରାଜସ୍ୱ ହିଁ ଦୀର୍ଘ ସମୟ ହେବ ରାଜ୍ୟ ଆୟର ମୁଖ୍ୟସ୍ରୋତ ପାଲଟିଛି । ସେଥିପାଇଁ ପ୍ରତ୍ୟେକ ଶାସନକାଳରେ ଭୂ-ରାଜସ୍ୱ ଭଲ ଭାବେ ଆଦାୟ କରିବା ଲାଗି ଜମିର ମାଲିକାନା ସମ୍ବନ୍ଧୀୟ ହିସାବକିତାବ ଭଲ ଭାବେ ରଖିବା ଜରୁରୀ ହୋଇଯାଇଥିଲା । ଷୋଡ଼ଶ ଶତାବ୍ଦୀରେ ଶେରଶାହ ସୂରୀ ଭୂ-ରାଜସ୍ୱ ଆଦାୟକୁ ବ୍ୟବସ୍ଥିତ ଢଙ୍ଗରେ କରିବା ପାଇଁ ଚାଷ ଉପଯୋଗୀ ଜମିକୁ ଭାଗଚାଷୀଙ୍କୁ ଦେବାର ପ୍ରଥା ଆରମ୍ଭ କରିଥିଲେ, ଯାହାକୁ ଭବିଷ୍ୟତରେ ଆକବରଙ୍କ ଶାସନ କାଳରେ ତୋଡରମଲ୍ଲ ବ୍ୟାପକ ରୂପେ ସୁବ୍ୟବସ୍ଥିତ କରି ଭୂ-ରାଜସ୍ୱ କାରବାରକୁ ଭଲଭାବେ ସ୍ଥାପିତ କରିଥିଲେ । ଫଳରେ ଯେତେବେଳେ ଇଂରେଜମାନେ ଦେଶର ଶାସନ ଭାର ସମ୍ଭାଳିଲେ ସେମାନଙ୍କୁ ଏକ ବ୍ୟବସ୍ଥିତ ଜମି ମାଲିକାନା ସମ୍ବନ୍ଧୀୟ ପୂର୍ବପ୍ରସ୍ତୁତ ରେକର୍ଡ ମିଳିଲା । କିନ୍ତୁ ଖଜଣା ଆଦାୟକାରୀଙ୍କଠାରୁ ଅଧିକରୁ ଅଧିକ ଭୂ-ରାଜସ୍ୱ ଆଦାୟ କରିବା ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା, ଯାହାଦ୍ୱାରା ଇଂରେଜମାନେ ଦେଶର ଅନେକ ଭାଗରେ ଜମିଦାରି ପ୍ରଥା ଏବଂ ଅନ୍ୟ ସ୍ଥାନରେ ରୟତୱାରି ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ । କିନ୍ତୁ ଚାଷଜମିର ମାପଚୁପ ଏବଂ ଏହାର ମାଲିକାନାସ୍ୱତ୍ୱ ସମ୍ବନ୍ଧରେ ଯେଉଁଠି ବିବରଣୀ ପ୍ରସ୍ତୁତ କରାଗଲା, ସେଠାରେ ଲୋକଙ୍କ ଜମିବାଡ଼ିର ମାପଚୁପ କରିବା ଓ ଏହାର ମାଲିକାନାସ୍ୱତ୍ୱ ନିର୍ଦ୍ଧାରିତ କରିବାର କୌଣସି ପ୍ରୟାସ କରାଗଲା ନାହିଁ । କାରଣ ଅନେକ ଲୋକଙ୍କ ଜମିରେ ଫସଲ ହିଁ ନ ଥିଲା । ଏହି କାରଣରୁ ଚାଷ ଜମିରୁ ରାଜସ୍ୱ ମଧ୍ୟ ମିଳୁ ନ ଥିଲା । କେତେକ ବ୍ୟତିକ୍ରମକୁ ବାଦ ଦେଲେ, ସ୍ୱାଧୀନତା ଲାଭ ପରେ ମଧ୍ୟ ଲୋକମାନଙ୍କ ଜମିର ମାପଚୁପ ଏବଂ ସୀମା ନିର୍ଦ୍ଧାରଣ କରିବା ଅବା ରହୁଥିବା ଲୋକଙ୍କ ମାଲିକାନା ସମ୍ବନ୍ଧିତ ଅଭିଲେଖାକାର ପ୍ରସ୍ତୁତ କରିବାରେ କୌଣସି ବ୍ୟାପକ ଏବଂ ଗମ୍ଭୀର ପ୍ରୟାସ କରାଗଲା ନାହିଁ, ଯାହାର ଦୁଷ୍ପରିଣାମ ବର୍ଷ ବର୍ଷ ଧରି ଦେଶ ଭୋଗି ଆସୁଛି ।

ଲୋକମାନଙ୍କ ଜମିର କୌଣସି ନକ୍ସା ଅବା ସୀମା ନ ରହିବା କାରଣରୁ ପ୍ରାଙ୍ଗଣ, ନାଳ, ନର୍ଦ୍ଦମା, ଗୋଚର, ଘର ନିର୍ମାଣ ସମ୍ବନ୍ଧୀୟ ମାମଲାର ସମାଧାନ ପାଇଁ ବିଭିନ୍ନ ପକ୍ଷଙ୍କୁ ଦେୱାନୀ ଅଦାଲତଙ୍କ ଶରଣ ନେବାକୁ ପଡୁଛି । ଏକ ସର୍ବେକ୍ଷଣ ଅନୁସାରେ ଏ ପ୍ରକାର ଦେୱାନୀ ସମ୍ବନ୍ଧୀୟ ମାମଲାର ଅନ୍ତିମ ସମାଧାନ ଲାଗି ପାଖାପାଖି ୨୦ ବର୍ଷ ଲାଗିଥାଏ । କେବଳ ଏହି ଗୋଟିଏ ତଥ୍ୟ ଏହି ପ୍ରକାରର ମାମଲାରେ ସାମିଲ ପକ୍ଷଙ୍କ ସମସ୍ୟାକୁ ସ୍ପଷ୍ଟ କରି ଦେଇଥାଏ । କେବଳ ଏତିକି ହିଁ ନୁହେଁ, ବିଶେଷଜ୍ଞଙ୍କ ଅନୁସାରେ ଆମ ଦେଶର ଦେୱାନୀ ଅଦାଲତଗୁଡ଼ିକରେ ବର୍ତ୍ତମାନ ପଡିରହିଥିବା ମୋଟ ମାମଲା ମଧ୍ୟରୁ ଅତି କମ୍‌ରେ ୪୦ ପ୍ରତିଶତ ମାମଲା ଗ୍ରାମୀଣ ଜନସଂଖ୍ୟା ସହ ଜଡିତ ମାମଲା । ଲୋକମାନଙ୍କ ଜମିର ସୀମା ନିର୍ଦ୍ଧାରଣ, ମାପଚୁପ, ମାଲିକାନା ନିର୍ଦ୍ଧାରଣ କରିବାର ପ୍ରୟାସ କେବେ କରାଯାଇ ନ ଥିବା କାରଣରୁ ଏସବୁ ମାମଲା ସୃଷ୍ଟି ହୋଇଛି ।

ଏହି ଦୃଷ୍ଟିକୋଣରୁ କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ଜନବସତି ଥିବା ଭୂଖଣ୍ଡରେ ରହୁଥିବା ସବୁ ଲୋକଙ୍କ ଜମିର ସୀମା ନିର୍ଦ୍ଧାରଣ କରିବା ଏବଂ ତାହାର ମାଲିକାନାକୁ ନିର୍ଦ୍ଧାରଣ କରିବା ପାଇଁ ଶୁଭାରମ୍ଭ ହେଉଥିବା ଏହି ଯୋଜନାକୁ ଏପରି ଏକ ପ୍ରୟାସ ରୂପେ ଦେଖାଯିବା ଆବଶ୍ୟକ ଯାହା ଗ୍ରାମାଞ୍ଚଳରେ ବଢୁଥିବା ବିବାଦ, ମାଲିମକଦ୍ଦମାକୁ ସମାପ୍ତ କରିବାରେ ସହାୟକ ହେବ । କେବଳ ଏହି ଗୋଟିଏ ମାତ୍ର ପଦକ୍ଷେପ ଦ୍ୱାରା ଆମର ଅଦାଲତଗୁଡ଼ିକରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା କୋଟି କୋଟି ମାମଲାର ସହଜରେ ସମାଧାନ ହୋଇଯିବ । ସେହିପରି ଜମିର ମାଲିକାନା ସମ୍ବନ୍ଧୀୟ ଅଭିଲେଖରୁ ଜନବସତି ଜମିର ଆଧାରରେ ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ଆଗେଇ ନେବାରେ ସହାୟତା ମିଳିବ ।

ଏହାସହିତ ଏହି ଯୋଜନାର ଉଦ୍ଦେଶ୍ୟ ହେବ ଗ୍ରାମୀଣ ଭାରତ ପାଇଁ ଏକ ସମନ୍ୱିତ ସମ୍ପତ୍ତି ପ୍ରାମାଣିକତା ସମାଧାନ ପ୍ରଦାନ କରିବା । ଏହି ଯୋଜନା ଅନ୍ତର୍ଗତ ପଞ୍ଚାୟତିରାଜ ମନ୍ତ୍ରଣାଳୟ, ରାଜ୍ୟ ରାଜସ୍ୱ ବିଭାଗ ଏବଂ ଭାରତୀୟ ସର୍ବେକ୍ଷଣ ବିଭାଗର ସହଯୋଗରେ ଡ୍ରୋନ ପ୍ରଯୁକ୍ତିର ଉପଯୋଗ କରାଯାଇ ନବୀନତମ ସର୍ବେକ୍ଷଣ ପଦ୍ଧତିରେ ଗ୍ରାମାଞ୍ଚଳର ନିବାସୀମାନଙ୍କ ଜମିର ସୀମା ନିର୍ଦ୍ଧାରଣ କରାଯିବ । ଏହା ଗାଁର ଘରୋଇ ମାଲିକମାନଙ୍କୁ ନିଜ ଘର ପାଇଁ ଋଣ ଏବଂ ଅନ୍ୟ ଆର୍ଥିକ ଲାଭ ନିମନ୍ତେ ଏକ ଆର୍ଥିକ ସମ୍ପତ୍ତି ରୂପେ ଜମିର ଉପଯୋଗ କରିବାର କ୍ଷମତା ପ୍ରଦାନ କରିବ । ଆହୁରି ଗାଁରେ ରହୁଥିବା ଗ୍ରାମୀଣ କ୍ଷେତ୍ରର ଅଧିକାରକୁ ରେକର୍ଡ ପ୍ରଦାନ କରିବ । ଏହି ଯୋଜନା ଅଧୀନରେ ସର୍ଭେ ଅଫ୍ ଇଣ୍ଡିଆ ନିଜର ଉନ୍ନତ ପ୍ରଯୁକ୍ତିର ପ୍ରୟୋଗ କରି ଡ୍ରୋନ ସାହାଯ୍ୟରେ ସମ୍ପୂର୍ଣ୍ଣ ଜନବସତିର ସର୍ବେକ୍ଷଣ କରିବ । ଏହାପରେ ସମ୍ପୂର୍ଣ୍ଣ ଭୂଖଣ୍ଡର ଏକ ଡାଟାବେସ୍ ପ୍ରସ୍ତୁତ କରିବ । ପରେ ଆବଶ୍ୟକତା ଅନୁସାରେ ରାଜସ୍ୱ ବିଭାଗ ଏବଂ ଅନ୍ୟ ସହଯୋଗୀ ବିଭାଗଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ଗ୍ରାମୀଣ ଲୋକଙ୍କ ଉପସ୍ଥିତିରେ ଲୋକଙ୍କ ମାଲିକାନାର ରେକର୍ଡ ପ୍ରସ୍ତୁତ କରିବ । ଏହାସହିତ ଘଟଣାସ୍ଥଳରେ ଦେଖା ଦେଉଥିବା ବିବାଦର ସମାଧାନ ପାଇଁ ମଧ୍ୟ ଏକ ବିସ୍ତୃତ ବ୍ୟବସ୍ଥା ନିର୍ଦ୍ଧାରିତ କରାଯାଇଛି । ସନ୍ତୋଷର ବିଷୟ ହେଉଛି ଯେ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ କରି ମହାରାଷ୍ଟ୍ର, ହରିୟାଣା, କର୍ନାଟକ ଆଦି ରାଜ୍ୟରେ ପାଇଲଟ ପ୍ରକଳ୍ପ ଭାବେ ଗ୍ରାମୀଣ ଆବାସର ମାନ ଚିତ୍ରଣ ଓ ଜମି ଅଧିକାରର ଭୂଲେଖ ପ୍ରସ୍ତୁତ କରିବାର କାର୍ଯ୍ୟ ପାଇଲଟ ପ୍ରକଳ୍ପ ସ୍ୱରୂପ ଆରମ୍ଭ କରାଯାଇ ସାରିଛି । ବର୍ତ୍ତମାନ ସୁଦ୍ଧା ମିଳିଥିବା ଅଭିଜ୍ଞତା ଆଧାରରେ ଏହା କୁହାଯାଇପାରିବ ଯେ ଲୋକମାନେ ଏହି ପ୍ରୟାସକୁ ପୂର୍ଣ୍ଣମାତ୍ରାରେ ସ୍ୱାଗତ କରିଛନ୍ତି ଏବଂ ଏହାର ପ୍ରଶଂସା ମଧ୍ୟ କରିଛନ୍ତି ।

ଏହି ପ୍ରୟାସ ଆମ ଦେଶର ଗ୍ରାମୀଣ ଜନସଂଖ୍ୟାର ଭବିଷ୍ୟତ ପାଇଁ ଅପାର ସମ୍ଭାବନା ନିଜ ଗର୍ଭରେ ଲୁଚାଇ ରଖିଛି । ଗ୍ରାମାଞ୍ଚଳରେ ମଧ୍ୟ ସହର ଭଳି ନାଗରିକ ସୁବିଧା ପ୍ରଦାନ କରିବା ଲାଗି ଦେଶର ସରକାରମାନେ ଚିନ୍ତା କରିବା ଆରମ୍ଭ କରିବାର ସମୟ ଆସିଯାଇଛି । କାରଣ ସହର ଓ ଗାଁ ମଧ୍ୟରେ ଥିବା ତାରତମ୍ୟକୁ ଆହୁରି ଅଧିକ ଦିନ ପର୍ଯ୍ୟନ୍ତ ଜାରି ରଖିବା ଦେଶ ପାଇଁ ହିତକର ହେବ ନାହିଁ ।

ପୂର୍ବତନ ସଚିବ, ଭାରତ ସରକାର

# ରହସ୍ୟମୟ କରୋନା



ବୈକୁଣ୍ଠନାଥ ମିଶ୍ର

ପୃଥିବୀରେ ମାନବ ସଭ୍ୟତା ଗଢ଼ି ଉଠିବା ଦିନଠାରୁଆଜି ପର୍ଯ୍ୟନ୍ତ ବିଶ୍ୱବାସୀଙ୍କୁ ନାନା ବିପତ୍ତିର ସମ୍ମୁଖୀନ ହେବାକୁ ପଡିଛି । ବିପତ୍ତିମାନଙ୍କର ସୃଷ୍ଟି ଓ ସ୍ଥିତିକୁ ଦେଖି ଏହାକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ- ଯଥା ଦୈବୀକୃତ ଓ ମାନବକୃତ । ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ଭିକ୍ଷ, ଭୂକମ୍ପ ଓ ମହାମାରୀ ଇତ୍ୟାଦି ଦୈବୀକୃତ ହୋଇଥିବାବେଳେ ଯୁଦ୍ଧ, ଗୋଷ୍ଠୀ ସଂଘର୍ଷ, ଧାର୍ମିକ ବିଦ୍ୱେଷ ଜନିତ ଗଣହତ୍ୟା ଓ ସନ୍ତ୍ରାସବାଦୀ ଆକ୍ରମଣ ସାଧାରଣତଃ ମାନବକୃତ ବୋଲି ବିବେଚିତ ହୁଏ । ସେ ଦୈବୀକୃତ ହେଉ ଅବା ମାନବକୃତ ବିପର୍ଯ୍ୟୟ ଯେ ମାନବ ସଭ୍ୟତା ପ୍ରତି ଏକ ବୃହତ୍ ଆହ୍ୱାନ, ଏଥିରେ ଦ୍ୱିମତ ନାହିଁ । କୌଣସି ନା କୌଣସି ରୋଗ ଅନେକ ସମୟରେ ମହାମାରୀର ରୂପଧାରଣ କରି ହଜାର ହଜାର ଲୋକଙ୍କୁ ମୃତ୍ୟୁର ଶୀତଳ କୋଳକୁ ଟାଣିନିଏ । ରୋଗ ଦୈବୀକୃତ ହେଲେ ମଧ୍ୟ ଏହାର ବ୍ୟାପ୍ତି ଓ ପ୍ରସାର ପଛରେ ଲୁଚିଥାଏ ବିଶୃଙ୍ଖଳିତ ମାନବୀୟ ଆଚରଣ । ଖାଦ୍ୟ ପେୟରେ ଅସଂଯମତା, ନିତ୍ୟ ନୈମିତ୍ତିକ କର୍ମ ସମ୍ପାଦନରେ ନୀତିହୀନତା, ଗୁଜବ, ଅପପ୍ରଚାର ଓ ଅନ୍ଧବିଶ୍ୱାସରେ ଗଭୀର ଆସ୍ଥା ସ୍ଥାପନ ଇତ୍ୟାଦି । ଏହି ପର୍ଯ୍ୟାୟରେ କେତୋଟି ରୋଗ ହେଲା ୧୯୧୮ର ସ୍ପାନିଶ୍ ଫ୍ଲୁ, ଯେଉଁଥିରେ ମୃତ୍ୟୁସଂଖ୍ୟା ୪ କୋଟିରୁ ଊର୍ଦ୍ଧ୍ୱ । ୧୯୫୭ର ଏସିଆନ୍ ଫ୍ଲୁ ଯେଉଁଥିରେ ମୃତ୍ୟୁସଂଖ୍ୟା ପ୍ରାୟ ୧୫ ଲକ୍ଷ । ଏତଦ୍‌ବ୍ୟତୀତ ଇବୋଲା, ଏଚ୍‌ଆଇଭି, ସାର୍ସ ଓ ସ୍ୱାଇନଫ୍ଲୁ ଏବଂ କରୋନା । ଏସବୁ ରୋଗ ମଧ୍ୟରୁ କୌଣସି ଗୋଟିଏ ବି ଭାରତରୁ ସୃଷ୍ଟ ନୁହନ୍ତି ।

ମନୁଷ୍ୟ ଅନ୍ୟ ପ୍ରାଣୀଙ୍କ ଅପେକ୍ଷା ସ୍ୱତନ୍ତ୍ର । ସୃଷ୍ଟିକର୍ତ୍ତା କେବଳ ମନୁଷ୍ୟକୁ ବୁଦ୍ଧି, ଜ୍ଞାନ ଓ ବିବେକରେ ସ୍ୱତନ୍ତ୍ର କରିନାହାନ୍ତି, ବରଂ ଶାରୀରିକ ଗଠନକୁ ମଧ୍ୟ ଅନ୍ୟଠାରୁ ପୃଥକ କରିଛନ୍ତି । ଅନ୍ୟ ସବୁ ପ୍ରାଣୀଙ୍କର ଶରୀର ଭୂମିସହ ସମାନ୍ତର ଭାବେ ଦଣ୍ଡାୟମାନ ଥିବାବେଳେ ମଣିଷ ଶରୀର ଆଲମ୍ବ ଭାବେ ଊର୍ଦ୍ଧ୍ୱାୟିତ । ପ୍ରକୃତି ମଣିଷକୁ ଶାକାହାରୀ ଭାବେ ଗଢ଼ି ତୋଳିଛି । ଆମିଷାଶୀ ପ୍ରାଣୀମାନେ ଜିହ୍ୱା ସାହାଯ୍ୟରେ ଜଳପାନ କରୁଥିବାବେଳେ ମଣିଷ ପାଟିରେ ସିଧାସଳଖ ଜଳ ପାନ କରେ । ଆମିଷାଶୀ ପ୍ରାଣୀଙ୍କର ଉଭୟ ପାଟିରେ ଥିବା ଦୁଇଟି ବକ୍ରଦାନ୍ତ ମାଂସ ଛିଣ୍ଡାଇ ଖାଇବା ପାଇଁ ଉଦ୍ଦିଷ୍ଟ । କିନ୍ତୁ ମଣିଷର ଦାନ୍ତର ଗଠନ ଅନୁସାରେ ସେ ନିରାମିଷାଶୀ ଶ୍ରେଣୀଭୁକ୍ତ ଜୀବ । ଆମିଷ ପୁଣି ପଶୁପକ୍ଷୀଙ୍କ କଞ୍ଚାମାଂସ ଭକ୍ଷଣ, ହୁଏତ ପ୍ରାକ୍ ଐତିହାସିକ ଯୁଗରେ ଆଦିମ ମଣିଷଠାରେ ଦୃଶ୍ୟ ହେଉଥିଲା । କିନ୍ତୁ ଅଗ୍ନିଦଗ୍ଧ ଜୀବ ମାଂସର ସ୍ୱାଦୁ ଚାଖିଲା ପରେ କଞ୍ଚାମାଂସ ପ୍ରତି ସେ ବିତୃଷ୍ଣା ହେଲା । ହେଲେ ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ଏବଂ ବିଶ୍ୱାସ କରିବାକୁ କଷ୍ଟ ହୁଏ ଯେ, ଆଜିର ଏକବିଂଶ ଶତାବ୍ଦୀରେ ନିଜକୁ ସଭ୍ୟ ଓ ଉନ୍ନତ ରାଷ୍ଟ୍ରର ଡିଣ୍ଡିମ ପିଟୁଥିବା ଚାଇନାରେ କଞ୍ଚାମାଂସ ଭକ୍ଷଣ ଏକ ସାଧାରଣ ଅଭ୍ୟାସ । ସମ୍ପ୍ରତି ବିଶ୍ୱରେ ଆତଙ୍କ ସୃଷ୍ଟିକରି ଥିବା 'କରୋନା' ଏକ ଭୂତାଣୁଜନିତ ରୋଗ, ଯାହା ବାଦୁଡ଼ି, ବଜ୍ରକାପ୍ତା ଭଳି ଜୀବମାନଙ୍କର କଞ୍ଚାମାଂସ ଭକ୍ଷଣର ପ୍ରତିଫଳନ ବୋଲି କୁହାଯାଉଛି । ଚାଇନାର ଉହାନ ପ୍ରଦେଶରେ ପ୍ରଥମେ ଏ ରୋଗ ମାନବ ଶରୀରରେ ପ୍ରକାଶିତ ହେଲା । ଉହାନର ଜଣେ ବରିଷ୍ଠ ଡାକ୍ତର 'ଲିଓ୍ୱାନା ଲିଆଙ୍ଗ୍'କରୋନା ଭୂତାଣୁକୁ ୨୦୧୯ ଡିସେମ୍ବର ୨୧ ତାରିଖରେ ଚିହ୍ନଟ କଲେ । କିନ୍ତୁ ଚାଇନା ସରକାର ତାଙ୍କୁ ବିଶ୍ୱାସ ନ କରି ଜଣେ ମିଥ୍ୟାବାଦୀ, ଗୁଜବ ସୃଷ୍ଟିକାରୀ ଓ ଆତଙ୍କ ସୃଷ୍ଟିକାରୀ ଭାବେ ଅଭିହିତ କରି ତାଙ୍କୁ କାରାରୁଦ୍ଧ କଲେ । ସେହି ପ୍ରସିଦ୍ଧ ଡାକ୍ତର ଜଣକ ଆଉ ଇହଧାମରେ ନାହାନ୍ତି । କରୋନାର କରାଳ କବଳରେ କବଳିତ ହୋଇ ସେ ମୃତ୍ୟୁବରଣ କଲେ । ଶୁଣାଯାଏ ଡାକ୍ତର ଲିଓ୍ୱାନା କେବଳ ଏହି ଭୂତାଣୁକୁ ଠାବ କରି ନ ଥିଲେ ବରଂ ଏହି ରୋଗର ପ୍ରତିକାର ଓ ପ୍ରତିଷେଧକର ଉପାୟ ମଧ୍ୟ ଚିନ୍ତା କରିଥିଲେ । ହୁଏତ ସେ ଯଦି ଜୀବିତ ଥାନ୍ତେ ତେବେ କରୋନାର ବ୍ୟାପ୍ତିକୁ ରୋକିବା ସହଜ ସାଧ୍ୟ ହୋଇଥାନ୍ତା ।

ସମଗ୍ର ବିଶ୍ୱ ଦୃଷ୍ଟିରେ ଚାଇନା ଏହି ଦୁଃଖଦ ମହାମାରୀ କରୋନା ନାଟକର ଖଳନାୟକ । ଆଶ୍ଚର୍ଯ୍ୟର କଥା ଯେ, ଚାଇନାର ଏକ ସୀମିତ ପରିସୀମା ମଧ୍ୟରେ ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିଛି । କିନ୍ତୁ ୟୁରୋପ ଓ ଆମେରିକାରେ ଏହା ପ୍ରଳୟ ସୃଷ୍ଟି କରିଛି । ଆମେରିକା ଭଳି ଉନ୍ନତ ଓ ଶକ୍ତିଶାଳୀ ରାଷ୍ଟ୍ରର ଅହଙ୍କାର ଚୂର୍ଣ୍ଣବିଚୂର୍ଣ୍ଣ ହୋଇଛି । ରାଷ୍ଟ୍ରପତି ଟ୍ରମ୍ପ ସ୍ୱୟଂ ବିଷର୍ଣ୍ଣ ଓ ତାଙ୍କ ପ୍ରଶାସନ କିଂକର୍ତ୍ତବ୍ୟବିମୂଢ଼ । ସଂଗୃହୀତ କେତୋଟି ତଥ୍ୟକୁ ଅନୁଧ୍ୟାନ କଲେ ମନରେ ଚାଇନା ପ୍ରତି ସନ୍ଦେହ ଜାତହୁଏ । କରୋନାର ଉତ୍ପତ୍ତି ସ୍ଥଳ କୁହାଯାଉଥିବା ଉହାନ୍‌ଠାରୁ ରାଜଧାନୀ ବେଜିଂ ଓ ସାଙ୍ଘାଇ ସହର ମଧ୍ୟରେ ଦୂରତା ଯଥାକ୍ରମେ ୧୨୦୦ ଓ ୮୦୦ କିଲୋମିଟର । ଚାଇନାର ଏହି ଦୁଇଟି ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟତଃ ଶୂନ । କିନ୍ତୁ ସେଠାରୁ ଆମେରିକା, ସ୍ପେନ୍ ଓ ଇଟାଲୀ ଯଥାକ୍ରମେ ୧୨ ହଜାର, ୧୦ ହଜାର ଓ ୯ ହଜାର କିଲୋମିଟର ଦୂରରେ ଥିଲେ ମଧ୍ୟ ସେଠାରେ ସ୍ଥିତି ଉଦ୍‌ବେଗଜନକ । ଦ୍ୱିତୀୟତଃ ନର୍ଥ କୋରିଆ ଭଳି ଚାଇନାର ମିତ୍ର ଦେଶ ଓ ରୁଷରେ ଏହି ରୋଗର ସଂକ୍ରମଣ ନାହିଁ କହିଲେ ଚଳେ । କରୋନାର ବିପତ୍ତିସ୍ଥଳ ଚାଇନା ଓ ତା'ର ମିତ୍ର ରାଷ୍ଟ୍ରରେ ଏହାର ଭୟାବହତା ଦୃଶ୍ୟ ନୁହେଁ କାହିଁକି? ତେବେ କ'ଣ ଚାଇନାର ଏହା ଏକ ଷଡ଼ଯନ୍ତ୍ର? ଏହି ରୋଗର ପ୍ରତିକାର ଓ ପ୍ରତିଷେଧକ କ'ଣ ଚାଇନାକୁ ଜଣା ଅଛି, ଯାହା ସେ ଅନ୍ୟମାନଙ୍କୁ ଦେବାକୁ ଚାହୁଁନାହିଁ? ଉନ୍ନତ ତଥା ବିକଶିତ ଅର୍ଥନୀତି ସମ୍ପନ୍ନ ଦେଶମାନଙ୍କର ଅର୍ଥନୀତିକୁ ଭୂଲୁଣ୍ଠିତ କରି ଚାଇନା ଅଧିକ ବିତ୍ତଶାଳୀ, କ୍ଷମତାଶାଳୀ ଓ ସର୍ବେସର୍ବା ହେବାର ଆକାଂକ୍ଷା ପୋଷଣ କରୁନାହିଁ ତ? ବିଶ୍ୱ ସମୁଦାୟ ଏ ଦିଗ ପ୍ରତି ସଚେତନ ହେବାର ପ୍ରାଥମିକ ଆବଶ୍ୟକତାର ସମୟ ଉପଗତ ନୁହେଁ କି?

କେତେକ ଚିକିତ୍ସକ ଓ ଚିକିତ୍ସା ବିଜ୍ଞାନୀଙ୍କ ମତରେ ଭୂତାଣୁ ଜନିତ ରୋଗ କରୋନା ପୃଥିବୀରେ ନୂଆ ନୁହେଁ । ଫ୍ଲୁ ବିଶେଷଜ୍ଞ ଓଡ଼ିଆ ଡାକ୍ତର ହରେକୃଷ୍ଣ ପ୍ରଧାନ ମତ ଦିଅନ୍ତି ଯେ, ଆଜକୁ ୪୫ ଅର୍ଥାତ୍ ୧୯୭୫ ମସିହାରେ ବର୍ଷ ତଳେ କରୋନାଭୂତାଣୁ ପ୍ରଥମକରି କୁକୁଡ଼ା ଦେହରେ ଠାବ କରାଯାଇଥିଲା । ସେତେବେଳେ ଏହି ଭୂତାଣୁ କେବଳ କେତେକ ନିର୍ଦ୍ଦିଷ୍ଟ ପଶୁପକ୍ଷୀଙ୍କ ମଧ୍ୟରେ ସୀମିତ ଥିଲା । କ୍ରମେ ଜିନୀୟ ପରିବର୍ତ୍ତନ (ମ୍ୟୁଟେଶନ) ଚକ୍ରରେ ଏହା ୨୦୧୯ରେ ମାନବ ଶରୀରକୁ ସଂକ୍ରମିତ ହେବାର ସୁଯୋଗ ପାଇଲା । ମଣିଷ ଶରୀରରେ ସଂକ୍ରମଣ ସୃଷ୍ଟିକାରୀ ଭାଇରସ ସଂଖ୍ୟା ପୃଥିବୀରେ ସମୁଦାୟ ୧୩୧୪ । ଏଗୁଡିକ ମଧ୍ୟରୁ ପ୍ରାୟ ୮୦୦ ପ୍ରଜାତିର ଭାଇରସ୍ ସାଙ୍ଘାତିକ ଓ ଅବଶିଷ୍ଟ ପ୍ରାୟତଃ ସାଧାରଣ, ଯେଉଁମାନେ ଜିନୀୟ ପରିବର୍ତ୍ତନ (ମ୍ୟୁଟେଶନ) ରହିତ । ଚାଇନାକୁ ସୃଷ୍ଟ ନୋଭେଲ କରୋନା ଭାଇରସ୍ ବାଦୁଡ଼ି ପ୍ରଭୃତି କିଛି କଞ୍ଚାମାଂସରୁ ମଣିଷ ଶରୀରକୁ ମ୍ୟୁଟେଶନ ମାଧ୍ୟମରେ ସଂକ୍ରମିତ ହୋଇ ଭୟାବହ ପରିସ୍ଥିତି ସୃଷ୍ଟି କରିଛି । ୪୫ ବର୍ଷ ତଳେ ଯଦିଓ ବୈଜ୍ଞାନିକମାନେ କରୋନା ଫ୍ଲୁର ପ୍ରତିଷେଧକ ଉଦ୍ଭାବନ କରିଥିଲେ, ତାହା କିନ୍ତୁ ନୋଭେଲ କରୋନା ଭାଇରସ ବିରୋଧରେ ଲଢ଼ିବାକୁ ସକ୍ଷମ ନୁହେଁ । ବର୍ତ୍ତମାନ ରୋଗୀ ଚିକିତ୍ସାକୁ ଚିକିତ୍ସକମାନେ ପ୍ରାଧାନ୍ୟ ଦେଉଥିବା ହେତୁ ପ୍ରତିଷେଧକ ବ୍ୟବସ୍ଥା ଚିନ୍ତା କରିବା ସମୟ ସାପେକ୍ଷ । କିନ୍ତୁ ଅଳ୍ପଦିନ ମଧ୍ୟରେ ଯେ ଏହି ରୋଗର ପ୍ରତିଷେଧକ ଉଦ୍ଭାବିତ ହେବ, ଏଥିରେ ସନ୍ଦେହ ନାହିଁ । ପ୍ରଥମେ ସଂକ୍ରମିତଙ୍କୁ ରୋଗମୁକ୍ତ କରିବା ସବୁ ରାଷ୍ଟ୍ରର ପ୍ରାଥମିକତା । ଯେହେତୁ କରୋନା ଭାଇରସର ସହସା ପ୍ରତିଷେଧକ ମଣିଷ ପାଖରେ ଏବେ ବି ଅପହଞ୍ଚ । ନିରାକରଣର ଏକ ମାତ୍ର ଉପାୟ ହେଉଛି ପରିଷ୍କାର ପରିଚ୍ଛନ୍ନତା ଓ ସାମାଜିକ ଦୂରତା ରକ୍ଷା । ନିଜକୁ ଯେତେଦୂର ସମ୍ଭବ ଅନ୍ୟଠାରୁ ଦୂରେଇ ରଖିପାରିଲେ ଓ ବାରମ୍ବାର ହାତ ଧୋଇଲେ ଏବଂ ପରିଚ୍ଛନ୍ନତାକୁ ଆପଣେଇ ପାରିଲେ ସଂକ୍ରମଣକୁ ନିରୋଧ କରାଯାଇପାରିବ ।

ଭାରତ ଓ ବିଶେଷକରି ଓଡ଼ିଶା କରୋନା ବିପ୍ୱତର ସମ୍ମୁଖୀନ ହୋଇ ସାରନ୍ତାଣି । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟୋପଯୋଗୀ ବିଚକ୍ଷଣ ସଚେତନତା କରୋନାର ପ୍ରଖର ଗତିକୁ ବହୁ ମାତ୍ରାରେ ପ୍ରତିରୋଧ କରିବାରେ ସକ୍ଷମ ହୋଇଛି । ଏହା ଆମ ପାଇଁ ନିଶ୍ଚିତ ଭାବେ ଏକ ଆଶ୍ୱସ୍ତିର କଥା । ଏହିସମୟ ଅତ୍ୟନ୍ତ ଜଟିଳ, କିନ୍ତୁ ଧୈର୍ଯ୍ୟର ସହ ସମସ୍ତ ନିର୍ଦ୍ଦେଶର ପରିପାଳନ ଦ୍ୱାରା ଆମେ ସୁରକ୍ଷିତ ରହିବା । ଅବଶ୍ୟ ସମାଜର ବହୁ ବର୍ଗର ଲୋକେ ଜୀବିକା ହରାଇ ଭୟଙ୍କର ଆର୍ଥିକ ସଂକଟର ସମ୍ମୁଖୀନ ହୋଇଛନ୍ତି । ସମୂହ ସ୍ୱାର୍ଥ ଦୃଷ୍ଟିରୁ ନିଜ ପାଇଁ କିଛି କଷ୍ଟ ସ୍ୱୀକାର ଏକାନ୍ତ ଅପରିହାର୍ଯ୍ୟ । କରୋନା ଭୟାବହତା ଖୁବ୍‌ଶୀଘ୍ର ପୃଥିବୀରୁ ଅପସୃତ ହେଉ ଓ ବିଶ୍ୱବାସୀ ପୁଣିଥରେ ଅଣ୍ଟାସଳଖି ଠିଆ ହୁଅନ୍ତୁ ଈଶ୍ୱରଙ୍କ ନିକଟରେ ଏତକି ପ୍ରାର୍ଥନା ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ-୯୯୩୭୪୫୦୫୪୦

## ଏଇ ଭାରତରେ

ଭାରତରେ କରୋନା ବିରୋଧୀ ଲଢ଼େଇରେ ସାଧାରଣ ଜନତା ଯଥାଶକ୍ତି ସରକାରଙ୍କୁ ସହଯୋଗ କରୁଥିବାବେଳେ ତାମିଲନାଡୁର ଜଣେ ବ୍ୟକ୍ତିଙ୍କ ଯୋଗଦାନ ପ୍ରେରଣା ପାଲଟିଛି । ପୁଡୁଚେରିର ରାମନାଥପୁରମ୍ ନିବାସୀ ମଣିକନ୍ଦନ ଲକ୍‌ଡାଉନ ସମୟରେ ୨୪ ଘଣ୍ଟିଆ ଆମ୍ବୁଲାନ ସେବା ଯୋଗାଇ ଦେଉଛନ୍ତି । ରୋଗୀମାନଙ୍କୁ ହସ୍ପିଟାଲରେ ଠିକ୍ ସମୟରେ ପହଞ୍ଚାଇବା ପାଇଁ କଠିନ ପରିଶ୍ରମ କରୁଛନ୍ତି । ସବୁଠୁ ବଡ କଥା ହେଉଛି ସେ ଚାକିରି କରି ଯାହା ରୋଜଗାର କରୁଛନ୍ତି ସେଥିରେ ମାଗଣାରେ ଲୋକମାନଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେଉଛନ୍ତି । କାହାଠାରୁ ଟଙ୍କାଟିଏ ବି ଅନୁଦାନ ନେଉନାହାନ୍ତି । ଏଥିପାଇଁ ମଣିକନ୍ଦନଙ୍କୁ ଏବେ ଲୋକମାନେ 'ଆମ୍ବୁଲାନ୍ସ ମଣି' କହୁଛନ୍ତି । ୨୦୦୭ରେ ହସ୍ପିଟାଲରେ ନ ପହଞ୍ଚିପାରି ତାଙ୍କ ଭାଇଙ୍କର ମୃତ୍ୟୁ ହେବା ପରେ ସେ ବିନା ଦେୟରେ ଆମ୍ବୁଲାନ୍ସ ସେବା ଆରମ୍ଭ କରିବା ପାଇଁ ସ୍ଥିର କରିଥିଲେ । ପରେ କଠିନ ପରିଶ୍ରମ ବଳରେ ଅର୍ଥ ଉପାର୍ଜନ କରି ସଞ୍ଚୟ କରିବା ପରେ ୨୦୧୬ରୁ ମାଗଣା ସେବା ଯୋଗାଇ ଦେଉଛନ୍ତି । ଦିନରେ କାର୍ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରି ରାତିରେ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି । ଦିନରେ ଯେହେତୁ ଡ୍ୟୁଟିରେ ରହନ୍ତି ସେଥିପାଇଁ ସେ ଦିନବେଳା ଜଣେ ଡ୍ରାଇଭରଙ୍କୁ ନିଯୁକ୍ତି ମଧ୍ୟ ଦେଇଛନ୍ତି । ଏବେ ସୁଦ୍ଧା ମଣି ୬୫୦ ଜଣରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇପାରିଛନ୍ତି । ଏପରି କି ୧୦୮ ଆମ୍ବୁଲାନ୍ସକୁ କଲ୍ କଲେ ତାହା ବ୍ୟସ୍ତ ରହିଥିଲେ ସେମାନେ ରୋଗୀ ସମ୍ପର୍କରେ ମଣିଙ୍କୁ ଜଣାଇଦେବା ପରେ ସେ ତତ୍‌କ୍ଷଣାତ ସେବା ଯୋଗାଇ ଦେଇଥାନ୍ତି ।

## ଚିରନ୍ତନୀ

କ୍ଷୁଦ୍ର ଆଖି ଦୁଇଟିର ମୂର୍ଖ ମୂକ ଭାଷା
ଜଗାଇଛି ଜଳେ ସ୍ଥଳେ
ଅନନ୍ତ ପିପାସା
ସୃଷ୍ଟିର ସହସ୍ର ଆୟୋଜନ
ନିତି ନବ ଉଦ୍ଭାବନ
ଶତ ଶତ କଳା କଉଶଳ
ସର୍ବ ନିମ୍ନେ ସେ ଚାହାଣି
ଦିଶେ ଦିଶେ ମତାଏ ସକଳ ।
(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ମାଣରେ ସ୍ୱଚ୍ଛତା ରହୁ

ମହାଶୟ,

ପ୍ରତିଦିନ ଟିଭି ଏବଂ ଖବରକାଗଜରୁ ଦେଖିବାକୁ ମିଳୁଛି ବିଭିନ୍ନ ଦପ୍ତରରେ ବିନା ଲାଞ୍ଚରେ କର୍ମଚାରୀ ଏବଂ ଅଧିକାରୀମାନେ କାମ କରୁନାହାନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଭିଜିଲାନ୍ସ ହାତରେ ଧରା ପଡୁଛନ୍ତି । ସେମାନଙ୍କୁ ନିଲମ୍ବିତ କରାଯାଉଛି । କିଛି ଦିନ ପରେ ନିଲମ୍ବନକୁ ଉଠାଇ ଦିଆଯାଉଛି । ବେଳେ ବେଳେ ସରକାର ସେମାନଙ୍କୁ ବଦଳି କରିଦେଉଛନ୍ତି । ଆମର ରାଜନେତାମାନେ ସେହି ଲୋକଙ୍କୁ ନିଜ ଅଞ୍ଚଳରେ ରଖିବା ପାଇଁ ପସନ୍ଦ କରନ୍ତି । କାରଣ ସେମାନେ ଭଲ ଲାଞ୍ଚ ନେଇପାରିବେ ଏବଂ ଭଲ ବଟି ଦେଇ ପାରିବେ । ବିଭିନ୍ନ ଜାଗାରେ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତାଘାଟ ଏବଂ ଘର କାମ ଅତି ନିମ୍ନମାନର ହେଉଛି । କେଉଁଠି ରାସ୍ତା ଉପରୁ ପିଚୁ ଉଠିଯାଉଛି ତ କେଉଁଠି ଫାଟି ଗର୍ତ୍ତ ସୃଷ୍ଟି ହେଉଛି । ସ୍ଥାନୀୟ ବାସିନ୍ଦା ଚିତ୍କାର କଲେ ବି କେହି କର୍ଣ୍ଣପାତ କରୁନାହାନ୍ତି । ଏହାକୁ ଟିଭି ପରଦାରେ ଦେଖେଇଦେଲେ ହୁଏତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ପ୍ରତିଶ୍ରୁତି ଦେଉଛନ୍ତି । ଏ କାର୍ଯ୍ୟାନୁଷ୍ଠାନ କେବଳ 'କଂସାରି ଘରର ପାରାକୁ କୁଳା ଡାଉଁ ଡାଉଁ' ପରି ଲାଗୁଛି । ଯଦି ସେଭଳି କର୍ମଚାରୀ ଏବଂ ଅଫିସରମାନଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାନ୍ତା ଏବଂ କଣ୍ଟ୍ରାକ୍ଟରମାନଙ୍କୁ କଳା ତାଲିକାରେ ଅନ୍ତର୍ଭୁକ୍ତ କରାଯାନ୍ତା ତେବେ ଏ ଦୁର୍ନୀତିକୁ ରୋକାଯାଇପାରନ୍ତା । କଣ୍ଟ୍ରାକ୍ଟରମାନଙ୍କ ସହିତ ନିର୍ଦ୍ଦିଷ୍ଟ କାମର ସ୍ଥାୟିତ୍ୱ ପାଇଁ ଚୁକ୍ତିବଦ୍ଧ କରାଯାନ୍ତା, ତେବେ କାମର ମାନ ଉଚ୍ଚକୋଟୀର ହୁଅନ୍ତା । ତାହା ବି ହେଉନି ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କାଲିଫର୍ନିଆ ସାନ୍ ଫ୍ରାନ୍‌ସିସ୍‌କୋର ଜଣେ ମହିଳା ଏମିଲି ଟଲେର୍ମୋ ତାଙ୍କର ହଜିଯାଇଥିବା କୁକୁରକୁ ଖୋଜିବା ପାଇଁ ଭଡ଼ାରେ ଏକ ପ୍ଲେନ୍ ନେବାକୁ ପଛାଇ ନ ଥିଲେ। ସେ ଜାଣିବାକୁ ପାଇଥିଲେ ଯେ, କୁକୁର ଜ୍ୟାକସନ୍ ଏକ ପ୍ରାଣୀ ସେଲ୍‌ଟର୍ ହୋମ୍‌ରେ ଅଛି। ସେହି ସ୍ଥାନଟି ତାଙ୍କ ଘରଠାରୁ ପ୍ରାୟ ୩୭୦ କିଲୋମିଟର ଦୂର ଥିଲା। ତେଣୁ ସେ ଜ୍ୟାକ୍‌ସନ୍‌କୁ ଆଣିବା ପାଇଁ ଏକ ବିମାନ ଭଡ଼ାରେ ଆଣିଥିଲେ। ଏହି ବିମାନରେ ଜ୍ୟାକ୍‌ସନ୍‌କୁ ସେ ଫେରାଇ ଆଣିଥିଲେ। ଏବେ ସେ ତାଙ୍କ କୁକୁରକୁ ଘରେ ପାଇ ବେଶ୍ ଖୁସି ଅଛନ୍ତି।

# ୨୦ ହଜାର ହଳ ଜୋତା ଦାନ କରିବେ ପ୍ରିୟଙ୍କା




**ମୁମ୍ବାଇ:** ଦେଶ କରୋନା ଭାଇରସ୍ ସହ ଲଢୁଥିବା ବେଳେ ଏବେ ସମସ୍ତେ ଏହାଠାରୁ ବିଜୟୀ ହେବାକୁ ଲାଗି ପଡ଼ିଛନ୍ତି। ବଲିଉଡ୍‌ର ଅନେକ ସେଲିବ୍ରିଟି ଏ ଦିଗରେ ସହଯୋଗର ହାତ ବି ବଢ଼ାଇଛନ୍ତି। ନିକଟରେ ମିଳିଥିବା ଖବର ଅନୁଯାୟୀ, ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ଏହି ସଙ୍କଟର ସାମ୍ନା କରୁଥିବା ମହିଳାମାନଙ୍କ ପାଇଁ ୨୦ ହଜାର ହଳ ଜୋତା ଦାନ କରିବେ ବୋଲି ଶୁଣିବାକୁ ମିଳିଛି। ପ୍ରିୟଙ୍କା ଲସ୍ ଆଞ୍ଜେଲ୍‌ସରେ କରୋନା ସହ ମୁକାବିଲା କରୁଥିବା ମହିଳାମାନଙ୍କ ପାଇଁ ୧୦ ହଜାର ହଳ ଫୁଟୱେୟାର ଦାନ କରିବେ ବୋଲି ଜଣାପଡିଛି। ସେହିପରି ଭାରତର ମହିଳା ସ୍ୱାସ୍ଥକର୍ମୀମାନଙ୍କୁ ମଧ୍ୟ ୧୦ ହଜାର ହଳ ଜୋତା ଦାନ କରିବେ। ଏକ ସାକ୍ଷାତ୍‌କାରରେ ପ୍ରିୟଙ୍କା କହିଛନ୍ତି, କରୋନା ଭଳି ମହାମାରୀର ସାମ୍ନା କରୁଥିବା ସ୍ୱାସ୍ଥ୍ୟକର୍ମୀମାନେ ହେଉଛନ୍ତି ବର୍ତ୍ତମାନର ରିୟଲ ହିରୋ। ଆମକୁ ସୁରକ୍ଷା ଦେବାକୁ ସେମାନେ ଦିନରାତି ଜୀବନକୁ ବାଜି ଲଗାଇ କାମ କରୁଛନ୍ତି ବୋଲି ସେ କହିଛନ୍ତି। ସେମାନଙ୍କ ସୁରକ୍ଷା ଜରୁରି। ଏହି ଯୋଦ୍ଧାଙ୍କ ଲାଗି ଯେକୌଣସି ସହଯୋଗ କରାଗଲେ ବି କମ୍ ହେବ।

# ଡାକ୍ତରେ ପିନ୍ଧୁଛନ୍ତି ଆଡଲ୍ଟ ଡାଏପର

**ନୂଆଦିଲ୍ଲୀ:** କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ନିୟୋଜିତ ହୋଇଥିବା ଡାକ୍ତର ନିଜ ଜୀବନକୁ ବାଜିଲଗାଇ କାର୍ଯ୍ୟ କରୁଛନ୍ତି। ଏପରିସ୍ଥଳେ କେତେକ ସ୍ଥାନରେ ସେମାନଙ୍କୁ ସାଧାରଣ ଲୋକେ ମାଡ଼ ମାରୁଥିବା, ଟେକାପଥର ଫିଙ୍ଗୁଥିବା ଭଳି ଘଟଣାମାନ ଘଟୁଛି। ତେବେ ଏହି କରୋନା ଯୋଦ୍ଧାଙ୍କ ଜୀବନ ଶୈଳୀ ସମ୍ପର୍କରେ ଜାଣିଲେ ଯେ କେହି ନିଶ୍ଚିତ ଦୁଃଖୀ ହୋଇଯିବେ। ସେମାନେ ବ୍ୟକ୍ତିଗତ ସୁରକ୍ଷା କିଟ୍(ପିପିଇ) ପିନ୍ଧିବା ପରେ ୮ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଶୌଚାଳୟ ଯାଇପାରୁ ନାହାନ୍ତି। ପିପିଇକୁ ଥରେ ଖୋଲିଲେ ଏହା ନଷ୍ଟ ହୋଇଯାଇଥାଏ। ଏହାର ଦାମ ୧୦୦୦ ଟଙ୍କା ପାଖାପାଖି ହୋଇଥିବାରୁ ଡାକ୍ତର, ନର୍ସ ଏବଂ ସ୍ୱାସ୍ଥ୍ୟକର୍ମୀ ଏହାକୁ ପିନ୍ଧି ନିରନ୍ତର କାମ କରିଥାନ୍ତି। କେହି କେହି ଏହାକୁ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଭଳି ହୋଇଥିବା କହିଛନ୍ତି। ଏହାକୁ ପିନ୍ଧି ବିନା ଏ.ସି. ଏବଂ ଫ୍ୟାନ୍‌ରେ ସଂକ୍ରମିତଙ୍କ ଚିକିତ୍ସା କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ଏହାକୁ ପିନ୍ଧିଲେ ପ୍ରବଳ ଗରମ ଅନୁଭବ ହୋଇ ଝାଳ ବୋହିଥାଏ। ଦୀର୍ଘ ସମୟ ଧରି ଶୌଚାଳୟ ଯାଇପାରୁ ନ ଥିବାରୁ ସେମାନେ ଆଡଲ୍ଟ ଡାଏପର ପିନ୍ଧିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଘରକୁ ଗଲେ ପରିବାର ସଦସ୍ୟଙ୍କୁ ସଂକ୍ରମଣ ହେବାର ଭୟ ରହିଛି। ତେଣୁ ଦିଲ୍ଲୀରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀଙ୍କୁ ଏକ ପଞ୍ଚତାରକା ହୋଟେଲରେ ରଖାଯାଇଛି ବୋଲି ଡାକ୍ତର ସୁମିତ କୁମାର ଏବଂ ଛବି ଗୁପ୍ତା ସୂଚନା ଦେଇଛନ୍ତି। କେତେକ ମାଲିକ ସଂକ୍ରମଣ ଭୟରେ କିଛି ଡାକ୍ତରଙ୍କୁ ଭଡ଼ା ଘର ଛାଡ଼ିବାକୁ କହୁଥିବା ହିନ୍ଦୁରାୟ ହସ୍ପିଟାଲରଥ ଡାକ୍ତର ପୀୟୂଷ ସିଂ କହିଛନ୍ତି। ଆମେ ନିଜ ପରିବାର ଚିନ୍ତା ଛାଡ଼ି ଲୋକଙ୍କ ଚିକିତ୍ସା କରୁଥିବାବେଳେ କେତେକଙ୍କର ଏଭଳି ମନୋଭାବ ଆମକୁ ଆଘାତ ଦେଉଥିବା ସେ କହିଛନ୍ତି।



- ପିପିଇ ପିନ୍ଧିବା ପରେ ୮ ଘଣ୍ଟା ଶୌଚାଳୟ ଯାଇପାରୁ ନାହାନ୍ତି
- ପ୍ରବଳ ଗରମରେ କରୋନା ସଂକ୍ରମିତଙ୍କୁ କରୁଛନ୍ତି ଚିକିତ୍ସା

# ଗଛ ଉପରେ କ୍ୱାରାଣ୍ଟାଇନ୍

**ଜୟପୁର:** କରୋନା ଭାଇରସ୍ ସଂକ୍ରମଣର ଭୟ ଲୋକଙ୍କ ମନରେ କେତେ ଅଧିକ ରହିଛି ତା'ର ଏକ ଉଦାହରଣ ଦେଖିବାକୁ ମିଳିଛି ରାଜସ୍ଥାନର ମିଲ୍‌ୱାଡା ଜିଲ୍ଲା ଅନ୍ତର୍ଗତ ଶେରପୁରା ଗାଁରେ। ଏହି ଗାଁର ୨୪ ବର୍ଷୀୟ ଯୁବକ କମଲେଶ ମିନା ଲକ୍‌ଡାଉନ୍ ଯୋଗୁଁ ଚାରିଦିନ ତଳେ ଆଜ୍‌ମେରରୁ ଚାଲି ଚାଲି ଆସି ନିଜ ଗାଁରେ ପହଞ୍ଚିଥିଲେ। କିନ୍ତୁ ଗାଁ ଭିତରକୁ ଯିବା ପୂର୍ବରୁ ତାଙ୍କୁ ଲୋକେ ବାରଣ କରିଥିଲେ। ଏହାପରେ ଗାଁ ଲୋକେ ତାଙ୍କୁ ଜିଲା ମୁଖ୍ୟାଳୟରେ ଥିବା ଡାକ୍ତରଖାନାରେ ତାଙ୍କର ଯାଞ୍ଚ କରାଇଥିଲେ। ଏହା ପରେ କମଲେଶଙ୍କୁ ଗାଁ ଭିତରକୁ ଆସିବା ପାଇଁ ଅନୁମତି ମିଳିଥିଲା କିନ୍ତୁ ପରିବାର ସହ ଏକାଠି ରହିବାକୁ ତାଙ୍କୁ ବାରଣ କରାଯାଇଥିଲା। ଶେଷରେ ପ୍ରଶାସନ ତଥା ଗାଁ ଲୋକଙ୍କ ଆପୋଷ ବୁଝାମଣାରେ ତାଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ କୁହାଯାଇଥିଲା। ତେବେ କମଲେଶ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବା ପାଇଁ ରାଜି ହୋଇ ନ ଥିଲେ। ଶେଷରେ ତାଙ୍କୁ ଘର ପାଖରେ ଥିବା ଏକ ଗଛ ଉପରେ ମଞ୍ଚା କରି ଅଲଗା ରଖାଯାଇଥିଲା। କମଲେଶଙ୍କ ଏହି ଭିନ୍ନ ଷ୍ଟାଇଲ୍‌ର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେଇ ଚର୍ଚ୍ଚା ହେଉଛି। ତେବେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ପ୍ରତିଦିନ କମଲେଶଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଜଣାପଡ଼ିଛି।



# ଦରମା ନ ମିଳିବାରୁ ଘାସ ଖାଇଲେ

**ନୂଆଦିଲ୍ଲୀ:** ଲକ୍‌ଡାଉନ୍ ପ୍ରଭାବରେ ଅନେକେ ଜୀବନଜୀବିକା ହରାଇ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। କିଛିଲୋକ ଏହି ପରିସ୍ଥିତିରେ ଘାସ ଖାଇବାକୁ ବି ପଛାଉ ନାହାନ୍ତି। ଏମିତି ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହି ଭାଇରାଲ୍ ଭିଡିଓଟିରେ ଜଣେ ବ୍ୟକ୍ତି ଏକ ଥାଳିରେ ଘାସ ରଖି ତାକୁ ପ୍ରଥମେ ଖାଉଛନ୍ତି ଏବଂ ପରେ ପାଖରେ ଥିବା ଏକ ବୋତଲରୁ ପାଣି ପିଇ ସେଠାରେ ଶୋଇ ପଡୁଛନ୍ତି।



ଭିଡିଓରେ ଏଭଳି ଘାସ ଖାଉଥିବା ବ୍ୟକ୍ତି ଜଣକ ହେଉଛନ୍ତି ଦିଲ୍ଲୀସ୍ଥିତ ଗୁରୁଗ୍ରାମର ସଞ୍ଜୀବ୍। ସେ ପଞ୍ଜାବର ମୂଳବାସିନ୍ଦା ହୋଇଥିଲେ ବି ଗୁରୁଗ୍ରାମର ବିଏସ୍‌ଏନ୍‌ଏଲ୍ ଅଫିସରେ ସିକ୍ୟୁରିଟି ଗାର୍ଡଭାବେ ଚାକିରି କରନ୍ତି। କିନ୍ତୁ ଗତ ଦୁଇମାସ ହେଲା ତାଙ୍କୁ ଦରମା ମିଳି ନ ଥିବାରୁ ସେ ହତାଶ ହୋଇ ଏପରି ଆଚରଣ କରିଛନ୍ତି। କାରଣ ଏତେଦିନ ପର୍ଯ୍ୟନ୍ତ ନିଜ ପରିବାର ପାଖକୁ ସେ କୌଣସି ସହାୟତା ପଠାଇ ପାରୁ ନ ଥିଲେ କି ନିଜେ ମଧ୍ୟ ଖାଇବା ଖର୍ଚ୍ଚ ତୁଲାଇବାକୁ ସମର୍ଥ ହୋଇ ନ ଥିଲେ। ଦରମା ଦେବା ପାଇଁ ତାଙ୍କ ଉପରିସ୍ଥ ଅଫିସରଙ୍କୁ ସେ ଗୁହାରି କରିଥିଲେ ବି ତାଙ୍କୁ କୌଣସି ପ୍ରକାରର ସାନ୍ତ୍ୱନା ମିଳି ନ ଥିବାରୁ ସେ ଏପରି କରିଥିବା କହିଛନ୍ତି।

# ବିକାଶ ଲାଗି ପଞ୍ଚାୟତିରାଜ ବ୍ୟବସ୍ଥାକୁ ଗୁରୁତ୍ୱ

## ଜାତୀୟ ପଞ୍ଚାୟତିରାଜ ଦିବସ ଆଜି




ପ୍ରତିବର୍ଷ ୨୪ ଏପ୍ରିଲରେ ଭାରତରେ ଜାତୀୟ ପଞ୍ଚାୟତିରାଜ ଦିବସ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ପାଳନ କରାଯାଉଛି। ୧୯୯୩ ଏପ୍ରିଲ ୨୪ରେ ସମ୍ବିଧାନରେ ୭୩ତମ ସଂଶୋଧନ କରାଯାଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯାଇଥିଲା। ଆର୍ଥିକ ବିକାଶ ଓ ସାମାଜିକ ନ୍ୟାୟର କ୍ଷମତା ମଧ୍ୟ ପ୍ରଦାନ କରାଯାଇଥିଲା। ଏଣୁ ଏହି ଦିନକୁ ସ୍ମରଣ କରିବା ପାଇଁ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି। ୨୦୧୦ ଆଜିର ଦିନରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ଏହି ଦିବସ ଘୋଷଣା କରିଥିଲେ। ଯଦି ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକ ଠିକ୍ ଭାବେ କାର୍ଯ୍ୟ କରିବେ ଏବଂ ସ୍ଥାନୀୟ ଜନସାଧାରଣ ବିକାଶ ପ୍ରକ୍ରିୟାରେ ସାମିଲ ହେବେ, ତେବେ ସମାଜର ବିକାଶ ସାଧିତ ହୋଇପାରିବ ଓ ଏହାଦ୍ୱାରା ମୁଣ୍ଡ ଟେକିଥିବା ମାଓବାଦୀ ସମସ୍ୟାର ମୁକାବିଲା କରାଯାଇ ପାରିବ ବୋଲି ପ୍ରଥମ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ସେ ମତ ଦେଇଥିଲେ। ଦେଶରେ ମହିଳାମାନେ ସରପଞ୍ଚ ଭାବେ ନିର୍ବାଚିତ ହେଲେ ସେମାନଙ୍କ ପତି ସବୁକାର୍ଯ୍ୟ ତୁଲାଇବା। (ସରପଞ୍ଚ ପତି) ଧାରା ଆମ ଦେଶରେ ଏକ ସାଧାରଣ କଥା। କିନ୍ତୁ ୨୦୧୫ରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଇ କହିଥିଲେ ଯେ, 'ସରପଞ୍ଚ ପତି' ଧାରା ପୂରା ବନ୍ଦ ହେବା ଉଚିତ। ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ହୋଇପାରିଲେ ଦେଶର ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇପାରିବ ଓ ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ସ୍ୱପ୍ନ ସମ୍ପୂର୍ଣ୍ଣ ସାକାର ହୋଇପାରିବ।

# ସ୍ୱାମୀଙ୍କଠୁ ଅଲଗା ହେଲେ ସୁନିଧି



**ମୁମ୍ବାଇ:** ସିଙ୍ଗର ସୁନିଧି ଚୌହାନଙ୍କ ୮ବର୍ଷର ବୈବାହିକ ସମ୍ପର୍କ ଭାଙ୍ଗିଯାଇଛି। ସେ ଏବେ ତାଙ୍କ ସ୍ୱାମୀ ସଙ୍ଗୀତ ନିର୍ଦ୍ଦେଶକ ହିତେଶ ସୋନିକ ପରସ୍ପରଠାରୁ ଅଲଗା ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ସୁନିଧି ଏବଂ ହିତେଶ କିଛି ବନ୍ଧୁଙ୍କ ସହ ଗୋଆ ଯାଇଥିଲେ। ସେଠୁ ଫେରିବା ପରେ ଏମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। କିଛି ଦିନ ଧରି ଦୁହେଁ ଅଲଗା ରହୁଥିଲେ। କିନ୍ତୁ ସମସ୍ତଙ୍କ ଆଗରେ ପ୍ରକାଶ କରିବାକୁ ଚାହୁଁ ନ ଥିଲେ। ସୁନିଧି ଏବଂ ହିତେଶ୍ ପରସ୍ପରକୁ ୨ବର୍ଷ ଧରି ଡେଟ୍ କରିବା ପରେ ୨୦୧୨ ମସିହାରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ୨୦୧୮ ମସିହାରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ନେଇଥିଲା। ସୁନିଧି ପ୍ରାୟ ସମୟରେ ସୋସିଆଲ ସାଇଟ୍‌ରେ ଆକ୍ଟିଭ ଥାନ୍ତି। ସେ ତାଙ୍କ ପୁଅର ପ୍ରାୟ ଫଟୋ ଇନ୍‌ଷ୍ଟାରେ ଶେୟାର କରନ୍ତି। ତେବେ ହିତେଶ୍ ଏଭଳି ଖବରରେ କୌଣସି ସତ୍ୟତା ନ ଥିବା କହିଛନ୍ତି।

# ଖବରକାଗଜ ପଢ଼ିବା ଅଭ୍ୟାସ ୨ ଗୁଣା



ଲକ୍‌ଡାଉନ୍ ସୁଫଳ

**ନୂଆଦିଲ୍ଲୀ:** ଲକ୍‌ଡାଉନ ପାଇଁ ଅଟକିଯାଇଛି ଜୀବନ। ଭାରତର ୧୩୦ କୋଟି ଲୋକ ନିଜକୁ ଘର ଭିତରେ ବନ୍ଦୀ କରି ରଖିଥିବାବେଳେ ଏହାର ଗଭୀରତମ ପ୍ରଭାବ ପଡ଼ିଛି ଜାତୀୟ ଅର୍ଥନୀତି ଉପରେ। ସାମାଜିକ ବ୍ୟବସ୍ଥା ମଧ୍ୟ ବେଶ୍ ପ୍ରଭାବିତ ହୋଇଛି। କରୋନା ମଣିଷକୁ ଅନେକ କିଛି ଶିକ୍ଷା ଦେଇଛି। ଲକ୍‌ଡାଉନ୍‌ର ଯନ୍ତ୍ରଣା ଭିତରେ ଆମ ଭିତରେ ସକାରାତ୍ମକ ଭାବନା ବଢ଼ିବାରେ ଲାଗିଛି। ଗୃହବନ୍ଦୀ ହୋଇ ରହିବା ଯୋଗୁ ପଢ଼ିବା ଅଭ୍ୟାସରେ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ନିକଟରେ ଏକ ସଂସ୍ଥା ପକ୍ଷରୁ କରାଯାଇଥିବା ଏକ ଜାତୀୟସ୍ତରୀୟ ସର୍ବେକ୍ଷଣରୁ ଏ ସମ୍ପର୍କରେ ସବିଶେଷ ତଥ୍ୟ ସାମ୍ନାକୁ ଆସିଛି। ସର୍ବେକ୍ଷଣ କରିଥିବା ଆବାସ୍ ଫିଲ୍ଡ ଆଣ୍ଡ ବ୍ରାଣ୍ଡ୍ ସଲ୍ୟୁଶନ ଏଲ୍‌ଏଲ୍‌ପି ସଂସ୍ଥା ପକ୍ଷରୁ କୁହାଯାଇଛି, କରୋନା ସଙ୍କଟ ସମୟରେ ଖବରକାଗଜ ପ୍ରତି ଲୋକଙ୍କ ବିଶ୍ୱସନୀୟତା ପୂର୍ବାପେକ୍ଷା ବଢ଼ିଛି। ଲକ୍‌ଡାଉନ ପୂର୍ବରୁ ୧୬% ପାଠକ ଦୈନିକ ଘଣ୍ଟାଏ ଖବରକାଗଜରେ ସମୟ ଅତିବାହିତ କରୁଥିଲେ। ହେଲେ ଏବେ ଏହା ୩୮%କୁ ବୃଦ୍ଧି ପାଇଛି।

ଲକ୍‌ଡାଉନ୍ ସମୟରେ ଦେଶର ଲୋକମାନେ କିପରି ସମୟ ଅତିବାହିତ କରୁଛନ୍ତି, ତାହାକୁ ଜାଣିବା ଲାଗି ଏପ୍ରିଲ ୧୩ରୁ ୧୬ ତାରିଖ ମଧ୍ୟରେ ସଂସ୍ଥା ପକ୍ଷରୁ ଫୋନ୍ ମାଧ୍ୟମରେ ସର୍ଭେ କରାଯାଇ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା। ଏଥିରୁ ଖବରକାଗଜ ପଢ଼ିବାର ଅଭ୍ୟାସରେ ଅବିଶ୍ୱସନୀୟ ପରିବର୍ତ୍ତନ ଆସିଥିବା ଜଣାପଡ଼ିଛି। ଲକ୍‌ଡାଉନ୍ ପୂର୍ବରୁ ୪୨% ପାଠକ ଦିନକୁ ୩୦ ମିନିଟ୍‌ରୁ ଅଧିକ ସମୟ ଖବରକାଗଜ ପଢ଼ିବାରେ ବିତାଉଥିଲେ। ହେଲେ ଏହି ସଂଖ୍ୟା ଏବେ ବୃଦ୍ଧି ପାଇ ୭୨%ରେ ପହଞ୍ଚିଛି। ସର୍ଭେରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ମାତ୍ର ୩% ପାଠକ ୧୫ ମିନିଟ୍ ଖବରକାଗଜ ପଢୁଛନ୍ତି। ଲକ୍‌ଡାଉନ୍ ପୂର୍ବରୁ ଏମାନଙ୍କ ସଂଖ୍ୟା ୧୪% ଥିଲା। ସେହିପରି ଲକ୍‌ଡାଉନ ପୂର୍ବରୁ ଖବରକାଗଜରେ ୩୮ ମିନିଟ୍ ବିତାଉଥିବା ପାଠକ ଏବେ ଘଣ୍ଟାଏରୁ ଅଧିକ ସମୟ ପଢିବାରେ ବ୍ୟୟ କରୁଛନ୍ତି। ସର୍ଭେରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ୫୮% ଲୋକ ଥରକରେ ସମ୍ପୂର୍ଣ୍ଣ ଖବରକାଗଜ ପଢ଼ିଦେଉଛନ୍ତି। ସେହିପରି ୪୨% ଲୋକ ଦିନର ବିଭିନ୍ନ ସମୟରେ ଖବରକାଗଜ ପଢୁଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ସବୁବେଳେ ବିପଦ ସମୟରେ ଛାପା ଗଣମାଧ୍ୟମ ଭରସାଯୋଗ୍ୟ ସୂଚନା ପ୍ରଦାନର ମାଧ୍ୟମ ହୋଇ ରହିଆସିଛି। ଆଗାମୀ ଦିନରେ ମଧ୍ୟ ଏହା ବଳବତ୍ତର ରହିବ।

# ଘରୋଇ ହିଂସାକୁ ନା

**ମୁମ୍ବାଇ:** କରୋନା ଭାଇରସ୍ ସହ ମୁକାବିଲା ପାଇଁ ସରକାର ଦେଶରେ ମେ ୩ ଯାଏ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। କରୋନା ସଂକ୍ରମଣ ରୋକିବା ଲାଗି ବାରମ୍ବାର ଦେଶବାସୀଙ୍କୁ ଘରେ ରହିବାକୁ ଅନୁରୋଧ କରାଯାଉଛି। ହେଲେ ଏହି ଲକ୍‌ଡାଉନ୍ ସମୟରେ ଘରୋଇ ହିଂସା ବୃଦ୍ଧି ପାଉଥିବାରୁ ତାରକାମାନେ ଏହାର ବିରୋଧ କରିବାକୁ ଅନୁରୋଧ କରିଛନ୍ତି। ବଲିଉଡ୍ ଅଭିନେତା, ଅଭିନେତ୍ରୀଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ସେମାନେ ଲକ୍‌ଡାଉନ୍ ସମୟରେ ବଢୁଥିବା ଘରୋଇ ହିଂସା ବିରୋଧରେ ରିପୋର୍ଟ କରିବାକୁ ଦାବି କରିଛନ୍ତି। ଏଥିରେ ଅଭିନେତ୍ରୀ ଅନୁଷ୍କା ଶର୍ମା, ବିଦ୍ୟା ବାଲାନ, ନିର୍ଦ୍ଦେଶକ କରନ୍ ଜୋହର, ଦିଆ ମିର୍ଜା, ମାଧୁରୀ ଦୀକ୍ଷିତ, ଫର୍‌ହାନ୍ ଅଖ୍‌ତାର୍ ଓ ରାହୁଲ ବୋଷ୍‌ଙ୍କ ବ୍ୟତୀତ କ୍ରିକେଟର ବିରାଟ କୋହଲି, ରୋହିତ ଶର୍ମା ପ୍ରମୁଖ ନଜର୍‌କୁ ଆସିଛନ୍ତି। ଘରୋଇ ହିଂସା ବିରୋଧରେ ନୀରବତାକୁ ଭଙ୍ଗ କରିବାକୁ ଏମାନେ କହିଛନ୍ତି। ଯଦି ଆପଣ ନିଜେ ଘରେ ଘରୋଇ ହିଂସାର ଶିକାର ହେଉଛନ୍ତି, ତାହାଲେ ରିପୋର୍ଟ କରନ୍ତୁ। ଆସନ୍ତୁ ଏହି ଘରୋଇ ହିଂସା ଉପରେ ଲକ୍‌ଡାଉନ୍ ଲଗାଇବା ବୋଲି ସେଲିବ୍ରିଟିମାନେ ପ୍ରକାଶ କରିଛନ୍ତି।



## ଗୋଦାମରେ ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

**ଭୁବନେଶ୍ୱର,୨୩।୪ (ବ୍ୟୁରୋ):** ଗୁରୁବାର ରାତିରେ ରସୁଲଗଡ଼ ଶିଳ୍ପାଞ୍ଚଳର ପ୍ଲଟ୍ ନମ୍ବର ବି-୨୦ରେ ଥିବା ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଲକ୍ଷାଧିକ ଟଙ୍କାର ଗ୍ରସେରୀ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। କୌଣସି ବ୍ୟକ୍ତିଙ୍କର କିଛି କ୍ଷୟକ୍ଷତି ହୋଇନାହିଁ। ଅଗ୍ନିଶମ ବିଭାଗର ଦୁଇଟି ଗାଡ଼ି ନିଆଁକୁ ଲିଭାଇଥିଲେ। କିଭଳି ଅଗ୍ନିକାଣ୍ଡ ଘଟିଲା ଅଗ୍ନିଶମ ବିଭାଗ ତଦନ୍ତ କରୁଛି। ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

**ସଂକ୍ଷେପରେ**

## ଘରେ ପୂରାଇଲେନି, ବ୍ୟକ୍ତି କ୍ୱାରାଣ୍ଟାଇନକୁ ଗଲେ

**ଚୌଦ୍ୱାର,୨୩।୪(ଡି.ଏନ୍.ଏ):** ଚୌଦ୍ୱାର ତେଲୁଗୁ ବସ୍ତିର ଜଣେ ବ୍ୟକ୍ତି ଅନୁଗୋଳରେ ଶ୍ରମିକ ଭାବେ କାମ କରୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସେ ନିଜ ଘରକୁ ଫେରି ଥିଲେ। ଘରଲୋକ ତଥା ସାହି ପଡ଼ିଶା ତାଙ୍କୁ ଘରେ ପୂରାଇ ନଥିଲେ। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା କରିବା ପରେ ଡାକ୍ତର ତାଙ୍କୁ କ୍ୱାରାଣ୍ଟାଇନରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ପରିଡ଼ା ସାହିର ଜଣେ ଯୁବକ ବାଲେଶ୍ୱରରେ ରହି କାମ କରୁଥିବାବେଳେ ବୁଧବାର ନିଜ ଘରକୁ ଫେରିଥିଲେ। ସାହିଲୋକଙ୍କ ପରାମର୍ଶ କ୍ରମେ ସେ ଚୌଦ୍ୱାର ପୋଲିସ ସହାୟତାରେ କ୍ୱାରାଣ୍ଟାଇନ୍‌ରେ ଥିବା ଜଣାପଡ଼ିଛି। ପରିବାର ତଥା ପଡ଼ୋଶୀଙ୍କ ଏଭଳି ସଚେତନତାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରିଛନ୍ତି।

## ବାପାଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇପାରିଲେନି ପୁଅ
### ଭିଡିଓ କଲିଂରେ କଲେ ଅନ୍ତିମ ଦର୍ଶନ

**ଭୁବନେଶ୍ୱର,୨୩।୪ (ବ୍ୟୁରୋ):** କରୋନା ପାଇଁ ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଏଭଳି ସମୟରେ ରାଜଧାନୀ ଭୁବନେଶ୍ୱର ୟୁନିଟ-୧ରେ ଏକ ହୃଦୟ ବିଦାୟକ ଦୃଶ୍ୟ ଦେଖିବାକୁ ମିଳିଛି। ବାପାଙ୍କ ଅନ୍ତିମ ସତ୍କାର ପାଇଁ ଆସି ପାରିଲେନି ପୁଅ। ଭିଡିଓ କଲିଂରେ ଦେଖିଲେ ଶେଷକୃତ୍ୟ। ବୁଧବାର ରାତିରେ ସଚିବାଳୟ ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ହଜାରୀ ପ୍ରଧାନ(୮୨)ଙ୍କ ହୃଦଘାତରେ ଭୁବନେଶ୍ୱର ସ୍ଥିତ ବାସଭବନରେ ପରଲୋକ ଘଟିଥିଲା। ପାଖରେ ତାଙ୍କ ବଡ଼ ପୁଅ ସୁଶୀଲ,ମଝିଆ ପୁଅ ସୁରେଶ ଓ ଝିଅମାନେ ଉପସ୍ଥିତ ଥିଲେ। ସାନପୁଅ ସୁକାନ୍ତ ଚେନ୍ନାଇରେ ରହୁଥିଲେ। ମୃତ୍ୟୁ ପୂର୍ବରୁ ସୁକାନ୍ତକୁ ଦେଖିବାକୁ ଚାହିଁଥିଲେ ହଜାରୀ। ଏନେଇ ପରିବାର ଲୋକ ଜଣାଇଥିଲେ କିନ୍ତୁ ଲକ୍‌ଡାଉନ ଯୋଗୁ ସେ ଆସିପରିନଥିଲେ। ବାପାଙ୍କ ମୃତ୍ୟୁ ଖବର ଶୁଣି ଏକଦମ୍ ଭାଙ୍ଗିପଡ଼ିଥିଲେ। ବହୁ କଷ୍ଟରେ ସ୍ଥାନୀୟ ପ୍ରଶାସନଙ୍କ ନିକଟରୁ ସୀମା ପାସ୍ ଆଣି ଚେନ୍ନାଇରୁ ଆସିଥିଲେ। କିନ୍ତୁ ଓଡିଶା ସୀମାରେ ତାଙ୍କୁ ଛାଡ଼ିନଥିଲେ। ନୟାଗଡ଼ ରଣପୁରରେ ହଜାରୀଙ୍କ ଅନ୍ତିମ ସଂସ୍କାର ହୋଇଥିଲା।

## କୃଷ୍ଣପ୍ରସାଦରେ ପୋଲିସର ଦିନରାତି ପଇଁତରା

**କୃଷ୍ଣପ୍ରସାଦ, ୨୩।୪ (ଡି.ଏନ.ଏ.):** ଲକ୍‌ଡାଉନ ନିୟମକୁ କୃଷ୍ଣପ୍ରସାଦ ବ୍ଲକରେ ପୋଲିସ ପକ୍ଷରୁ କଡାକଡି ପାଳନ କରାଯାଉଛି। ଲୋକମାନଙ୍କୁ କରୋନା ଭୂତାଣୁରୁ ଦୂରେଇ ରଖିବାକୁ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅଞ୍ଚଳରେ ପୋଲିସ ଓ ହୋମଗାର୍ଡଙ୍କ ପକ୍ଷରୁ ଦିନରାତି ପଇଁତରା ମାରାଯାଉଛି। କିଛିଦିନ ଧରି ଅଞ୍ଚଳର ବ୍ୟବସାୟିକ କେନ୍ଦ୍ର ମାଲୁଦ, ପାରିକୁଦଗଡ଼, ଚାରିଛକ ଚିଲିକା ନୂଆପଡା ଉପରେ ସ୍ୱତନ୍ତ୍ର ନଜର ରଖିଛନ୍ତି। ସାମାଜିକ ଦୂରତା ରକ୍ଷା କରୁ ନ ଥିବା ଦୋକାନୀମାନଙ୍କୁ ତାଗିଦ୍ କରୁଛନ୍ତି। ନିଜେ ଆଇଆଇସି ନାୟକଙ୍କ ଉପସ୍ଥିତ ରହି ନିର୍ଦ୍ଧାରିତ ସମୟ ମଧ୍ୟରେ ଦୋକାନକୁ ଖୋଲିବା ଓ ବନ୍ଦ କରିବାକୁ କଡାକଡି କରିଛନ୍ତି। କାମ ନ ଥାଇ ବଜାରରେ ବୁଲୁଥିବା ଲୋକମାନଙ୍କୁ ଦଣ୍ଡ ଦେବା ସହ ବାଇକ୍‌ରୁ ପମ୍ପ ଖୋଲି ପୋଲିସ ତାଗିଦ୍ କରୁଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**ବାରଙ୍ଗ,୨୩।୪ (ଡି.ଏନ.ଏ.):** ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ମହାବୀର ଭଜନ ମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କର ରିଲିଫ ପାଣ୍ଠିକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଦାରୁଠେଙ୍ଗର ୧୦ଜଣ ଯୁବକଙ୍କୁ ନେଇ ୫ବର୍ଷ ହେବ ଗଠିତ ମହାବୀର ଭଜନ ମଣ୍ଡଳୀର ସଦସ୍ୟମାନେ ନିଜ ଗ୍ରାମ ସହ ଆଖପାଖ ଗ୍ରାମକୁ ଯାଇ ସତ୍ୟନାରାୟଣ ପାଲା, ମେଳା, ଭଜନସନ୍ଧ୍ୟା, ହନୁମାନ ଚାଲିଶା ଆଦି ପରିବେଷଣ କରିଥାନ୍ତି। ଏଥିରୁ ଖୁସିରେ ମିଳିଥିବା ଅର୍ଥରେ ଭଜନ ଯନ୍ତ୍ରପାତି କିଣା, ମରାମତି ସହ ଜନହିତକର କାର୍ଯ୍ୟ କରିଥାନ୍ତି। ଭଜନମଣ୍ଡଳୀର ମୁଖ୍ୟ ସିଲୁ ପାହଡସିଂ, ସରୋଜ କୁମାର ସାହୁ ଗୁରୁବାର ଚନ୍ଦକା ରାଜସ୍ୱ କାର୍ଯ୍ୟାଳୟଠାରେ ଉପସ୍ଥିତ ଥିବା ତହସିଲାଦାର ପ୍ରଦୀପ କୁମାର ସାହୁଙ୍କୁ ଏହି ଅର୍ଥ ପ୍ରଦାନ କରିଥିବା ପ୍ରବୀର ପରିଡା କହିଛନ୍ତି।

# ବ୍ରୋନକ୍ସ ଜୁ'ରେ ୪ ବାଘ, ୩ ସିଂହଙ୍କୁ କରୋନା




**ନ୍ୟୁୟର୍କ,୨୩।୪**

ନ୍ୟୁୟର୍କର ବ୍ରୋନକ୍ସ ଜୁ'ରେ ଗୋଟିଏ ବାଘୁଣୀ କରୋନା ସଂକ୍ରମିତ ହେବାର ପାଖାପାଖି ୩ ସପ୍ତାହ ପରେ ବୁଧବାର ସେଠାରେ ଆଉ ୪ଟି ବାଘ ଓ ୩ଟି ସିଂହ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ପରୀକ୍ଷାରୁ ଜଣାପଡିଛି। ଚିଡ଼ିଆଖାନାର ଦେଖାଶୁଣା କରୁଥିବା ୱାଇଲ୍ଡ ଲାଇଫ କଞ୍ଜରଭେଶନ ସୋସାଇଟି (ଡବ୍ଲୁସିଏସ୍) ଏହି ସୂଚନା ଦେଇଛି। ମାସ ଆରମ୍ଭରେ ସେଠାରେ ୪ ବର୍ଷର ଏକ ମାଲେସୀୟ ବାଘୁଣୀ କୋଭିଡ୍-୧୯ରେ ଆକ୍ରାନ୍ତ ହେବା ପ୍ରଥମ ଘଟଣା ଥିଲା। ୮ ପ୍ରାଣୀ ଧୀରେ ଧୀରେ ସୁସ୍ଥ ହେଉଥିବା ଚିଡ଼ିଆଖାନା କର୍ତ୍ତୃପକ୍ଷ କହିଛନ୍ତି। ସମସ୍ତଙ୍କ ପରୀକ୍ଷା ଭେଟେରିନାରି ଲାବରେଟୋରିରେ ହୋଇଥିଲା। ପ୍ରଥମ ସଂକ୍ରମିତ ବାଘୁଣୀ ନଦିଆର ନାକ, ଗଳା ଓ ଶ୍ୱାସନଳୀରୁ ସ୍ରାବ ନିଆଯାଇ ପରୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କର ମଳ ନମୁନାରୁ ଏହି ପରୀକ୍ଷା କରାଯାଇଛି। ଉକ୍ତ ଚିଡ଼ିଆଖାନାରେ ଅନ୍ୟ ବନ୍ୟପ୍ରାଣୀ ଯଥା ବିଭିନ୍ନ ପ୍ରଜାତିର ଚିତାବାଘ, ପୁମା ସୁସ୍ଥ ଅଛନ୍ତି ଓ ସେମାନଙ୍କଠାରେ ରୋଗର କୌଣସି ଲକ୍ଷଣ ଦେଖାଯାଇନାହିଁ। ଜୁ କର୍ମଚାରୀଙ୍କଠାରୁ ଏହି ଭୂତାଣୁ ପ୍ରାଣୀ ଶରୀରକୁ ବ୍ୟାପିଥିବା କୁହାଯାଉଛି। ମଣିଷଠାରୁ ପ୍ରାଣୀ ଦେହକୁ କୋଭିଡ୍-୧୯ ସଂକ୍ରମିତ ହେଉଥିବାରୁ ଏଥିପାଇଁ ଜୁ କର୍ତ୍ତୃପକ୍ଷ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିଛନ୍ତି।

ଉହାନର ମାଛ ମାଂସ ବଜାରରୁ ପ୍ରଥମେ କରୋନା ଭୂତାଣୁ ମଣିଷକୁ ସଂକ୍ରମିତ ହୋଇଥିବା କୁହାଯାଉଥିଲେ ହେଁ ଅନ୍ୟ କୌଣସିଠାରେ ପ୍ରାଣୀଙ୍କଠାରୁ ମଣିଷ ଦେହକୁ ସଂକ୍ରମିତ ହେବାର ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ। ତେବେ ନ୍ୟୁୟର୍କରେ ଦୁଇଟି ପୋଷା ବିରାଡ଼ି କୋଭିଡ୍ ଆକ୍ରାନ୍ତ ହୋଇଥିବାରୁ ସେମାନଙ୍କ ମାଲିକ ଓ ଅନ୍ୟମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଭୟ କରିବାର କୌଣସି କାରଣ ନାହିଁ ବୋଲି ଚିଡ଼ିଆଖାନା କର୍ତ୍ତୃପକ୍ଷ କହିଛନ୍ତି।

# ବାଲେଶ୍ୱର ଫେରନ୍ତାଙ୍କୁ ନେଇ ଘାଟିକିଆରେ ଉତ୍ତେଜନା

**ଭୁବନେଶ୍ୱର,୨୩।୪ (ବ୍ୟୁରୋ)**

ବାଲେଶ୍ୱର ଭୋଗରାଇରୁ ଏକ ପରିବାର ଫେରିବା ପରେ ଗୁରୁବାର ସକାଳେ ଖଣ୍ଡଗିରି ଘାଟିକିଆରେ ଉତ୍ତେଜନା ଦେଖିବାକୁ ମିଳିଛି। ବାଲେଶ୍ୱର ଫେରନ୍ତା ବ୍ୟକ୍ତି ତୁରନ୍ତ କ୍ୱାରାଣ୍ଟାଇନକୁ ଯିବାକୁ କହିଥିଲେ। ସେମାନେ ନ ଯିବାରୁ ଗ୍ରାମବାସୀ ପୋଲିସକୁ ଏବଂ ୧୦୪କୁ ଫୋନ୍ କରି ଜଣାଇଥିଲେ। ଖଣ୍ଡଗିରି ପୋଲିସ ଏବଂ କ୍ୟାପିଟାଲ ହସ୍ପିଟାଲରୁ ଏକ ଡାକ୍ତରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ କ୍ୱାରାଣ୍ଟାଇନ୍‌କୁ ନେଇଥିବା ଜଣାପଡ଼ିଛି। ଉକ୍ତ ପରିବାରର ୧୪ ଜଣଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯିବ। ଯଦି ପଜିଟିଭ୍ ଆସିବ ତେବେ ସେ ଯେଉଁମାନଙ୍କୁ ବିସ୍କୁଟ ବିକ୍ରି କରିଛନ୍ତି ଏବଂ ଅନ୍ୟ କାହା ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ଆଇସୋଲେଶନ୍ ୱାର୍ଡରେ ରଖାଯିବ ବୋଲି ଡାକ୍ତରୀ ଟିମ୍ କହିଛନ୍ତି।

ସୂଚନାଯୋଗ୍ୟ, ଘାଟିକିଆରେ ଉକ୍ତ ପରିବାର ଲୋକଙ୍କ ଘର। ଜନତା କର୍ଫ୍ୟୁ ପରେ ସେମାନେ ବାଲେଶ୍ୱର ଭୋଗରାଇକୁ ପଳାଇଥିଲେ। ସେଠାରେ ପରିବାରର ଜଣେ ସଦସ୍ୟଙ୍କ ଦେହ ଅସୁସ୍ଥ ହେବାରୁ ଏପ୍ରିଲ ୧୭ରେ ଗ୍ରାମକୁ ଫେରିଆସିଥିଲେ। ପରିବାରର ଜଣେ ଲୋକ କାଶୁଥିବାରୁ ଲୋକ ଆତଙ୍କିତ ହୋଇ ବୁଧବାର ରାତିରେ ୧୦୪ ଏବଂ ପୋଲିସକୁ ଫୋନ୍ କରି ଜଣାଇଥିଲେ। କେହି ନ ଆସିବାରୁ ସକାଳୁ ସମସ୍ତେ ଏକାଠି ହୋଇ ବିରୋଧ କରିଥିଲେ। ଏବେ ବାଲେଶ୍ୱର,ଭଦ୍ରକ ଏବଂ ଯାଜପୁରରେ କରୋନା ସଂକ୍ରମଣ ବଢିବାରେ ଲାଗିଛି। ବାଲେଶ୍ୱର ଫେରନ୍ତା ବ୍ୟକ୍ତି ବିସ୍କୁଟ ବ୍ୟବସାୟ କରୁଥିବାରୁ ସେ ବୁଲିବୁଲି ବିଭିନ୍ନ ସ୍ଥାନରେ ବିସ୍କୁଟ ଦେଇଛନ୍ତି। ସେ ଯଦି କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଥିବେ ତେବେ ଏହା ଚାରିଆଡେ ବ୍ୟାପିଯିବ ବୋଲି ଆଶଙ୍କା କରି ଲୋକଙ୍କ ଭିତରେ ଆତଙ୍କ ଖେଳିଯାଇଛି।

# ମାଲ୍ ପରିବହନରେ ପୂର୍ବତଟ ରେଳପଥର ପ୍ରୋତ୍ସାହନ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

**ମେ ୩ ଯାଏ ଲାଗୁ ହେବ**

କରୋନା ମୁକାବିଲା ପରିପ୍ରେକ୍ଷୀରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ନିମନ୍ତେ ପଣ୍ୟ ଉପଭୋକ୍ତାଙ୍କୁ ସୁବିଧା ପ୍ରଦାନ ସହ ଲଜିଷ୍ଟିକ୍ ସହାୟତା ଯୋଗାଇଦେବା ନିମନ୍ତେ ରେଳ କର୍ତ୍ତୃପକ୍ଷ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପଣ୍ୟ ଓ ପାର୍ସଲ୍ ଟ୍ରାଫିକ୍ କ୍ଷେତ୍ରରେ ବିଳମ୍ବଶୁଳ୍କ, ରହଣି ମାହାସୁଲ ଏବଂ କଣ୍ଟେନର ଟ୍ରାଫିକ୍ ନିମନ୍ତେ ବିଳମ୍ବଶୁଳ୍କ ଓ ଭିତ୍ତିଭୂମି ବ୍ୟବହାର ମୂଲ୍ୟ ଇତ୍ୟାଦି ବୃଦ୍ଧି ହେବ ନାହିଁ। ଏହା ମାର୍ଚ୍ଚ ୨୨ରୁ ମେ ୩ ମଧ୍ୟରେ ଲାଗୁ ହେବ। ଉପଭୋକ୍ତାମାନଙ୍କୁ ଗୁଡ୍‌ସେଡ୍‌କୁ ବ୍ୟକ୍ତିଗତ ଭାବେ ନ ଆସିବା ଓ ପଞ୍ଜୀକୃତ ପ୍ରକ୍ରିୟାକୁ ଅଧିକ ସୁବିଧାପ୍ରଦ କରିବାକୁ ପଣ୍ୟର ଚାହିଦା ହିସାବରେ ଇଲେକ୍‌ଟ୍ରୋନିକ୍ ପଞ୍ଜୀକରଣ (ଇଆଇଡି), ଇଲେକ୍‌ଟ୍ରୋନିକ୍ସ ଟ୍ରାନ୍ସମିଶନ ଦ୍ୱାରା ପଣ୍ୟ ପରିବହନ ସୂଚନା ବ୍ୟବସ୍ଥା (ଫୋଏସ୍) ମାଧ୍ୟମରେ ରେଲୱେ ରସିଦ ପ୍ରଦାନ ଏବଂ ପଣ୍ୟ ବିତରଣ ଇଟିଆର୍‌ଆର୍‌ର ଇ-ସରେଣ୍ଡର ମାଧ୍ୟମରେ କରାଯିବ। ଏହି ସୁବିଧା ପଣ୍ୟ ସହାୟତାକାରୀ, ଲୌହ ଏବଂ ଇସ୍ପାତ, ଲୁହାପଥର ଓ ଲୁଣ ପରିବହନକାରୀକୁ ମଧ୍ୟ ଯୋଗାଇ ଦିଆଯିବ।

ଇଲେକ୍‌ଟ୍ରୋନିକ୍ସ ପଞ୍ଜୀକରଣ ଦ୍ୱାରା ରେଲ୍‌ୱେ ରସିଦ୍ (ଇଟିଆର୍‌ଆର୍)ର ଇ-ସରେଣ୍ଡର ଦ୍ୱାରା ସାମଗ୍ରୀ ପ୍ରଦାନ କରାଯାଇଛି। ସେଠାରେ ଯେତେ ସମ୍ଭବ ଇ-ରେଲ୍‌ୱେ ରସିଦ୍ ପ୍ରଦାନ କରାଯିବ। ସେହିଭଳି ମାର୍ଚ୍ଚ ୨୨ରୁ ମେ ୩ ପର୍ଯ୍ୟନ୍ତ ଖାଲି କଣ୍ଟେନର ଓ ଖାଲି ଫ୍ଲାଟ୍‌ସ ଚଳାଚଳ ଖର୍ଚ୍ଚ ଉପରେ କର ଧାର୍ଯ୍ୟ କରାଯିବ ନାହିଁ। କଣ୍ଟେନର୍ ଟ୍ରାଫିକ୍ ପାଇଁ ବ୍ୟୟ କରିବାକୁ ହବ୍ ଓ ସ୍ପୋକ୍ ପଦ୍ଧତିରେ ରିହାତି ଦିଆଯିବ। ବୋଝେଇ ମାଲ୍ ଖଲାସ ପାଇଁ ବିଳମ୍ବ ଯୋଗୁ ଇନ୍‌ଲ୍ୟାଣ୍ଡ କଣ୍ଟେନର୍ ଡିପୋ (ଆଇ.ସି.ଡି) ବାଧାପ୍ରାପ୍ତ ହୋଇଥିବା ଦୃଷ୍ଟିରୁ ଟେଲିସ୍କୋପିକ୍ ସୁବିଧା ପାଇବା ପାଇଁ ସମୟସୀମା ୫ ଦିନରୁ ୧୫ଦିନକୁ ବୃଦ୍ଧି କରାଯିବ ଅର୍ଥାତ୍ ଏହା ଏପ୍ରିଲ୍ ୧୬ରୁ ମେ' ୩୦ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହିଭଳି ମାଲ୍ ପରିବହନ କ୍ଷେତ୍ରରେ ଆନ୍ତଃ ଜୋନ୍ ଓ ଜୋନାଲ୍ ଟ୍ରାଫିକ୍ ନିମନ୍ତେ ୬୦୦ କିମିର ମିନିରେକ୍ ଥିବା ଦୂରତା ଅବରୋଧକୁ ୧୫୦୦ କିମି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ରେକ୍ ବୋଝେଇର ଦୁଇସ୍ଥାନରୁ ବିନାଭିଡ଼ ସମୟରେ ୨୦୦ କିମି ଏବଂ ଭିଡ଼ ସମୟରେ ୪୦୦ କିମି ଦୂରତା ଅବରୋଧକୁ କୋହଳ କରି ବର୍ତ୍ତମାନ ୫୦୦ କିମି ପର୍ଯ୍ୟନ୍ତ ଯେକୌଣସି ସମୟରେ ମାଲ୍ ପରିବହନ କରିହେବ। ଏହି କୋହଳ ବ୍ୟବସ୍ଥା ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

## ୩ମାସର ବିଜୁଳି ଶୁଳ୍କ ଛାଡ଼ ଦାବି

**ଭୁବନେଶ୍ୱର,୨୩।୪ (ବ୍ୟୁରୋ)**

ରାଜ୍ୟର ୯୬ ଲକ୍ଷ ବିଜୁଳି ଉପଭୋକ୍ତା, କୁଟୀର ଓ କ୍ଷୁଦ୍ର ଶିଳ୍ପର ସ୍ୱାର୍ଥ ଦୃଷ୍ଟିରୁ ଚଳିତ ବର୍ଷ ମାର୍ଚ୍ଚ, ଏପ୍ରିଲ ଓ ମେ ମାସର ବିଜୁଳି ଶୁଳ୍କ ଛାଡ଼ କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ତଥା ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ରାଜ୍ୟ ଆବାହକ ରବି ବେହେରା ଦାବି କରିଛନ୍ତି। ଦିଲ୍ଲୀ ଭଳି ଓଡ଼ିଶାରେ ମଧ୍ୟ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ସେବା ଯୋଗାଇ ଦିଆଯାଉ। ଏହାସହ ଗ୍ରାମାଞ୍ଚଳରେ ବିଜୁଳି କାଟ ବନ୍ଦ କରିବା ପାଇଁ ବେହେରା ଦାବି କରିଛନ୍ତି। ଓଡ଼ିଶା ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ (ଓ. ଇ. ଆର. ସି) ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ବିଜୁଳି ଦର ଅପରିବର୍ତ୍ତିତ ରଖିଛନ୍ତି । ବିଭିନ୍ନ ବିଜୁଳି ଉତ୍ପାଦକ ଓ ବିତରଣ କମ୍ପାନୀ ଶୁଳ୍କ ବଢାଇବାକୁ ଯେଉଁ ଆବେଦନ କରିଥିଲେ ତାହା ସ୍ଥଗିତ ରଖିଛନ୍ତି। ଏହା ଉପଭୋକ୍ତାଙ୍କ ପାଇଁ ସାମାନ୍ୟ ଅଶ୍ୱସ୍ତି ଆଣିଛି।

# ୨ପୋଲିସ କର୍ମଚାରୀଙ୍କୁ ଡିଜିପିଙ୍କ ପ୍ରଶଂସା

**ଭୁବନେଶ୍ୱର,୨୩।୪ (ବ୍ୟୁରୋ)**

ଲକ୍‌ଡାଉନ୍ ସମୟରେ ନିଜର ବ୍ୟକ୍ତିଗତ ସମସ୍ୟାକୁ ନ ଦେଖି କଠିନ ପରିଶ୍ରମ କରିଥିବା ୨ପୋଲିସ କର୍ମଚାରୀଙ୍କୁ ଡିଜି ଅଭୟ ପ୍ରଶଂସା କରିଛନ୍ତି। ସେଥିରୁ ଜଣେ ହେଲେ ରାଉରକେଲା ପୋଲିସରେ କାର୍ଯ୍ୟ କରୁଥିବା ଏଏସ୍‌ଆଇ ନାରାୟଣ ଦଳାଇ। ଡିଜି ତାଙ୍କ ଟୁଇଟ୍ ଆକାଉଣ୍ଟରେ କହିଛନ୍ତି ଯେ,ରାଉରକେଲା ଗସ୍ତ ସମୟରେ ମୁଁ ନାରାୟଣଙ୍କ ସହ ଭେଟ ହୋଇଥିଲି। ତାଙ୍କ କଠିନ ପରିଶ୍ରମ ଏବଂ କର୍ତ୍ତବ୍ୟ ପ୍ରତିଭକ୍ତି ପାଇଁ ସେ ରାଉକେଲାରେ ପ୍ରଶଂସିତ ହେଉଛନ୍ତି। ଆଉ ଜଣେ ଅନୁଗୋଳ ଆଠମଲିକ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଦେବଯାନୀ ଛୋଟରାୟ। ଦେବଯାନୀଙ୍କର ଆସନ୍ତା ୨୭ରେ ବିବାହ ପାଇଁ ସ୍ଥିର ହୋଇଥିଲା। ହେଲେ ସେ ସମାଜ ସୁରକ୍ଷା ପାଇଁ ନିଜ ବିବାହକୁ ସ୍ଥଗିତ ରଖିଦେଲେ। ତେଣୁ ସେ ଜଣେ କରୋନା ଫାଇଟର ବୋଲି ଡିଜି କହିଛନ୍ତି। ରାଜ୍ୟରେ ଏହିଭଳି ଶତାଧିକ ପୋଲିସ କର୍ମଚାରୀ କରୋନା ଲଢ଼େଇରେ ନିଜକୁ ଯୋଦ୍ଧା ସଜାଇଥିବାରୁ ଅଭୟ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।






ରୁକ୍ମିଣୀ ଅମାବାସ୍ୟା ଅବସରରେ ଗୁରୁବାର ଶ୍ରୀମନ୍ଦିରରୁ ସାଗର ବିଜେ କରୁଛନ୍ତି ଅମାବାସ୍ୟା ନାରାୟଣ

# ଜନପୋଷଣ କାର୍ଯ୍ୟକ୍ରମରେ ମିଳୁଛି ରାଶନ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

'ସୋ ଆମ୍ ଆଇ ଫାଉଣ୍ଡେଶନ୍ ଟ୍ରଷ୍ଟ'ର ସହଯୋଗରେ ଏମ୍‌ଜି ମହାନ୍ତିଫାର୍ମଅଣକାର୍ଡଧାରୀଙ୍କୁଜନପୋଷଣ କାର୍ଯ୍ୟକ୍ରମ ଜରିଆରେ ରାଶନ ଯୋଗାଇବା ପାଇଁ ବିଏମ୍‌ସି ସହ ସହଭାଗୀ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ କର୍ମକର୍ତ୍ତା ଭୁବନେଶ୍ୱର, କଟକ, କୋଇଡ଼ାର ୭୫୦ରୁ ଅଧିକ ପରିବାରକୁ ରାଶନ ସାମଗ୍ରୀ ଯୋଗାଇ ସାରିଛି। ଗତ ୧୮ ତାରିଖରେ ଏକ ଭିଡିଓ କନ୍‌ଫରେନ୍ସ ବୈଠକ ଜରିଆରେ ଏମ୍‌ପି ସୁଜିତ କୁମାର ଏମ୍‌ଜି ମହାନ୍ତି ଫାର୍ମର ପ୍ରମୋଟର ତନୁଜ ମହାନ୍ତିଙ୍କ ସହ ସାଇନା ଫାଉଣ୍ଡେଶନ ଟ୍ରଷ୍ଟର ପିନାକି ମହାନ୍ତି ଏବଂ ସାଇ ଫାଉଣ୍ଡେଶନର ଚିଦାମ୍ବିକା ଖଟୁଆଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଗତ ୧୦ ତାରିଖରେ ଆର୍ ଆଣ୍ଡ ଡିଏମ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଆଇଏଏସ୍ ପିକେ ମହାପାତ୍ର ଜନ ପୋଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୫୦୦୦ରୁ ଅଧିକ ପରିବାରକୁ ପ୍ରାୟ ୧୫ ଦିନ ରାଶନ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଯେଉଁ ପରିବାର ଖାଦ୍ୟ ସୁରକ୍ଷା ଆଇନ୍ ଅନ୍ତର୍ଭୁକ୍ତ ନାହାନ୍ତି ସେମାନଙ୍କୁ ଏହି ସହାୟତା ଯୋଗାଇବା ପାଇଁ ଉକ୍ତ କାର୍ଯ୍ୟକ୍ରମରେ ସ୍ଥିର କରାଯାଇଥିଲା। ଫଳସ୍ୱରୁପ ଗୁରୁବାର ସୁଦ୍ଧା କଟକ, ଭୁବନେଶ୍ୱର ଓ ରାଜ୍ୟର ଅନ୍ୟ କିଛି ଅଞ୍ଚଳରେ ଥିବା ୭୫୦ ଅଣହିତାଧିକାରୀ ପରିବାରଙ୍କୁ ଏହି ସେବା ପ୍ରଦାନ କରାଯିବା ସହ ୧୫ଦିନର ମାଗଣା ରାଶନ ଯୋଗାଇ ଦିଆଯାଇଛି। ଆଗକୁ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଛି।




# ୩ ବଜ୍ରକାପ୍ତା ଶିକାରୀ ଗିରଫ, ଖସିଗଲେ ୨

**ଖୁଣ୍ଟୁଣୀ, ୨୩।୪ (ଡି.ଏନ.ଏ.)**

ମହାମାରୀ କରୋନା ଭୟରେ ଲୋକେ ଘରୁ ପଦାକୁ ବାହାରୁ ନାହାନ୍ତି। ଏହି ସମୟରେ ଖୁଣ୍ଟୁଣୀ ବନାଞ୍ଚଳରେ ବନ୍ୟପ୍ରାଣୀ ଶିକାରୀମାନେ ସଙ୍ଗଠିତ ଭାବେ ସକ୍ରିୟ ହୋଇ ଉଠିଛନ୍ତି। ବୁଧବାର ରାତି ୧୧ଟାରେ ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ପାନିଆଁ ମା' ସଂରକ୍ଷିତ ଜଙ୍ଗଲ ଓ ଅଖାଡ ଜଙ୍ଗଲ ମଧ୍ୟରେ ୫ ଜଣ ଶିକାରୀ ବନ୍ଧୁକ ଧରି ଶିକାର ଉଦ୍ଦେଶ୍ୟରେ ଧରି ବୁଲୁଥିଲେ। ଖବରପାଇ ବନାଞ୍ଚଳ ଅଧିକାରୀ ମାଗୁଣି ବେହେରା ଓ କର୍ମଚାରୀଙ୍କ ସହ ରାତିତମାମ ଏହି ଜଙ୍ଗଲ ଚତୁଃପାର୍ଶ୍ୱରୁ ଚଢାଉ କରିଥିଲେ। ରାତି ୩ଟା ବେଳେ ୩ ଜଣ ଶିକାରୀଙ୍କୁ କାବୁ କରିଥିବା ବେଳେ ଅନ୍ୟ ୨ ଜଣ ଖସି ପଳାଇଥିଲେ। ଏହି ୩ ଶିକାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨ଟି ଗୁଳି ଭରା ଦେଶୀ ବନ୍ଧୁକ ଓ ୧୯ଟି ବଜ୍ରକାପ୍ତା କାତି ଜବତ କରିଥିଲେ। ସମସ୍ତଙ୍କୁ ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ସେଠାରେ ଅଧିକ ତଥ୍ୟ ହାସଲ ନିମନ୍ତେ ପଚରାଉଚରା କରାଯାଇଛି। ଏହି ଅଭିଯୁକ୍ତମାନେ ହେଲେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମୁଣ୍ଡୁଲିଆ ଗାଁ ମଙ୍ଗଳି ଦିଗି ଓ ଲାଲମୋହନ ଚାତାର ଓ ପାନିଆ ମା' ଗାଁର ବାଗୁନ ଲାଗୁରି। ଏମାନେ ବିଶେଷ କରି ବନାଞ୍ଚଳରେ ବଜ୍ରକାପ୍ତା ଧରି ବାହାରକୁ ଚାଲାଣ କରିବା ସହ ହରିଣ, କୁଟୁରା, ବାରହା ଓ ମୟୂର ଆଦିଙ୍କୁ ଶିକାର କରିଥାନ୍ତି। ଦୀର୍ଘବର୍ଷ ଧରି ଏମାନେ ଶିକାର ଚଳାଇ ଆସୁଥିବା ବେଳେ ପଶୁପକ୍ଷୀଙ୍କୁ ମାରି ମାଂସ ବିକିବା ସହ ଖୁଣ୍ଟୁଣୀ ଅଞ୍ଚଳରେ ସରକାରୀ ବାବୁମାନଙ୍କ ସହ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖକୁ ମଧ୍ୟ ପଠାଇଥାନ୍ତି ବୋଲି କହିଛନ୍ତି।




**୧୯ ବଜ୍ରକାପ୍ତା କାତି ସହ ୨ ଦେଶୀ ବନ୍ଧୁକ ଜବତ**

**ବାଉଁଶ ବୁଣାକାରଙ୍କ ବଞ୍ଚିବା ଚିନ୍ତା**

# ଭାତ, ଲୁଣରେ କଟୁଛି ଦିନ

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

କରୋନା ଉଜାଡ଼ି ଦେଇଛି ବେପାର, ଛଡ଼ାଇନେଇଛି ରୋଜଗାର। ଲକ୍‌ଡାଉନ୍ ଯୋଗୁବଡ଼ ବିପଦର ମୁକାବିଲା କରାଯାଉଛି ସତ, ହେଲେ ଅସହାୟ ଓ ଦୈନିକ ରୋଜଗାରରେ ଗୁଜୁରାଣ ମେଣ୍ଟାଉଥିବା ରାଜଧାନୀର ହଜାର ହଜାର ପରିବାର ଉପରେ ଦୁଃଖ ଭାରିପଡିଛି। ସବୁଠୁ ବଳିଯାଇଛି ରାଜଧାନୀ ରାସ୍ତାକଡ଼ରେ ଜୀବନ ବିତାଉଥିବା ବାଉଁଶ ବୁଣାକାରଙ୍କ ଅବସ୍ଥା। ନାନା ଦୁଃଖ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି। କେତେବେଳେ ବାତ୍ୟା ତ କେତେବେଳେ ମହାମାରୀ ଏମାନଙ୍କ ଜୀବନକୁ ଦୁର୍ବିଷହ କରିଦେଇଥିବାବେଳେ ଏବେ ଏମାନଙ୍କ ପାଖରେ ନା ପହଞ୍ଚିଛି ସରକାରୀ ସହାୟତା ନା ବେସରକାରୀ ସଂସ୍ଥାର ସହଯୋଗ। ଫଳରେ କେବଳ ଭାତ, ଲୁଣରେ ସେମାନଙ୍କ ଦିନ କଟୁଛି।

ରାଜଧାନୀରେ ବ୍ୟବସାୟ କରୁଥିବା ଏହି ବାଉଁଶ ବୁଣାକାରମାନେ ଅଧିକାଂଶ ରାଜ୍ୟ ବାହାରର। ଆଦିବାସୀ ପଡ଼ିଆ ଅଞ୍ଚଳରେ ଥିବା ତାଟି ବସ୍ତି, ରାଜମହଲ ଛକ ରାସ୍ତାକଡ଼, ୟୁନିଟ୍-୧ ମାର୍କେଟ ପାର୍ଶ୍ୱ ସମେତ ବିଭିନ୍ନ ସ୍ଥାନରେ ଏମାନେ ବର୍ଷ ବର୍ଷ ଧରି ବାଉଁଶରେ ବିଭିନ୍ନ ଘରକରଣା ଓ ସାଜସଜ୍ଜା ସାମଗ୍ରୀ ତିଆରି କରିବା ସହ ବିକ୍ରି କରି ଆସୁଛନ୍ତି। ସହବାସୀଙ୍କ ଆବଶ୍ୟକତା ପୂରଣ କରିବା ସହ ନିଜେ ମଧ୍ୟ ଗୁଜୁରାଣ ମେଣ୍ଟାଉଛନ୍ତି। ଲକ୍‌ଡାଉନ୍ ପୂର୍ବରୁ ଅଳ୍ପବହୁତେ ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ସକାଳୁ ରାତି ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ, ପେଟ ବି ପୂରୁଥିଲା। ଏବେ ନା କାମ କରିବାକୁ ମିଳୁଛି କଞ୍ଚାମାଲ, ନା କିଣିବାକୁ ଆସୁଛନ୍ତି ଗ୍ରାହକ। ରାସ୍ତାକୁ ଚାହିଁ ଚାହିଁ ଦିନ କଟିଯାଉଛି। ବେପାର ହେଉ ନ ଥିବାରୁ ପେଟକୁ ଦୁଇମୁଠା ଦାନା ଯୋଗାଡ଼ କରିବା ବି ସମ୍ଭବ ହେଉନି। ବାତ୍ୟା ଫନୀରେ ଘରଦ୍ୱାର, ବ୍ୟବସାୟ ସବୁକିଛି ଉଜୁଡ଼ି ଯାଇଥିଲା। ଅଣ୍ଟା ସଳଖିବା ବେଳକୁ କରୋନା ସବୁକିଛି ଛଡ଼ାଇଛି। ନିର୍ମାଣ ତଥା ଅନ୍ୟାନ୍ୟ କାର୍ଯ୍ୟ ବନ୍ଦ ଥିବାରୁ ଶ୍ରମିକମାନେ ନେଉଥିବା ବାଉଁଶ ଟୋକେଇ ଓ ବାଉଁଶ ନିର୍ମିତ ଅନ୍ୟାନ୍ୟ ସାମଗ୍ରୀର ବିକ୍ରି ଠପ୍ ହୋଇଯାଇଛି। ସେହିଭଳି ବିବାହ, ବ୍ରତ, ପୂଜାପର୍ବ ଆଦି ବନ୍ଦ ଥିବାରୁ ରାଜ୍ୟରେ ଟୋକେଇ, କୁଲା, ବାଉଁଶିଆ, ସାଜସଜ୍ଜା ସାମଗ୍ରୀ ଆଦି କିଣିବାକୁ କେହି ଆସୁନାହାନ୍ତି।

ତାଟି ବସ୍ତିରେ ପ୍ରାୟ ୪୦ ବାଉଁଶବୁଣାକାର ପରିବାର ରହୁଛନ୍ତି। ସେମାନଙ୍କ କହିବା କଥା, ଏବେ କରୋନା ଲାଗି ଆମ ବସ୍ତି ଭିତରକୁ ବାହାର ଲୋକଙ୍କ ପ୍ରବେଶ ନିଷେଧ କରାଯାଇଛି। ସେହିଭଳି ବାହାରକୁ ଯାଇ ବେପାର କରିବା ବି ସମ୍ଭବ ହେଉନି। ଏପଟେ ୧୦୦ ଟଙ୍କାରେ ମିଳୁଥିବା ବାଉଁଶ ୨୫୦ରୁ ୩୦୦ ଟଙ୍କା ହୋଇଯାଇଛି। ପୂର୍ବରୁ ତିଆରି ସାମଗ୍ରୀ ବିକ୍ରି ହୋଇପାରୁ ନ ଥିବାରୁ ସେଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। କାଁ ଭାଁ ପରିବା ବ୍ୟବସାୟୀ ଗୋଟିଏ ଦୁଇଟି ବାଉଁଶିଆ କିଣି ନେଉଥିବାବେଳେ ସେଥିରେ ପରିବାର ଚଳାଇବା ସମ୍ଭବ ହେଉନି। ତେଣୁ ଅଧିକାଂଶ ପରିବାର କେବଳ ଭାତ, ଲୁଣ ଖାଇ ବଞ୍ଚୁଛନ୍ତି। ଏମିତି ମାସେ ବିତିଲାଣି, ସେତକ ସରିଗଲେ ବଞ୍ଚିବୁ କେମିତି ବୋଲି ସେମାନେ କହିଛନ୍ତି।



## ସଂକ୍ଷେପରେ

### ନିଲମ୍ବିତ ହେଲେ ଅତିରିକ୍ତ ତହସିଲଦାର

ଭଦ୍ରକ ଅଫିସ, ୨୩।୪: ଭଦ୍ରକ ଜିଲା ତିହିଡ଼ି ଅତିରିକ୍ତ ତହସିଲଦାର ଶ୍ୱେତପଦ୍ମା ଧଳଙ୍କୁ ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ସେ କୋଭିଡ଼-୧୯ କାର୍ଯ୍ୟରେ ଅବହେଳା କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ଟୁଇଟର୍ ମାଧମରେ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ତିହିଡ଼ିରେ ସେ ଅତିରିକ୍ତ ତହସିଲଦାର ଦାୟିତ୍ୱରେ ଥିବା ବେଳେ ୭ ଦିନ ଧରି ତାଙ୍କ ମୋବାଇଲ ସୁଇଚ୍‌ଅଫ୍ ରହିଥିଲା ଓ ବିନା ଅନୁମତିରେ ଦୀର୍ଘଦିନ ଧରି କାର୍ଯ୍ୟରେ ଯୋଗ ଦେଇ ନ ଥିଲେ।

### ଓଡ଼ିଶାର ପଦକ୍ଷେପକୁ ଚନ୍ଦ୍ରାବାବୁଙ୍କ ପ୍ରଶଂସା

ଭୁବନେଶ୍ୱର, ୨୩।୪(ବ୍ୟୁରୋ): ଓଡିଶା ସରକାର କରୋନା ସଂକ୍ରମଣ ରୋକିବା ଲାଗି ନେଇଥିବା ପଦକ୍ଷେପକୁ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ପ୍ରଶଂସା କରିଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଏକ ଟୁଇଟ୍‌କୁ ନାଇଡୁ ରିଟୁଇଟ୍ କରି କହିଛନ୍ତି ଯେ, ନବୀନ ଓଡିଶାରେ କରୋନା ମୁକାବିଲା ଠିକ୍ ଢଙ୍ଗରେ କରୁଛନ୍ତି। ଫଳରେ ଓଡିଶାର ଲୋକମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ଠିକ୍‌ଭାବେ ନେଇ ହୋଇଛି। ନବୀନ ଏହି ସଂକ୍ରମଣ ରୋକିବା ଲାଗି ଦକ୍ଷ ଏବଂ ଆନ୍ତରିକତାର ସହକାରେ ଲଢେଇ କରିଥିବା ନାଇଡୁ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବଡ଼ମ୍ବା,୨୩।୪(ଡି.ଏନ.ଏ.): ବଡ଼ମ୍ବା ଥାନା ସିଂହନାଥପୀଠ ନିକଟ ମହାନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଥିବା ବଡ଼ମ୍ବା ଗଡ଼ର ଜଗବନ୍ଧୁ ମହାରଣା(୩୦)ଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ବଡ଼ମ୍ବା ଅଗ୍ନିଶମ କର୍ମଚାରୀ ମୃତଦେହକୁ ଉଦ୍ଧାର କରିଛନ୍ତି। ପୋଲିସ ପହଞ୍ଚି ବଡ଼ମ୍ବା ତହସିଲଦାର ଅନିଲ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ବୁଧବାର ଜଗବନ୍ଧୁ ୩ଜଣ ସାଙ୍ଗଙ୍କ ସହ ମିଶି ଗାଧୋଇବାକୁ ଯାଇ ବୁଡି ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ଜଗବନ୍ଧୁଙ୍କୁ ପାଇ ନ ଥିଲେ।

# ସଂକ୍ରମିତଙ୍କଠାରୁ ସମ୍ପର୍କୀୟଙ୍କୁ ବ୍ୟାପୁଛି

ଯାଜପୁର ଅଫିସ,୨୩।୪

**ଯାଜପୁର ଜିଲାରେ ୪ ନୂଆ ଆକ୍ରାନ୍ତ**
- ସମୁଦାୟ ଆକ୍ରାନ୍ତ ୧୨, ସେଥିରୁ ୧୧ କୋଲକୋତା ଫେରନ୍ତା
- ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୩ ମହିଳା, ଜଣେ ପୁରୁଷ
- ହଟ୍‌ସ୍ପଟ୍ ରୂପ ନେଉଛି ଯାଜପୁର ଜିଲା

କୋଲକାତା ଫେରନ୍ତା ଶ୍ରମିକ ଯାଜପୁର ଜିଲା ପାଇଁ ଚିନ୍ତାର କାରଣ ପାଲଟିଛନ୍ତି। ପୂର୍ବ ସଂକ୍ରମିତଙ୍କଠାରୁ ଏହି ସଂକ୍ରମଣ ବ୍ୟାପିବାରେ ଲାଗିଛି। ଗୁରୁବାର ଜିଲାରେ ପୁଣି ୪ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେମାନେ ପୂର୍ବ ଆକ୍ରାନ୍ତଙ୍କ ସମ୍ପର୍କୀୟ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି। ପୂର୍ବ ସଂକ୍ରମିତଙ୍କ ଗାଁକୁ ଆଗରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଘରକୁ ଘର ବୁଲି ସର୍ଭେ କରାଯାଇ ସାମ୍ପଲ ପଠାଯାଉଛି। ଆକଳନ ଅନୁଯାୟୀ ମାର୍ଚ୍ଚ ୨୯ ଓ ୩୦ ତାରିଖ ପରେ ପ୍ରାୟ ୭୦୦ ଲୋକ କୋଲକାତାର ବିଭିନ୍ନ ସ୍ଥାନରୁ ଜିଲାକୁ ଆସିଛନ୍ତି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ବର୍ତ୍ତମାନ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଞ୍ଚିଥିବାବେଳେ ଏମାନଙ୍କ ମଧ୍ୟରୁ କୋଲକାତା ଫେରନ୍ତା ସଂକ୍ରମିତଙ୍କ ସଂଖ୍ୟା ୧୧ ଛୁଇଁଛି। ତେବେ ନୂଆ ୪ ଆକ୍ରାନ୍ତଙ୍କ ମଧ୍ୟରୁ ଯାଜପୁର ବ୍ଲକ ବାସୁଦେବପୁର ପଞ୍ଚାୟତ ବାସୁଦେବପୁର ଗ୍ରାମର ୩ଜଣ ଓ ଦଶରଥପୁର ବ୍ଲକ ବିରଜାପୁର ପଞ୍ଚାୟତର କୋଦେଇବାଟି ଗ୍ରାମର ଜଣେ ବୋଲି ସୂଚନା ମିଳିଛି। ସେଥିରୁ ୩ ମହିଳା ଓ ଜଣେ ପୁରୁଷ ହୋଇଥିବାବେଳେ ସେମାନଙ୍କ ବୟସ ଯଥାକ୍ରମେ ୪୮, ୭୦, ୮୦ ଓ ୨୧ ବୋଲି ସୂଚନା ମିଳିଛି। ଏମାନେ ଗତ ୨୦ ତାରିଖରେ ଚିହ୍ନଟ ହୋଇଥିବା ୫ ସଂକ୍ରମିତଙ୍କ ନିକଟ ସମ୍ପର୍କୀୟ। ତେବେ ସେମାନଙ୍କଠାରେ କୌଣସି କରୋନା ଲକ୍ଷଣ ଦେଖାଯାଇ ନ ଥିଲା। ତେବେ କରୋନା ସଂକ୍ରମିତଙ୍କ ନିକଟ ସମ୍ପର୍କୀୟ ହୋଇଥିବାରୁ ନମୁନା ପରୀକ୍ଷଣ ହୋଇଥିଲା। ସମସ୍ତେ କୋଲକାତାରୁ ଗୋଟିଏ ଗାଡ଼ିରେ ଜିଲାକୁ ଫେରିଥିଲେ। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ପୂର୍ବରୁ ଘୋଷଣା ହୋଇଥିବା ଏହି କଣ୍ଟେନମେଣ୍ଟ ଜୋନ ଅଞ୍ଚଳକୁ ଆହୁରି କଡ଼ାକଡ଼ି କରାଯାଇଛି।


କୋଦେଇବାଟି ଗ୍ରାମରେ ସ୍ୱାସ୍ଥ୍ୟକର୍ମୀମାନେ ସର୍ଭେ କରୁଛନ୍ତି।

ଏହି ୪ ଦିନ ମଧ୍ୟରେ ଜିଲାର ୩ ବ୍ଲକର ୯ ପଞ୍ଚାୟତର ୨୧ ଗ୍ରାମର ୩୬୨୫ ଘର (୧୭,୦୯୪ ଜଣ ଲୋକ)କୁ ନେଇ କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଛି। ଗତ ୨୦ ତାରିଖରେ ୫ଜଣ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ଯାଜପୁର ବ୍ଲକ ୩ ପଞ୍ଚାୟତର ସଂପୃକ୍ତ ୬ ଗ୍ରାମର ୭୧୮ ଘର, କୋରେଇ ବ୍ଲକର ମୁକୁନ୍ଦପୁର ପଞ୍ଚାୟତର ୩ ଗ୍ରାମର ୮୪୦ ଘର ଏବଂ ଦଶରଥପୁର ବ୍ଲକର ୩ ପଞ୍ଚାୟତର ୪ ଗ୍ରାମର ୧୧୯୨ ଘର ଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନଭାବେ ଘୋଷଣା କରାଯାଇଛି। ସେହିପରି ୨୨ ତାରିଖରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଦଶରଥପୁର ବ୍ଲକର ଅକରପଡ଼ା ଓ ଚିତାଳୋ ଗ୍ରାମ ପଞ୍ଚାୟତର ୮ ଗ୍ରାମର ୮୭୫ ଘର ଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ନିଆଯାଇ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଗୁରୁବାର ସୁଦ୍ଧା ଚିହ୍ନଟ ୧୨ ଜଣ ସଂକ୍ରମିତଙ୍କ ସହ ଶତାଧିକ ଲୋକ ସଂସ୍ପର୍ଶରେ ଆସିଥିବା ଅନୁମାନ କରାଯାଇଛି। ସଂକ୍ରମିତ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ହୋମ କ୍ୱାରେଣ୍ଟାଇନକୁ ମାନି ନାହାନ୍ତି। ଯାହାକି ଆଗାମୀ ଦିନ ପାଇଁ ଜିଲାରେ ସଂକ୍ରମଣ ସଂଖ୍ୟା ଆହୁରି ବୃଦ୍ଧି ହୋଇପାରେ ବୋଲି ଅନୁମାନ କରାଯାଉଛି।

ଜିଲାକୁ କୋଲକୋତାର ବିଭିନ୍ନ ସ୍ଥାନରୁ ୭୦୦ରୁ ଊର୍ଦ୍ଧ୍ୱ ଲୋକ ଫେରିଥିବା କୁହାଯାଉଛି। ସେମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଠାବ କରାଯାଇ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଇବାକୁ ଜୋରସୋର ପ୍ରୟାସ ଜାରି ରହିଛି। ଏଭଳି ସ୍ଥିତିରେ ଯାଜପୁର ଜିଲା ଏବେ ହଟ୍‌ସ୍ପଟ ରୂପ ନେବାରେ ଲାଗିଛି।

# ୨୦ବର୍ଷ ତଳକୁ ଖସିଲା ବାୟୁ ପ୍ରଦୂଷଣ ମାତ୍ରା



ୱାଶିଂଟନ, ୨୩।୪

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜାରି କରାଯାଇଥିବା ଲକ୍‌ଡାଉନ୍ ଯୋଗୁ ବାୟୁମଣ୍ଡଳରେ ଅନେକ ସୁଧାର ଆସିଥିବା ପରିଲକ୍ଷିତ ହୋଇଛି। ଆମେରିକାର ମହାକାଶ ଏଜେନ୍ସି ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା) ଦ୍ୱାରା ପ୍ରକାଶିତ ଉପଗ୍ରହ ତଥ୍ୟ ଅନୁଯାୟୀ, ଏବେ ଉତ୍ତର ଭାରତରେ ବାୟୁ ପ୍ରଦୂଷଣର ମାତ୍ରା ୨୦ ବର୍ଷ ତଳକୁ ଖସିଯାଇଛି। ୟୁନିଭରସିଟି ସ୍ପେସ୍ ରିସର୍ଚ୍ଚ ଆସୋସିଏଶନର ବୈଜ୍ଞାନିକ ପବନ ଗୁପ୍ତା କହିଛନ୍ତି, ଲକ୍‌ଡାଉନ ଯୋଗୁ ବିଭିନ୍ନ ସ୍ଥାନରେ ବାୟୁମଣ୍ଡଳରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଉତ୍ତର ଭାରତରେ ଏଭଳି ନିମ୍ନସ୍ତରର ବାୟୁ ପ୍ରଦୂଷଣ କେବେ ଦେଖାଯାଇନାହିଁ। ଲକ୍‌ଡାଉନ ପରେ କେତେକ ସ୍ଥାନରେ ବର୍ଷା ହେବା ଯୋଗୁ ଏରୋସେଲ ତଳକୁ ଖସି ଆସିଛନ୍ତି। ଏହି କ୍ଷୁଦ୍ର କଣିକା ଫୁସ୍‌ଫୁସ୍ ଏବଂ ହୃଦୟର କ୍ଷତି ଘଟାଇଥାଏ ବୋଲି ପବନ କହିଛନ୍ତି। ଦକ୍ଷିଣ ଏବଂ ମଧ ଏସିଆର କାର୍ଯ୍ୟନିର୍ବାହୀ ସଚିବ ଆଲିସ ଜି ୱେଲ୍ସ ଟୁଇଟ୍ କରି କହିଛନ୍ତି, ନାସା ଦ୍ୱାରା ନିଆଯାଇଥିବା ଏହି ଫଟୋଗୁଡ଼ିକ ଭାରତରେ ୨୦ ବର୍ଷ ମଧ୍ୟରେ ସର୍ବନିମ୍ନ ପ୍ରଦୂଷଣକୁ ଦର୍ଶାଉଛି। ଯେତେବେଳେ ଭାରତ ଏବଂ ବିଶ୍ୱର ଅନ୍ୟ ଦେଶରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଯିବ, ସେତେବେଳେ ସମସ୍ତେ ବାୟୁମଣ୍ଡଳକୁ ଏଭଳି ନିର୍ମଳ ରଖିବା ଉପରେ ସହଯୋଗ କରିବା ଉଚିତ।

# ସରପଞ୍ଚ, ନାଏବ ସରପଞ୍ଚଙ୍କୁ ମାଡ଼ ଅଭିଯୋଗ

ଯାଜପୁର ଅଫିସ,୨୩।୪

**କୋଲକାତା ଫେରନ୍ତାଙ୍କୁ ବୁଝାଇବାକୁ ଯାଇ ହଟହଟା**

କୋଲକୋତା ଫେରନ୍ତା ୫ଜଣ ଶ୍ରମିକଙ୍କୁ ସରକାରଙ୍କ ନୀତିନିୟମ ମାନି ରହିବାକୁ ପରାମର୍ଶ ଦେବାକୁ ଯାଇ ଦଶରଥପୁର ବ୍ଲକ ରାହାସୋଇ ପଞ୍ଚାୟତର ସରପଞ୍ଚ ଏବଂ ନାଏବ ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କୁ ବୁଧବାର ମଧ୍ୟାହ୍ନରେ ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ନାଏବ ସରପଞ୍ଚ ଜଲି ସାହୁ କୋଲକୋତା ଫେରନ୍ତା ୫ଜଣଙ୍କ ନାମରେ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ସହ ସରପଞ୍ଚ ମାଧବ ମଲିକ, ଆଶାକର୍ମୀ ରମା ପରମାଣିକ ଓ ଅଙ୍ଗନୱାଡି କର୍ମୀ ରମାସୁନ୍ଦରୀ ପଣ୍ଡା ରାହାସୋଇ ଗ୍ରାମକୁ କରୋନା ସଂକମଣ ସଂକ୍ରାନ୍ତରେ ନୀରିକ୍ଷଣ କରିବାକୁ ଯାଇଥିଲେ। ସେଠାରେ କୋଲକୋତା ଫେରନ୍ତା ପ୍ରଭାତ କୁମାର ଦାସ, ବ୍ରଜକିଶୋର ପାତ୍ର, ସନ୍ତୋଷ କୁମାର ପାତ୍ର, ଟୁନା ପଲାଇ ଓ ସୁନା ପଲାଇଙ୍କୁ ଭେଟି ସରକାରୀ ନିୟମ ମାନି ରହିବାକୁ ପରାମର୍ଶ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ସଞ୍ଜୟ ଦାସ ଓ ଜନ୍ମେଜୟ ଦାସ ହଠାତ ଉତ୍ତ୍ୟକ୍ତ ହୋଇ ଅଶଭ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କୁ ଧକ୍କା ମାରିଥିଲେ। ସରକାରଙ୍କ କୌଣସି ନୀତି ନିୟମ ମାନିବୁ ନାହିଁ କି ଅନ୍ୟ କୌଣସି ସ୍ଥାନରେ ରହିବୁ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ। ଏହାର ଆବଶ୍ୟକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାଏବ ସରପଞ୍ଚ ସାହୁ ନିବେଦନ କରିଛନ୍ତି। ଅଭିଯୋଗ ଆଧାରରେ ଯାଜପୁର ଥାନାରେ ଏକ ମାମଲା (ନଂ.୧୮୦/୨୦୨୦) ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ଆଶିଷ କୁମାର ସାହୁ ପ୍ରକାଶ କରିଛନ୍ତି।

## ଆମ୍ବୁଲାନ୍ସ ଧକ୍କାରେ ବାଇକ୍ ଆରୋହୀ ମୃତ

ମାର୍ଶାଘାଇ,୨୩।୪(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ୫ନଂ (କ) ଜାତୀୟ ରାଜପଥ କେନାଲବ୍ରିଜ ଗଡ଼ା ନିକଟରେ ଗୁରୁବାର ଏକ ୧୦୨ ଆମ୍ବୁଲାନ୍ସ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ଏହି ଥାନା ଅଧୀନ ଦୁମୁକା ପଞ୍ଚାୟତ ଗିରଙ୍ଗ ଗ୍ରାମର କୁଳମଣି ବିଶ୍ୱାଳଙ୍କ ପୁଅ ନରେଶ ବିଶ୍ୱାଳ(୪୫)। ନରେଶ ପୂର୍ବାହ୍ନ ପ୍ରାୟ ୧୦ଟାରେ ବାଇକ୍ ଯୋଗେ ଗ୍ୟାସ ଆଣି ଫେରୁଥିଲେ। ଏହି ସମୟରେ (ଓଡି-୦୫-ଏୟୁ-୧୭୭୭) ନମ୍ବର ବିଶିଷ୍ଟ ୧୦୨ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ଦ୍ରୁତ ଗତିରେ ଆସି ନରେଶଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇଥିଲା। ଘଟଣା ସ୍ଥଳରେ ନରେଶ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ମାର୍ଶାଘାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନରେଶଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାର୍ଶାଘାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହାପରେ ବାଇକକୁ ଜବତ କରିଥିଲା। ଦୁର୍ଘଟଣା ଘଟାଇଥିବା ଆମ୍ବୁଲାନ୍ସ ଚାଳକ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନାରେ ଆମ୍ବୁଲାନ୍ସ ରଖି ଫେରାର ହୋଇ ଯାଇଛନ୍ତି। ପୋଲିସ ପହଞ୍ଚି ସେଠାରୁ ଆମ୍ବୁଲନ୍ସକୁ ଜବତ କରିଥିବା ସୂଚନା ମିଳିଛି। ଏନେଇ ଥାନାରେ ଏକ ମାମଲା(ନଂ-୧୦୮/୨୦) ରୁଜୁ ହୋଇଛି।

# ଖବରଦାତାଙ୍କ ସ୍ୱାସ୍ଥ୍ୟ ବୀମା କରିବାକୁ ଜାଭଡେକରଙ୍କୁ ପ୍ରତାପଙ୍କ ଚିଠି

ଭୁବନେଶ୍ୱର, ୨୩।୪(ବ୍ୟୁରୋ)

ଖବରଦାତାମାନଙ୍କ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ବ୍ୟକ୍ତିଗତ ସୁରକ୍ଷା ସରଞ୍ଜାମ(ପିପିଇ) ଯୋଗାଇଦେବା ସହ ସେମାନଙ୍କ ଲାଗି ସ୍ୱାସ୍ଥ୍ୟ ବୀମା କରିବା ସକାଶେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଷଡ଼ଙ୍ଗୀ ଗୁରୁବାର ଜାଭଡେକରଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ,ମୁମ୍ବାଇର ୫୩ଜଣ ଖବରଦାତା, ଫଟୋ ଖବରଦାତା କରୋନା ସଂକ୍ରମିତ ହୋଇଛନ୍ତି। ସପ୍ତାହକ ମଧ୍ୟରେ ଚେନ୍ନାଇ, ଭୋପାଳ ଏବଂ ଅନ୍ୟ ସ୍ଥାନର ବହୁ ଖବରଦାତାଙ୍କୁ କରୋନା ହୋଇଛି। ଏହା ଅତ୍ୟନ୍ତ ବ୍ୟସ୍ତ କରିବା ଭଳି ଖବର। ଖବରଦାତାମାନେ ସଙ୍କଟାପନ୍ନଭାବେ କାର୍ଯ୍ୟ ଜାରି ରଖିଛନ୍ତି। ଲୋକମାନଙ୍କ ନିକଟରେ ଠିକ୍ ଏବଂ ନିର୍ଭୀକତାର ସହ ଖବର ପରିବେଷଣ କରିବାରେ ଖବରଦାତାଙ୍କ ମୁଖ୍ୟ ଭୂମିକା ରହିଛି। ତେଣୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଖବରଦାତାଙ୍କ ଲାଗି ପିପିଇ ବ୍ୟବସ୍ଥା କରାଯାଉ। ଯେଉଁ ଖବରଦାତାମାନେ କରୋନାରେ ସଂକ୍ରମିତ ହୋଇଛନ୍ତି ସେମାନଙ୍କୁ ଉତ୍ତମ ଏବଂ ମାଗଣା ଚିକିତ୍ସା ଦିଆଯାଉ। ଏହାସହ ସେମାନଙ୍କ ଚାକିରି ସୁରକ୍ଷା ଏବଂ ଅନୁପସ୍ଥିତ ସମୟର ଦରମା ପ୍ରଦାନର ବ୍ୟବସ୍ଥା ହେଉ। ଏହାବାଦ୍ ସେମାନଙ୍କ ଲାଗି ସ୍ୱାସ୍ଥ୍ୟବୀମାର ବ୍ୟବସ୍ଥା ହେଉ ବୋଲି ଷଡ଼ଙ୍ଗୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ଅଣ ରାଶନକାର୍ଡଧାରୀଙ୍କୁ ମିଳିବ କିରୋସିନ
## ଉପକୃତ ହେବେ ୧୭ ଲକ୍ଷ ହିତାଧିକାରୀ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାରା ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ନିକଟରେ ଏକାଧିକ ପଜିଟିଭ ଆସିଥିବା ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ଜିଲାକୁ ୬୦ଘଣ୍ଟା ପାଇଁ ସମ୍ପୂର୍ଣ୍ଣ ଶଟ୍‌ଡାଉନ କରାଯାଇଛି। ବହୁ ପୂର୍ବରୁ ରାଶନକାର୍ଡଧାରୀ, ନିର୍ମାଣ ଶ୍ରମିକ ଏବଂ ଅନ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଯାଇଛି। ଲୋକମାନେ ଯେପରି ମୌଳିକ ସାମଗ୍ରୀ ପାଇବା ପାଇଁ କୌଣସି ଅସୁବିଧା ନ ଭୋଗନ୍ତି ସେଥିପ୍ରତି ଧ୍ୟାନ ଦିଆଯାଇଛି। ୩ ମାସର ରାଶନ କାର୍ଡଧାରୀଙ୍କୁ ପ୍ରଦାନ ମଧ କରାଯାଇଛି। ଏହି କ୍ରମରେ ଗୁରୁବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ମାର୍ଚ୍ଚ କୋଟାରେ ଖାଉଟିଙ୍କୁ ୨ ଲିଟର କିରୋସିନ ଯୋଗାଇ ଦିଆଯିବ। ରାଶନ କାର୍ଡ ନ ଥିବା ବ୍ୟକ୍ତିଙ୍କୁ ମଧ ଏହି ସହାୟତା ମିଳିବ। ଏହାଦ୍ୱାରା ରାଜ୍ୟର ୧୭ ଲକ୍ଷ ଅଣ ରାଶନ କାର୍ଡ ହିତାଧିକାରୀ ଉପକୃତ ହେବେ। ବିଭାଗ ପକ୍ଷରୁ ଏନେଇ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏହି କିରୋସିନ ବଣ୍ଟନ ରାଜ୍ୟରେ ଯେପରି ଠିକ୍ ଭାବେ ସମ୍ପାଦିତ ହେବ ସେ ନେଇ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୨୨ ଅଣ୍ଡା ସହ ନାଗ ନାଗୁଣୀ ଉଦ୍ଧାର

ପୁରୀ ଅଫିସ,୨୩।୪: ପୁରୀ ଜିଲା ପ୍ରତାପ ରାମଚନ୍ଦ୍ରପୁର ପଞ୍ଚାୟତ କରଡ଼ି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ୨୨ଟି ଅଣ୍ଡା ସହ ନାଗନାଗୁଣୀ ଉଦ୍ଧାର ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ରୋଷେଇ ଘର ମାଟିତଳେ ନାଗନାଗୁଣୀ ଗାତ କରି ଅଣ୍ଡା ଦେଇଥିଲେ। ସେମାନେ ନାଗ ସାପଟିକୁ ଦେଖିବା ପରେ ସ୍ନେହ ହେଲ୍ପ ଲାଇନାକୁ ଫୋନ କରିଥିଲେ। ସ୍ଥାନୀୟ ଅଞ୍ଚଳର ସାପ ଧରାଳି ସୁଶାନ୍ତ ବେହେରା ପହଞ୍ଚି ରୋଷେଇ ଘର ଭିତରୁ ଏକ ଗାତ ମୁହଁ ବାହାରକୁ ରହିଥିବା ଦେଖିଥିଲେ। ତାହାକୁ ଖୋଳିବା ପରେ ଅଣ୍ଡା ଓ ନାଗନାଗୁଣୀଙ୍କୁ ଉଦ୍ଧାର କରିଥିଲେ। ସାପ ଦୁଇଟିର ଲମ୍ବ ପ୍ରାୟ ୫ ଫୁଟ ଲେଖାଏ ହେବ। ପରେ ଅଣ୍ଡା ସହ ସାପ ଦୁଇଟିକୁ ଏକ ଜଙ୍ଗଲରେ ନିରାପଦ ଭାବେ ଛାଡିଥିବା ଜଣାପଡ଼ିଛି।


କଟକ ରେଳ ଷ୍ଟେଶନରେ ରେଲ୍ ପରିବାର ଓ ଚାଉଳିଆଗଞ୍ଜ କଳିଙ୍ଗ ସେବା ସମିତି ପକ୍ଷରୁ ଗୁରୁବାର ଖାଦ୍ୟ ବଣ୍ଟନ ବେଳେ ଲୋକେ ସାମାଜିକ ଦୂରତ୍ୱ ସହ ଅପେକ୍ଷା କରିଛନ୍ତି।

# ଶଟ୍‌ଡାଉନ ଘୋଷଣା ପରେ ସୁରକ୍ଷା କଡ଼ାକଡ଼ି

ବାଲେଶ୍ୱର ଅଫିସ, ୨୩।୪

- ଚିନ୍ତାଜନକ ସ୍ଥିତିରେ ବାଲେଶ୍ୱର, ଭଦ୍ରକ
- ସଂକ୍ରମିତ: ବାଲେଶ୍ୱରରେ ୧୦, ଭଦ୍ରକରେ ୧୧

ବାଲେଶ୍ୱର ଜିଲାରେ ଗୁରୁବାର ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନର ନିଦ ହଜିଯାଇଛି। ଜିଲାରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦ରେ ପହଞ୍ଚିବା ପରେ ସ୍ଥିତି ଚିନ୍ତାଜନକ ହୋଇଛି। ସେହିପରି ଭଦ୍ରକରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧ ଛୁଇଁଛି। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଓ ଭଦ୍ରକ ଜିଲାକୁ ୬୦ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଗୁରୁବାର ରାତି ୧୦ଟାରୁ ୨୬ ତାରିଖ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ୬୦ ଘଣ୍ଟା ବନ୍ଦ ଶଟ୍‌ଡାଉନ ଲାଗୁ ହେବ। କେବଳ କେତେକ ଔଷଧ ଦୋକାନକୁ ଛାଡି ଦେଲେ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ପୋଲିସ ପକ୍ଷରୁ ପାଟ୍ରୋଲିଂକୁ ଜୋରଦାର କରାଯାଇ ଏକପ୍ରକାର କର୍ଫ୍ୟୁ ଲାଗୁ ହେବ ବୋଲି ସୂଚନା ମିଳିଛି। ବାଲେଶ୍ୱର ଜିଲାରେ ସ୍ଥିତି ଅନୁଧ୍ୟାନ ପାଇଁ ବରିଷ୍ଠ ଆଇଏଏସ୍ ଏସ୍.କେ. ବଶିଷ୍ଠଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଜିଲାରେ ୩ଗୁଣ ଅଧିକ ଟେଷ୍ଟିଂ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।

ଗତ ୧୮ତାରିଖରେ ବାଲେଶ୍ୱର ଜିଲାରେ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଜିଲାରେ ନେଳିଆବାଗ ଅଞ୍ଚଳର ଜଣେ ୫୮ବର୍ଷୀୟ ବ୍ୟକ୍ତି ପ୍ରଥମ କରୋନା ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଥିଲେ। ତାଙ୍କର ଟ୍ରାଭେଲ ହିଷ୍ଟ୍ରି ଓ କଣ୍ଟାକ୍ଟ ଲିଷ୍ଟକୁ ସଂଗ୍ରହ କରାଯାଇ ପାଖାପାଖି ୮୫ରୁ ଊର୍ଦ୍ଧ୍ୱ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ନେଳିଆବାଗ ଅଞ୍ଚଳର ୨ଟି ୱାର୍ଡ଼ ସମ୍ପୂର୍ଣ୍ଣ ଓ ଗୋଟିଏ ୱାର୍ଡ଼ର ଆଂଶିକ ଆବଦ୍ଧାଞ୍ଚଳ ଭାବେ ୭ଦିନ ପାଇଁ ସିଲ୍ କରାଯାଇଥିଲା। ଉକ୍ତ ଲିଙ୍କ୍‌ରୁ ଗତ ୨୧ତାରିଖରେ ୫ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗୁରୁବାର ଜଣେ ୫୫ବର୍ଷୀୟ ମହିଳା ଏବଂ ଜଣେ ୩୬ ବର୍ଷୀୟ ପୁରୁଷ ଚିହ୍ନଟ ହୋଇଥିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଟ୍ୱିଟ୍ କରି ସୂଚନା ଦେଇଛି। ଏଥିସହ ଗତ ୧୯ତାରିଖରେ ଭାସ୍କରଗଞ୍ଜ ରେଲୱେ କଲୋନୀ ଅଞ୍ଚଳର ଜଣେ ୩୨ବର୍ଷର ଯୁବକ ଏବଂ ନୀଳଗିରି ବ୍ଲକ ଧରମପୁର ପଞ୍ଚାୟତର ରିଗିଡ଼ି ଗ୍ରାମର ଜଣେ ୨ବର୍ଷର ଶିଶୁକନ୍ୟା କରୋନା ଆକ୍ରାନ୍ତରେ ଶୀକାର ହେବା ସହ ଜିଲାରେ ଆକ୍ରାନ୍ତ ଆକ୍ରାନ୍ତଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। ଜିଲାରେ ପୂର୍ବରୁ ନେଳିଆବାଗ ଓ ଧରମପୁର ଅଞ୍ଚଳକୁ ଆବଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଥିଲା।

# ସିଲ୍ ହେଲା ଉପାନ୍ତର ସମସ୍ତ ଗଳା ରାସ୍ତା

ଜଳେଶ୍ୱର, ୨୩।୪(ସ୍ୱ.ପ୍ର.)

ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ କରୋନା ସଂକ୍ରମିତଙ୍କ ପଶ୍ଚିମବଙ୍ଗ ଲିଙ୍କ୍ ଥିବା ଜଣାପଡିବା ପରେ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ଉତ୍ତର ଉପାନ୍ତରେ ଥିବା ବାଲେଶ୍ୱର ଓ ମୟୂରଭଞ୍ଜ ସୀମାକୁ ସିଲ୍ କରାଯାଇ ସମସ୍ତ ଗଳା ରାସ୍ତାକୁ ବ୍ୟାରିକେଟ କରାଯାଇ ବନ୍ଦ କରାଯାଇଛି । ୨୪ଘଣ୍ଟିଆ ପୋଲିସ ପହରା ଉପରେ ଗୁରୁତ୍ୱ ଦିଆଯାଇଛି। ଜଳେଶ୍ୱର ଓ ରାଇବଣିଆ ଥାନା ପକ୍ଷରୁ ଅନୁପ୍ରବେଶକୁ କଡାକଡି କରାଯାଇଥିବାରୁ ଚାଲନ୍ତି (ରାଜଘାଟ) ଗେଟ୍‌ଠାରେ ବହୁ ଲୋକ ୨ଦିନ ଧରି ଅପେକ୍ଷା କରି ରହିଛନ୍ତି। ଗୁରୁବାର ଅପରାହ୍ନରେ ପୂର୍ବାଞ୍ଚଳ ଆଇଜି ଦିପ୍ତେଶ ପଟ୍ଟନାୟକ, ଏସ୍‌ପି ବି. ଯୁଗଳ କିଶୋର, ଏସ୍‌ଡିପିଓ ଅଙ୍କିତା କୁମ୍ବାର, ଆଇଆଇସି ଧନେଶ୍ୱର ସାହୁ ପ୍ରମୁଖ ଜଳେଶ୍ୱରର ଜାମଝାଟିଆ, ସୁଗୋ, ଲକ୍ଷ୍ମଣନାଥ ଆଦି ଗେଟଗୁଡିକ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି।

**୨୪ ଘଣ୍ଟିଆ ପହରା ଉପରେ ଗୁରୁତ୍ୱ**


ଜଳେଶ୍ୱର ରାଜଘାଟ ଚାଲନ୍ତି ଗେଟ୍ ନିକଟରେ ଅଟକି ରହିଥିବା ପଶ୍ଚିମବଙ୍ଗ ଫେରନ୍ତା।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ସର୍ଦ୍ଦାରବନ୍ଧଳ ଓଲମରା, ମାକିଡିଆ, ଡିପିପୁର, ଖୁଆର୍ଡ, ଶ୍ୟାମନଗର, ଖୁଦିଆମାଝିସାହି, ଗୋବରଘଟା, ନଛିମପୁର, ସୁଗୋ, ନେଡୁଆ, ଲକ୍ଷ୍ମଣନାଥ ଆଦି ୧୨ ପଞ୍ଚାୟତର ୩୭ଟି ଗ୍ରାମ ପଶ୍ଚିମବଙ୍ଗକୁ ଲାଗି ରହିଛି। ଏନ୍.ଏଚ୍-୬୦ ଲକ୍ଷ୍ମଣନାଥ ଓ ସୋଲପଟା-ଆମ୍ବଳିଅଠା ଆନ୍ତଃରାଜ୍ୟ ମୁଖ୍ୟ ରାସ୍ତା ବ୍ୟତୀତ ବହୁ ଗଳା ରାସ୍ତା ପଶ୍ଚିମବଙ୍ଗକୁ ଲମ୍ବିଯାଇଛି । ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଲୋକ ଉଭୟ ରାଜ୍ୟରୁ ଯିବାଆସିବା କରିଥାନ୍ତି । ଗତ ୨୮ତାରିଖରୁ ଓଡିଶା ପଶ୍ଚିମବଙ୍ଗ ସୀମା ସିଲ୍ କରାଯାଇଥିଲେ ମଧ ମୁଖ୍ୟ ରାସ୍ତା ଛଡା ଗ୍ରାମ୍ୟ ରାସ୍ତାଗୁଡିକ ମୁକୁଳା ପଡିଥିଲା । ଫଳରେ କଲିକତା, ଖଡଗପୁର, ଖଡିକା, ମୋହନପୁର, ବେଲଦା, ଦାନ୍ତୁନ ଆଦି ଅଞ୍ଚଳରୁ ବହୁ ପ୍ରବାସୀ ଓଡିଆ ଓଡିଶା ମଧକୁ ଉକ୍ତ ଗଳା ରାସ୍ତା ଦେଇ ଆସିବାରେ ସକ୍ଷମ ହୋଇଥିଲେ । ଏ ସମ୍ପର୍କରେ ପ୍ରଶାସନ ନିକଟରେ ତଥ୍ୟ ରହିଥିଲେ ମଧ ତାହାକୁ ହାଲ୍‌କା ଭାବେ ଗ୍ରହଣ କରି ନାମକୁ ମାତ୍ର ମୁଖ୍ୟ ରାସ୍ତାରେ ଚେକିଂ କରାଯାଉଥିଲା। କେତେକ ଲୋକ ସହାୟତାରେ ଏହି ଗଳା ରାସ୍ତାଦେଇ ଲୋକମାନେ ପଶ୍ଚିମବଙ୍ଗରୁ ଓଡିଶା ମଧକୁ ଆସିବାରେ ସକ୍ଷମ ହୋଇଥିଲେ । ଗତ ୨୧ ତାରିଖରେ ପୋଲିସ ମହାନିର୍ଦ୍ଦେଶଙ୍କ ଜଳେଶ୍ୱର ଗସ୍ତ ପରେ ଏହି ଅଞ୍ଚଳର ସମସ୍ତ ଗଳା ରାସ୍ତାକୁ ସିଲ୍ କରାଯାଇ ପୋଲିସ ପହରା ବ୍ୟବସ୍ଥା କରାଯାଇଛି । ଗୁରୁବାର ପ୍ରାୟ ୧୯ଜଣ ପଶ୍ଚିମବଙ୍ଗ ଫେରନ୍ତା ଚାଲନ୍ତି ଚେକ୍‌ଗେଟଠାରେ ଅଟକି ରହିଥିଲେ। ସେମାନେ ଜମି ହିଡରେ ରାତିରେ ଲୁଚି ପଳାଇ ଆସିଥିବା ପୋଲିସ ଏସ୍‌ଆଇ ସତ୍ୟନାରାୟଣ ବଳ କହିଛନ୍ତି। ଜଳେଶ୍ୱର ଥାନା ପକ୍ଷରୁ ୯ଟି ଗେଟ୍ କରାଯିବା ସହିତ ସୀମା ସଂଲଗ୍ନ ପଞ୍ଚାୟତଗୁଡିକରେ ମଧ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ରାଇବଣିଆ ଥାନାରେ ମୋଟ ୭ଟି ଗେଟ୍‌ରେ ବ୍ୟାରିକେଟ୍ କରାଯାଇଥିଲେ ଲୋକମାନେ ଲୁଚି ଛପି ଯିବା ଆସିବା କରୁଥିବା କୁସଗଡ ଫାଣ୍ଡି ଅଧିକାରୀ ଭଗବାନଚନ୍ଦ୍ର ଦାସ କହିଛନ୍ତି।

## ବିଲୁଆ କାମୁଡ଼ାରେ ୩ ଗୁରୁତର

**ଢେଙ୍କାନାଳ ଅଫିସ, ୨୩।୪:** ଢେଙ୍କାନାଳ ସଦର ବ୍ଲକ ସାନନାଗେନା ଗ୍ରାମରେ ଗୁରୁବାର ବିଲୁଆ କାମୁଡ଼ାରେ ଗୋଟିଏ ପରିବାରର ୩ ଜଣ ଗୁରୁତର ହୋଇଛନ୍ତି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଜଙ୍ଗଲରୁ ଏକ ବିଲୁଆ ଜନବସତି ଅଞ୍ଚଳକୁ ଆସି କାଙ୍ଗାଳି ମଲ୍ଲିକ (୬୦)ଙ୍କ ଘର ପଶିଯାଇଥିଲା। ଘରେ ଥିବା କାଙ୍ଗାଳି, ତାଙ୍କ ପୁଅ ଭୀମସେନ(୪୬), ବୋହୂ ସୁନୀଲା (୪୦) ବିଲୁଆ କାମୁଡ଼ାର ଶିକାର ହୋଇଥିଲେ। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

# ମିଳୁନାହିଁ ସର୍ବନିମ୍ନ ସହାୟକ ମୂଲ୍ୟ

**ବଲାଙ୍ଗୀର ଅଫିସ, ୨୩।୪**

ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଅନୁସୂଚିତ ଜନଜାତି ଓ ପାରମ୍ପରିକ ବନବାସୀଙ୍କ ଏକ ମୁଖ୍ୟ ଉପଜୀବ୍ୟ ଭାବେ ରହିଆସିଛି। ଏହା ସେମାନଙ୍କ ସାମାଜିକ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଲକ୍ଷାଧିକ ପରିବାର ସେମାନଙ୍କ ଗୁଜୁରାଣ ଓ ଦୈନନ୍ଦିନ ଖର୍ଚ୍ଚ ତୁଲାଇଥାନ୍ତି। ତେବେ ଅଧିକାଂଶ ବନବାସୀଙ୍କୁ ଏସବୁ ଦ୍ରବ୍ୟର ଉଚିତ୍ ମୂଲ୍ୟ କିମ୍ବା ସର୍ବନିମ୍ନ ସହାୟକ ମୂଲ୍ୟ ମିଳେନାହିଁ। ଅତିକମ୍ ମୂଲ୍ୟରେ ବ୍ୟବସାୟୀମାନେ ସେମାନଙ୍କଠାରୁ ଲଘୁ ବନଜାତ ସଂଗ୍ରହ କରିନେଇ ମାଲାମାଲ ହୋଇଥାନ୍ତି । ଏନେଇ ସରକାରଙ୍କ ବିଚିତ୍ର ଓ ତ୍ରୁଟିପୂର୍ଣ୍ଣ ନୀତି ହିଁ ଦାୟୀ ବୋଲି ଚର୍ଚ୍ଚା ହୋଇଆସିଛି ।

ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଗତ ୨୦ ତାରିଖରେ ରାଜ୍ୟର ୧୩ଟି ଜିଲାର ଜିଲାପାଳଙ୍କୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ଏହାର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଦ୍ରବ୍ୟ ଶୃଙ୍ଖଳର ବର୍ଦ୍ଧିତ ମୂଲ୍ୟାଙ୍କନ ବ୍ୟବସ୍ଥା କରିବା ସକାଶେ ଚିଠି କରାଯାଇଛି । ଉକ୍ତ ଚିଠିରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ସମ୍ବଲପୁର, ସୁନ୍ଦରଗଡ଼, କେଉଁଝର, ମୟୂରଭଞ୍ଜ, ନୂଆପଡ଼ା, ଗଜପତି ଓ ଦେଓଗଡ ଏଭଳି ୧୩ଟି ଜିଲାର ନାମ ରହିଛି । କରୋନା ସଂକ୍ରମଣ ସମୟରେ ଏହା ଉପରେ ଗୁରୁତ୍ୱ ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା କରୋନାର ମଧ୍ୟ ଉଚିତ୍ ମୁକାବିଲା ହୋଇପାରିବ ବୋଲି ଉଲ୍ଲେଖ କରାଯାଇଛି। ତେବେ ଏହି ଚିଠିରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ ସମେତ ଅନ୍ୟ ୧୭ଟି ଜିଲାର ନାମ ନାହିଁ। ଉପରୋକ୍ତ ଜିଲାର ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହକାରୀମାନେ କିଭଳି ସେମାନଙ୍କ ସଂଗୃହୀତ ଦ୍ରବ୍ୟ ବିକ୍ରି କରିବେ ଓ ଉଚିତ୍ ମୂଲ୍ୟ ପାଇବେ ତାହା ସ୍ପଷ୍ଟ ହୋଇନାହିଁ । ଏହାକୁ ସରକାରଙ୍କ ପାତରଅନ୍ତର ନୀତି ବୋଲି ବଲାଙ୍ଗୀର ଜିଲା ଜଙ୍ଗଲ ସୁରକ୍ଷା ପରିଚାଳନା ଫୋରମ୍ ପକ୍ଷରୁ କୁହାଯାଇଛି।

**ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ**



ବଲାଙ୍ଗୀରରେ ମହୁଲ ଫୁଲ ସଂଗ୍ରହ କରୁଛନ୍ତି ।

- **ପାତରଅନ୍ତର ନିୟମ ଯୋଗୁ କ୍ଷତିରେ ୧୭ ଜିଲା ବନବାସୀ**
- **କରୋନା ଲକ୍‌ଡାଉନ୍ ଆଣିଛି ନୂଆ ଚ୍ୟାଲେଞ୍ଜ**

ବଲାଙ୍ଗୀର ଜିଲାରେ ଏବେ ମହୁଲ ଫୁଲ, ମହୁଲ ମଞ୍ଜି, ତେନ୍ତୁଳି, ଶାଳପତ୍ର, ନିମ୍ବ ମଞ୍ଜି, ଅଁଳା, ବାହାଡା ଓ ଅନ୍ୟ ବନଜାତ ଦ୍ରବ୍ୟ ବହୁଳ ପରିମାଣରେ ମିଳିଥାଏ । ପ୍ରାୟ ଦୁଇବର୍ଷ ତଳେ ଓଡ଼ିଶା ବନ ଉନ୍ନୟନ ନିଗମ ଏବଂ ଆଦିବାସୀ ଉନ୍ନୟନ ସମବାୟ ନିଗମ ତରଫରୁ ଶାଖା ଖୋଲି ଜିଲାରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରାଯାଉଥିଲା । ଜିଲାସ୍ତରରେ ମଧ୍ୟ କମିଟି ଗଠନ କରାଯାଇଥିଲା । ଏବେ ଆଉ ଏହି କମିଟି ସକ୍ରିୟ ହୋଇନାହିଁ। ଫଳରେ ବଲାଙ୍ଗୀର ଜିଲାର ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହକାରୀମାନେ ଉଚିତ୍ ମୂଲ୍ୟ ପାଇବାରୁ ବଞ୍ଚିତ ହେବା ସହ ଏହାର ଉଚିତ୍ ବିକ୍ରୟ କରିପାରୁ ନ ଥିବା ଫୋରମ୍ ଆବାହକ କୁଳମଣି ସାହୁ ସୂଚନା ଦେଇଛନ୍ତି। ଲକ୍‌ଡାଉନ୍ ଥିବା ଯୋଗୁ ଲୋକେ ଘରୁ ବାହାରି ନ ପାରି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିପାରୁ ନାହାନ୍ତି। ସରକାର ବଲାଙ୍ଗୀର ସମେତ ରାଜ୍ୟର ଯେଉଁ ଜିଲାରେ ମଧ୍ୟ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ହେଉଛି ସେସବୁ ଜିଲାରେ ସର୍ବନିମ୍ନ ସହାୟକ ମୂଲ୍ୟ ସୁନିଶ୍ଚିତ କରିବା ସହ ସେମାନଙ୍କ ସଂଗୃହୀତ ଦ୍ରବ୍ୟ କିଣିବାର ସୁବ୍ୟବସ୍ଥା କରିବାକୁ ଦାବି ଜଣାଇଛନ୍ତି ।

## କରୋନା ମୁକାବିଲାରେ ଲାଗିବ ହକିଙ୍ଗଙ୍କ ଭେଣ୍ଟିଲେଟର

**ଲଣ୍ଡନ, ୨୩।୪**

ଖ୍ୟାତନାମା ପଦାର୍ଥ ବିଜ୍ଞାନୀ ଷ୍ଟିଫେନ ହକିଙ୍ଗ୍ ଚିକିତ୍ସିତ ହେଉଥିବା ରୟାଲ ପାପଓର୍ଥ ହସ୍ପିଟାଲକୁ ଷ୍ଟିଫେନ୍‌ଙ୍କ ଭେଣ୍ଟିଲେଟର ଦାନ କରାଯାଇଛି। କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ପାଇଁ ପ୍ରଫେସର ଷ୍ଟିଫେନଙ୍କ ପରିବାର ତାଙ୍କ ଭେଣ୍ଟିଲେଟରକୁ ଦାନ କରିଥିବା ଜଣାପଡ଼ିଛି। ଏ ନେଇ ଷ୍ଟିଫେନ୍‌ଙ୍କ ଝିଅ ଲୁସି ହକିଙ୍ଗ୍ କହିଛନ୍ତି, ତାଙ୍କ ବାପାଙ୍କୁ ସେଠାରେ ମିଳିଥିବା ଯତ୍ନର ପ୍ରତିଦାନ ସ୍ୱରୂପ ଭେଣ୍ଟିଲେଟରକୁ ହସ୍ପିଟାଲକୁ ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ ପ୍ରଫେସର ଷ୍ଟିଫେନ୍‌ଙ୍କ ପରିବାର ସହଯୋଗ କରିଥିବାରୁ ମେଡିକାଲ ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ହକିଙ୍ଗଙ୍କ ଚିକିତ୍ସା କରାଯାଉଥିବା ସମସ୍ତ ମେଡିକାଲ ଉପକରଣକୁ ସେ ନିଜେ କିଣିଥିଲେ। ଏହାପରେ ସେଗୁଡ଼ିକୁ ମେଡିକାଲକୁ ଦାନ କରିଦିଆଯାଇଛି। ବ୍ରିଟେନରେ କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ପାଇଁ ଭେଣ୍ଟିଲେଟରର ଅଭାବ ଥିବାରୁ ଅଧିକ ମାତ୍ରାରେ ମେଡିକାଲ ଉପକରଣ ପ୍ରସ୍ତୁତ କରିବାକୁ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍ ମାର୍ଚ୍ଚରେ ଶିଳ୍ପଗୁଡ଼ିକୁ ଆହ୍ୱାନ କରିଥିଲେ। ୨୦୧୮ରେ ୭୬ ବର୍ଷ ବୟସରେ ଷ୍ଟିଫେନ ହକିଙ୍ଗ୍‌ଙ୍କର ମୃତ୍ୟୁ ଘଟିଥିଲା। ସେ ଆଜୀବନ ବ୍ରହ୍ମାଣ୍ଡର ଉତ୍ପତ୍ତି ଅନୁସନ୍ଧାନ କରିବାରେ ବିତାଇଥିଲେ।



## ସଂକ୍ଷେପରେ

### ବାଲେଶ୍ୱର ଲିଙ୍କ୍‌କୁ ନେଇ ଉତ୍ତେଜନା

**ଟିଟିଲାଗଡ଼,୨୩।୪(ଡି.ଏନ.ଏ.):** ମହାମାରୀ କରୋନା ରେଡ୍ ଜୋନ୍ ଭାବେ ପରିଚିତ ବାଲେଶ୍ୱର ଅଞ୍ଚଳର ଜଣେ ସରକାରୀ କର୍ମଚାରୀ ଟିଟିଲାଗଡ଼ରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ସହରର ହାଟପଦା ପଡାର ଏକ ଘରେ ସମ୍ପୃକ୍ତ ବ୍ୟକ୍ତି ରହିଥିବା ଖବର ପାଇ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ଏହାକୁ ବିରୋଧ କରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲା । ପରେ ଉକ୍ତ କର୍ମଚାରୀଙ୍କୁ ପୋଲିସ ଚଲାଇ ଚଲାଇ ସେଠାରୁ ନେଇ କ୍ୱାରାଣ୍ଟାଇନରେ ରଖିଥିବା ଖବର ମିଳିଛି । ପ୍ରଶାସନର ଅଗୋଚରରେ ଘୁରି ବୁଲୁଥିବା ଏପରି ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

### ଟ୍ରାକ୍ଟର ତଳେ ଚାପି ହୋଇ ବାଳକଙ୍କ ମୃତ୍ୟୁ

**ପାପଡାହାଣ୍ଡି, ୨୩।୪, (ଡି.ଏନ.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ବାରିଗୁଡା ଗ୍ରାମରେ ଗୁରୁବାର ଏକ ଟ୍ରାକ୍ଟର ତଳେ ଚାପି ହୋଇ ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ସେ ଗ୍ରାମର ଧନୁର୍ଜୟ ଚାଲାଣଙ୍କ ପୁଅ ମହେନ୍ଦ୍ର ବୋଲି ଜଣାପଡିଛି । ଟ୍ରାକ୍ଟର (ଓଆର୨୪-୭୬୦୭)ଟି ଗ୍ରାମରୁ ଗୋବର ଖତ ଲୋଡ କରି ଯିବାକୁ ଗାଡି ଷ୍ଟାର୍ଟ କରି ପଛକୁ ବ୍ୟାକ୍ କରିଥିଲେ। ସେହିସମୟରେ ଟ୍ରାକ୍ଟର ପଛରେ ମହେନ୍ଦ୍ର ଥିବା ଜାଣିପାରି ନ ଥିଲେ। ଫଳରେ ତାଙ୍କ ଉପରେ ଟ୍ରାକ୍ଟରଟି ଚଢ଼ିଯାଇଥିଲା। ଘଟଣା ସ୍ଥଳରେ ହିଁ ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଡାବୁଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

### ସ୍ୱାସ୍ଥ୍ୟକର୍ମୀଙ୍କ ଆକାଉଣ୍ଟରୁ ୨.୩୫ଲକ୍ଷ ଗାଏବ

**ଝରିଗାଁ, ୨୨।୪(ସ୍ୱ.ପ୍ର.) :** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବେଲଗାଁ ମହିଳା ସ୍ୱାସ୍ଥ୍ୟକର୍ମୀ ଠକେଇର ଶିକାର ହୋଇଛନ୍ତି। କେୱାଇସି ଦାଖଲ ଆଳରେ ତାଙ୍କ ଜମା ଖାତାରୁ ୨ ଲକ୍ଷ ୩୫ ହଜାର ଟଙ୍କା ହଡ଼ପ ହୋଇଥିବା ଥାନାରେ ଅଭିଯୋଗ ହେଇଛି। ଖବରରୁ ଜଣାପଡିଛି ବେଲଗାଁ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ବିପୁଳାରାଣୀ ରାୟଙ୍କୁ ଗତ ୧୭ ରେ ୯୫୪୭୦୮୫୩୯୦ନମ୍ବରରୁ ଏକ ଫୋନ କଲ୍ ଆସିଥିଲା। ଫୋନକର୍ତ୍ତା ଫୋନ ପେ ଆପ୍ ସମ୍ପର୍କରେ ତାଙ୍କୁ ବୁଝାଇ ଏଥିପାଇଁ କେୱାଇସି ଫର୍ମ ଦାଖଲ କରିବା ଲାଗି କ୍ୟୁଏସ୍ ନାମକ ଏକ ଆପ୍ ଡାଉନ୍‌ଲୋଡ୍ କରିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ବିପୁଳାରାଣୀ କ'ଣ ସବୁ ସୁବିଧା ପାଇବେ ସେନେଇ ମଧ ତାଙ୍କୁ ସୂଚନା ଦେଇଥିଲେ। ପରେ ବିପୁଳାରାଣୀ ସେହି ଆପ୍ ଡାଉନ୍‌ଲୋଡ୍ କରିଥିଲେ। ଏହାର କିଛି ସମୟ ମଧରେ ତାଙ୍କ ଜମାଖାତାରୁ ୨ ଲକ୍ଷ ୩୫ ହଜାର ଟଙ୍କା ଉଠାଣ ହୋଇଥିଲା। ଏନେଇ ତାଙ୍କ ସ୍ୱାମୀ ଦୀପକ କୁମାର ମଲ୍ଲିକ ଝରିଗାଁ ଥାନାରେ ଅଭିଯୋଗ କରିଥିଲେ।

## ଶ୍ରମିକଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଉତ୍ତେଜନା



ପ୍ଲାଣ୍ଟ ସମ୍ମୁଖରେ ଠିକା ଶ୍ରମିକମାନେ ବିକ୍ଷୋଭ କରୁଛନ୍ତି।

**ବଅଁରପାଳ, ୨୩।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ବଅଁରପାଳଠାରେ ଥିବା ଏକ ପ୍ଲାଣ୍ଟର ଜଣେ ଠିକା ଶ୍ରମିକଙ୍କୁ ଗୁରୁବାର କେତେଜଣ ସିଆଇଏସ୍‌ଏଫ୍ କର୍ମଚାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପ୍ଲାଣ୍ଟ ଫାଟକ ସମ୍ମୁଖରେ ଠିକାଶ୍ରମିକମାନେ ଆନ୍ଦୋଳନ କରିଥିଲେ। ଅନେକ ସମୟରେ ସିଆଇଏସ୍‌ଏଫ୍ କର୍ମଚାରୀମାନେ ଠିକାଶ୍ରମିକଙ୍କୁ ଦୁର୍ବ୍ୟବହାର କରୁଥିବା ସେମାନେ ଅଭିଯୋଗ କରିଥିଲେ। ଶ୍ରମିକ ନେତା ବିପ୍ଲବ ଜେନା, ନାଲ୍‌କୋ ଥାନା ଅଧିକାରୀ ସରୋଜିନୀ ସାମ୍ଭାଡ଼ା, କମ୍ପାନୀର ଡିଜିଏମ୍ ଏସ୍.ଏସ୍. ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଶ୍ରମିକଙ୍କୁ ବୁଝାଶୁଝା କରିଥିଲେ।

## ବାଲିଘାଟ ଉପରେ ଚଢ଼ାଉ

**ଆଠମଲ୍ଲିକ,୨୩।୪(ଡି.ଏନ.ଏ.)**

ଆଠମଲ୍ଲିକ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ ଗୁରୁବାର ମହାନଦୀସ୍ଥିତ ବାଲିଘାଟରେ ଚଢ଼ାଉ କରି ୬ଟି ଟ୍ରାକ୍ଟରରୁ ଏକଲକ୍ଷ ଟଙ୍କା ଜରିମାନା ଆଦାୟ କରିଛନ୍ତି। ତହସିଲଦାର କହିଛନ୍ତି, ଏନ୍‌ଏସି ଅନ୍ତର୍ଗତ ମହାନଦୀ ବାଲିଘାଟ ଘାସିରାମ ମହାକୁଡ଼ଙ୍କ ନାମରେ ଥିଲା। ମାର୍ଚ୍ଚ ୨୦୨୦ ପରେ ଉକ୍ତ ବାଲିଘାଟର ଅବଧି ଶେଷ ହୋଇଯାଇଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଉକ୍ତ ଅବଧି କିଛିମାସ ବୃଦ୍ଧି ନିମନ୍ତେ ଆବଶ୍ୟକ କାଗଜପତ୍ର ଦାଖଲ ହୋଇଛି। ଏହା ଏବେ ବିଚାରାଧୀନ ଥିବାବେଳେ ଘାଟରୁ ଟ୍ରାକ୍ଟର ଯୋଗେ ବାଲି ପରିବହନ ହେଉଥିବା ଖବର ପାଇ ଚଢ଼ାଉ କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା।

## କ୍ୱାରାଣ୍ଟାଇନକୁ ଗଲେ ୮ ଶ୍ରମିକ

**ରାୟଗଡ଼ା ଅଫିସ,୨୩।୪**

ରାୟଗଡ଼ା ଟାଉନ ଥାନା ପୋଲିସ ଗୁରୁବାର ଭୋର୍ ସମୟରେ ୮ ଜଣ ପ୍ରବାସୀ ଶ୍ରମିକଙ୍କୁ ଉଦ୍ଧାର କରିଛି। କୋରାପୁଟ ଛକ ନିକଟରେ ଏମାନଙ୍କୁ ପୋଲିସ ଉଦ୍ଧାର କରି ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବା ପରେ ସେମାନଙ୍କୁ ରାଣୀଗୁଡ଼ାସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିବା ଏସ୍‌ଆଇ ରତଗାନ କିଣ୍ଡୋ କହିଛନ୍ତି। ଉପରୋକ୍ତ ୮ ଜଣ ଶ୍ରମିକ ନୟାଗଡ଼ ଏବଂ ଓଡ଼ଗାଁ ଅଞ୍ଚଳର ବାସିନ୍ଦା। ସେମାନେ ଦାମନଯୋଡ଼ି ଅଞ୍ଚଳରେ ଦୀର୍ଘ ଦିନ ହେଲା କାମ କରୁଥିଲେ। ଲକ୍‌ଡାଉନ ହେବା ପରଠାରୁ ଖାଦ୍ୟ ନ ପାଇ ନିଜ ଘରକୁ ଯିବା ଲାଗି ଶ୍ରମିକମାନେ ୨୧ ତାରିଖ ସକାଳୁ ସାଇକେଲରେ ୩୮୭ କିମି ଦୂର ନୟାଗଡ଼କୁ ବାହାରିଥିଲେ।

## ଜିଲାପାଳ କ୍ଷମତା ପାଇବାର ଦୁଇଦିନ ବିତିନି
## କ୍ରିକେଟ୍‌କୁ ନା କହି ମାଡ଼ ଖାଇଲେ ସରପଞ୍ଚ

**ମୁନିଗୁଡ଼ା,୨୩।୪(ଡି.ଏନ୍.ଏ.)**

କୋଭିଡ-୧୯ ମୁକାବିଲା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି। କିନ୍ତୁ କେତେକ ଅମାନିଆ ତାହାକୁ ବାରମ୍ବାର ଉଲ୍ଲଂଘନ କରିଚାଲିଛନ୍ତି। କରୋନା ଲଢ଼େଇ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ଦେବାର ଦୁଇଦିନ ନ ହେଉଣୁ ରାୟଗଡ଼ା ଜିଲାର ଜଣେ ସରପଞ୍ଚ ଆକ୍ରମଣର ଶିକାର ହୋଇଛନ୍ତି। ଲକ୍‌ଡାଉନ ବେଳେ କ୍ରିକେଟ୍ ଖେଳକୁ ବାରଣ କରିବାରୁ ତାଙ୍କୁ ମାଡ଼ ଖାଇବାକୁ ପଡ଼ିଛି। ଲକ୍‌ଡାଉନ ଚାଲିଥିବା ବେଳେ ଗୁରୁବାର ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଭୈରଗଡ଼ ପଞ୍ଚାୟତ ସଦରରେ କେତେକ ଯୁବକ କ୍ରିକେଟ ଖେଳୁଥିଲେ। ଏହା ଦେଖି ସରପଞ୍ଚ ଦିଗାମ୍ବର ସିକ୍କା ସେମାନଙ୍କୁ ଏକାଠି ହୋଇ ନ ଖେଳିବା ପାଇଁ ବାରଣ କରିଥିଲେ। ସରକାରୀ ଗାଇଡ୍‌ଲାଇନକୁ କାହିଁକି ଅମାନ୍ୟ କରୁଛ ବୋଲି କହିବାରୁ ଯୁବକମାନେ ଷ୍ଟମ୍ପ ଓ ବ୍ୟାଟରେ ସରପଞ୍ଚଙ୍କୁ ବାଡ଼େଇଥିଲେ। ଏନେଇ ଦିଗାମ୍ବର ଥାନାର ଏତଲା ଦେଇଛନ୍ତି। ଥାନା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଦେହୁରୀ ଘଟଣାକୁ ଗୁରୁତ୍ୱର ସହ ନେଇ ଭୈରଗଡ଼କୁ ତୁରନ୍ତ ପୋଲିସ ଟିମ୍ ପଠାଇଥିଲେ। କିନ୍ତୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ପୋଲିସ କେତେ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

## ମାଓବାଦୀ-ପୋଲିସ ଗୁଳି ବିନିମୟ

**ଖପ୍ରାଖୋଲ/ଲାଠୋର, ୨୩।୪ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ଓ ବର୍ଡିଆ ଗାଁ ପାଖ ଚାନ୍ଦଲି ସଂରକ୍ଷିତ ଜଙ୍ଗଲରେ ଗୁରୁବାର ମାଓବାଦୀ ଓ ପୋଲିସ ଗୁଳି ବିନିମୟ ହୋଇଥିବା ଜଣାପଡିଛି। ଗୁଳି ବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଫେରାର ହୋଇଯାଇଛନ୍ତି। ପୋଲିସ ବାହିନୀ ଉକ୍ତ ପାହାଡରେ ମାଓବାଦୀ କ୍ୟାମ୍ପ ଠାବକରି ସେଠାରୁ ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ ଜବତ କରିଛି। ମିଳିଥିବା ସୂଚନା ଅନୁସାରେ ସେହି ପାହାଡରେ କେତେକ ମାଓବାଦୀ କ୍ୟାମ୍ପ କରି ରହୁଥିବା ସୂଚନା ପାଇ ପୋଲିସ ଗୁରୁବାର ସକାଳୁ କୋମ୍ବିଂ ଅପରେଶନ୍ ଆରମ୍ଭ କରିଥିଲା । ଏହି ସମୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ କୋମ୍ବିଂ ଅପରେଶନ ଜାରି ରହିଛି। ଏନେଇ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ୍ ଉଠାଉ ନ ଥିବାରୁ ଠିକ୍ ସୂଚନା ମିଳିପାରିନାହିଁ ।

## ସଙ୍ଗରୋଧ ଗୃହରୁ ୨୫ ଶ୍ରମିକ ଫେରାର

**ଭବାନୀପାଟଣା/କୋକସରା, ୨୩।୪(ସ୍ୱ.ପ୍ର/ଡି.ଏନ୍.ଏ.)**

ଲକ୍‌ଡାଉନକୁ କଡାକଡି କରିବା ପାଇଁ ପ୍ରତି ଜିଲା ସୀମାନ୍ତରେ ପାଟ୍ରୋଲିଂ ବ୍ୟବସ୍ଥା ସହ ଧରପଗଡ଼ ଜାରି ରହିଛି। ଏହି କ୍ରମରେ ନବରଙ୍ଗପୁର-କଳାହାଣ୍ଡି ଜିଲା ସୀମାନ୍ତ କୋକସରା ବ୍ଲକ ଆମପାଣି ଘାଟି ନିକଟରେ ଥିବା ଜନଜାତି ଆବାସିକ ବିଦ୍ୟାଳୟରେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଏକ ସଙ୍ଗରୋଧ ଗୃହ କରାଯାଇଛି। ଏଥିରେ ରାଜ୍ୟ ବାହାରୁ ଓ ଜିଲାର ବିଭିନ୍ନ ଅଞ୍ଚଳରୁ ଫେରୁଥିବା ଶ୍ରମିକଙ୍କୁ ରଖାଯାଉଛି। ହେଲେ ବୁଧବାର ରାତିରେ ଏହି ସଙ୍ଗରୋଧ ଗୃହରୁ ୨୫ ଅନ୍ତେବାସୀ ଫେରାର ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ପରେ ସଙ୍ଗରୋଧ ଗୃହରେ ଜିଲା ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଆମପାଣି ଜନଜାତି ଆବାସିକ ବିଦ୍ୟାଳୟରେ କରାଯାଇଥିବା ସଙ୍ଗରୋଧ ଗୃହରେ ଜିଲା ତଥା ରାଜ୍ୟ ବାହାରୁ ଆସିଥିବା ମୋଟ ୬୪ ଜଣ ଶ୍ରମିକ ରହୁଥିଲେ। ସେଥିମଧ୍ୟରୁ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅଞ୍ଚଳର ୨୬ ଶ୍ରମିକ ଗତ ସପ୍ତାହରେ ଫୁଲବାଣୀରୁ ଚାଲିଚାଲି ଫେରୁଥିବା ସମୟରେ ଆମପାଣି ପୋଲିସ ସେମାନଙ୍କୁ ଧରିଥିଲା। ପରେ ବ୍ଲକ ପ୍ରଶାସନ ସହାୟତାରେ ସେମାନଙ୍କୁ ସ୍ଥାନୀୟ ସଙ୍ଗରୋଧ ଗୃହରେ ରଖାଯାଇଥିଲା। ବୁଧବାର ରାତିରେ ଉକ୍ତ ୨୬ଶ୍ରମିକଙ୍କ ମଧ୍ୟରୁ ୨୫ଜଣ ଫେରାର ହୋଇଯାଇଥିଲେ। ଖବର ପାଇ ଗୁରୁବାର ସକାଳରେ କୋକସରା ତହସିଲଦାର ମୌସୁମୀ ନାୟକ, ବିଡିଓ ମନୀଷା ଦାସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆମପାଣି ସରପଞ୍ଚ ଟିକେନ୍ଦ୍ର ଧଙ୍ଗଡାମାଝୀଙ୍କୁ ପଚାରିବାରୁ ସେମାନେ କେମିତି ଗଲେ ତାହା ଜଣାପଡି ନାହିଁ। ତଦନ୍ତ ଚାଲିଛି ଓ ପୋଲିସକୁ ମଧ ଆମେ ଲିଖିତ ଭାବେ ଜଣାଇବୁ ବୋଲି କହିଥିଲେ। ଅନ୍ୟପକ୍ଷରେ,ସଙ୍ଗରୋଧ ଗୃହରୁ ଶ୍ରମିକମାନେ ଫେରାର ହେବା ପରେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।



ଶ୍ରମିକ ଫେରାର ପରେ ସଙ୍ଗରୋଧ ଗୃହକୁ ତଦନ୍ତ ପାଇଁ ଆସୁଥିବା ପ୍ରଶାସନିକ ଅଧିକାରୀ।

- **ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନବାଚୀ**
- **ବ୍ଲକ ପ୍ରଶାସନର ତଦନ୍ତ ଜାରି**

## ସଂରକ୍ଷିତ ଜଙ୍ଗଲରେ କାଠ ମାଫିଆ ସକ୍ରିୟ

**ଢେଙ୍କାନାଳ ଅଫିସ, ୨୩।୪**

ଢେଙ୍କାନାଳ ସଦର ଥାନା ତାଳବରକୋଟ ଗ୍ରାମ୍ୟ ଜଙ୍ଗଲରୁ ଗୁରୁବାର ଅପରାହ୍ନରେ ବନ ବିଭାଗ ଚଢ଼ାଉ କରି ବିପୁଳ ପରିମାଣର ଶାଳ କାଠ ଜବତ କରିଛି। କାଠ ମାଫିଆମାନେ ଗଛ କାଟିବା ପରେ ଜଙ୍ଗଲରେ କାଠ ରଖି ପଳାଇଥିଲେ। ସୂଚନା ପାଇ ରେଞ୍ଜର ଧରିତ୍ରୀ ମୁର୍ମୁ ସହଯୋଗୀଙ୍କ ସହ ପହଞ୍ଚି କାଠ ଜବତ କରିଥିଲେ। ରେଞ୍ଜ୍ କାର୍ଯ୍ୟାଳୟକୁ ଜବତ କାଠ ଅଣାଯାଇଛି। ଘଟଣାସ୍ଥଳରେ ଆହୁରି କାଠ ପଡ଼ି ରହିଥିବାରୁ ବନ କର୍ମଚାରୀ ଜଗି ରହିଛନ୍ତି । ସବୁ କାଠ ନିଆଯିବା ପରେ ଏହାର ମୂଲ୍ୟ ଆକଳନ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ଲକ୍‌ଡାଉନ୍ ସମୟରେ ଜିଲାରେ ଚୋରା କାଠ ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। ସେମାନେ ଲୋଲୁପ ଦୃଷ୍ଟି ଏବେ ସଂରକ୍ଷିତ ଜଙ୍ଗଲ ଉପରେ ପଡ଼ିଛି। ମାର୍ଚ୍ଚ ୧୮ରେ ତାଳବରକୋଟ ଜଙ୍ଗଲରୁ ପ୍ରାୟ ୧୦ଲକ୍ଷ ଟଙ୍କାର କାଠ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ୨୦ ତାରିଖରେ କପିଳାସ ରେଞ୍ଜ୍ ବିଧାରପୁର ନିକଟରୁ ୩୫ ଘନଫୁଟର ଶାଗୁଆନ ଓ ଶାଳକାଠ ସହ ଏକ ମିନି ପିକ୍‌ଅପ୍ ଭ୍ୟାନ୍ ଜବତ କରାଯାଇଥିବା ରେଞ୍ଜର ଦର୍ଶନିଆ ଭୋଇ ସୂଚନା ଦେଇଛନ୍ତି। ଦିନକୁ ଦିନ କାଠମାଫିଆ ସକ୍ରିୟ ହେଉଥିବାବେଳେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

- **ଲକ୍‌ଡାଉନ୍‌ର ସୁଯୋଗ ନେଉଛନ୍ତି**
- **ଗଛ କାଟି ପକାଇଥିଲେ**
- **ଜବତ କଲା ବନ ବିଭାଗ**



## କୋଭିଡ୍ ହସ୍ପିଟାଲ ସମୀକ୍ଷା କଲେ ୨ ସଚିବ

**ଜୟପୁର/ନବରଙ୍ଗପୁର/ମାଲକାନଗିରି, ୨୩।୪(ନି.ପ୍ର./ବି.ପ୍ର./ଡି.ଏନ୍.ଏ.)**

ଅବିଭକ୍ତ କୋରାପୁଟର ୩ଟି ଜିଲାରେ ହୋଇଥିବା କୋଭିଡ୍ ହସ୍ପିଟାଲ ପରିଦର୍ଶନ କରିଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଉନ୍ନୟନ କମିଶନର ସୁରେଶ ମହାପାତ୍ର। ଗୁରୁବାର ପୂର୍ବାହ୍ନ ୯ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁର ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇ ୧୫୦ ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍ପିଟାଲ ବୁଲି ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ୬ଟି ୱାର୍ଡ, ୪ଟି ଭେଣ୍ଟିଲେଟର ଓ ୨୦ଟି କ୍ୟାବିନ, ଆଇସିୟୁ ବୁଲି ଦେଖିବା ସହ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଗସ୍ତ ସମୟରେ ଜିଲାପାଳ ମଧୁସୂଦନ ମିଶ୍ର, ଡିଆଇଜି ସାଫିନ ଅହମଦ କେ, ଏସ୍‌ପି ମୁକେଶ କୁମାର ଭାମୋ, ସିଡିଏମ୍‌ଓ ଡା. ମକରନ୍ଦ ବେଉରା ଉପସ୍ଥିତ ଥିଲେ। କୋରାପୁଟ ଜିଲାରେ ମୋଟ ୩୫୩ ନମୁନାରୁ ୧୬୫ଟି ରିପୋର୍ଟ ନେଗେଟିଭ ଆସିଥିବା ଜିଲାପାଳ ମିଶ୍ର ସେମାନଙ୍କୁ ସୂଚନା ଦେଇଛନ୍ତି। କୋରାପୁଟ ମେଡିକାଲ କଲେଜରେ ହେବ ସ୍ୱାବ ଟେଷ୍ଟିଂ। ଏଥିପାଇଁ ଆବଶ୍ୟକ ଥିବା ଲାବୋରାଟୋରୀ ପ୍ରସ୍ତୁତି କାମ ଆରମ୍ଭ ହୋଇଛି। ଶନିବାର ଭିତରେ ଚେନ୍ନଇରୁ ଏକ ଟେକ୍‌ନିକାଲ ଟିମ ଆସିବେ ବୋଲି ସେ କହିଛନ୍ତି।

ସେହିପରି ନବରଙ୍ଗପୁରସ୍ଥିତ ବିଏଡ କଲେଜରେ ଚାଲିଥିବା କୋଭିଡ୍ ହସ୍ପିଟାଲରେ ପହଞ୍ଚି ୫-ଟି ସଚିବ ଜିଲାପାଳ ଡ. ଅଜିତ ମିଶ୍ର, ସିଡିଏମ୍‌ଓ, କୋଭିଡ ହସ୍ପିଟାଲ ପରିଚାଳନା ଦାୟିତ୍ୱରେ ଥିବା ଖ୍ରୀଷ୍ଟିୟାନ ହସ୍ପିଟାଲର ମୁଖ୍ୟ ଡାକ୍ତର ସନ୍ତୋଷ ନାଗଙ୍କ ସହ ଆଲୋଚନା କରିଛନ୍ତି। ୨ଶହ ଶଯ୍ୟାବିଶିଷ୍ଟ ଏହି ହସ୍ପିଟାଲ ତଦାରଖ କରିବା ବେଳେ ବ୍ୟବସ୍ଥା ସନ୍ତୋଷଜନକ ଥିବା କହିଥିଲେ ସଚିବ। ସେଠାରୁ ମାଲକାନଗିରି ବିଏସ୍‌ଏଫ୍ କ୍ୟାମ୍ପରେ ହେଲିକପ୍ଟର ଯୋଗେ ଅବତରଣ କରି ସେଠାରୁ ପୁରୁଣା ଡାକ୍ତରଖାନାରେ ଚାଲିଥିବା କୋଭିଡ୍ ହସ୍ପିଟାଲରେ ପହଞ୍ଚିଥିଲେ ୫-ଟି ସଚିବ ଓ ଉନ୍ନୟନ କମିଶନର। ଏହାପରେ ଉଭୟ ସଚିବ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ଯାଇ ରୋଗୀଙ୍କ ପରୀକ୍ଷା, ସ୍ୱାସ୍ଥ୍ୟସେବା ଓ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା, ଖାଦ୍ୟପେୟ ତଦାରଖ କରିଥିଲେ। ଜିଲା ବାହାରୁ ଆସୁଥିବା ଶ୍ରମିକ, ଅନ୍ୟ ଲୋକଙ୍କ ପାଇଁ ପ୍ରଶାସନ କି ପଦକ୍ଷେପ ନେଇଛି, ତାହା ପଚାରି ବୁଝିଥିଲେ। ଏହି ସମୟରେ ଜିଲାପାଳ ମନିଷ ଅଗ୍ରୱାଲ, ଏସ୍‌ପି ହୃଷିକେଶ ଡି. ଖିଲାରି, ଡିଏଫ୍‌ଓ ପ୍ରଦୀପ ଦେବୀଦାଶ ମିରାଶେ, ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ ପାଢ଼ୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଅବିଭକ୍ତ କୋରାପୁଟର ୩ଟି ଜିଲା ଗ୍ରୀନ ଜୋନ୍‌ରେ ଥିବାବେଳେ ଏଯାବତ୍ ଏଠାରୁ କେହି ପଜିଟିଭ ବାହାରିନାହାନ୍ତି।



ଜୟପୁର କୋଭିଡ୍ ହସ୍ପିଟାଲରେ ସମୀକ୍ଷା ବେଳେ ୫-ଟି ସଚିବ ଓ ଉନ୍ନୟନ କମିଶନର।

# ସାଇକ୍ଲିଂ ଏବେ ଫିଟ୍‌ନେସ୍‌ର ମୁଖ୍ୟ ମାଧ୍ୟମ



ଜଉନା ମୁର୍ମୁଙ୍କ ପାଇଁ ଏବେ ସାଇକ୍ଲିଂ ପାଲଟିଛି ଫିଟ୍‌ନେସ ବଜାୟ ରଖିବାର ମୁଖ୍ୟ ମାଧ୍ୟମ । ଏହା ବ୍ୟତୀତ ଛାତ ଉପରେ ଯଥାସମ୍ଭବ ଶାରୀରିକ ବ୍ୟାୟାମ କରିବା ସହ ସେ କରୋନାମୁକ୍ତ ନୂଆ ସକାଳକୁ ଅପେକ୍ଷା କରିଛନ୍ତି । ପୂରା ସମୟ ଘରେ ରହୁଥିବାରୁ ଚାଷ କାର୍ଯ୍ୟରେ ମଧ୍ୟ ପରିବାରକୁ ସାହାଯ୍ୟ କରୁଛନ୍ତି ଏହି ତାରକା ଆଥଲେଟ୍ ...



ଓଡ଼ିଶା କ୍ରୀଡ଼ା ଜଗତରେ ଏକ ପରିଚିତ ନାମ ଜଉନା ମୁର୍ମୁ। କେବଳ ରାଜ୍ୟ କିମ୍ବା ଜାତୀୟ ସ୍ତରରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସଫଳତା ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି ଏହି ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍। କରୋନା ଭାଇରସ ସଂକ୍ରମଣ ଜନିତ ଲକ୍ ଡାଉନ୍ ପରିସ୍ଥିତିରେ ନିଜ ଗାଁରେ ରହି ଏବେ ସମୟ କାଟୁଛନ୍ତି ଜଉନା। ଜଉନା ଗାଁ ହେଲା ମୟୂରଭଞ୍ଜ ଜିଲା ତିରିଂସ୍ଥିତ ସାନସିଆଜାଙ୍ଗ। ପାଞ୍ଚ ଭାଇଭଉଣୀଙ୍କ ମଧ୍ୟରୁ ସେ ପରିବାରର ତୃତୀୟ ସନ୍ତାନ। ଗାଁରେ ଭାଇ, ଭାଉଜ, ମା’ କାପୁରା ମୁର୍ମୁ ଓ ବାପା ସୁରେନ୍ଦ୍ର ମୁର୍ମୁଙ୍କ ସହିତ ଏବେ କଟୁଛି ଜଉନାଙ୍କ ସମୟ। ପିଲାଟି ଦିନରୁ ଖେଳ ଏବଂ ପଢ଼ିଆ ଛଡ଼ା ଅନ୍ୟକିଛି ଚିନ୍ତା କରିପାରୁ ନ ଥିବା ଜଉନା ଏବେ ପରିସ୍ଥିତି ଚକ୍ରରେ ଗୃହ ମଧ୍ୟରେ ଆବଦ୍ଧ। ଅଲିମ୍ପିକ୍ସ ଏକବର୍ଷ ଘୁଞ୍ଚି ଯାଇଛି। ଏଥିପାଇଁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟଗୁଡ଼ିକ ମଧ୍ୟ ସ୍ଥଗିତ ରହିଛି କିମ୍ବା ବାତିଲ ରହିଛି । ଅଲିମ୍ପିକ୍ସ ଯୋଗ୍ୟତା ନେଇ ପ୍ରସ୍ତୁତିକୁ ଜୋରଦାର କରିଥିବା ଜଉନା ଏବେ ଫିଟ୍‌ନେସ ରଖିବାକୁ ନେଇ ମଧ୍ୟ ସଂଘର୍ଷ କରୁଛନ୍ତି। ଏବେ ସାଇକ୍ଲିଂ ହିଁ ତାଙ୍କ ପାଇଁ ଫିଟ୍‌ନେସ ବଜାୟ ରଖିବାର ପାଲଟିଛି ମୁଖ୍ୟ ମାଧ୍ୟମ। ଏହା ବ୍ୟତୀତ ଛାତ ଉପରେ ଯଥାସମ୍ଭବ ଶାରୀରିକ ବ୍ୟାୟାମ କରିବା ସହ ସେ କରୋନାମୁକ୍ତ ନୂଆ ସକାଳକୁ ଅପେକ୍ଷା କରିଛନ୍ତି। ପୂରା ସମୟ ଘରେ ରହୁଥିବାରୁ ଚାଷ କାର୍ଯ୍ୟରେ ମଧ୍ୟ ପରିବାରକୁ ସାହାଯ୍ୟ କରୁଛନ୍ତି ଏହି ତାରକା ଆଥଲେଟ୍।

**ସୁଷମ ଖାଦ୍ୟ ସାତସପନ:** “ଲକ୍‌ଡାଉନ୍ ପୂର୍ବରୁ ମୁଁ ଭୁବନେଶ୍ୱରରେ ଥିଲି। ସେଠାରେ କୋଚ୍ ଶିବପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୂତୀ ଚାନ୍ଦ ଓ ମୁଁ କଳିଙ୍ଗ ଷ୍ଟାଡିୟମ ଟ୍ରାକ୍‌ରେ ଅଭ୍ୟାସ କରୁଥିଲୁ। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍ ପୂର୍ବରୁ ମାର୍ଚ୍ଚ ୨୧ରେ ମୁଁ ଗାଁକୁ ପଳାଇ ଆସିଲି। ତା’ ପରେ କଟକଣା ଲାଗୁ ହୋଇଯିବାରୁ ଆଉ ବାହାରେ ଅଭ୍ୟାସ ସମ୍ଭବ ହେଉନାହିଁ। ଗାଁକୁ ଆସିବାର ପ୍ରଥମ କିଛିଦିନ ତିରିଂରେ ଥିବା ଷ୍ଟାଡିୟମ ପାର୍ଶ୍ୱରେ କେବଳ ସକାଳବେଳା ମାଟି ଟ୍ରାକ୍‌ରେ କିଛି ସମୟ ଦୌଡ଼ି ଟଚ୍‌ରେ ରହୁଥିଲି। ସେଠାରେ ଅପରାହ୍ଣରେ ପିଲାମାନେ ହକି, ଫୁଟବଲ ଆଦି ଖେଳୁଥିବାରୁ ମୋ ପାଇଁ ଅଭ୍ୟାସ ସମ୍ଭବ ହେଉ ନ ଥିଲା। ମାତ୍ର ପରେ କଟକଣା ଯୋଗୁ ତିରିଂସ୍ଥିତ ଷ୍ଟାଡିୟମକୁ ଯିବାର ଅନୁମତି ନାହିଁ। ତେଣୁ ଆମ ଗାଁ ସୀମା ଯେତିକି ଅଛି ସେଥିରେ ମୁଁ କିଛି ସମୟ ପାଇଁ ରାସ୍ତା ଉପରେ ଦୌଡ଼ୁଛି। ଜଙ୍ଗଲିଆ ସ୍ଥାନ ଯୋଗୁ ଅଧିକ ବାଟ ରନିଂ କରିବା ମଧ୍ୟ ବିପଦପୂର୍ଣ୍ଣ। ରାସ୍ତା ସମତଳ ନ ଥିବାରୁ ପ୍ରତିଦିନ ରନିଂ କଲେ ପାଦ ଦରଜ ହୋଇଯିବ। ତେଣୁ ମୁଁ ପ୍ରତିଦିନ ୫ କିଲୋମିଟର ଲେଖାଏ ସାଇକ୍ଲିଂ କରୁଛି। ଏହା ବ୍ୟତୀତ ସନ୍ଧ୍ୟା ବେଳେ କୋର ଟ୍ରେନିଂ କରି ଫିଟ୍‌ନେସ ବଜାୟ ରଖିବାକୁ ଚେଷ୍ଟା କରୁଛି ” ବୋଲି ପ୍ରକାଶ କରିଛନ୍ତି ଜଉନା। ଅଲିମ୍ପିକ୍ସ ଯେ ପର୍ଯ୍ୟନ୍ତ ନ ଘୁଞ୍ଚିଥିଲା ସେ ପର୍ଯ୍ୟନ୍ତ ଆମେ ଯୋଗ୍ୟତାକୁ ଦୃଷ୍ଟିରେ ରଖି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଚଳାଇଥିଲୁ। ପଟିଆଲାରେ ଇଣ୍ଡିଆନ ଗ୍ରାଁ ପ୍ରି ଓ ଫେଡେରେଶନ କପ୍‌ରେ ଆମେ ଭାଗ ନେବାର ଥିଲା। ଫେଡେରେଶନ କପ୍‌ରେ ଆମ ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ସୁଯୋଗ ଥିଲା। ମାତ୍ର ପ୍ରତିଯୋଗିତା ଗୁଡ଼ିକ ସ୍ଥଗିତ ରହିଯିବାରୁ ଆମେ କଳିଙ୍ଗରେ ଅଭ୍ୟାସ ବନ୍ଦ କରିବାକୁ ନିଷ୍ପତ୍ତି ନେଲୁ ବୋଲି ସେ କହିଛନ୍ତି। ଗାଁରେ ଲୋକମାନଙ୍କ ଖାଦ୍ୟପେୟ ଭିନ୍ନ। ଏଠାରେ ପଖାଳ ସମସ୍ତଙ୍କର ପ୍ରିୟ। ଜଣେ ଆଥଲେଟ୍ ପାଇଁ ଆବଶ୍ୟକ ସୁଷମ ଖାଦ୍ୟ ସାତସପନ। ପାଖାପାଖି ଅଞ୍ଚଳରେ କ୍ଷୀର କିମ୍ବା ଫଳମୂଳ କିଛି ମିଳେନି। ତେଣୁ ଏଠାକାର ପାରମ୍ପରିକ ଖାଦ୍ୟ ଖାଇ ଚଳେଇ ନେବାକୁ ପଡୁଛି ବୋଲି କହିଛନ୍ତି ଜଉନା।

**୪୦୦ ମିଟର ଉପରେ ଫୋକସ:** ଅଲିମ୍ପିକ୍ସ ୨୦୨୧କୁ ଘୁଞ୍ଚିବା ଆମ ପାଇଁ କେତେ ଫଳପ୍ରଦ ହେବ ତାହା ସମୟ କହିବ। କାରଣ ୨୦୨୦କୁ ଦୃଷ୍ଟିରେ ରଖି ଆମେ ପ୍ରସ୍ତୁତ ହୋଇଥିଲୁ। କଠିନ ପରିଶ୍ରମ ସହ ବହୁ ଅର୍ଥମଧ୍ୟ ବ୍ୟୟ କରିଥିଲୁ। ୨୦୧୯ ନଭେମ୍ବର ପରଠାରୁ ଆମେ ଅଲିମ୍ପିକ୍ସ ପାଇଁ ଅଭ୍ୟାସକୁ ଜୋରଦାର କରି ଦେଇଥିଲୁ। ମାତ୍ର ତାହା ଘୁଞ୍ଚି ଯିବାରୁ ଦୁଃଖ ଲାଗୁଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯାହାକିଛି ଆର୍ଥିକ ସହାୟତା ମିଳିଥିଲା ମାତ୍ର ବର୍ତ୍ତମାନ କେହି ପ୍ରାୟୋଜକ ନ ଥିବାରୁ ମୋ ପାଇଁ ପୁଣି ଅର୍ଥ ଖର୍ଚ୍ଚକରି ଅଲିମ୍ପିକ୍ସ ପ୍ରସ୍ତୁତି ନିଶ୍ଚିତ କଷ୍ଟକର ହୋଇପଡ଼ିବ। କରୋନାକୁ ନେଇ ବିଶ୍ୱରେ ବର୍ତ୍ତମାନ ଯେପରି ସ୍ଥିତି ଅଛି କେବେ ପୁଣି କ୍ରୀଡ଼ାଜଗତ ଚଳଚଞ୍ଚଳ ହେବ କହିବା ମୁସ୍କିଲ। ତେବେ ସ୍ଥିତି ସ୍ୱାଭାବିକ ହେବାପରେ ଯାଇ ମୁଁ ଯାହାକିଛି ଯୋଜନା ପ୍ରସ୍ତୁତ କରିବି। ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ମୁଁ କେବଳ ୪୦୦ ମିଟର ରେସ୍ ଉପରେ ଫୋକସ କରୁଛି। ହର୍ଡଲ୍ସ ଯଦିଓ ଷ୍ଟାଣ୍ଡବାଇ ଅଛି ତେବେ ମୁଖ୍ୟତଃ ୪୦୦ ମିଟର ଉପରେ ହିଁ ନଜର ରଖିବି। କଳିଙ୍ଗ ଷ୍ଟାଡିୟମରେ ମୁଁ ସେହି ୪୦୦ ମିଟର ଉପରେ ହିଁ ଫୋକସ କରି ପ୍ରସ୍ତୁତ ହେଉଥିଲି ବୋଲି ସେ ପ୍ରକାଶ କରିଛନ୍ତି।

**ଖେସାରି ଅମଳରେ ପରିବାରକୁ ସାହାଯ୍ୟ**

“କରୋନା ଭାଇରସ ଯେପରି ସଂକ୍ରମଣ ହେଉଛି ତାହାକୁ ନେଇ ମନରେ ଭୟ ରହିଛି। ରାଜ୍ୟରେ କେଉଁଠି ଗୋଟେ ପଜିଟିଭ୍ କେସ୍ କଥା ଶୁଣିଲେ ସ୍ୱାଭାବିକ ଭୟ ଆସି ଯାଉଛି। ଏହି ଭୟ ଓ ଆତଙ୍କ ରାଜ୍ୟରୁ କିପରି ଶୀଘ୍ର ଅପସରି ଯାଉ ସେଥିପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି। ଘରେ ଆମେ ମା, ବାପା, ଭାଇ, ଭାଉଜଙ୍କୁ ନେଇ ପୂରା ପରିବାର ରହୁଛୁ। ଆମର ଖେସାରି ଚାଷ ହୋଇଛି। ସେଗୁଡ଼ିକ ବାଡ଼େଇ ଅମଳ କରିବାରେ ମୁଁ ପରିବାର ଲୋକଙ୍କୁ ସହାୟତା କରୁଛି। ଏହା ବ୍ୟତୀତ ତେନ୍ତୁଳି ଛଡ଼ାଇବାରେ ମଧ୍ୟ ମୁଁ ସାହାଯ୍ୟ କରୁଛି” ବୋଲି ଜଉନା ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭୁବନେଶ୍ୱରସ୍ଥିତ ରାଜ୍ୟ କ୍ରୀଡ଼ା ଛାତ୍ରାବାସର ଅନ୍ୟତମ ସୃଷ୍ଟି ଜଉନା ଏବେ ରାଜ୍ୟ ପ୍ରତିଯୋଗିତାଗୁଡ଼ିକରେ କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ରାଜ୍ୟ ଓ ଜାତୀୟ ମିଟ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ସଫଳତା ସହ ଅନ୍ତର୍ଜାତୀୟ ସ୍ତରରେ ଏସିଆନ ଅଲଷ୍ଟାର ଆଥଲେଟିକ୍ ମିଟ୍‌ର ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ, ୪୦୦ ମିଟର ରେସ୍‌ରେ ବ୍ରୋଞ୍ଜ, ସାଉଥ୍ ଏସିଆନ ଗେମ୍ସର ୪୦୦ ମିଟର ହର୍ଡଲ୍ସ ଓ ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ଅର୍ଜନ ତାଙ୍କ ଦକ୍ଷତାର ପ୍ରମାଣ ଦିଏ।

–ପ୍ରସ୍ତୁତି: **ତପନ ସ୍ୱାଇଁ**

**ସଂକ୍ଷେପରେ...**

**ନାମ:** ଜଉନା ମୁର୍ମୁ
**ଜନ୍ମ:** ୧୯୯୦, ଅଗଷ୍ଟ ୧୬
**ଗ୍ରାମ:** ମୟୂରଭଞ୍ଜ ଜିଲା ତିରିଂସ୍ଥିତ ସାନସିଆଜାଙ୍ଗ
**ପରିବାର:** ମା’– କାପୁରା ମୁର୍ମୁ, ବାପା– ସୁରେନ୍ଦ୍ର ମୁର୍ମୁ
**ଫେଭରାଇଟ ଇଭେଣ୍ଟ:** ୪୦୦ ମିଟର ରେସ୍, ୪୦୦ ମିଟର ହର୍ଡଲ୍ସ
**କୋଚ୍:** ଅରୁଣ କୁମାର ଦାସ, ସୁବାସ ଚନ୍ଦ୍ର ଦାସମହାପାତ୍ର

# ଏମ୍‌ଏସ୍ - ଦି ସୁପର ହିରୋ



**ମହେନ୍ଦ୍ର ସିଂ ଧୋନୀ ଭାରତୀୟ କ୍ରିକେଟର ଅନ୍ୟତମ ସଫଳ ଅଧିନାୟକ ବିବେଚିତ ହୁଅନ୍ତି। ବଳିଷ୍ଠ ନେତୃତ୍ୱ, ଉପଯୋଗୀ ବ୍ୟାଟିଂ ଓ ଉଚ୍ଚକୋଟୀର ଉଇକେଟକିପିଂ ତାଙ୍କୁ ଜଣେ ବିଶ୍ୱସ୍ତରୀୟ କ୍ରିକେଟର ହିସାବରେ ଗଢି ତୋଳିଛି। ଏବେ ମଧ୍ୟ ତାଙ୍କ ପାଖରେ ବହୁତ କ୍ରିକେଟ ବାକି ଅଛି...**

କ୍ରିକେଟ୍ ଏକ ଦଳଗତ ଖେଳ। ଏଥିରେ ଦଳର ଅଧିନାୟକର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏକତା, ସମନ୍ୱୟ, ଉତ୍ତମ ପରିଚାଳନା ଏହି ଦଳଗତ ଖେଳଗୁଡିକରେ ସଫଳତା ଆଣିଥାଏ। ଦଳକୁ ଏକତା ସୂତ୍ରରେ ବାନ୍ଧି ରଖିବା ନେଇ ଅଧିନାୟକମାନଙ୍କ ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ନେତୃତ୍ୱ ନେଇ ଦଳକୁ ଏକତ୍ରିତ କରି ଖେଳିବା ଓ ସଫଳତା ଦେବାରେ କୃତିତ୍ୱ ହାସଲ କରିଥିଲେ ମହେନ୍ଦ୍ର ସିଂ ଧୋନୀ। ଟିମ୍ ସ୍ପିରିଟ୍ ମନୋଭାବ ସହ ଅଧିନାୟକ ଭାବେ ଦଳକୁ ସଫଳତା ଦେବାରେ ଧୋନୀ ବେଶ୍ ଧୁରନ୍ଧର। ତାଙ୍କର ନେତୃତ୍ୱ ନେବାର ଦକ୍ଷତା ବେଶ୍ ଉଚ୍ଚକୋଟୀର। କ୍ୟାପଟେନ୍ କୁଲ୍ ଭାବରେ ପରିଚିତ ଏହି ମହାନ୍ ଖେଳାଳି ସାଥୀ ଖେଳାଳିମାନଙ୍କୁ ଏକଜୁଟ୍ ଭାବେ ରଖି ପଡିଆରେ ଖେଳାଇବାରେ ବେଶ୍ ପାରଙ୍ଗମ ଥିଲେ। ତାଙ୍କର ନେତୃତ୍ୱ ଭାରତକୁ ଅନେକ ସଫଳତା ଆଣିଦେବାରେ ସହାୟକ ହୋଇଥିଲା। ଅନ୍ୟପକ୍ଷରେ ଧୋନୀଙ୍କର ବ୍ୟକ୍ତିଗତ ବ୍ୟବହାର ସାଥୀ ଖେଳାଳିମାନଙ୍କୁ ବେଶ୍ ଉତ୍ସାହିତ କରୁଥିଲା। ଧୋନୀଙ୍କର ନାମ ହିଁ କ୍ରିକେଟ୍ ପାଇଁ ଯଥେଷ୍ଟ। ପଡିଆ ଭିତରେ ହେଉ କିମ୍ବା ପଡିଆ ବାହାରେ ହେଉ ସବୁବେଳେ ଟିମ୍ ଇଣ୍ଡିଆ ଭଲ ପ୍ରଦର୍ଶନ ପାଇଁ ଚିନ୍ତା କରିଥାନ୍ତି। ବିପକ୍ଷ ଦଳର ଦକ୍ଷତାକୁ ନେଇ ସେ ରଣନୀତି ପ୍ରସ୍ତୁତ କରିଥାନ୍ତି। କିଭଳି ପ୍ରତିପକ୍ଷଙ୍କୁ ପରାସ୍ତ କରିବା ସେଥିପାଇଁ ସେ ଉତ୍ତମ ଗେମ୍‌ପ୍ଲାନ୍ କରିବା ସହିତ ପ୍ରତ୍ୟେକ ସାଥୀ ଖେଳାଳିଙ୍କ ଭିତରେ ଉତ୍ସାହ ଆଣିଥାନ୍ତି। ସେ ଥିଲେ ଭାରତୀୟ କ୍ରିକେଟ୍ ଦଳର ସବୁଠାରୁ ସଫଳ ଅଧିନାୟକ। ମ୍ୟାଚ ସମୟରେ ଏବଂ ଟିମ୍ ଇଣ୍ଡିଆ ମ୍ୟାଚ ଜିତିବାକୁ ଥିବା ସମୟରେ ନିଜର ସାହସିକ ନିଷ୍ପତ୍ତି ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି।

କ୍ୟାପ୍‌ଟେନ୍ କୁଲ୍ ରୂପେ ଧୋନୀ ୨୦୦୭ ଆଇସିସି ଟି୨୦ ବିଶ୍ୱକପ୍ ଫାଇନାଲରେ ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହିତ ଏକ ନିର୍ଣ୍ଣାୟକ ଅବସ୍ଥାରେ ଶେଷ ଓଭରର ବୋଲିଂ ନବାଗତ ଯୋଗୀନ୍ଦର ଶର୍ମାଙ୍କୁ ଦେଇ ନିଜର ପରିପକ୍ୱତା ଓ ଅଭିଜ୍ଞତାର ପରିଚୟ ଦେଇଥିଲେ। ଯୋଗୀନ୍ଦର ଶର୍ମା ତାଙ୍କର ସୁନ୍ଦର ବୋଲିଂ ବଳରେ ଭାରତକୁ ଜିତାଇଥିଲେ। ଏହି ନିଷ୍ପତ୍ତି ଧୋନୀଙ୍କର ଅଧିନାୟକ ଜୀବନରେ ଏକ ଐତିହାସିକ ପଦକ୍ଷେପ ଥିଲା, ଯାହା କି ଟି–୨୦ ବିଶ୍ୱକପ୍ ସହ ଆଗକୁ ବଢି ଚାଲିଥିଲା। ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ଧୋନୀଙ୍କୁ ଚର୍ଚ୍ଚା ଏବଂ ସମାଲୋଚନା ମଧ୍ୟକୁ ଟାଣିଆଣିଥିଲା। ୨୦୦୮ରେ ଅଷ୍ଟ୍ରେଲିଆ ବିପକ୍ଷ ତ୍ରିରାଷ୍ଟ୍ରୀୟ ସିରିଜରୁ ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍‌ଙ୍କ ପରି ବ୍ୟାଟ୍ସମ୍ୟାନଙମାନଙ୍କୁ ଦଳରୁ ବାଦ୍ ଦେଇ ସେ ବେଶ୍ ଚର୍ଚ୍ଚାରେ ରହିଥିଲେ। ଅନେକ ସମାଲୋଚନା ସହ ଭାରତ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ମାଟିରେ ଦିନିକିଆ ସିରିଜ ବିଜୟୀ ହୋଇପାରିଥିଲା। ଏଥିପାଇଁ ତାଙ୍କୁ ଯଥେଷ୍ଟ କୈଫିୟତ୍ ଦେବାକୁ ପଡିଥିଲା। ଗାଙ୍ଗୁଲି ଏବଂ ଦ୍ରାବିଡ୍ ଫିଲ୍ଡିଂରେ ବେଶ୍ ଦକ୍ଷ ନ ଥିଲେ। ଏପରି ନିଷ୍ପତ୍ତିକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସଚିବ ନିରଞ୍ଜନ ଶାହ ବେଶ୍ ପ୍ରଶଂସା କରିଥିଲେ। ଯଦିବା ନିଷ୍ପତ୍ତି କଠୋର ଥିଲା ତଥାପି ଦଳର ସ୍ୱାର୍ଥ ପାଇଁ ସେ ଏପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଥିଲେ।

ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ ସେ ମଧ୍ୟ ତାଙ୍କ କ୍ୟାରିୟରରେ ବେଶ୍ ଚର୍ଚ୍ଚାରେ ରହିଥିଲେ। ୨୦୧୧ରେ ଭାରତରେ ଅନୁଷ୍ଠିତ ଟି–୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଥିଲା। ଫାଇନାଲରେ ଶ୍ରୀଲଙ୍କାକୁ ଏକତରଫା ଭାବେ ପରାସ୍ତ କରି ଦୀର୍ଘ ୨୮ବର୍ଷ ପରେ ପୁଣି ଥରେ ବିଶ୍ୱକପ୍ ଟାଇଟଲ୍ ହାସଲ କରିଥିଲା। ପ୍ରାରମ୍ଭିକ ବିପର୍ଯ୍ୟୟରେ ପଡି ଭାରତ ବିପଦରେ ଥିବା ବେଳେ ନିଜକୁ ୪ନଂ ସ୍ଥାନରେ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରି ୯୧ ରନ୍ ସଂଗ୍ରହ କରିବା ଦ୍ୱାରା ଭାରତ ବିଜୟୀ ହୋଇଥିଲା। ଏପରି ନିଷ୍ପତ୍ତି ସମସ୍ତ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଥିଲା। ୨୦୦୮ରେ ଅଷ୍ଟ୍ରେଲିଆ ସିରିଜର ସଫଳତା ପରେ ପୁନର୍ବାର ୨୦୧୨ରେ ଟିମ୍ ଇଣ୍ଡିଆର ଅଷ୍ଟ୍ରେଲିଆ ଗସ୍ତ ସମୟରେ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ ଏବଂ ଗୌତମ୍ ଗମ୍ଭୀରଙ୍କର ବ୍ୟାଟିଂ କ୍ରମରେ ପରିବର୍ତ୍ତନ କରିଥିଲେ। ଶେଷରେ ଭାରତ ଏହି ତ୍ରିରାଷ୍ଟ୍ରୀୟ ସିରିଜର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ୨୦୧୩ରେ ଧୋନୀ ପ୍ରଥମ ଭାରତୀୟ ଅଧିନାୟକ ରୂପେ ଟି୨୦ ବିଶ୍ୱକପ୍, ଦିନିକିଆ ବିଶ୍ୱକପ୍ ଏବଂ ଚାମ୍ପିୟନ୍ସ ଟ୍ରଫି ଟାଇଟଲ୍ ହାସଲ କରିବାକୁ ସକ୍ଷମ ହୋଇଥିଲା। ସେହି ବର୍ଷ ସେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ବେଶ୍ ସମାଲୋଚିତ ହୋଇଥିଲେ ମଧ୍ୟ ସଫଳ ହୋଇଥିଲେ। ବର୍ତ୍ତମାନ ଟି–୨୦ କ୍ରିକେଟ୍‌ର ହ୍ୱାଇଟ୍ ବଲ୍ ଫର୍ମାଟରେ ହିଟ୍‌ମ୍ୟାନ୍ ରୂପେ ପରିଚିତ ରୋହିତ ଶର୍ମାଙ୍କୁ ଓପ୍‌ନର ରୂପେ ଖେଳାଇବାର ଭୂମିକା ମଧ୍ୟ ଧୋନୀଙ୍କର ମାନସ ପ୍ରସ୍ତୁତ ଥିଲା। ଧୋନୀ ଜଣେ ବିରଳ ପ୍ରତିଭା। ଏପରି ପ୍ରତିଭା କେବଳ ଗୋଟିଏ ପିଢିରେ ଦେଖିବାକୁ ମିଳିଥାଏ। ୨୦୧୯ ବିଶ୍ୱକପ୍ ସେମିଫାଇନାଲ ପରାଜୟଠାରୁ ଧୋନୀ ଆଉ ଅନ୍ତର୍ଜାତୀୟ ମ୍ୟାଚ ଖେଳିନାହାନ୍ତି। ୩୯ ବର୍ଷୀୟ ଏହି ମହାନ୍ ଖେଳାଳିଙ୍କର ଭବିଷ୍ୟତକୁ ନେଇ ଏବେ ଯେଉଁ ଚର୍ଚ୍ଚା ଲାଗିରହିଛି ତାହା ଠିକ୍ ନୁହେଁ। ତାଙ୍କଠାରେ ଏବେ ମଧ୍ୟ ଅନେକ କ୍ରିକେଟ୍ ବାକି ଅଛି।

ଚେନ୍ନାଇ ସୁପରକିଙ୍ଗସ୍ ପକ୍ଷରୁ ଖେଳୁଥିବା ଏହି ଅଧିନାୟକ ଆଇପିଏଲ୍‌ରେ ନିଜର ଫିଟ୍‌ନେସ୍ ଏବଂ ଫର୍ମକୁ ଦେଖାଇବାକୁ ଥିବା ବେଳେ କରୋନା ଭାଇରସ୍‌ର ଆତଙ୍କ ତାଙ୍କୁ ବଡ ଝଟକା ଦେଇଛି। ଆଇପିଏଲ୍ ସ୍ଥଗିତ ରହିବା ତାଙ୍କର ଅବସର ଚର୍ଚ୍ଚାକୁ ବଢାଇ ଦେଇଥିବା ବେଳେ ସେ କିନ୍ତୁ ଆଶାବାଦୀ ରହିଛନ୍ତି। ଏପରି ସ୍ଥିତିରେ ଅବସର ନେବା କିମ୍ବା ନ ନେବା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି । ସେ ଏପର୍ଯ୍ୟନ୍ତ ତାଙ୍କ କ୍ରିକେଟ୍ କ୍ୟାରିୟରରେ ଅନେକ ବ୍ୟକ୍ତିଗତ ରେକର୍ଡ ପ୍ରତିଷ୍ଠା କରିବା ସହ ଟିମ୍ ଇଣ୍ଡିଆ ପାଇଁ ଅନେକ ସ୍ୱର୍ଣ୍ଣିମ ସମୟ ଆଣିଛନ୍ତି। ଧୋନୀ ଭାରତୀୟ କ୍ରିକେଟ୍ ଇତିହାସରେ ଏକ ଅବିଚ୍ଛେଦ୍ୟ ଅଙ୍ଗ। ତାଙ୍କ ବିନା ଭାରତୀୟ କ୍ରିକେଟ୍ ଇତିହାସ ଅସମ୍ପୂର୍ଣ୍ଣ ବୋଲି କୁହାଯାଇପାରେ।

**–ନିର୍ମଳ କୁମାର ମିଶ୍ର**

# ସଲିମ୍‌ଙ୍କ ଅବସୋସ

**ଜଣେ ବିଶ୍ୱସ୍ତରୀୟ କ୍ରିକେଟର ହୋଇଥିଲେ ମଧ୍ୟ ପୂର୍ବତନ ପାକିସ୍ତାନ ଅଧିନାୟକ ତଥା ନିର୍ଭରଯୋଗ୍ୟ ମିଡିଲଅର୍ଡର ବ୍ୟାଟ୍ସମ୍ୟାନ ସଲିମ ମଲିକ୍ ଏବେ ଅଲୋଡା ହୋଇଯାଇଛନ୍ତି। ୧୦୩ ଟେଷ୍ଟ ଓ ୨୮୩ଟି ଦିନିକିଆ ମ୍ୟାଚ୍ ଖେଳିଥିବା ମଲିକ ମ୍ୟାଚ୍ ଫିକ୍ସିଂ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ବାସନ୍ଦ ହେବା ପରେ ଇତିହାସ ପୃଷ୍ଠାରୁ ସେ ହଜିଯାଇଛନ୍ତି....**

ଚଳିତ ପିଢିର କ୍ରିକେଟର ତଥା ପ୍ରଶଂସକ ପୂର୍ବତନ ପାକିସ୍ତାନ କ୍ରିକେଟର ସଲିମ ମଲିକଙ୍କୁ ଜାଣି ନ ଥିବେ। ଏକଦା ସେ ପାକିସ୍ତାନ କ୍ରିକେଟ ଦଳର ଜଣେ ନିୟମିତ ସଦସ୍ୟ ଥିଲେ। ସେ ମଧ୍ୟ ପାକିସ୍ତାନ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଛନ୍ତି। ତେବେ ମ୍ୟାଚ୍ ଫିକ୍ସିଂ ମାମଲାରେ ଦୋଷୀ ସାବସ୍ତ୍ୟ ହେବା ଫଳରେ ତାଙ୍କ କ୍ୟାରିୟର ଏକ ପ୍ରକାର ଶେଷ ହୋଇଯାଇଥିଲା। ୨୦୦୦ରେ ଏକ ମ୍ୟାଚ୍ ଫିକ୍ସିଂ ମାମଲା କ୍ରିକେଟ ପାଗଳ ଦେଶ ପାକିସ୍ତାନକୁ ଦୋହଲାଇ ଦେଇଥିଲା। ଏସଂକ୍ରାନ୍ତରେ ଏକ ନ୍ୟାୟିକ ତଦନ୍ତ କରାଯାଇଥିଲା ଓ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଫଳରେ ତାଙ୍କୁ କ୍ରିକେଟରୁ ଆଜୀବନ ବାସନ୍ଦ କରାଯାଇଥିଲା। ୧୯୯୫ରେ ପାକିସ୍ତାନ ଗସ୍ତ ଅବସରରେ ମଲିକ ମ୍ୟାଚ୍ ଫିକ୍ସିଂ ପାଇଁ ଲାଞ୍ଚ ଯାଚିଥିଲେ ବୋଲି ଅଷ୍ଟ୍ରେଲୀୟ କ୍ରିକେଟର ଶେନ ୱର୍ନ, ମାର୍କ ୱ ଓ ଟିମ୍ ମେ ଅଭିଯୋଗ ଆଣିଥିଲେ। ୨୦୦୮ରେ ତାଙ୍କ ଉପରେ ପାକିସ୍ତାନର ଏକ କୋର୍ଟ ବାସନ୍ଦାଦେଶ ଉଠାଇଥିଲେ ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଓ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏହାକୁ ପରୋକ୍ଷରେ ଗ୍ରହଣ କରି ନ ଥିଲେ। ଫଳରେ ମଲିକଙ୍କ କ୍ୟାରିୟର ଶେଷ ହୋଇଥିଲା। ଏ ନେଇ ତାଙ୍କର ଯଥେଷ୍ଟ ଅବସୋସ ରହିଛି ବୋଲି ସେ କହିଛନ୍ତି।

ତେବେ ବର୍ତ୍ତମାନ ସେ ଏହି ବାସନ୍ଦାଦେଶ ଉଠାଇବାକୁ କ୍ରିକେଟ ସହିତ ଜଡିତ ରହିଥିବା ସବୁ ସଂସ୍ଥାକୁ ଅପିଲ କରିଛନ୍ତି। ତାଙ୍କୁ ଆଉ ଗୋଟିଏ ସୁଯୋଗ ଦେବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଖେଳାଳି ହିସାବରେ ନ ହେଲେ ମଧ୍ୟ ଜଣେ କୋଚ୍ ଭାବେ ଦେଶ ପାଇଁ ଓ ପାକିସ୍ତାନ ଖେଳାଳିଙ୍କ ପାଇଁ ସେ କିଛି କରିବାକୁ ଚାହୁଁଛନ୍ତି ବୋଲି କହିଛନ୍ତି। ଏହି ବାସନ୍ଦାଦେଶ ବିରୋଧରେ ସଲିମ୍ ବହୁ ବର୍ଷ ଧରି ଲଢେଇ କରି ଆସିଛନ୍ତି। ଯେତେବେଳେ କୋଚ୍ ହିସାବରେ କାର୍ଯ୍ୟକରିବାକୁ ଆରମ୍ଭ କରିଛି ସେତେବେଳେ ବାଧା ସୃଷ୍ଟି କରାଯାଇଛି। ୨୦୧୨ରେ ପାକିସ୍ତାନ ବ୍ୟାଟିଂ କୋଚ୍ ହେବା ପାଇଁ ଆବେଦନ କରିଥିଲି। ସେହିପରି ୨୦୦୮ରେ ଜାତୀୟ କ୍ରିକେଟ ଏକାଡେମୀରେ ହେଡ କୋଚ୍ ପଦ ପାଇଁ ଆବେଦନ କରିଥିଲି। ତେବେ ପ୍ରତିଥର ମୋତେ ନିରାଶ ହେବାକୁ ପଡିଛି। ଅନ୍ୟ ଖେଳାଳିମାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଉଦାହରଣ ଦେଇ କହିଛନ୍ତି ଯେ, ମହମ୍ମଦ ଆମୀର, ସଲମନ ବଟ୍ଟ, ମହମ୍ମଦ ଆସିଫ ଓ ସର୍ଜିଲ ଖାନ୍ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ କ୍ରିକେଟକୁ ଫେରିଛନ୍ତି। ତେଣୁ ମୁଁ କାହିଁକି ଆଉ ଥରେ ସୁଯୋଗ ପାଇବି ନାହିଁ ବୋଲି ସେ ପ୍ରଶ୍ନ ପଚାରିଛନ୍ତି। ଏପର୍ଯ୍ୟନ୍ତ କ୍ରିକେଟକୁ ଫେରି ନ ଥିବାରୁ ସେ ଅବସୋସ ଜାହିର କରିଛନ୍ତି।



ସଲିମ ପାକିସ୍ତାନର ଅନ୍ୟତମ ସଫଳ କ୍ରିକେଟର ବିବେଚିତ ହୋଇଥାନ୍ତି। ସେ ପାକିସ୍ତାନ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ସେହିପରି ସେ ୨୮୩ଟି ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ଜଣେ ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ଭାବେ ଜଣାଶୁଣା ଥିବା ଟେଷ୍ଟରେ ୪୩.୬୯ ରନ ହାରରେ ୫,୭୬୮ ରନ ସ୍କୋର କରିଛନ୍ତି। ଏଥିରେ ୧୫ଟି ଶତକ ଓ ୨୯ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ଦିନିକିଆରେ ୩୨.୮୮ ରନ ହାରରେ ୭,୧୭୦ ରନ ସଂଗ୍ରହ କରିଛନ୍ତି। ଏଥିରେ ୫ଟି ଶତକ ଓ ୪୭ଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ୧୨ଟି ଟେଷ୍ଟରେ ପାକିସ୍ତାନର ନେତୃତ୍ୱ ନେଇଥିଲେ ଓ ୭ଟି ପାକିସ୍ତାନକୁ ବିଜୟୀ କରାଇଥିଲେ। ସେହିପରି ଦିନିକିଆରେ ସେ ୩୪ଟି ମ୍ୟାଚ୍‌ରେ ନେତୃତ୍ୱ ନେଇ ପାକିସ୍ତାନକୁ ୨୧ଟିରେ ଜିତାଇଥିଲେ। ଜଣେ ସଫଳ କ୍ରିକେଟର ହୋଇଥିଲେ ମଧ୍ୟ ସଲିମ୍ ମ୍ୟାଚ୍ ଫିକ୍ସିଂ କାରଣରୁ ବେଶ୍ ବଦ୍‌ନାମ ହେବା ସହ କଳଙ୍କିତ ହୋଇଥିଲେ। ଫଳରେ କ୍ରିକେଟ ଇତିହାସରୁ ସେ ହଜି ଯାଇଥିବା ବେଳେ ଏବେ ଅଲୋଡା ହୋଇଯାଇଛନ୍ତି।

### ମାଙ୍କଡ଼ କାମୁଡ଼ାରେ ୨ ଆହତ

ବାରଙ୍ଗ,୨୩।୪ (ଡି.ଏନ.ଏ.): ରାଜଧାନୀ ଉପକଣ୍ଠ ମରିଚିଆ ଗାଁରେ ଏକ ମାଙ୍କଡ ଉତ୍ପାତ କରୁଛି। ଗୁରୁବାର ଅପରାହ୍ଣରେ ଗାଁର ପଠାଣି ବାରିକ, ଛୋଟପିଲା ପୂଜା ବେହେରାଙ୍କୁ ମାଙ୍କଡଟି କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସାଲାଗି ଡାକ୍ତରଖାନାକୁ ନେଇଥିଲେ। ଉତ୍ପାତ ମାଙ୍କଡ ଲାଗି ଗାଁରେ ଭୟର ବାତାବରଣ ଖେଳି ଯାଇଛି।

# ଅବସର ପରେ ମିଳୁନି ପ୍ରାପ୍ୟ

**ଅଭାବ ଅନଟନରେ ୮ ହଜାର କର୍ମଚାରୀ**

**କଟକ ଅଫିସ୍, ୨୩।୪:**

ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଉଠାଜଳସେଚନ ନିଗମ ଅବସର ଏବଂ ସ୍ୱେଚ୍ଛାକୃତ ଅବସର ନେଇଥିବା ପ୍ରାୟ ୮ ହଜାରରୁ ଅଧିକ କର୍ମଚାରୀ ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ନ ପାଇ ଘୋର ଆର୍ଥିକ ଅଭାବ ଅନଟନରେ ଦିନ କାଟୁଛନ୍ତି। ଉଭୟ ଭବିଷ୍ୟନିଧି କର୍ତ୍ତୃପକ୍ଷ ଏବଂ ଉଠାଜଳସେଚନ ନିଗମ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଓ ଖାମଖିଆଲି ମନୋଭାବ ପାଇଁ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କର ପ୍ରାପ୍ୟ ପାଇବାରୁ ବର୍ଷବର୍ଷ ଧରି ବଞ୍ଚିତ ହୋଇଛନ୍ତି। ଏପରିକି ପ୍ରାପ୍ୟ ନ ପାଇ କେତେଜଣ ଅବସରପ୍ରାପ୍ତ କର୍ମଚାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇ ସାରିଲାଣି। ତୁରନ୍ତ ରାଜ୍ୟ ସରକାର ପେନ୍ସନ୍ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଲ୍ ଓଡ଼ିଶା ଇପିଏଫ୍ ପେନ୍ସନ୍ ଆସୋସିଏଶନ୍ ତରଫରୁ ଦାବି କରାଯାଇଛି।

କୁହାଯାଇଛି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ୨୦୦୩ ଓ ୨୦୦୪ରେ ୭ହଜାର ପାଖାପାଖି କର୍ମଚାରୀ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଏକ ହଜାର ପାଖାପାଖି କର୍ମଚାରୀ ଏବେ ସୁଦ୍ଧା ଅବସର ଗ୍ରହଣ କରିସାରିଲେଣି। ଏହି ଉଭୟବର୍ଗର ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କର ଭବିଷ୍ୟନିଧି ପାଣ୍ଠିରେ ଥିବା ଅର୍ଥ ଏ ପର୍ଯ୍ୟନ୍ତ ପାଇପାରୁ ନାହାନ୍ତି। ଏ ବାବଦରେ ଇପିଏଫ କର୍ତ୍ତୃପକ୍ଷଙ୍କ ସହ ଆସୋସିଏଶନର ପ୍ରତିନିଧିମାନେ ଆଲୋଚନା କରିଥିଲେ। ହେଲେ ସେମାନେ ବିଭାଗ ଉପରେ ଦୋଷ ଲଦି ଦେଇଥିଲେ। ଫଳରେ ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କର ଭବିଷ୍ୟନିଧି ପାଣ୍ଠିରେ ଥିବା ଗଚ୍ଛିତ ଅର୍ଥ ଫେରି ନ ପାଇ ଆର୍ଥିକ ଦୁରବସ୍ଥା ଦେଇ ଗତିକରୁଛନ୍ତି। ସେହିଭଳି ଏକ ହଜାରରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ପେନସନ ପାଇବା ପାଇଁ ପ୍ରୋଭିଡେଣ୍ଟ ଫଣ୍ଡ ଅଫିସ, ନିଗମ ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟଗୁଡ଼ିକୁ ବର୍ଷାଧିକାଳ ଦୌଡୁଥିଲେ ମଧ୍ୟ ଅଦ୍ୟାବଧି ପେନ୍ସନ ନ ପାଇ ଦୁଃଖରେ ଦିନ କାଟୁଛନ୍ତି। ଏ ବାବଦରେ ଆସୋସିଏଶନ ତରଫରୁ ଉଭୟ-କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ତୁରନ୍ତ ପେନସନ୍ ପ୍ରଦାନପାଇଁ ଦାବି ଜଣାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ଏଥି ସହ ଦୁଇଶହ ପାଖାପାଖି ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଗମ କର୍ତ୍ତୃପକ୍ଷ ସେମାନଙ୍କର ଅସ୍ଥାୟୀ କାର୍ଯ୍ୟକାଳ ସମୟର ଗ୍ରାଚୁଇଟି ଦେଇ ସାରିଥିବା ବେଳେ ପ୍ରାୟ ଶହେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସେମାନଙ୍କର ଅସ୍ଥାୟୀ ଚାକିରି ସମୟର ଗ୍ରାଚୁଇଟି ଦେବାରେ ବିଳମ୍ବ କରୁଛନ୍ତି। ଏ ବାବଦରେ ଆସୋସିଏଶନ ତରଫରୁ ନିଗମ କର୍ତ୍ତୃପକ୍ଷ ଏବଂ ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇ ତୁରନ୍ତ ଗ୍ରାଚ୍ୟୁଇଟି ପ୍ରାପ୍ୟ ପ୍ରଦାନ ପାଇଁ ଦାବି ଜଣାଯାଇଛି। ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି।



ଭୁବନେଶ୍ୱର ୟୁନିଟ୍ ୧ ବସ୍ତି ରାସ୍ତା ପାର୍ଶ୍ୱରେ ଗୁରୁବାର ପିଲାମାନେ କ୍ୟାରମ୍ ଖେଳୁଛନ୍ତି।

## ସଂକ୍ଷେପରେ

### ୨୦ ସେବାୟତଙ୍କୁ ନେଇ ହେବ ଚନ୍ଦନ ଚାପ

**ବ୍ରହ୍ମଗିରି, ୨୩।୪(ଡି.ଏନ.ଏ):** କରୋନା ଯୋଗୁ ବନ୍ଦ ରହିଛି ମହାପ୍ରଭୁ ଅଲାରନାଥଙ୍କ ମନ୍ଦିର। ଆସନ୍ତା ୨୬ ତାରିଖରେ ଚନ୍ଦନ ଯାତ୍ରା। ଏହି ସ୍ୱତନ୍ତ୍ର ଦିନରେ ଅଲାରନାଥ ହୋଇଥାନ୍ତି ସର୍ବାଙ୍ଗ ଚନ୍ଦନ ବେଶ। ତେବେ କରୋନା ଲକ୍‌ଡାଉନ ଓ ସାମାଜିକ ଦୂରତା କଟକଣା ଯୋଗୁ ଚନ୍ଦନ ଯାତ୍ରାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିଲା। ତେବେ ଏଥର ସୀମିତ ସଂଖ୍ୟକ ସେବାୟତଙ୍କୁ ନେଇ ଓ ସାମାଜିକ ଦୂରତାକୁ ଗୁରୁତ୍ୱ ଦେଇ କେବଳ ଚନ୍ଦନ ଯାତ୍ରାର ନୀତି ସମ୍ପନ୍ନ କରାଯିବ ବୋଲି ଗୁରୁବାର ମନ୍ଦିର ପରିଚାଳନା କମିଟି ସୂଚନା ଦେଇଛି। ମନ୍ଦିରର ବରିଷ୍ଠ ସେବାୟତ ନୀଳମଣି ସୁଆର କହିଛନ୍ତି ୨୬ ତାରିଖ ସନ୍ଧ୍ୟା ୬ଟା ପୂର୍ବରୁ ବାହାର ଚାପ ସମାପନ କରାଯିବ। ୨୦ଜଣ ସେବାୟତ ସାମାଜିକ ଦୂରତାକୁ ମାନି ଶୋଭାଯାତ୍ରାରେ ଠାକୁରମାନଙ୍କୁ ଚନ୍ଦନ ପୋଖରୀକୁ ନେବେ। ଠାକୁରମାନଙ୍କୁ ବାହାରକୁ ନେବା ସମୟରେ କେବଳ ସିଂହଦ୍ୱାର ଖୋଲାଯିବ ବୋଲି ପ୍ରଶାସନର ନିର୍ଦ୍ଦେଶ ରହିଛି।

### ନାବାଳିକା ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

**ଚୌଦ୍ୱାର,୨୩।୪(ଡି.ଏନ୍.ଏ.) :** ଚୌଦ୍ୱାର ଥାନା ଅଞ୍ଚଳରେ ଗତ ୧୯ ତାରିଖରେ ଘଟିଥିବା ନାବାଳିକା ବଳାତ୍କାର ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାଜେନ୍ଦ୍ର ରାଉତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ରାଜେନ୍ଦ୍ର ବଳାତ୍କାର କରିବା ପରେ ସେହିଦିନଠାରୁ ଫେରାର ହୋଇଯାଇଥିଲା। ତାଙ୍କ ସହଯୋଗୀଙ୍କୁ ପୋଲିସ ଧରି ପଚରାଉଚରା କରିବାରେ ଟାଙ୍ଗୀ ଥାନା ଅଧୀନ ବରପଦା ଗାଁର ଜଣେ ବନ୍ଧୁଙ୍କ ଘରେ ଥିବାବେଳେ ବୁଧବାର ସନ୍ଧ୍ୟାରେ କୁଷପଙ୍ଗୀ ଅଞ୍ଚଳକୁ ଯାଉଥିଲେ। ଖବରପାଇ ପୋଲିସ ତାଙ୍କୁ ବାଟରେ କାବୁ କରି ଗିରଫ କରିଥିଲା। ପୋଲିସ ନଂ. ୧୬୯/୨୦ରେ ମାମଲା ରୁଜୁ ହୋଇଥିବା ବେଳେ ଶୁକ୍ରବାର ରାଜେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି।

### ସହଯୋଗର ହାତ ବଢ଼ାଇଲେ ପୁରାତନ ଛାତ୍ର

**କଟକ ଅଫିସ,୨୩।୪:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ରାବାସ କର୍ମଚାରୀଙ୍କୁ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ସମାଜ ସହାୟତାର ହାତ ବଢାଇଛି। କର୍ମଚାରୀ ସଂଘ ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରାବାସ କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ଦିଆଯିବା ସହ ସେମାନଙ୍କୁ କରୋନା ବିଷୟରେ ସଚେତନ କରାଯାଇଥିଲା। ରେଭେନ୍‌ଶାରୁ ଶିକ୍ଷା ସମାପ୍ତ କରି ପୁରାତନ ଛାତ୍ରମାନେ ଆଜି ଯେଉଁ ସଫଳତା ପାଇଛନ୍ତି ସେଥିରେ କର୍ମଚାରୀଙ୍କର ମଧ୍ୟ କିଛି ଅବଦାନ ରହିଛି। ସେମାନଙ୍କ ପ୍ରତି ଥିବା କର୍ତ୍ତବ୍ୟକୁ ଭୁଲିଯିବା ଉଚିତ ନୁହେଁ ବୋଲି ପୁରାତନ ଛାତ୍ର ମଳୟ ମହାନ୍ତି କହିଛନ୍ତି। ଛାତ୍ରାବାସ କର୍ମଚାରୀ ସଂଘ ପକ୍ଷରୁ ଜୟରାମ ବାରିକ, ରଞ୍ଜିତ କୁମାର ଦାସ, ବିଶ୍ୱନାଥ ଦାସ, ଅଜୟ ଦାସ, ଅଶୋକ ଦାସ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

### ମାସ୍କ ପିନ୍ଧି ନ ଥିବାରୁ ୩୯ ଜଣଙ୍କୁ ଜରିମାନା

**କୋଣାର୍କ/ ଅସ୍ତରଙ୍ଗ, ୨୩।୪(ଡି.ଏନ.ଏ):** କରୋନା ସଂକ୍ରମଣ ରୋକିବା ପାଇଁ ସରକାର ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି। ହେଲେ କେତେଜଣ ବ୍ୟକ୍ତି ମାସ୍କ ନ ପିନ୍ଧି ବଜାରରେ ବୁଲୁଛନ୍ତି। ବିନା ମାସ୍କରେ ବୁଲୁଥିବା ୩୩ଜଣ ବ୍ୟକ୍ତିଙ୍କଠାରୁ ଗୁରୁବାର କୋଣାର୍କ ପ୍ରଶାସନ ଜରିମାନା ଆଦାୟ କରିଛି। ପ୍ରତ୍ୟେକଙ୍କଠାରୁ ୨୦୦ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ କୋଣାର୍କ ରିଙ୍ଗରୋଡ ଛକଠାରେ ଯାଞ୍ଚ କରିଥିଲେ। ଅସ୍ତରଙ୍ଗ ବଜାରରେ ସ୍ଥାନୀୟ ପୋଲିସ ଟିମ୍ ସହ ତହସିଲଦାର୍ ରାଜଲକ୍ଷ୍ମୀ ନାୟକ ଏବଂ ବିଡିଓ ବେବିତ ମଞ୍ଜରୀ ନାୟକ ବଜାର ପ୍ରବେଶ ପଥରେ ସଚେତନତା ସୃଷ୍ଟି କରିଥିଲେ। ବଜାରକୁ ଆସିଥିବା ଲୋକଙ୍କ ମଧ୍ୟରୁ ୬ଜଣ ମାସ୍କ ପିନ୍ଧି ନ ଥିବାରୁ ସେମାନଙ୍କଠାରୁ ୨୦୦ ଟଙ୍କା ଲେଖାଏ ମୋଟ ୧୨୦୦ ଟଙ୍କା ଫାଇନ ଆଦାୟ କରାଯାଇଛି ବୋଲି ତହସିଲଦାର୍ ସୂଚନା ଦେଇଛନ୍ତି।

## କ୍ୱାରାଣ୍ଟାଇନ ସେଣ୍ଟର ବୁଲି ଦେଖିଲେ କ୍ରୀଡ଼ା ମନ୍ତ୍ରୀ



ମନ୍ତ୍ରୀ ତୁଷାରକାନ୍ତି ବେହେରା ଅବଦାନ ପଞ୍ଚାୟତର କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲି ଦେଖୁଛନ୍ତି।

**କୋଣାର୍କ,୨୩।୪(ଡି.ଏନ୍.ଏ):**

କ୍ରୀଡ଼ା, ଯୁବସେବା ଓ ଆଇଟି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର କୁରୁଜଙ୍ଗ, ଅବଦାନ ଓ କାଦୁଆ ନୂଆଗାଁ ପଞ୍ଚାୟତରେ ୨୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ କ୍ୱାରାଣ୍ଟାଇନ ସେଣ୍ଟର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାନୀୟଜଳ ଯୋଗାଣ, ଆଲୋକ, ପରିମଳ ଓ ସାନିଟାଇଜର ବ୍ୟବସ୍ଥା ସମେତ ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସରପଞ୍ଚ ନିଗମାନନ୍ଦ ପରିଡ଼ାଙ୍କଠାରୁ ପଚାରି ବୁଝିଛନ୍ତି। ଏହି ପରିପ୍ରେକ୍ଷୀରେ ଉପରୋକ୍ତ ୩ଟି ପଞ୍ଚାୟତରୁ ଓଡ଼ିଶା ବାହାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ପଞ୍ଚାୟତ ପ୍ରଶାସନ ମାଧ୍ୟମରେ ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳେଇ, କାକଟପୁର ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, ସରପଞ୍ଚ ନିଗମାନନ୍ଦ ପରିଡ଼ା, ଅବଦାନ ନାଏବ ସରପଞ୍ଚ ମୋହନୀ ବେହେରା, କାଦୁଆ ନୂଆଗାଁ ସରପଞ୍ଚ ସୁଷମା କୁମାରୀ ଦେଈ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ୭ ଦିନରେ ୫ ଗାଈ ଚୋରି

**ବାଲିଅନ୍ତା,୨୩।୪(ଡି.ଏନ.ଏ.)**

ବାଲିଅନ୍ତା ଥାନା ଅଧୀନ ଭୁବନପୁର ଓ ଅଣ୍ଡିଲୋ ଗାଁରେ ସପ୍ତାହକ ମଧ୍ୟରେ ୫ ଗାଈ ଚୋରି ହେଲାଣି । ଲକ୍‌ଡାଉନର ସୁଯୋଗରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ରାସ୍ତାକଡରେ ଶୋଉଥିବା ଗାଈକୁ ଗାଡିରେ ଉଠାଇ ନେଉଛନ୍ତି। ଏହା ପଛରେ ଏକ ର୍‍ୟାକେଟ କାର୍ଯ୍ୟ କରୁଛି ବୋଲି ଲୋକେ କହୁଛନ୍ତି। ବୁଧବାର ବିଳମ୍ବିତ ରାତିରେ ଗୋପାଳ ବେହେରାଙ୍କ ଏକ ଗାଈକୁ ୨ ଦୁର୍ବୃତ୍ତ ଏକ ବୋଲେରୋ ଡାଲା ଗାଡିରେ ତାଙ୍କ ଘର ଆଗରୁ ଉଠାଇ ନେଇଥିଲେ। ଏହା ପୂର୍ବରୁ ସେହି ଗ୍ରାମର ରବି ସାହୁ, ବ୍ରଜ ସାହୁ, ଅଣ୍ଡଲୋ ଗ୍ରାମର ହୃଦାନନ୍ଦ ବେହେରା, ପେମନି ବେହେରାଙ୍କ ଗାଈ ଚୋରି ହୋଇଥିଲା।

## ହୋମିଓପାଥିକ କ୍ଲିନିକ ବନ୍ଦ କଲା ପ୍ରଶାସନ

- ଡାକ୍ତରଙ୍କୁ ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ
- ନିଜ ଘର ବାଲେଶ୍ୱରରୁ ବ୍ରହ୍ମଗିରି ଫେରିଥିଲେ

**ବ୍ରହ୍ମଗିରି, ୨୩।୪(ଡି.ଏନ.ଏ):** ବ୍ରହ୍ମଗିରି ବଜାରସ୍ଥ ଏକ ଘରୋଇ ହୋମିଓପ୍ୟାଥିକ ଚିକିତ୍ସା କେନ୍ଦ୍ରକୁ ଗୁରୁବାର ପ୍ରଶାସନ ବନ୍ଦ କରିବା ସହ ଏହାର ଚିକିତ୍ସକଙ୍କୁ ସଙ୍ଗରୋଧରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛି। ଏହି ଚିକିତ୍ସା କେନ୍ଦ୍ରର ଡାକ୍ତର ଜଣକ ବାଲେଶ୍ୱର ଫେରନ୍ତା ହୋଇଥିବାରୁ ଏବଂ କରୋନା ଭୂତାଣୁ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ସୂଚନା ଅନୁଯାୟୀ, କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇଁ ସାମାଜିକ ଦୂରତା ଓ ସଙ୍ଗରୋଧ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ତେବେ ବାଲେଶ୍ୱର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏ ନେଇ ବାହାର ଜିଲାର ଲୋକଙ୍କ ଗମନାଗମନ ଉପରେ ବ୍ରହ୍ମଗିରି ପ୍ରଶାସନ ତୀକ୍ଷ୍ଣ ଦୃଷ୍ଟି ରଖିଛି। ବାଲେଶ୍ୱର ଜିଲାରୁ ଆସି ଜଣେ ହୋମିଓପ୍ୟାଥିକ ଡାକ୍ତର ବ୍ରହ୍ମଗିରି ବଜାରରେ ଏକ ଘରୋଇ କ୍ଲିନିକ ଖୋଲିଛନ୍ତି। ସେ ଏକ ସପ୍ତାହ ତଳେ ତାଙ୍କ ଗାଁକୁ ଯାଇଥିଲେ। ରବିବାର ସେ ବ୍ରହ୍ମଗିରି ଫେରିଥିଲେ । ଏ ସମ୍ପର୍କରେ ପ୍ରଶାସନ ପାଖରେ ଖବର ପହଞ୍ଚିବା ପରେ ଉକ୍ତ ଚିକିତ୍ସାଳୟକୁ ବନ୍ଦ କରିଦେଇଛି।

## ଖୋର୍ଦ୍ଧା ପୌରସଂସ୍ଥା: ୨୨ ୱାର୍ଡ ଲାଗି ୨୨ ଟିମ୍ ଗଠନ

- ପ୍ରଥମ ପର୍ଯ୍ୟାୟରେ ୩୦୦ ଶଯ୍ୟା ରହିବ
- ପୁରୁଷ ଓ ମହିଳାଙ୍କ ଲାଗି ଅଲଗା ବ୍ୟବସ୍ଥା

**ଖୋର୍ଦ୍ଧା ଅଫିସ,୨୩।୪ :**

ବାହାର ରାଜ୍ୟରୁ ଜିଲାକୁ ଫେରିବାକୁ ଚାହୁଁଥିବା ଶ୍ରମିକମାନଙ୍କ ଲାଗି ଜିଲା ପ୍ରଶାସନ ହେଲପଲାଇନ ନମ୍ବର ଜାରି କରିଛନ୍ତି। ଏହି ନମ୍ବରରେ ନିଜ ନାମ ପଞ୍ଜୀକରଣ ପରେ ନିଜ ଗ୍ରାମକୁ ଫେରି ୧୪ ଦିନିଆ କ୍ୱାରାଣ୍ଟାଇନରେ ରହିବାର ବ୍ୟବସ୍ଥା ରହିଛି। ଗୁରୁବାର ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ହେଲପଲାଇନ ନଂ. ୦୬୭୫୫-୨୨୦୬୭୪ ଜାରି କରାଯାଇଛି। ଫେରିବାକୁ ଚାହୁଁଥିବା ଶ୍ରମିକମାନେ ଜିଲା ୱେବସାଇଟ https:/khorda.nic.in/registration of migrantsରେ ମଧ୍ୟ ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ଟାଇଟ୍ କଲେଜ ୨ଟି ସ୍ଥାନରେ ପଞ୍ଜୀକୃତ ଶ୍ରମିକମାନଙ୍କୁ ରଖିବା ବ୍ୟବସ୍ଥା କରାଯିବ। ଏଥିଲାଗି ୨୨ଟି ୱାର୍ଡ ଲାଗି ୨୨ଟି ଟିମ ଗଠନ କରାଯାଇଛି। ଏହି ଟିମ୍ ନିଜି ନିଜ ଅଞ୍ଚଳର ବାହାରେ ରହୁଥିବା ଶ୍ରମିକମାନଙ୍କ ସହ କଥାବାର୍ତ୍ତା କରି ସେମାନଙ୍କ ସମ୍ପର୍କରେ ରିପୋର୍ଟ ସଂଗ୍ରହ କରିବେ। ଏହି ଦୁଇଟି ସ୍ଥାନକୁ ବିଶୋଧନ କରାଯିବ। ଶ୍ରମିକମାନଙ୍କୁ ମାସ୍କ, ସାବୁନ ଦିଆଯିବ। ପୁରୁଷ ଓ ମହିଳାଙ୍କ ଲାଗି ଅଲଗା ପ୍ରକୋଷ୍ଠ କରାଯିବ। ସେମାନଙ୍କ ଲାଗି ଅଲଗା ସ୍ନାନାଗାର ଓ ଶୌଚାଳୟ ବ୍ୟବସ୍ଥା ହେବ। ଶ୍ରମିକମାନେ କ୍ୱାରାଣ୍ଟାଇନରେ ରହିବା ସମୟରେ ନିଜ ଘର ସଦସ୍ୟଙ୍କଠାରୁ ଦୂରରେ ରହିବା ସହ ଘର ଖାଦ୍ୟ ଖାଇପାରିବେ ନାହିଁ। ସେମାନଙ୍କ ଲାଗି ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରିବେ। ସେମାନଙ୍କ ଚିକିତ୍ସା ଲାଗି ଏକ ଡାକ୍ତର ଟିମ୍ ନିୟୋଜିତ ରହିବେ। ଏ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାରଠାରୁ ପଞ୍ଜୀକରଣ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ୩୦୦ଟି ଶଯ୍ୟା କରାଯିବାକୁ ଯୋଜନା ରହିଛି। ଶ୍ରମିକମାନଙ୍କ ପଞ୍ଜୀକରଣକୁ ଲକ୍ଷ୍ୟ କରି ଶଯ୍ୟା ବୃଦ୍ଧି ସମ୍ପର୍କରେ ଚିନ୍ତା କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି।

### ସାନିଟାଇଜ ହେଲା ନଡ଼ିଆ ଟ୍ରକ୍



**ସାକ୍ଷୀଗୋପାଳ,୨୩।୪(ଡି.ଏନ.ଏ.)**

ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରୁ ଗୁରୁବାର ସାକ୍ଷୀଗୋପାଳରେ ପହଞ୍ଚିଥିବା ୩ ନଡିଆ ବୋଝେଇ ଟ୍ରକ ସାନିଟାଇଜ କରାଯାଇଛି। କୃଷିଜାତ ଦ୍ରବ୍ୟଗୁଡିକ ବିକ୍ରିବଟା ପାଇଁ ଲକ୍‌ଡାଉନରୁ ମୁକ୍ତ ହେବାପରେ ବାହାର ରାଜ୍ୟରୁ ଏଠାରେ ପ୍ରଥମେ ପହଞ୍ଚିଥିବା ୩ ନଡିଆ ବୋଝେଇ ଟ୍ରକକୁ ବଜାରକୁ ଛଡାଯାଇ ନ ଥିଲା। ଖବରପାଇ ବିଡିଓ ସରୋଜ କୁମାର ଦତ୍ତ ଘଟଣାସ୍ଥଳରେ ପହଞ୍ଚି ଟ୍ରକଗୁଡିକ କେମିକାଲରେ ସାନିଟାଇଜ କରିବାକୁ ସ୍ଥାନୀୟ ଅଗ୍ନିଶମ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରକଗୁଡିକ ସାନିଟାଇଜ କରାଯିବା ପରେ ବଜାରକୁ ଯାଇଥିଲା। ତେବେ ଗାଡି ଚାଳକମାନେ ସାମାଜିକ ଦୂରତାରେ ରହିବା ସଙ୍ଗେସଙ୍ଗେ ନଡିଆ ଖାଲି କରିବା ସମୟରେ ଶ୍ରମିକମାନେ ମାସ୍କ ଓ ଗ୍ଲୋବସ ବ୍ୟବହାର କରିବାକୁ ବିଡିଓ ଦତ୍ତ ପରାମର୍ଶ ଦେଇଛନ୍ତି।

## ଶ୍ରମିକଙ୍କ ପାଇଁ ନିୟମ ଜାରି

**ପୁରୀ ଅଫିସ,୨୩।୪**

କରୋନା ଲକ୍‌ଡାଉନ ସମୟରେ ନିର୍ମାଣ କାର୍ଯ୍ୟକୁ କେତେକାଂଶରେ ଅନୁମତି ଦିଆଯାଇଛି। ତେବେ ଶ୍ରମିକଙ୍କ ଯିବା ଆସିବା ଉପରେ କଟକଣା ଜାରି ହୋଇଛି। କେତେକ ନିର୍ମାଣ କାର୍ଯ୍ୟରେ ଅଧିକ ସଂଖ୍ୟକ ଶ୍ରମିକ ନିୟୋଜନ ଆବଶ୍ୟକତା ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଏହି ମର୍ମରେ ଜିଲାପାଳ ବଲୱନ୍ତ ସିଂ ଜିଲାର ସମସ୍ତ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା ଶ୍ରମ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ସମ୍ପୃକ୍ତ ଶ୍ରମିକମାନଙ୍କୁ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ପ୍ରଦତ୍ତ ପାସ୍‌କୁ ବୈଧ ଭାବେ ଗ୍ରହଣ କରାଯିବ । ନିର୍ମାଣ କାର୍ଯ୍ୟକୁ ଶ୍ରମିକମାନଙ୍କୁ ଗାଡ଼ିରେ ନେଲେ ସାମାଜିକ ଦୂରତ୍ୱ ରକ୍ଷା ନିମନ୍ତେ ସମ୍ପୃକ୍ତ ମାତ୍ର ୪୦ ପ୍ରତିଶତ ସିଟ୍ ବ୍ୟବହାର କରାଯିବ। ଗାଡ଼ି ଚଳାଚଳ ନିମନ୍ତେ ଜିଲାପାଳ କିମ୍ବା ପରିବହନ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ଅଧାବାଟରେ କାହାରିକୁ ଚଢିବା କିମ୍ବା ଓହ୍ଲାଇବା ନିମନ୍ତେ ଅନୁମତି ଦିଆଯିବ ନାହିଁ । ଖାଦ୍ୟ ଯୋଗାଇଦେବା ପାଇଁ ଜାତୀୟ ଓ ରାଜ୍ୟ ରାଜପଥରେ ଥିବା ଢାବାଗୁଡ଼ିକ ଖୋଲା ରହିବ। ଡାଇନିଂ ସୁବିଧା ଦିଆଯିବ ନାହିଁ। ଜିଲା ମଧ୍ୟରେ ଶ୍ରମିକଙ୍କୁ ନେବା ଆଣିବା କ୍ଷେତ୍ରରେ ସମ୍ପୃକ୍ତ ଠିକାଦାର ସଂସ୍ଥା ଜିଲାପାଳଙ୍କଠାରୁ ଅନୁମତି ନେବେ।

## ଅର୍ଣ୍ଣବ ଗୋସ୍ୱାମୀଙ୍କ ବିରୋଧରେ ଏତଲା

**ପୁରୀ ଅଫିସ,୨୩।୪**

ଏକ ଟିଭି ଚ୍ୟାନେଲ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କ ବିରୋଧରେ ପୁରୀ ଜିଲା କଂଗ୍ରେସ ପକ୍ଷରୁ କୁମ୍ଭାରପଡ଼ା ଥାନାରେ ଏତଲା ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଅର୍ଣ୍ଣବ ଏକ ନିର୍ଦ୍ଦିଷ୍ଟ ଜାତୀୟ ଦଳର ଚାଟୁକାରିତା କରି ବିନା ପ୍ରମାଣରେ ସୋନିଆ ଗାନ୍ଧୀଙ୍କୁ ଅପମାନିତ କରିଛନ୍ତି। ଏଥିସହ କଟୁ ମନ୍ତବ୍ୟ ଦେଇ କଂଗ୍ରେସ ପରିବାରକୁ ଜନସାଧାରଣଙ୍କ ଆଗରେ ଛୋଟ ଦେଖାଇବାକୁ ପ୍ରୟାସ କରିଛନ୍ତି। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର କହିଛନ୍ତି। ବୀରେନ୍ଦ୍ର ଭୂଷଣ ହୋତା, ବିଶ୍ୱକେଶନ ହରିଚନ୍ଦନ, ଅପୁ ମହାପାତ୍ର, ମହିଳା କଂଗ୍ରେସର ବିଦ୍ୟୁଲତା ଆଚାର୍ଯ୍ୟ, ଯୁବ କଂଗ୍ରେସର ଆଲୋକ କୁମାର ଦାଶ, ଛାତ୍ର କଂଗ୍ରେସ ଜିଲା ସଭାପତି ଆଶୁତୋଷ ମିଶ୍ର ପ୍ରମୁଖ ଏହି ଏତଲା ଦେଇଛନ୍ତି। ସେହିପରି ଟାଉନ ଥାନାରେ ଯୁବ କଂଗ୍ରେସର ବିଶ୍ୱନାଥ ଦାଶ, ଶେଖ୍ ସଫିକ୍‌ଉଦ୍ଦିନ, ସ୍ୱାଧୀନ କୁମାର ପଣ୍ଡା ଓ ଅବିନାଶ ମିଶ୍ର ଏତଲା ଦେଇଥିଲେ।

## ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

**କଟକ ଅଫିସ,୨୩।୪**

କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନ ପକ୍ଷରୁ ରାଜ୍ୟବ୍ୟାପୀ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟାଯାଉଛି। ରାଜ୍ୟରେ ଥିବା ବ୍ୟାଙ୍କର ବିଭିନ୍ନ ଶାଖାର କର୍ମଚାରୀମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଉଛି। ଆସନ୍ତା ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ସହଯୋଗ କରିବାକୁ ରାଜ୍ୟ ସମ୍ପାଦକ ଶୁଭ୍ରାଂଶୁ ଶତପଥୀ ନିବେଦନ କରିଛନ୍ତି।

## ରାଶନ ସାମଗ୍ରୀ ପାଇଁ ଜିଲାପାଳଙ୍କୁ ଗୁହାରି



**ପୁରୀ ଅଫିସ,୨୩।୪**

କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଚାଲିଛି। ଏହି ସମୟରେ ଗରିବ ଶ୍ରେଣୀର ଲୋକେ ଅଧିକ ହଇରାଣ ହେଉଛନ୍ତି। ଯେଉଁମାନଙ୍କର ରାଶନ କାର୍ଡ ରହିଛି ସେମାନଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି। ମାତ୍ର ଯେଉଁମାନଙ୍କ ପାଖରେ ରାଶନ କାର୍ଡ ନାହିଁ ସେମାନଙ୍କୁ କୌଣସି ସହାୟତା ମିଳୁନାହିଁ। ଫଳରେ ଅନେକ ଲୋକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବିଶେଷକରି ଭଡ଼ାଘରେ ରହୁଥିବା ଦିନମଜୁରିଆଙ୍କୁ କୌଣସି ପ୍ରକାର ରାଶନ ସାମଗ୍ରୀ ଦିଆଯାଉନାହିଁ। ଗୁରୁବାର ଜଗନ୍ନାଥ ବସ୍ତିର ବହୁସଂଖ୍ୟକ ମହିଳା ପୁରୁଷ ଛୋଟ ପିଲାଙ୍କୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ବସ୍ତିର ଉମେଶ କହିଥିଲେ, ରାଶନ କାର୍ଡ ନ ଥିବାରୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ରାଶନ ସାମଗ୍ରୀ ମିଳୁନାହିଁ। ବର୍ତ୍ତମାନ କାମଧନ୍ଦା ମିଳୁ ନ ଥିବାରୁ ଚଳିବାରେ ବହୁତ ହଇରାଣ ହେଉଛୁ। ତେଣୁ ସହାୟତା ପାଇଁ ଜିଲାପାଳଙ୍କୁ ଗୁହାରି ଜଣାଇଛୁ।

# ଏବେଠୁ ଘାରିଲାଣି ପାନୀୟ ଜଳ ଚିନ୍ତା

**ପୁରୀ ଅଫିସ,୨୩।୪**

ବିଶ୍ୱ ମହାମାରୀ କରୋନାର ସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ରାଜ୍ୟ ସରକାର କରୋନା ବିରୋଧରେ ଲଢେଇ ଜାରି ରଖିଥିବାବେଳେ ଏବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଧୀରେ ଧୀରେ ଜଳକଷ୍ଟ ଉପୁଜିଲାଣି। ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ଗ୍ରୀଷ୍ମ ଆରମ୍ଭରୁ ପାନୀୟଜଳ ସମସ୍ୟା ଦେଖାଦେଲାଣି। ବିଶେଷକରି କଣାସ, ଅସ୍ତରଙ୍ଗ ବ୍ଲକରେ ଲୋକେ ଏହି ସମସ୍ୟାର ସମ୍ମୁଖୀନ ହେଲେଣି। ପ୍ରତିବର୍ଷ ପ୍ରାୟ ମାର୍ଚ୍ଚ ମାସରେ ଜିଲାସ୍ତରରେ ଅଂଶୁଘାତ ଓ ଜଳକଷ୍ଟ ନିରାକରଣ ପ୍ରଭୃତି ବୈଠକ ବସିଥାଏ। ଏଥିରେ ଜଳକଷ୍ଟ ଦୂର କରିବା ପାଇଁ ଯୋଜନା ପ୍ରସ୍ତୁତ ହୁଏ। କିନ୍ତୁ ଏଥର କରୋନା ପାଇଁ ବୈଠକ ସମ୍ଭବ ହୋଇ ନ ଥିବାରୁ ଜଳାଭାବ ସମସ୍ୟାର ସମାଧାନ କିପରି ହେବ ତାହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଚିନ୍ତା ବଢିଛି।

ଜିଲାର ୧୧ଟି ବ୍ଲକରେ ଖରାଦିନେ ପ୍ରାୟ ପାନୀୟଜଳ ସମସ୍ୟା ଉପୁଜିଥାଏ। ତେଣୁ ପ୍ରତିବର୍ଷ ଖରା ପୂର୍ବରୁ ବୈଠକ ବସି ବ୍ଲକଗୁଡ଼ିକରେ ପିଡବ୍ଲ୍ୟୁଏସ୍, ହ୍ୟାଣ୍ଡ ପାଇପ, ଟ୍ୟୁବୱେଲ ସ୍ଥିତି କିପରି ରହିଛି ତାହା ଉପରେ ଆଲୋଚନା କରାଯାଏ। ଯେଉଁଗୁଡ଼ିକ ଅଚଳ ତାହାକୁ ତୁରନ୍ତ ମରାମତି କରିବା ନେଇ ନିର୍ଦ୍ଦେଶ ଦିଆଯାଇଥାଏ। ପ୍ରତିବର୍ଷ ଖରାଦିନେ କଣାସ ବ୍ଲକରେ ଅଧିକ ମାତ୍ରାରେ ଜଳ ସମସ୍ୟା ଉପୁଜେ। ଏତଦ୍‌ବ୍ୟତୀତ ଅସ୍ତରଙ୍ଗ, କାକଟପୁର, ଡେଲାଙ୍ଗ ପ୍ରଭୃତି ବ୍ଲକରେ ଜଳାଭାବ ଦେଖାଦିଏ। ତେଣୁ ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ଏହିସବୁ ବ୍ଲକକୁ ପ୍ରାଧାନ୍ୟ ଦିଆଯାଇ ଜଳଯୋଗାଣ ହୋଇଥାଏ। ଚଳିତବର୍ଷ ମଧ୍ୟ ଏବେଠୁ କଣାସ, ଅସ୍ତରଙ୍ଗ ଆଦି କେତେକ ବ୍ଲକରେ ପାନୀୟଜଳ ସମସ୍ୟା ଉପୁଜିଲାଣି। ସମ୍ପୃକ୍ତ ଅଞ୍ଚଳରେ ଅଧିକାଂଶ ହ୍ୟାଣ୍ଡପାଇପ, ଟ୍ୟୁବୱେଲ ଅଚଳ ହୋଇପଡ଼ିଛି। ମାତ୍ର କରୋନା ଯୋଗୁ ଏସବୁକୁ ଠିକ୍ କରାଯାଇ ପାରିନାହିଁ। ଅସ୍ତରଙ୍ଗ ବ୍ଲକର ଶିଶୁଅ, ଛୁରିଆନା, ଝାଡଲିଙ୍ଗ, ନୂଆଗଡ଼ ଓ ନଗର ପଞ୍ଚାୟତରେ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଛି। ଶିଶୁଅ ପଞ୍ଚାୟତର ବଡ଼ସିରେଇ, ସାନସିରେଇ ଓ ବନ୍ଦାଳ ଆଦି ଗାଁକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଗଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହୋଇ ନ ଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ପ୍ରତିବର୍ଷ ଏପ୍ରିଲ ସୁଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଥାଏ। ପଥଚାରୀମାନେ ଏହାଦ୍ୱାରା ଉପକୃତ ହୋଇଥାନ୍ତି। ହେଲେ ଏ ବର୍ଷ ଏପ୍ରିଲ ସରିବାକୁ ବସିଲାଣି କିନ୍ତୁ ଜଳଛତ୍ର ଖୋଲିନାହିଁ। ଏଥିରେ ବି ପ୍ରତିବନ୍ଧକ ସାଜିଛି କରୋନା। ଏ ସମ୍ପର୍କରେ ପୁରୀ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ବି.କେ. ନାୟକଙ୍କୁ ପଚାରିବାରେ କହିଛନ୍ତି, ଏ ପର୍ଯ୍ୟନ୍ତ ଜିଲାରେ ସେମିତି ଜଳ ସମସ୍ୟା ଉପୁଜି ନାହିଁ। ତଥାପି ଆମେ ଏହା ଉପରେ ନଜର ରଖିଛୁ। ବିଭିନ୍ନ ବ୍ଲକରେ ମୋବାଇଲ ଭ୍ୟାନ୍ ବୁଲି ଅଚଳ ନଳକୂପ ମରାମତି କରାଯାଉଛି। କୌଣସି ଗାଁରେ ଯଦି ଆଇରନ କିମ୍ବା କ୍ଲୋରାଇଡଯୁକ୍ତ ପାଣି ବାହାରୁଛି ସେହି ଗାଁରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେଉଛି। ଚଳିତବର୍ଷ ୧୨୦ଟି ଟ୍ୟାଙ୍କର ଯୋଗେ ଜିଲାର ବିଭିନ୍ନ ଅଞ୍ଚଳକୁ ଜଳଯୋଗାଣ ଲାଗି ଯୋଜନା ରହିଛି। ବର୍ତ୍ତମାନ ୪୦ଟି ଟ୍ୟାଙ୍କର ବିଭିନ୍ନ ବ୍ଲକରେ ପାନୀୟ ଜଳ ଯୋଗାଣ କରୁଛି।

# ପ୍ରବାସୀ ଶ୍ରମିକଙ୍କ କାମ ଚିନ୍ତାରେ ଆରଡି

ଯାଜପୁର ଅଫିସ,୨୩।୪

ମହାମାରୀ କରୋନା ସଂକ୍ରମଣ ପରେ ଯାଜପୁର ଜିଲାକୁ ପ୍ରବାସୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେଥିମଧ୍ୟରୁ ଅଧିକାଂଶ ପ୍ରଶାସନିକ ମାର୍ଗଦର୍ଶିକାକୁ ମାନି ପଞ୍ଜୀକରଣ କରିଥିବାବେଳେ କେତେଜଣ ଅମାନ୍ୟ ହୋଇ ଅନ୍ୟମାନଙ୍କ ଜୀବନ ପ୍ରତି ବିପଦ ସାଜିଛନ୍ତି। ବିଶେଷକରି ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ହଠାତ୍ ବୃଦ୍ଧି ପାଇବାରେ ଲାଗିଛି। ତେବେ ପ୍ରବାସୀଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ଲାଗୁ କରିଛନ୍ତି। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ(ଆରଡି)-୧ କର୍ତ୍ତୃପକ୍ଷ ପ୍ରବାସୀ ଶ୍ରମିକଙ୍କ ରୋଜଗାର ଚିନ୍ତାରେ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିରେ ୩୦ଟି ରାସ୍ତା ନିର୍ମାଣ ଓ ୨୧ଟି ଘର ରଙ୍ଗଲିପା କାର୍ଯ୍ୟରେ ୮,୮୨୪ ଜଣ ଶ୍ରମିକଙ୍କୁ ନିୟୋଜିତ କରିବାକୁ ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ତେବେ ପୂର୍ବ ପ୍ରାକୃତିକ ବିପର୍ଯ୍ୟୟରେ ଜିଲାର କ୍ଷତିଗ୍ରସ୍ତ ରାସ୍ତାଘାଟ ନିର୍ମାଣ ଓ ମରାମତି ନାମରେ ଆବଣ୍ଟିତ ଅର୍ଥକୁ ଯେଭଳି ଭାବେ ବିନିଯୋଗ ହୋଇଛି ତାକୁ ଅବଲୋକନ କଲେ ଉପରୋକ୍ତ ଶ୍ରମିକଙ୍କ ପାଇଁ ରୋଜଗାର ଚିନ୍ତା ପ୍ରହସନ ବୋଲି କୁହାଯାଉଛି।

ଫନୀ, ତିତ୍‌ଲି ବାତ୍ୟାରେ ଜିଲାର ରାସ୍ତା, ଗୃହ, ପାନୀୟ ଜଳ ପ୍ରକଳ୍ପ ଆଦି କିଛିମାତ୍ରାରେ ପ୍ରଭାବିତ ହୋଇଥିଲା। କିନ୍ତୁ ବହୁ କୋଟି ଟଙ୍କାର କ୍ଷତି ହୋଇଥିବା ଦର୍ଶାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏଥିରେ ବ୍ୟାପକ ଅନିୟମିତତା କରାଯାଇ ଲକ୍ଷାଧିକ ଟଙ୍କା କେତେଜଣ ଯନ୍ତ୍ରୀ, ଅଫିସର, ଠିକାଦାର ଓ ନେତା ଚଳୁ କରିଥିବା ଅଭିଯୋଗ ହୋଇଥିଲା। ଏହାବାଦ୍ ୧୦୪ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପର ତୁରନ୍ତ ମରାମତି ଓ ପୁନରୁଦ୍ଧାର ପାଇଁ ୧ କୋଟି ୫୩ ଲକ୍ଷ ୯୭ ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ତେବେ ତିତ୍‌ଲିରେ କୌଣସି ଜଳଯୋଗାଣ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇ ନ ଥିଲା। ଏପରି କି ଉକ୍ତ ଆବଣ୍ଟିତ

- ୮,୮୨୪ ପ୍ରବାସୀ ଶ୍ରମିକଙ୍କ ପାଇଁ ୧.୪ କୋଟି ଟଙ୍କାର ବ୍ୟୟ ଅଟକଳ
- ଉପଯୁକ୍ତ ଭାବେ ଖର୍ଚ୍ଚ ହେବା ସନ୍ଦେହ

ଅର୍ଥରେ କୌଣସି ମରାମତି ହୋଇ ନ ଥିବା ସେତେବେଳେ କେତେକ ଗ୍ରାମର ବାସିନ୍ଦାଙ୍କ ପକ୍ଷରୁ ସୂଚନା ମିଳିଥିଲା। ଏବେ ଲକ୍‌ଡାଉନ ଯୋଗୁ ଜିଲାର ହଜାର ହଜାର ଶ୍ରମିକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ଶିଳ୍ପ ଓ ଖଣି କମ୍ପାନୀରୁ ବହୁ ଶ୍ରମିକ ଛଟେଇ ହୋଇ ଅଭାବ ଅନଟନରେ ଜିଉଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ପ୍ରବାସୀଙ୍କ ପାଇଁ କର୍ମ ନିୟୋଜନ ଚିନ୍ତା ବାସ୍ତବରେ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିପାଇଁ ଯାଜପୁର, ବରୀ, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ୩ଟି ଲେଖାଏ, ସୁକିନ୍ଦା ବ୍ଲକର ୭, ଦାନଗଦି ବ୍ଲକର ଗୋଟିଏ ଏବଂ କୋରେଇ ବ୍ଲକର ୧୦ଟି ରାସ୍ତାର ମରାମତି କାର୍ଯ୍ୟ କରିବାକୁ ପ୍ରାୟ ୯୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ଏଥିରେ ୮,୩୭୪ ଜଣ ଶ୍ରମିକ ନିୟୋଜିତ ହେବା ସହ ୧୬୭ଟି ଟ୍ରାକ୍ଟର, ରୋଲର ଆଦି ବ୍ୟବହାର କରାଯିବ ବୋଲି ଆକଳନ କରାଯାଇଛି। ସେହିପରି ସୁକିନ୍ଦା ବ୍ଲକର ୧୧ ଓ କୋରେଇ ବ୍ଲକର ୧୦ଟି ବିଭିନ୍ନ ସରକାରୀ ଗୃହରେ ରଙ୍ଗଲିପା କାର୍ଯ୍ୟରେ ୪୫୦ ଜଣ ଶ୍ରମିକଙ୍କ ପାଇଁ ପ୍ରାୟ ୪୮ ଲକ୍ଷ ଟଙ୍କା ବ୍ୟୟଅଟକଳ ହୋଇଛି। ଏହି ଯୋଜନା ବାସ୍ତବରେ କାର୍ଯ୍ୟକାରୀ ହେଲେ ଜିଲାର ପାଖାପାଖି ୯ ହଜାର ପ୍ରବାସୀ ଶ୍ରମିକ ଉପକୃତ ହୋଇପାରିବେ। ନଚେତ୍ ଠିକାଦାର, ଅଧିକାରୀ ଓ ଯନ୍ତ୍ରୀଙ୍କ ପକେଟ ଗରମ ସାର ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରବାସୀ ଶ୍ରମିକଙ୍କ କର୍ମ ନିୟୋଜନ ପାଇଁ ଏକ ଯୋଜନା ପ୍ରସ୍ତୁତ ହୋଇଛି। ସେଥିପାଇଁ ଅନୁଦାନ ଆସିଲେ କାମ ହେବ। ଏଥିରେ ବହୁ ଶ୍ରମିକ ଉପକୃତ ହୋଇପାରିବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ସରପଞ୍ଚ, ବିଡିଓଙ୍କ ମଧ୍ୟରେ ଟଣାଓଟରା

ନୟାଗଡ ଅଫିସ/ଦଶପଲ୍ଲା, ୨୩।୪(ଡି.ଏନ.ଏ.): ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକରେ ସରପଞ୍ଚ ଓ ଦଶପଲ୍ଲା ବିଡିଓଙ୍କ ମଧ୍ୟରେ ଟଣାଓଟରା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। କେତେଜଣ ସରପଞ୍ଚ ଅଭିଯୋଗ କରିଛନ୍ତି ବିଡିଓ ସରପଞ୍ଚମାନଙ୍କର ଦାୟିତ୍ୱ ଓ କ୍ଷମତାକୁ ସଙ୍କୁଚିତ କରୁଛନ୍ତି। ଏପରି କି ସରପଞ୍ଚମାନଙ୍କୁ ଭୟଭୀତ କରାଇ ପଞ୍ଚାୟତ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ନଳକୂପ ସ୍ପେୟାର ପାର୍ଟସ କିଣା ଓ ସଙ୍ଗରୋଧ କକ୍ଷର ସରଞ୍ଜାମ ଯୋଗାଇବାରେ ଅଣଦେଖା ପରି ଅଭିଯୋଗ ଆଣି ନୟାଗଡ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ସେହିପରି ୫-ଟି ସଚିବ, ପଞ୍ଚାୟତିରାଜ ମନ୍ତ୍ରୀ ଓ ସଚିବ, ପିଡି ଡିଆରଡିଏ, ଦଶପଲ୍ଲା ବିଡିଓଙ୍କୁ ମଧ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ଦଶପଲ୍ଲା ବିଡିଓ ଦେବୀ ପ୍ରସାଦ ମହାନ୍ତି କୁହନ୍ତି, ସରପଞ୍ଚମାନଙ୍କ ଅଭିଯୋଗର ସତ୍ୟତା ନାହିଁ। ସରକାରୀ ନୀତିନିୟମ ଭିତରେ ସ୍ଥାନୀୟ ଲୋକଙ୍କ ଉନ୍ନତିକୁ ଆଖିଆଗରେ ରଖି ଯାହାକିଛି କରାଯାଇଛି।

### ମହାନଦୀରେ ବୁଡ଼ି ଯୁବକ ମୃତ

ଖଣ୍ଡପଡା,୨୩।୪(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ବଡ଼ବାଣପୁର ଗ୍ରାମ ଜଗନ୍ନାଥ ସାହିର ସୁରିଆ ଦାଶ (୪୪) ବୁଧବାର ମହାନଦୀରେ ବୁଡି ପ୍ରାଣ ହରାଇଛନ୍ତି। ସେ ସ୍ନାନ ନିମନ୍ତେ ନିକଟସ୍ଥ ହାଇସ୍କୁଲ ପାଖ ମହାନଦୀ ଘାଟକୁ ଯାଇଥିଲେ। ହେଲେ ଜଳ ସ୍ରୋତରେ ଭାସିଯାଇ ଆଉ କୂଳକୁ ଫେରିପାରି ନ ଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡା ପଠାଯାଇଥିବା ଖଣ୍ଡପଡା ଥାନା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ୧୩୫୦ ଲିଟର ପୋଚ ନଷ୍ଟ, ଜଣେ ଗିରଫ



ନୟାଗଡ ଅଫିସ,୨୩।୪: ନୟାଗଡ ଅବକାରୀ ବିଭାଗ କର୍ମଚାରୀ ଗୁରୁବାର ଖଣ୍ଡପଡା ଥାନାର ଅଁଳାମଡା ଜଙ୍ଗଲରେ ଚଢ଼ାଉ କରି ୧୩୫୦ ଲିଟର ପୋଚ ନଷ୍ଟ କରିଛନ୍ତି। ଏହାସହ ୬୦ ଲିଟର ଦେଶୀ ମଦ, ଏକ ସିଲିଂ ମେଶିନ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଅଁଳାମଡାର ବସନ୍ତ ମଲ୍ଲ(୬୦)ଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ବସନ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି।

### ୨୩ ଦିନ ଧରି ଜାରି ରଖିଛନ୍ତି ସେବା, ସଚେତନତା

ରସୁଲପୁର,୨୩।୪(ଡିଏନଏ): ଲକ୍‌ଡାଉନ ସମୟରେ ଦୀର୍ଘ ୨୩ ଦିନ ଧରି ଲୋକଙ୍କ ସେବା ଓ ସଚେତନତା ଜାରି ରଖିଛନ୍ତି ରସୁଲପୁର ବ୍ଲକ କୁଆଖିଆ ଅଞ୍ଚଳର କଳିଙ୍ଗ ଯୁବକ ସଂଘର ସଦସ୍ୟମାନେ। ସଦସ୍ୟମାନେ ନିଜ ପକେଟ ଖର୍ଚ୍ଚକୁ ସେୟାର କରି ଏଭଳି କାର୍ଯ୍ୟ ଜାରି ରଖିଥିବା ଜଣାପଡ଼ିଛି। ସେମାନେ ଜିଲାର ବିଭିନ୍ନ ସ୍ଥାନରେ ବୁଲି କରୋନା ପୀଡିତଙ୍କୁ ଖାଦ୍ୟ, ମାସ୍କ ବଣ୍ଟନ ସହ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରୁଛନ୍ତି। ଏହି କ୍ଷେତ୍ରରେ ଯୁବକଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ସେମାନଙ୍କ ନିସ୍ୱାର୍ଥପର ସେବା ଅନ୍ୟ ଯୁବକଙ୍କ ପାଇଁ ଉଦାହରଣ ପାଲଟିଛି। ସେମାନେ ଗୁରୁବାର ୫୦୦ଲୋକଙ୍କୁ ମାସ୍କ ବାଣ୍ଟିଛନ୍ତି। ଏଥିସହ କୁଆଖିଆ ବଜାର ଓଭର ବ୍ରିଜ୍ ତଳେ କେଳାବସ୍ତି, ଦିନମଜୁରିଆ, ଆଦିବାସୀ ସଂପ୍ରଦାୟର ଲୋକଙ୍କୁ ମାସ୍କ ଓ ସାବୁନ ସହ ଚୁଡା, ବିସ୍କୁଟ, ଚିନି, ଫଳ ଆଦି ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଯୁବ ସଂଘର ସଦସ୍ୟ ସତ୍ୟରଞ୍ଜନ ସାହୁ, ପ୍ରଶାନ୍ତ ଷଡ଼ଙ୍ଗୀ, ରାକେଶ ସାହୁ, ନାରାୟଣ ପରିଡା, ଶିଶିର ପଣ୍ଡା, ସୁବାସ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୧୮ ଦୋକାନରେ ତାଲା ମାରିଲା ପୌର ପ୍ରଶାସନ



ଏକ ଦୋକାନରେ ତାଲା ପକାଉଛନ୍ତି ପୌର କର୍ମଚାରୀ।

ନୟାଗଡ଼ ଅଫିସ,୨୩।୪

**ଲକ୍‌ଡାଉନ କଟକଣାକୁ ଅଣଦେଖା**

କରୋନା ପରିପ୍ରେକ୍ଷୀରେ ଲକ୍‌ଡାଉନ କଟକଣାକୁ ଅଣଦେଖା କରିବା ଅଭିଯୋଗରେ ନୟାଗଡ ପୌର ପ୍ରଶାସନ ପକ୍ଷରୁ ଗୁରୁବାର ସହରର ୧୮ ଦୋକାନରେ ତାଲା ପକାଇ ଦିଆଯାଇଛି। ଏଥିରେ ବହି, ସ୍ନାକ୍ସ, ଲୁହା, ପ୍ଲାଏ, ଟାୟାର, ଇଲେକ୍ଟ୍ରି ଆଦି ଦୋକାନ ରହିଛି। ଏ ନେଇ ନୟାଗଡ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ୨ଦିନ ହେଲା ନୟାଗଡ ସହରର କିଛି ଦୋକାନୀ ପ୍ରଶାସନ ନିର୍ଦ୍ଦେଶକୁ ଅଣଦେଖା କରିଆସୁଛନ୍ତି। ବନ୍ଦ କରିବାକୁ ବାରମ୍ବାର ପରାମର୍ଶ ଦିଆଯାଇଥିଲେ ମଧ୍ୟ କିଛି ବ୍ୟବସାୟୀ ଦୋକାନ ଖୋଲି ଗହଳି ଜମାଉଥିଲେ। ଏପରି କି ମନା କରିବା ପରେ ଦୋକାନ ବନ୍ଦ କରି କିଛି ସମୟ ପରେ ପୁଣି ଖୋଲି ଦେଉଥିଲେ। ଗୁରୁବାର ୧୮ ଦୋକାନରେ ତାଲା ପକାଇ ଚାବି ଅଣାଯାଇଛି। ଏକ ବଣ୍ଡ କରାଯାଇ ସେମାନଙ୍କୁ ଚାବି ଫେରାଯିବ। ପୁଣି ଅମାନିଆ ହେଲେ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବ।

# ବକେୟା ଦରମା ନ ଦେଲେ କାମ ବନ୍ଦ ଚେତାବନୀ

କାଳିଆପାଣି,୨୩।୪(ଡିଏନଏ)

ଲକଡାଉନରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ଦରମା କଟାଯାଇ ପାରିବ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ମାତ୍ର ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର କର୍ମଚାରୀ ଓ ଶ୍ରମିକଙ୍କ ଦରମା କଟାଯିବା ନେଇ ଉତ୍ତେଜନା ଦେଖାଦେଇଛି। ଉକ୍ତ ଖଣିରେ ବିଜିଆର ପ୍ରାଇଭେଟ ଲିମିଟେଡରେ ୬ଶହରୁ ଊର୍ଦ୍ଧ୍ୱ କର୍ମଚାରୀ କାମ କରନ୍ତି। ଏଭଳି ପରିସ୍ଥିତିରେ କାର୍ଯ୍ୟସ୍ଥଳରେ ମାଳମାଳ କର୍ମଚାରୀଙ୍କୁ କାର୍ଯ୍ୟ କରାଇବା, ମାସ୍କ ନ ଦେଇ କାର୍ଯ୍ୟ କରାଇବା ପରି ଅଭିଯୋଗ ହୋଇଆସୁଛି। ତେବେ କିଛିଦିନ ପୂର୍ବରୁ ବକେୟା ଦରମା ଦାବିରେ ସମ୍ପୃକ୍ତ ଠିକାସଂସ୍ଥାର ପରିଚାଳକ ଶିବା ରେଡ୍ଡି ଓ ଖଣି ନିଗମର ଦକ୍ଷିଣ କାଳିଆପାଣି ଖଣି ପରିଚାଳକ କାଠି ପ୍ରଧାନଙ୍କୁ ଶ୍ରମିକମାନେ ଅଟକ ରଖିଥିଲେ। କାଳିଆପାଣି ପୋଲିସ ଦୁଇ ଅଧିକାରୀଙ୍କୁ ଉଦ୍ଧାର କରିବା ସହ ଜିଲା ପ୍ରଶାସନ



ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସହ ବିଜିଆର ପରିଚାଳକଙ୍କ ଆଲୋଚନା।

ସହ ଆଲୋଚନା କରି ବକେୟା ଦରମା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତିକୁ ୪ଦିନ ବିତିଯାଇଥିବା ବେଳେ ବିଜିଆର ଠିକାସଂସ୍ଥା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଓଲଟା ଶ୍ରମିକ ଅନୁପସ୍ଥିତ ରହିଥିବା ଦିନଗୁଡ଼ିକର ମଜୁରୀ କାଟି ଦରମା ଦେବାକୁ ଠିକାସଂସ୍ଥା ଅଡ଼ିବସିଛି। ଯାହାକୁ ନେଇ ଠିକାସଂସ୍ଥା ଓ ଶ୍ରମିକ ସଂଘ କମିଟି ମଧ୍ୟରେ ଆଲୋଚନା ପରେ ମଧ୍ୟ ସମାଧାନ ହୋଇପାରି ନାହିଁ। ଫଳରେ ଗୁରୁବାର ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, ସହସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ସମେତ ବିଜିଆର ଶାଖା କମିଟି ଦକ୍ଷିଣ କାଳିଆପାଣି ଖଣି ନିଗମ ପରିଚାଳକ କାଠି ପ୍ରଧାନଙ୍କ ସହ ଆଲୋଚନା କରିବା ପରେ ଆଗାମୀ ଦୁଇଦିନରେ ସମାଧାନ ନ କଲେ ଖଣି କାର୍ଯ୍ୟ ବନ୍ଦ କରିଦିଆଯିବ ବୋଲି ଶ୍ରମିକ ସଂଘ ପକ୍ଷରୁ ଚେତବନୀ ଦିଆଯାଇଛି। ଏନେଇ ପରିଚାଳକ କାଠି ପ୍ରଧାନଙ୍କୁ ପଚାରିବାରୁ, ସେ ସମୟସୀମା ପୂର୍ବରୁ ଦରମା ପ୍ରଦାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ଆଶାକର୍ମୀଙ୍କୁ ଆକ୍ରମଣ: ଜଣେ ଗିରଫ

ଏରସମା, ୨୩।୪ (ସ୍ୱ.ପ୍ର.)

ଏରସମା ବ୍ଲକ ଆମ୍ବିକି ପଞ୍ଚାୟତ କଙ୍କଣ ଗ୍ରାମର ଆଶାକର୍ମୀ ସଙ୍ଗୀତା ମଣ୍ଡଳଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ସେହି ଗ୍ରାମର ରବୀନ ଦାସଙ୍କୁ ଗିରଫ କରିଛି। ରବୀନ, ଶ୍ରୀକାନ୍ତ ଦାସ ଓ ତାଙ୍କ ପରିବାରର ଅନ୍ୟ କେତେଜଣ ସଦସ୍ୟ ବାହାରୁ ଆସିଥିବା ସମ୍ପର୍କରେ ଆଶାକର୍ମୀ ସଙ୍ଗୀତା ବୁଝିବାକୁ ଯାଇଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରବୀନ ଓ ତାଙ୍କ ପରିବାର ଲୋକେ ସଙ୍ଗୀତାଙ୍କୁ ଆକ୍ରମଣ କରିଥିଲେ। ପୋଲିସ ୬୮/୨୦ ନଂ.ରେ ମାମଲା ରୁଜୁ କରି ରବୀନଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରିଣୀ ଦୀପ୍ତିମୟୀ ବିଶ୍ୱାଳ କହିଛନ୍ତି।

## ଜାଲିଆତି କରି ଧାନ ବିକ୍ରି କରିଥିଲେ ଅଙ୍ଗନୱାଡି କର୍ମୀ

ନୟାଗଡ ଅଫିସ/ଓଡଗାଁ,୨୩।୪(ସ୍ୱ.ପ୍ର.)

**ଏଆର୍‌ସିଏସ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ**

ନୟାଗଡ ଜିଲା ଓଡଗାଁ ତହସିଲ ପାଣ୍ଡେରୀପଡା ପ୍ରାଥମିକ କୃଷି ସମବାୟ ସମିତି ଅନ୍ତର୍ଗତ ଝାଡସାହିରେ ବିଜେ ରାଧାକୃଷ୍ଣ ଜୀଉ ଓ ଶ୍ରୀ ଲକ୍ଷ୍ମୀନାରାୟଣ ମହାପ୍ରଭୁଙ୍କ ଜମି କାଗଜାତକୁ ଜାଲିଆତି କରି ଧାନ ବିକ୍ରି କରାଯାଇଛି। ଉଭୟ ଠାକୁରଙ୍କ ଜମିର ମାର୍ଫତଦାରଙ୍କ ପୁତୁରା ଦର୍ଶାଇବା ସହ ନିଜକୁ ଭାଗଚାଷୀ କହି ଜଣେ ଅଙ୍ଗନୱାଡି କର୍ମୀ ଠାକୁରଙ୍କ ନାଁରେ ୨୦୨୦-୨୧ ଖରିଫ ଋତୁରେ ଧାନ ବିକ୍ରି କରିଛନ୍ତି। ଠାକୁରଙ୍କ ମାର୍ଫତଦାର ଟ୍ରଷ୍ଟି ଓ ଅଙ୍ଗନୱାଡି କର୍ମୀ ସମ୍ପର୍କୀୟ ନ ଥିବା ପ୍ରମାଣ ମିଳିସାରିଛି। ଏଭଳିସ୍ଥଳେ ଝାଡସାହି ଗ୍ରାମବାସୀ ଠାକୁରଙ୍କ ନାଁରେ ଧାନକିଣା ଅନିୟମିତତା ପର୍ଦ୍ଦାଫାସ କରି ନୟାଗଡ଼ ଜିଲାପାଳଙ୍କୁ ଅବଗତ କରାଇଥିଲେ। ହେଲେ ସୁଫଳ ମିଳି ନ ଥିଲା। ପରେ ଗ୍ରାମବାସୀ ୫-ଟି ସଚିବଙ୍କୁ ଫେରାଦ ହୋଇଥିଲେ। ଏ ସମ୍ପର୍କରେ କେବଳ ଧରିତ୍ରୀରେ ଗତ ମାର୍ଚ୍ଚ ୧୫ ତାରିଖରେ 'ସ୍କୁଲ କର୍ମଚାରୀ ଓ ଅଙ୍ଗନୱାଡି କର୍ମୀ ସାଜିଲେ ଠାକୁରଙ୍କ ଭାଗଚାଷୀ' ଖବର ପ୍ରକାଶ ପାଇଥିଲା। ଏହା ପରେ ରେଜିଷ୍ଟ୍ରାର ଅଫ କୋଅପରେଟିଭ ସୋସାଇଟି ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଅନିୟମିତତାର ୭ଦିନ ମଧ୍ୟରେ ତଦନ୍ତ କରି ପଦକ୍ଷେପ ନେବାକୁ ଚିଠି ଆସିଛି। କି ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ନୟାଗଡ ଏଆର୍‌ସିଏସ୍‌ଙ୍କୁ ନିର୍ଦ୍ଦେଶ ଅଛି। ଏ ନେଇ ପୁରୀ ଡିଆରସିଏସ୍ ପ୍ରଶାନ୍ତ ଦାଶ ଓ ନୟାଗଡ ଏଆର୍‌ସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, ରେଜିଷ୍ଟ୍ରାର ଅଫ କୋଅପରେଟିଭ ସୋସାଇଟିଙ୍କ ଚିଠି ମିଳିନି। ଏହା ମିଳିବା ପରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନରେ ଅବ୍ୟବସ୍ଥା

ଯାଜପୁର ଅଫିସ,୨୩।୪: ଲକଡାଉନ ଯୋଗୁ ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକ ଆର୍ଥିକ ଅନଟନର ଶିକାର ହୋଇଛନ୍ତି। ଏହାର ପ୍ରତିକାର ପାଇଁ ରାଜ୍ୟ ଶ୍ରମ ଆୟୁକ୍ତଙ୍କ ପତ୍ରସଂଖ୍ୟା ୬୮୪/୩।୪।୨୦୨୦ରେ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଯେଉଁମାନେ ନାମ ପଞ୍ଜୀକରଣ ସହ ନବୀକରଣ ଦେୟ ପୈଠ କରିଥିବେ ସେମାନେ ଏହି ଅର୍ଥ ପାଇବା ପାଇଁ ଯୋଗ୍ୟ ବୋଲି ସରକାର ଧାର୍ଯ୍ୟ କରିଛନ୍ତି। ଆଜକୁ ୨୦ଦିନ ଅତିବାହିତ ହୋଇଯାଇଥିଲେ ହେଁ ଯାଜପୁର ଜିଲାର ଅଦ୍ୟାବଧି ଶତକଡା ୩୦ଭାଗ ନିର୍ମାଣ ଶ୍ରମିକ ଅର୍ଥ ପାଇଛନ୍ତି। ଏପରିକି ୨୦୧୩ରୁ ନିର୍ମାଣ ଶ୍ରମିକଭାବେ ନାମ ପଞ୍ଜୀକରଣ କରିଥିବା ଶତାଧିକ ଶ୍ରମିକ ୭ବର୍ଷ ଧରି ନବୀକରଣ ଦେୟ ନ ଦେଇ ଅର୍ଥ ସହାୟତା ପାଉଛନ୍ତି ବୋଲି ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଅଭିଯୋଗ କରିଛନ୍ତି। ସେ ରାଜ୍ୟ ଶ୍ରମ ଆୟୁକ୍ତଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ଶ୍ରମ ଦପ୍ତର ଏହି ଅର୍ଥ ବଣ୍ଟନକୁ ଆଖିଆଗରେ ରଖି ସମସ୍ତ ଜିଲାପାଳଙ୍କୁ ପଞ୍ଜୀକୃତ ସଂଖ୍ୟା ଅନୁସାରେ ଏକ ତାଲିକା ସହିତ ଅର୍ଥ ପୈଠ କରିଥିଲେ। ସେହି ଅନୁଯାୟୀ ଜିଲାପାଳମାନେ ଶ୍ରମ ଅଧିକାରୀଙ୍କ ଦ୍ୱାରା ବ୍ଲକ ଓ ପୌର ସଂସ୍ଥାରେ ଥିବା ହିତାଧିକାରୀଙ୍କ ନାମ ଚିହ୍ନଟ କରି ଅର୍ଥ ବଣ୍ଟନର ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ। ତାଲିକାରେ କେତେଜଣ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ଛାଡ଼ି ଦେଲେ ବହୁତ ସଂଖ୍ୟାରେ ନିର୍ମାଣ ଶ୍ରମିକଙ୍କ ନାମ ନିଜ ଠିକଣାରେ ନ ରହି ଅନ୍ୟ ଗ୍ରାମ ପଞ୍ଚାୟତରେ ଉଲ୍ଲେଖ ରହିଛି। ଫଳରେ ଶ୍ରମିକ ଅର୍ଥ ପାଇବାରେ ବାଧକ ସୃଷ୍ଟି ହେଉଛି। ଜିଲାର ଶ୍ରମ ଅଧିକାରୀମାନେ ପଞ୍ଜୀକୃତ ଶ୍ରମିକ ସଂଗଠନ ସହିତ ତାଲିକା ଚିହ୍ନଟ ସମ୍ପର୍କରେ ଆଲୋଚନା ନ କରି ବ୍ଲକ ତଥା ପୌର ସଂସ୍ଥାଗୁଡ଼ିକୁ ନାମ ତାଲିକା ଓ ଟଙ୍କା ଧରାଇ ଘରେ ବସି ପଡୁଛନ୍ତି। ଯଦ୍ୱାରା ନିର୍ମାଣ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟରେ ପଞ୍ଜୀକୃତ ସମସ୍ତ ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ ଅର୍ଥ ସହାୟତା ଦେବା ଓ ସମସ୍ତ ପଞ୍ଜୀକୃତ ଅଣସଂଗଠିତ ଶ୍ରମିକଙ୍କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରିବା ସହିତ ସେମାନଙ୍କ ବ୍ୟାଙ୍କ ଖାତା ଜରିଆରେ ଅର୍ଥ ପୈଠ କଲେ ଏହାର ସ୍ଥାୟୀ ସମାଧାନ ହୋଇପାରିବ ବୋଲିସରକାରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

## ଶହୀଦ ବାସୁ-ବିସୁନିଙ୍କ ସ୍ମୃତିଚାରଣ

ରାଜକନିକା,୨୩।୪(ଡି.ଏନ.ଏ.)

ବ୍ରିଟିଶ ପୋଲିସ ଗୁଳିରେ ପ୍ରାଣବଳୀ ଦେଇଥିବା କନିକାର ଶହୀଦ ବାସୁ-ବିସୁନିଙ୍କ ଶହୀଦ ଦିବସ ଗୁରୁବାର ପାଳିତ ହୋଇଛି। ସାମାଜିକ ଦୂରତା ବଜାୟ ରଖି କନିକା ଶହୀଦ ସ୍ମୃତି ସଂସଦ ପକ୍ଷରୁ ବରିଷ୍ଠ ସଦସ୍ୟ ବସନ୍ତ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ସୁକାନ୍ତ ଦାଶଙ୍କ ସଂଯୋଜନାରେ ଉପସ୍ଥିତ ସଂସଦ ସଦସ୍ୟ କାଳୀପ୍ରସାଦ ନାୟକ, ଦାମୋଦର ଧଳ, ଗଙ୍ଗାଧର ମଲ୍ଲିକ, ହରେକୃଷ୍ଣ ବାରିକ, ଦିଲୀପ ରାଉତ, ବିଭୁକିଶୋର ଦାଶ ଓ ହରେକୃଷ୍ଣ ନାୟକ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ନିକଟରେ ଇହଲୀଳା ସମ୍ବରଣ କରିଥିବା ସଂସଦ ସଭାପତି ଲକ୍ଷ୍ମୀନାରାୟଣ ସାହୁଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ଆଇସୋଲେଶନ ସେଣ୍ଟରରେ ଅବ୍ୟବସ୍ଥା: ତଦନ୍ତ କଲେ ଜିଲାପାଳ

ଏରସମା, ୨୩।୪ (ସ୍ୱ.ପ୍ର.): ଏରସମା ବ୍ଲକ ଜିରାଇଲୋ ପଞ୍ଚାୟତସ୍ଥିତ ଜିରାଇଲୋ ନମୌଜୀ ହାଇସ୍କୁଲରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ଏଠାରେ ନାନା ଅବ୍ୟବସ୍ଥା ରହିଥିବା ଅଭିଯୋଗ ହୋଇଥିଲା। ଏ ନେଇ ୧୫ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗୁରୁବାର ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉକ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ବିଶେଷକରି ପରିବେଶ ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା ଓ ବେଡ୍ ବିଶୋଧିତ କରାଯାଉଛି କି ନାହିଁ ଆଦି ସମ୍ପର୍କରେ ଜିଲାପାଳ ତଦାରଖ କରିଥିଲେ। ଆଇସୋଲେଶନ ସେଣ୍ଟର ପରିଚାଳନା କରିବାକୁ ଜିଲାପାଳ ମହାପାତ୍ର ବିଡିଓଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାପାଳଙ୍କ ଗସ୍ତ ସମୟରେ ଏରସମା ବିଡିଓ କୈଳାସଚନ୍ଦ୍ର ବେହେରା, ଅତିରିକ୍ତ ବିଡିଓ ବିଜୟକେତନ ଚୌଧୁରୀ, ଏରସମା ଥାନା ଆଇଆଇସି ପ୍ରଶାନ୍ତ କୁମାର ମାଝି ପ୍ରମୁଖ ସାମିଲ ଥିଲେ।

## ୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ନାଉଗାଁ,୨୩।୪(ସ୍ୱ.ପ୍ର.)

**ପୁରୀରୁ ପଟ୍ଟାମୁଣ୍ଡାଇ ଚାଲାଣ ହେଉଥିଲା**

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅଧୀନ ଗଜରାଜପୁର ପଞ୍ଚାୟତ ଦେବୀଦୋଳ ସେତୁ ନିକଟରୁ ଗୁରୁବାର ୫ କିଲୋ ଗଞ୍ଜେଇ ସହିତ ଏକ ବାଇକ୍ ଜବତ ହୋଇଛି। ଏହି ଘଟଣାରେ ୨ଜଣ ଚୋରା ଗଞ୍ଜେଇ ବେପାରୀଙ୍କୁ ପୋଲିସ ଗିରଫ କରିଛି। ସେମାନେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ମୂଳବସନ୍ତ ଗ୍ରାମର ନୀଳ ବାରିକ ଓ ବିକାଶ କୁମାର ବଳ ବୋଲି ଜଣାପଡ଼ିଛି। ଏକ ପରିବା ବ୍ୟାଗରେ ଗଞ୍ଜେଇ ନେଇ ପୁରୀରୁ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇକୁ ଯାଉଥିଲେ। ପୋଲିସ ଯାଞ୍ଚ ବେଳେ ଧରା ପଡ଼ିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ।

ଉକ୍ତ ଚୋରା ବେପାରୀ ଦ୍ୱୟ ଗଞ୍ଜେଇ ବେପାର କରୁଥିବାରୁ ସମ୍ପୃକ୍ତ ଥାନାର ଜଣେ କର୍ମଚାରୀଙ୍କୁ ମାସକୁ ଜଣ ପିଛା ୨ ହଜାର ଟଙ୍କା ଦେଉଥିବା ପ୍ରକାଶ କରିଛନ୍ତି। ତେବେ ସମ୍ପୃକ୍ତ କର୍ମଚାରୀ ଅଧିକ ଉତ୍କୋଚ ମାଗିବାରୁ ସେମାନେ ଦେଇ ନ ଥିଲେ। ତେଣୁ ସମ୍ପୃକ୍ତ କର୍ମଚାରୀ ସେମାନଙ୍କୁ ଧରାଇ ଦେଇଛନ୍ତି ବୋଲି ଉଭୟେ କହିଛନ୍ତି। ଏମାନେ କେଉଁ କର୍ମଚାରୀଙ୍କୁ ଉତ୍କୋଚ ଦେଇ ନିର୍ଭୟରେ ବ୍ୟବସାୟ କରୁଥିଲେ ତାହାର ତଦନ୍ତ ପାଇଁ ଦାବି ହୋଇଛି। ସେହିପରି ଗଞ୍ଜେଇ ବେପାରର ଚେର ପୁରୀରୁ ପଟ୍ଟାମୁଣ୍ଡାଇ ଲମ୍ବିଥିବାବେଳେ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିପାରିବ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଖବର ଲେଖାହେବାବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିଲା। ଏସ୍‌ଡିପିଓଙ୍କ ନେତୃତ୍ୱରେ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ୨ ବ୍ୟକ୍ତିଙ୍କୁ କୋର୍ଟଚାଲାଣ କରାଯିବା ସହ ଘଟଣାର ତଦନ୍ତ କରାଯିବ ବୋଲି ଥାନାଧିକାରୀ ଗୋବର୍ଦ୍ଧନ ସାହୁ ପ୍ରକାଶ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ପୋହଳ ଗ୍ରାମର ଯୁବକ ବାବୁଲି ସାହୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବାରୁ ପୋଲିସ ତାଙ୍କୁ ଅଟକ ରଖିଛି।

# ପୋକ ଲାଗି ଉଜୁଡ଼ିଗଲା ଡାଲୁଅ ଧାନ

ରାଜକନିକା, ୨୨।୪ (ଡି.ଏନ୍.ଏ.)

**କାଳ ହେଲା କରୋନା ଲକ୍‌ଡାଉନ୍**

କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ରୋକିବାକୁ ସାରାଦେଶରେ ମେ ୩ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ମାର୍ଚ୍ଚ ୨୪ରୁ ଏପ୍ରିଲ ୨୦ ପର୍ଯ୍ୟନ୍ତ ଚାଷୀମାନେ ହାତବାନ୍ଧି ଘରେ ବସି ରହିଥିବା ବେଳେ ଏପ୍ରିଲ ୨୦ ତାରିଖରୁ ଚାଷ କାର୍ଯ୍ୟ ଆରମ୍ଭ ହେବା ଓ ଚାଷୀମାନେ କାର୍ଯ୍ୟ କରିବାକୁ ସରକାର ଅନୁମତି ପ୍ରଦାନ କରିଛନ୍ତି। ହେଲେ ପ୍ରାୟ ଏକ ମାସ ଧର ଚାଷ କାର୍ଯ୍ୟ ବନ୍ଦ ରହିବା ଯୋଗୁ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ରାଜକନିକା ବ୍ଲକ ଅଧୀନ ହାଟସାହି ଓ ପଧାନପଡା ପଞ୍ଚାୟତରେ ହଜାର ହଜାର ଏକ ଧାନ କେଣ୍ଡାରେ ପୋକ ଲାଗିଯିବା ଯୋଗୁ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏବେ ଧାନ କାଟିବାକୁ ଯିବା ପରେ ଫସଲ ନଷ୍ଟ ଦେଖି ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।



ପ୍ରଶାସନିକ ଅଧିକାରୀମାନେ ଉଜୁଡ଼ା କ୍ଷେତ ବୁଲି ଦେଖୁଛନ୍ତି।

ହାଟସାହି ଭେଡାରେ ଅବଦୁଲପୁର, ଅହମଦପୁର, ବଟରପଡା, ହାଟସାହି, ସିହୋପଡା ଓ କଣ୍ଡିଆ ଅଞ୍ଚଳର ପ୍ରାୟ ୨ହଜାର ଏକର ଜମିରେ ଚାଷୀମାନେ ଚଳିତ ବର୍ଷ ଡାଲୁଅ ଧାନ ଚାଷ କରିଥିଲେ। ସେହିପରି ପଧାନପଡା ପଞ୍ଚାୟତରେ ବାଲିସାହି, ବଡହଳପଡା, ସାନହଳପଡା, ପଧାନପଡା ଅଞ୍ଚଳରେ ହଜାର ହଜାର ଏକର ଜମିରେ ଧାନ ଚାଷ ହୋଇଥିଲା। ଚଳିତ ବର୍ଷ ଫସଲ ଭଲ ହୋଇଥିବା ବେଳେ ଲ୍‌ଡାଉନ୍ ସମୟରେ ଚାଷ କାର୍ଯ୍ୟ ବନ୍ଦ ରହିବା ଯୋଗୁ ଗଛରେ ପୋକ ଲାଗି ସମସ୍ତ ଫସଲ ନଷ୍ଟକରିଦେଇଛନ୍ତି। ଅତ୍ୟନ୍ତ ପରିଶ୍ରମ ସାଙ୍ଗକୁ ଧାର ଉଧାର ବା କରଜ କରି ଚାଷୀମାନେ ଚାଷ କାର୍ଯ୍ୟରେ ଲଗାଇଥିବା ବେଳେ ଏବେ ଉଜୁଡ଼ା କ୍ଷେତ ଦେଖି ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ଏହି ଧାନ ଅମଳ ହେବା ପରେ କୌଣସି ବ୍ୟବସାୟୀ ନେବେ ନାହିଁ ବୋଲି ସାନହଳପଡାର ଚାଷୀ ଅଭିମନ୍ୟୁ ରାଉତ କହିଛନ୍ତି। ତେବେ ବର୍ଷକର ଖାଇବା ଚିନ୍ତା ଓ ତା'ସାଙ୍ଗକୁ ଋଣ ସୁଝିବା ନେଇ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି ବୋଲି ହାଟସାହିର ଚାଷୀ ଅଭୟ କୁମାର ବେହୁରିଆ, ପଞ୍ଚାନନ ରାଉତ ଓ କାନନ ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି। ଚାଷୀମାନେ ଏ ନେଇ କେନ୍ଦ୍ରାପଡା ଜିଲାପାଳ, କନିକାର ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ବେହେରା ଓ ରାଜକନିକା ବ୍ଲକ ସହକାରୀ କୃଷି ଅଧିକାରୀଙ୍କୁ ଜଣାଇଛନ୍ତି। ତବେ କନିକାର ଅତିରିକ୍ତ ତହସିଲଦାର ବେହେରା ଓ ରାଜକନିକା ବ୍ଲକ ସହକାରୀ କୃଷି ଅଧିକାରୀ ଜ୍ୟୋତିର୍ମୟୀ ବେହେରା ଘଟଣାସ୍ଥଳରେ ପହଞ୍ଚି ପଧାନପଡ଼ା ଓ ହାଟସାହି ପଞ୍ଚାୟତ ଅଞ୍ଚଳର ଡାଲୁଅ ଧାନ କ୍ଷେତ ବୁଲି ଦେଖିଛନ୍ତି। ଲକ୍‌ଡାଉନ ଯୋଗୁ ଚାଷ କାର୍ଯ୍ୟ ବନ୍ଦ ରହିଥିବାରୁ ପୋକ ଧାନକେଣ୍ଡାକୁ ଖାଇ ନଷ୍ଟ କରିଦେଇଛନ୍ତି ବୋଲି ଚାଷି ରଣଜିତ୍ ପଟ୍ଟନାୟକ ଓ ବିମଳ ରାଉତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଛନ୍ତି। ଚାଷୀମାନଙ୍କର ଏଭଳି ଦୁର୍ଦ୍ଦିନରେ ସରକାର ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଜିଲାପ୍ରଶାସନ ନିକଟରେ ଦାବି କରିଛନ୍ତି।

# ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା ଢିଲା

ଭଦ୍ରକ ଅଫିସ, ୨୩।୪

ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହା ଭଦ୍ରକ ଜିଲା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ଜିଲାରେ ଏବେ ୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨ଜଣ ସୁସ୍ଥ ହୋଇଛନ୍ତି। ବାସୁଦେବପୁର ବ୍ଲକର ୯ ପଞ୍ଚାୟତ ଓ ଭଣ୍ଡାରିପୋଖରୀ ବ୍ଲକର ୨ ପଞ୍ଚାୟତ ମୋଟ ୧୧ ପଞ୍ଚାୟତରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇ ଯାତାୟାତରେ କଟକଣା ଜାରି କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟବସ୍ଥା କରାଯାଇଛି। ୩ଦିନ ମଧ୍ୟରେ ଚିହ୍ନଟ ହୋଇଥିବା ୮ କରୋନା ରୋଗୀଙ୍କ କଲିକତା ଲିଙ୍କ୍ ଥିବା କୁହାଯାଇଛି। ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା ଢିଲା ଯୋଗୁ ପଶ୍ଚିମବଙ୍ଗରୁ ଲୋକେ ମାଲବାହୀ ଗାଡ଼ି, କଣ୍ଟେନର, ମାଛଗାଡ଼ି ଯୋଗେ ଭଦ୍ରକ ଜିଲାକୁ ଅବାଧରେ ପ୍ରବେଶ କରୁଛନ୍ତି। ଗୁରୁବାର ଏକ କଣ୍ଟେନର ଯୋଗେ ୧୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭଦ୍ରକକୁ ଆସିଥିବା ଜଣାପଡ଼ିଛି। ରାଣୀତାଲ ବଜାର ନିକଟରେ ଲୋକମାନେ ଉକ୍ତ କଣ୍ଟେନରକୁ


ରାଣୀତାଲଠାରେ ଅଟକିଥିବା ଏକ କଣ୍ଟେନର୍।

ଅଟକାଇଥିଲେ। ସ୍ଥାନୀୟ ଲୋକେ ଯାଞ୍ଚ କରିବା ବେଳେ କଣ୍ଟେନର୍ ଭିତରେ ୧୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଥିବା ଜାଣିବାକୁ

## ପଶ୍ଚିମବଙ୍ଗରୁ କଣ୍ଟେନର୍‌ରେ ଆସୁଛନ୍ତି ଲୋକେ

ପାଇଥିଲେ। ଏନେଇ ପୋଲିସ ଓ ପ୍ରଶାସନକୁ ସ୍ଥାନୀୟ ଲୋକେ ଖବର ଦେଇଥିଲେ। କିନ୍ତୁ ପୋଲିସ କିମ୍ବା ପ୍ରଶାସନର କୌଣସି ଅଧିକାରୀ ସେଠାରେ ପହଞ୍ଚି ନ ଥିଲେ। ରାଣୀତାଲଠାରେ ଅଟକି ରହିଥିବା ଉକ୍ତ କଣ୍ଟେନର ଧାମନଗର ଅଭିମୁଖେ ଚାଲିଯାଇଥିଲା। ଜିଲା ପ୍ରଶାସନର ତଥ୍ୟ ମୁତାବକ ଭଦ୍ରକ ଜିଲାରେ ମାର୍ଚ୍ଚ ୨୨ତାରିଖଠାରୁ ବର୍ତ୍ତମାନ ସୁଦ୍ଧା ୮ଶହ ରୁ ଊର୍ଦ୍ଧ୍ୱ କଲିକତା ଫେରନ୍ତା ଚିହ୍ନଟ ହୋଇଥିବା କୁହାଯାଇଛି। କିନ୍ତୁ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଏହି ସଂଖ୍ୟା ହେବ ବୋଲି କୁହାଯାଉଛି। ଏମାନଙ୍କ ମଧ୍ୟରୁ ୩୧୯ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ଏମାନଙ୍କ ମଧ୍ୟରୁ ୧୯୮ ଜଣଙ୍କ ରିପୋର୍ଟ ଆସିସାରିଛି। ଏହି ୧୯୮ ମଧ୍ୟରୁ ୮ ପଜିଟିଭ ଥିବା ସୂଚନା ମିଳିଛି। ଏଣୁ କଲିକତାରୁ ଆସିଥିବା ଲୋକମାନଙ୍କ ତୁରନ୍ତ ରକ୍ତ ପରୀକ୍ଷା କରାଯାଇ କରୋନା ଚିହ୍ନଟ କରାଯିବା ପାଇଁ ଜିଲାବାସୀ ଦାବି କରିଛନ୍ତି।

# ୬ ଦୋକାନୀଙ୍କ ନାମରେ ମାମଲା ରୁଜୁ

ଭଣ୍ଡାରିପୋଖରୀ, ୨୩।୪ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଦୁଇଟି କରୋନା ରୋଗୀ ଚିହ୍ନଟ ହେବାପରେ ସଂପୃକ୍ତ ପଞ୍ଚାୟତ ଗୁଡ଼ିକୁ ପ୍ରଶାସନ ପକ୍ଷରୁ ସିଲ କରାଯାଇଛି। ଏହାଛଡା ଲକ୍‌ଡାଉନ୍‌କୁ ମଧ୍ୟ କଡ଼ାକଡ଼ି କରାଯାଇଛି। କେତକ ଦୋକାନୀ ଏହାକୁ ନ ମାନି ଦୋକାନ ଖୋଲୁଥିବା ନେଇ ଥାନାରେ ଅଭିଯୋଗ ହେଉଥିଲା। ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ବୁଧବାର ମଞ୍ଜୁରୀରୋଡ ଅଞ୍ଚଳର ୨ ଜଣ, ଛାତବର ଅଞ୍ଚଳର ଦୁଇ ଜଣ ଏବଂ ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ବଜାରର ଦୁଇ ଜଣ ଦୋକାନୀଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ବିରୋଧରେ ଥାନାରେ ପୃଥକ ମାମଲା (ନଂ.୮୧/୨୦) ଓ (ନଂ.୮୨/୨୦) ରୁଜୁ କରାଯାଇ ନୋଟିସ ଜାରି ହୋଇଥିବା ଥାନା ସୂତ୍ରରୁ ଜଣାଯାଇଛି।

# କେନ୍ଦୁଝର-ମୟୂରଭଞ୍ଜ ଜିଲା ସୀମାର ୮ ରାସ୍ତା ସିଲ୍

ପାଟଣା, ୨୩।୪(ସ୍ୱ.ପ୍ର.):

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ପ୍ରବେଶ ପଥର ୮ଟି ରାସ୍ତାକୁ ପାଟଣା ପୋଲିସ ସିଲ୍ କରିଛି। ଏହି ସୀମାବର୍ତ୍ତୀ ପ୍ରବେଶ ପଥରେ ତାର ଓ ବାଉଁଶ ବାଡ଼ ଦେଇ ବନ୍ଦ କରି ଦିଆଯାଇଛି। ଗୁରୁବାର ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକ ଓ ପାଟଣା ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ସିଲ୍ ହୋଇଥିବା ସ୍ଥାନ ବୁଲି ଦେଖିଥିଲେ। ତେବେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ରୋଗୀ ସେବା ଓ ଅତ୍ୟାବଶକ ସାମଗ୍ରୀ ପରିବହନ କରୁଥିବା ଯାନ ଗୁଡ଼ିକ ପୂର୍ବବତ୍ ଯିବା ଆସିବା କରିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଶ୍ରମିକ ମୃତ, ୨ ଆହତ

ରେମୁଣା/ସୋର,୨୩।୪ (ଡି.ଏନ୍.ଏ.)- ବାଲେଶ୍ୱର ଜିଲା ସୋର ଥାନା ୧୬ ନଂ. ଜାତୀୟ ରାଜପଥ ତଳନଗରଠାରେ ଏକ ଟ୍ରକ୍‌ରେ ମାଲ ବୋଝେଇ ହେଉଥିବା ବେଳେ ଅନ୍ୟ ଏକ ଟ୍ରକ୍ ଧକ୍କା ଦେଇଛି। ଘଟଣାସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ କଲିକତାରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଟ୍ରକ୍ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏହି ଟ୍ରକ୍‌ରୁ ବୁଧବାର ରାତିରେ ତଳନଗର ଗ୍ରାମର କେତେକ ଶ୍ରମିକଙ୍କ ଦ୍ୱାରା ଅନ୍ୟ ଏକ ଟ୍ରକ୍‌କୁ ମାଲ ବୋଝେଇ କରାଯାଉଥିଲା। ଏହି ସମୟରେ ଅନ୍ୟ ଏକ ଟ୍ରକ୍ ଆସି ଛିଡ଼ା ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶ୍ରମିକ ତପନ ବେହେରା (୪୨)ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଶ୍ରମିକ ଡମ୍ବରୁ ବେହେରା, ଶରତ ଦାସ ଗୁରୁତର ଆହତ ହୋଇ ସୋର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ବିବାହିତ ମହିଳାଙ୍କ ମୃତଦେହ ଉଦ୍ଧାର

ବଡ଼ବିଲ, ୨୩।୪(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଠାକୁରାଣୀ ଅଞ୍ଚଳର ଏକ ଆମ୍ବ ଗଛରୁ ଗୁରୁବାର ଜଣେ ବିବାହିତ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ହେଲେ ବିମଳା ପାତ୍ର(୩୭)। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବଡ଼ବିଲ ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

### ସାପ କାମୁଡ଼ାରେ ନାବାଳକଙ୍କ ଜୀବନ ଗଲା

ସୋର, ୨୩।୪(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ପାଖର ପଞ୍ଚାୟତର ସୀତାପୁର ଗ୍ରାମର ଶାଦ୍ଦିରୁଦ୍ଦିନ ଶାହଙ୍କର ପୁଅ ନାଜିରୁଦ୍ଦିନ(୧୭)ଙ୍କ ବୁଧବାର ରାତିରେ ବିଷାକ୍ତ ସାପ କାମୁଡାରେ ମୃତ୍ୟୁ ଘଟିଛି। ସୋର ପୋଲିସ ଖବର ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବାରିପଦାରେ ହେବ କରୋନା ପରୀକ୍ଷା

ବାରିପଦା ଅଫିସ, ୨୩।୪

ଆସନ୍ତା ୨୦ ଦିନ ଭିତରେ ବାରିପଦା ପିଆରଏମ୍ ମେଡ଼ିକାଲ୍ କଲେଜରେ କରୋନା ସ୍ୱାବ୍ ପରୀକ୍ଷା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ସୂଚନା ଦେଇଛନ୍ତି। ସେହିଭଳି ଗୁରୁବାର ଭିଡ଼ିଓ କନେଫେରେନ୍ସ ମାଧ୍ୟମରେ କୋଭିଡ୍ -୧୯ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗ ଦେଇଥିଲେ। ମୟୂରଭଞ୍ଜ ଜିଲାର ୫ଟି ବ୍ଲକର ସୀମା ପଶ୍ଚିମବଙ୍ଗ ସୀମା ସହ ଯୋଡ଼ି ହୋଇଥିବାରୁ ପିଆରଏମ୍ ମେଡ଼ିକାଲ କଲେଜରେ ସ୍ୱାବ ଟେଷ୍ଟିଙ୍ଗ ସେଣ୍ଟର ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ସେ ଦାବି ଉପସ୍ଥାପନ କରିଥିଲେ।

## କନ୍‌ଭେୟର ବେଲ୍ଟରେ ଚାପିହୋଇ କର୍ମଚାରୀ ମୃତ

ଚାନ୍ଦବାଲି, ୨୩।୪(ଡି.ଏନ.ଏ.)

ଭଦ୍ରକ ଜିଲା ଧାମରା ବନ୍ଦର(ଆଦାନୀ)ରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କର ଗୁରୁବାର କନଭେୟର ବେଲ୍ଟରେ ଚାପି ହୋଇ କର୍ମଚାରୀ ପ୍ରମୋଦ କୁମାର ପରିଡାଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଚାନ୍ଦବାଲି ବ୍ଲକ ଓରାସାହି ପଞ୍ଚାୟତରେ। କନ୍‌ଭେୟର ବେଲ୍ଟ ବନ୍ଦ ଥିବାବେଳେ ସେ ମରାମତି କାମ କରୁଥଲେ। ହଠାତ ବେଲ୍ଟ ଚାଲୁ ହୋଇ ଯାଇଥିଲା। ଫଳରେ ପ୍ରମୋଦ ଭାରସାମ୍ୟ ହରାଇ ବେଲ୍ଟ ଉପରେ ପଡିଯାଇଥିଲେ। ତାଙ୍କ ମୃତ୍ୟୁକୁ ନେଇ କାର୍ଯ୍ୟରତ ଶ୍ରମିକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବନ୍ଦର କର୍ତ୍ତୃପକ୍ଷ ଓ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ମୃତଦେହକୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଛି।

## ସୋସୋରେ ମାତିଛି ଦନ୍ତା

ହାଟଡିହୀ, ୨୩।୪(ଡି.ଏନ୍.ଏ.)

କରୋନା ସାଙ୍ଗକୁ ହାତୀ ଭୟ ଏବେ ଲୋକଙ୍କୁ ଚିନ୍ତାରେ ପକାଇଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଅଞ୍ଚଳରେ ଏକ ଦନ୍ତା ମାତିଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ହାତୀ ବାଡ଼ିବଗିଚାରେ ପଶି ପନିପରିବା ନଷ୍ଟ କରୁଛି। ସନ୍ଧ୍ୟା ହେଲେ ଲୋକେ ତାଟିକବାଟ ପକାଇ ଦେଉଛନ୍ତି। ଭୟରେ କେହି ବାହାରକୁ ବାହାରୁ ନାହାନ୍ତି। ହଦଗଡ଼ ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା



ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ମିଳିଛି। କ୍ଷତିପୂରଣ ପାଇଁ ଚାଷୀ ବୈଲୋଚନ ନାୟକ, ମମି ନାୟକ, ଦୀନବନ୍ଧୁ ପଣ୍ଡିତ, ପ୍ରୀତିଲତା ନାୟକ, ସୋନୁ ରାଉତ, କୈଳାସ ନାୟକ, ଅଶୋକ ମହାନ୍ତି, ଭରତ ରାଉତ ପ୍ରମୁଖ ଦାବି କରିଛନ୍ତି।

# ଖାଲି ପଡୁଛି ପୋଲିସ କ୍ୟାମ୍ପ

ବାରିପଦା ଅଫିସ, ୨୩।୪

ଦ୍ୱିତୀୟ ପର୍ଯ୍ୟାୟ ଲକ୍ ଡାଉନ ଆରମ୍ଭ ହେବା ପରେ ଗତ ୨୦ ତାରିଖଠାରୁ ଏହାକୁ କିଛି ମାତ୍ରାରେ କୋହଳ କରାଯାଇଛି। ଯାହାର ଫାଇଦା ଉଠାଇ ଲୋକେ ସହରରେ ବିନା କାରଣରେ ଯାତାୟାତ କରୁଛନ୍ତି। ଏଭଳି ସ୍ଥଳେ ବାରିପଦା ସହରରେ ଚେକିଂ ପାଇଁ ହୋଇଥିବା ବିଭିନ୍ନ ପୋଲିସ କ୍ୟାମ୍ପରେ ଯାଞ୍ଚ କରାଯିବା ବଦଳରେ ଏହା ଖାଲି ପଡୁଥିବା ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ନରେ ସହରର ବିଭିନ୍ନ ଛକରେ ଥିବା ପୋଲିସ କ୍ୟାମ୍ପ ଖାଲି ଥିଲା। ଷ୍ଟିଲ ଗୋଲେଇଠାରେ ହୋଇଥିବା ପୋଲିସ କ୍ୟାମ୍ପରେ କାହାର ଦେଖା ମିଳି ନ ଥିଲା। ଅନ୍ୟପଟେ ବାଇକ୍‌ରେ ଜଣଙ୍କରୁ ଅଧିକ ଲୋକ ନ ବସିବା ପାଇଁ ନିୟମ ଜାରି ହୋଇଥିବା ବେଳେ ସହରରେ ଯାତାୟାତ କରୁଥିବା ବାଇକ୍‌ରେ ଦୁଇରୁ ଅଧିକ ଜଣ ବସି ଯାଉଥିବା ଦେଖିବାକୁ ମିଳିଥିଲା। ପଡ଼ୋଶୀ ଜିଲା ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ କରୋନା କାୟା ବିସ୍ତାର କରିଥିବାରୁ ମୟୂରଭଞ୍ଜ ଜିଲାବାସୀ ଏହାକୁ ନେଇ ଆଶଙ୍କାରେ ରହିଛନ୍ତି। ଜିଲାର ମୋରଡ଼ା, ରାସଗୋବିନ୍ଦପୁର, ଶୁଳିଆପଦା, କୁଳିଅଣା ଓ ଖାରପୋଖରିଆ ବ୍ଲକ ପଶ୍ଚିମବଙ୍ଗ ସୀମାକୁ ଲାଗିଛି। ଦୁଇ ଦିନ ତଳେ ପୋଲିସ ମହାନିର୍ଦ୍ଦେଶକ



ସହରର ଷ୍ଟିଲ ଗୋଲେଇଠାରେ ଖାଲି ପଡ଼ିଥିବା ଏକ ପୋଲିସ କ୍ୟାମ୍ପ।

## ଲକ୍ ଡାଉନ କୋହଳ ପରେ ସହରରେ ଢିଲା ସୁରକ୍ଷା ବ୍ୟବସ୍ଥା

ଅଭୟ ଚକାଶୁଳିଆପଦା ଗେଟ୍‌ଠାରେ ସ୍ଥିତି ସମୀକ୍ଷା କରିଥିଲେ। ଏହା ପରେ ଜିଲାର ସମସ୍ତ ସୀମାରେ ୪ ପ୍ଲାଟୁନ ପୋଲିସ ଫୋର୍ସ ପୂର୍ବରୁ ମୁତୟନ ହୋଇଥିବା ବେଳେ ଆଉ ୨ ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ସୀମାରେ ନିୟୋଜିତ କରାଯାଇଛି। ତେବେ ସୀମା ସୁରକ୍ଷାକୁ ପୋଲିସ ଗୁରୁତ୍ୱ ଦେଉଥିବା ବେଳେ ସହରରେ ସୁରକ୍ଷା ବ୍ୟବସ୍ଥାକୁ ଭୁଲି ଯାଇଥିବା ଦେଖିବାକୁ ମିଳିଛି। ଜିଲାର ବିଭିନ୍ନ ଗ୍ରାମରେ ଅଧିକ ଗଳାବାଟ ରହୁଥିବାରୁ ଉକ୍ତ ରାସ୍ତା ଦେଇ ପଶ୍ଚିମବଙ୍ଗରୁ ଶ୍ରମିକମାନେ ଆସୁଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ ଯେ, କରୋନା ସନ୍ଦେହରେ ମୟୂରଭଞ୍ଜ ଜିଲାରୁ ୭୨୬ ଜଣ ସନ୍ଦିଗ୍ଧଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୭୨ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଅବଶିଷ୍ଟ ୨୫୪ ଜଣଙ୍କ ରିପୋର୍ଟ ଅପେକ୍ଷାରେ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଘରମୁହାଁ ଶ୍ରମିକଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିଲା ପ୍ରଶାସନ

ଭଞ୍ଜନଗର, ୨୩।୪(ଡି.ଏନ.ଏ)

ବ୍ରହ୍ମପୁରରୁ ଚାଲି ଚାଲି ପରିବାର ସହ ଘରକୁ ଫେରୁଥିବା ପଶ୍ଚିମ ଓଡ଼ିଶାର ଶ୍ରମିକମାନଙ୍କୁ ଭଞ୍ଜନଗର ବ୍ଲକ ଓ ଏନ୍‌ଏସି ପକ୍ଷରୁ ଗୁରୁବାର ଅଟକାଯାଇଛି। ଚାଲି ଚାଲି ଯାଉଥିବା ମୋଟ ୧୩ ଶିଶୁଙ୍କ ସମେତ ୬୦ ଜଣଙ୍କୁ ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ୍‌ରେ ରଖିବା ସହ ସମସ୍ତ ସୁବିଧା ଯୋଗାଇ ଦେଇଛି। ଜିଲା ବାହାରର ଏହି ଲୋକମାନଙ୍କୁ ବୁଧବାର ସୋରାଦେବୀ ମନ୍ଦିର ପରିସରରେ ରଖାଯାଇଥିଲା। ରାତିରେ ମୁଜାଗଡ଼ ହାଇସ୍କୁଲକୁ ପଠାଯାଇଥିଲା। ଗୁରୁବାର ସେଠାରେ ପଞ୍ଚାୟତର ଚାଉଳ ବଣ୍ଟା ହେଉଥିବା ଯୋଗୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ତେଣୁ ଦଦରାଲୁଣ୍ଡା ପଞ୍ଚାୟତ ବେଡ଼ିଗୋବା ରାତିରେ ଶାସନ ପକ୍ଷରୁ ସେମାନଙ୍କୁ ସ୍କୁଲକୁ ପଠାଯିବା ବ୍ୟବସ୍ଥା ହୋଇଛି ।


ମୁଜାଗଡ଼ ପଞ୍ଚାୟତ ପକ୍ଷରୁ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି ।

## ଗୋମାଂସ ଚାଲାଣ, ୨ ଗିରଫ

ଆର.ଉଦୟଗିରି, ୨୩।୪(ଡି.ଏନ.ଏ.)

ଆର.ଉଦୟଗିରି ଥାନା ରଣାଲଇ ଗ୍ରାମରୁ ବୁଧବାର ଗୋମାଂସ ଚାଲାଣ କରୁଥିବା ଅଭିଯୋଗରେ ବାଇକ୍ ସହ ୨ ଜଣକୁ ପୋଲିସ ଗିରଫ କରିଛି। ସେମାନେ ହେଲେ ରଣାଲଇ ଗ୍ରାମର ସୁକାନ୍ତ ପ୍ରଧାନ ଓ ପ୍ରଦୀପ କୁମାର ପାଣି। ବୁଧବାର ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଏବଂ ପୋଲିସ ଟିମ୍ ସହ କରୋନା ପାଇଁ ସଚେତନ କରିବାକୁ ରଣାଲଇ ଗ୍ରାମରେ ପହରା ଦେବା ବେଳେ ୨ ଜଣ ଯୁବକ ବାଇକ୍‌ରେ ଜରି ଅଖାଧରି ଆସୁଥିବା ଦେଖି ସନ୍ଦେହରେ ପଚରାଉଚରା କରି ଯାଞ୍ଚ କରିବାରୁ ସେଥିରେ ଗୋମାଂସ ଥିବା ଦେଖିଥିଲେ। ଆର.ଉଦୟଗିରି ଥାନାରେ ନଂ ୩୧/୨୦ ରେ ମାମଲା ରୁଜୁ କରି ପୋଲିସ ସେମାନଙ୍କୁ ଗିରଫ କରିଛି।

## ନିୟମ ଉଲ୍ଲଂଘନ:ପିଲାଙ୍କୁ ସ୍କୁଲରେ ବହି ବଣ୍ଟନ

ଦାରିଙ୍ଗବାଡ଼ି, ୨୩।୪(ଡି.ଏନ.ଏ.)

ସରକାରୀ ସ୍କୁଲର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷକମାନେ ପାଠ୍ୟପୁସ୍ତକ ନେଇ ଘରେ ଦେବାକୁ ସରକାରୀ ନିର୍ଦ୍ଦେଶ ରହିଛି। କିନ୍ତୁ ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନ୍‌ବାଡ଼ି ପଞ୍ଚାୟତ ଦାସିକେତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟମ ଉଲ୍ଲଂଘନ କରି ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଡକାଇ ବହି ଦିଆଯାଇଛି। ଏନେଇ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର

### ପ୍ରଶାସନ ନିର୍ଦ୍ଦେଶକୁ ବେଖାତିର

ସାହୁଙ୍କୁ ପଚାରିବାରୁ ସେ ଭୁଲ ସ୍ୱୀକାର କରିବା ସହ ଶୀଘ୍ର ପାଠ୍ୟପୁସ୍ତକ ବଣ୍ଟନ କରିବାକୁ ଏଭଳି କରିଥିବା କହିଛନ୍ତି। ବିଇଓ ବ୍ରାହ୍ମାନନ୍ଦ ରାଉତ କହିଛନ୍ତି, ସେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଘରେ ନେଇ ପାଠ୍ୟପୁସ୍ତକ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। କେତେକ ଶିକ୍ଷକ ଏହାକୁ ମାନିନାହାନ୍ତି। ଜିଲାପାଳ ଏହି ଘଟଣାର ତଦନ୍ତ କରିବେ ବୋଲି ସେ କହିଛନ୍ତି।

## ବ୍ରହ୍ମପୁର

### ଶୁଦ୍ଧିକ୍ରିୟାକୁ ଆସି କ୍ୱାରାଣ୍ଟାଇନ୍‌ରେ

ଆସିକା, ୨୩।୪(ଡି.ଏନ୍.ଏ.)

ଆସିକା ବ୍ଲକ ଭେଟନଇ ପଞ୍ଚାୟତର ଭେଟନଇ ଗ୍ରାମର ଗୋଟିଏ ପରିବାରର ୩ ଜଣ ଗୁରୁବାର ହାଇଦ୍ରାବାଦରୁ ଆସି ଗ୍ରାମରେ ପହଞ୍ଚିଥିଲେ। ବାପାଙ୍କ ଶୁଦ୍ଧିକ୍ରିୟା ଲାଗି ଏମାନେ ଗ୍ରାମକୁ ଆସିଥିଲେ। ତେବେ ପ୍ରଶାସନ ନିକଟରେ ଏହି ଖବର ପହଞ୍ଚିବା ପରେ ସମ୍ପୃକ୍ତ ପରିବାରକୁ ପଞ୍ଚାୟତ ପକ୍ଷରୁ ଖୋଲାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିବା ବିଡିଓ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

ଆସିକା, ୨୩।୪(ଡି.ଏନ୍.ଏ.)

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନ୍‌ବିସି କଲେଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କୋଭିଡ ସହାୟତା ପାଣ୍ଠିକୁ ୪୪,୯୩୦ ଟଙ୍କା ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀମାନେ ସେମାନଙ୍କର ଗୋଟିଏ ଦିନର ଦରମା ସହାୟତା ନିମନ୍ତେ ଏହି ପାଣ୍ଠିକୁ ଦାନ କରିଥିବା ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଆପଟ୍ଟ ସୂଚନା ଦେଇଛନ୍ତି ।

### ପୋଲିସ ଅଧିକାରୀଙ୍କୁ ପ୍ରଶଂସାପତ୍ର

ସୋରଡା, ୨୩।୪(ଡି.ଏନ୍.ଏ.)

ଭାଜପା ତରଫରୁ ଗୁରୁବାର ବରିଷ୍ଠ ନେତା ଭଗବାନ ପଣ୍ଡା କରୋନା ମୁକାବିଲା ପାଇଁ ଜନସାଧାରଣଙ୍କୁ ସଚେତନ କରୁଥିବା ପୋଲିସ ଅଧିକାରୀଙ୍କୁ ପ୍ରଶଂସାପତ୍ର, ମାସ୍କ ପ୍ରଦାନ କରିଛନ୍ତି। ଏଥିରେ ହରିହର ପଣ୍ଡା, ବାସୁଦେବ ସାହୁ, ଜାନକୀ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ଆଇଆଇସି ରମେଶ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର କୁରେଶ କୁମାର ଯାନୀ, ଡ. ସନ୍ତୋଷ କୁମାର ପଣ୍ଡା, ବି. ସୀମାଞ୍ଚଳ ମଣ୍ଡଳ, କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ କୁମାର ପ୍ରଧାନ ପ୍ରମୁଖଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଏଭଳି ରାଷ୍ଟ୍ରୀୟ ସଙ୍କଟ ସମୟରେ ସେବା କରୁଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ୫୦୩ ପଞ୍ଚାୟତ କ୍ୱାରାଣ୍ଟାଇନ୍ କେନ୍ଦ୍ର ବୁଲିବେ ଜିଲାପାଳ

ଛତ୍ରପୁର, ୨୩।୪(ଡି.ଏନ୍.ଏ.)

ଲକ୍‌ଡାଉନ୍ ପରେ ରାଜ୍ୟ ବାହାରୁ ଗଞ୍ଜାମ ଜିଲାର ବିଭିନ୍ନ ଗ୍ରାମକୁ ଫେରିବାକୁ ଥିବା ଲୋକେ ସେମାନଙ୍କ ପଞ୍ଚାୟତରେ ହୋଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହିବେ। କ୍ୱାରାଣ୍ଟାଇନ୍ କେନ୍ଦ୍ରଗୁଡିକର ଭିତ୍ତିଭୂମି ଅନୁଧ୍ୟାନ ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲାର ସମସ୍ତ ୫୦୩ କେନ୍ଦ୍ରକୁ ବ୍ୟକ୍ତିଗତ ଭାବେ ଯିବେ ବୋଲି ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତକୁ କେତେ ଲୋକ ଫେରିବେ, ସେମାନଙ୍କ କ୍ୱାରାଣ୍ଟାଇନ୍ ପାଇଁ କେଉଁ ସ୍ଥାନ ଚିହ୍ନଟ କରାଯାଇଛି, ଖାଇବା ବ୍ୟବସ୍ଥା, ବିଜୁଳି ସଂଯୋଗ, ପାନୀୟ ଜଳ ଓ ଶୌଚାଳୟ ସୁବିଧା ହୋଇଛି କି ନାହିଁ ଜିଲାପାଳ ତାହା ଅନୁଧ୍ୟାନ କରିବେ। ବରିଷ୍ଠ ଅଧିକାରୀମାନଙ୍କୁ ଭିନ୍ନ ଭିନ୍ନ ପଞ୍ଚାୟତର ଦାୟିତ୍ୱ ନ୍ୟସ୍ତ କରାଯିବ । ଜିଲାକୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାହାର ରାଜ୍ୟରୁ ଫେରିବେ ବୋଲି ପ୍ରତି ଗାଁରେ ଅଙ୍ଗନୱାଡି କର୍ମୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ ଓ ଅନ୍ୟମାନଙ୍କ ଦ୍ୱାରା ହୋଇଥିବା ସର୍ଭେରୁ ପ୍ରାଥମିକ ଆକଳନ କରାଯାଇଛି । ବାହାର ଫେରନ୍ତାଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ କିଟ୍ ଏବେଠାରୁ ପ୍ରସ୍ତୁତ ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ପଞ୍ଚାୟତସ୍ତରରେ ପରିଚାଳନା କମିଟି ଗଠନ କରାଯିବ। କେଉଁମାନଙ୍କୁ କ'ଣ ଦାୟିତ୍ୱ ଦିଆଯିବ ତାର ତାଲିକା ଏବେଠାରୁ ପ୍ରସ୍ତୁତ ହେବ। ସାମାଜିକ ଦୂରତ୍ୱ କିପରି ଅବଲମ୍ବନ କରାଯିବ ପ୍ରତ୍ୟେକ ବ୍ଲକ ନିଜ ନିଜର ଆଦର୍ଶ ମାର୍ଗଦର୍ଶିକା ପ୍ରସ୍ତୁତ କରି ଜିଲାପାଳଙ୍କୁ ଜଣାଇବେ। ଭିଡିଓ କନ୍‌ଫରେନ୍ସିଂରେ ସମସ୍ତ ବ୍ଲକ ସହ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି।

- ବାହାର ରାଜ୍ୟରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଗଞ୍ଜାମ ଫେରିବା ଆକଳନ
- ବରିଷ୍ଠ ଅଧିକାରୀଙ୍କୁ ପଞ୍ଚାୟତ ଦାୟିତ୍ୱ

## ପେଟ୍ରୋଲ ପମ୍ପରେ ଭାରିଯାନ ଚାଳକଙ୍କ ସ୍କ୍ରିନିଂ ବାଧ୍ୟତାମୂଳକ

ଛତ୍ରପୁର, ୨୩।୪(ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାର ପେଟ୍ରୋଲ କର୍ମଚାରୀଙ୍କ ସହ ତେଲ ପକାଇବାକୁ ଆସୁଥିବା ସମସ୍ତ ଭାରିଯାନ ଚାଳକ, ହେଲ୍‌ପର ଏବଂ ଗାଡ଼ିରେ ଅନ୍ୟ କେହି ଥିଲେ ତାଙ୍କର ଥର୍ମାଲ ସ୍କ୍ରିନିଂକୁ ବାଧ୍ୟତାମୂଳକ କରାଯାଇଛି। କାହାର କିଛି ଲକ୍ଷଣ ଦେଖାଗଲେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କିମ୍ବା ସମ୍ପୃକ୍ତ ଅଞ୍ଚଳର ତଥା ଛତ୍ରପୁର, ଭଞ୍ଜନଗର ଓ ବ୍ରହ୍ମପୁର ଉପଜିଲାପାଳଙ୍କୁ ଜଣାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ଅଧିକାରୀମାନଙ୍କ ମୋବାଇଲ ନମ୍ବର ଦିଆଯାଇଛି। ସେହିପରି ସ୍କ୍ରିନିଂ କରାଯାଇଥିବା ବ୍ୟକ୍ତିଙ୍କ ମୋବାଇଲ ନମ୍ବର ସହ ସମସ୍ତ ତଥ୍ୟ ରଖାଯିବ। ହେଲ୍‌ମେଟ କିମ୍ବା ମାସ୍କ ପିନ୍ଧି ନ ଥିଲେ ତେଲ ନ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଦୋକାନ ସମ୍ମୁଖରେ ଗ୍ରାହକମାନେ ୨ ମିଟର ଦୂରତ୍ୱ ନ ରଖିଲେ ଦୋକାନୀଙ୍କଠାରୁ ୧ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି।

### ସାମାଜିକ ଦୂରତ୍ୱ ନ ଥିଲେ ୧ ହଜାର ଜରିମାନା ଦେବେ ଦୋକାନୀ

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୪.୭୧ ଲକ୍ଷ ପ୍ରଦାନ

ବ୍ରହ୍ମପୁର ଅଫିସ, ୨୩।୪

କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଗଞ୍ଜାମ ଜିଲା ବିଚାର ବିଭଗ ଅଧିକାରୀ ଓ କର୍ମଚାରୀଙ୍କ ତରଫରୁ ଗୁରୁବାର ୪ ଲକ୍ଷ ୭୧ ହଜାର ୫୮୬ ଟଙ୍କା ପ୍ରଦାନ କରାଯାଇଛି। ଜିଲା ସିଭିଲ ରେଜିଷ୍ଟ୍ରାର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ନଗଦ ଆକାରରେ ୨ ଲକ୍ଷ ୬୮ ହଜାର ୨୦୦ ଟଙ୍କା ଓ ଅନ୍‌ଲାଇନ୍‌ରେ ୨୧ ହଜାର ୫୦୨ ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ଗଞ୍ଜାମ ଜିଲା ବିଚାର ବିଭାଗ ଅଧିକାରୀମାନଙ୍କ ତରଫରୁ ୧ ଲକ୍ଷ ୮୧ ହଜାର ୮୮୪ ଟଙ୍କା ପ୍ରଦାନ କରାଯାଇଛି। ଏନେଇ ଜିଲା ଦୌରା ଜଜ୍ କୋର୍ଟ ନାଜିର ବିନୋଦ ପଣ୍ଡା ଓ ମୁଖ୍ୟ କିରାଣି ବିଜୟ କୁମାର ପାଣି ସୂଚନା ଦେଇଛନ୍ତି।

## ନିଜ ଖର୍ଚ୍ଚରେ ମାସ୍କ, ସାବୁନ ବାଣ୍ଟିଲେ ସ୍ୱାସ୍ଥ୍ୟକର୍ମୀ

ପାତ୍ରପୁର, ୨୩।୪(ଡି.ଏନ୍.ଏ.):

କରୋନା ସଂକ୍ରମଣ ରୋକିବା ପାଇଁ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛ। ଏଭଳି ସ୍ଥିତିରେ ଓଡ଼ିଶା ସୀମାନ୍ତରେ ଥିବା ଗୁଡ଼ିପଦର ପଞ୍ଚାୟତ ସ୍ୱାସ୍ଥ୍ୟକର୍ମୀ ତଥା ଆନ୍ଧ୍ରର କିଶୋର କୁମାର ପଟ୍ଟନାୟକ ନିଜ ଦରମା ଟଙ୍କାରେ ଘରେ ମାସ୍କ ତିଆରି କରି ବାଣ୍ଟୁଛନ୍ତି। ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଚାକିରି କରୁଥିବା ସ୍ୱାସ୍ଥ୍ୟକର୍ମୀ ଜଣେ ଦରଜୀଙ୍କୁ ଘରକୁ ଡକାଇ ମାସ୍କ ତିଆରି କରିଥିଲେ। ସେ ପ୍ରଥମେ ନିଜ ଦାୟିତ୍ୱରେ ଥିବା ଜୁଡ଼ିପଦର ଓ ବଳରାମପୁର ଗ୍ରାମରେ ଏହା ବାଣ୍ଟିବା ପରେ ଏବେ ବ୍ଲକର ୨୦ରୁ ଊର୍ଦ୍ଧ୍ୱ ଗ୍ରାମରେ ମାସ୍କ ସହ ସାବୁନ ବାଣ୍ଟିବା ଆରମ୍ଭ କରିଛନ୍ତି। ଦୈନିକ ୪ ଗ୍ରାମକୁ ଯାଇ ପଛୁଆବର୍ଗ, ଆଦିବାସୀ ଓ ଗରିବ ପରିବାରଙ୍କୁ କିଶୋର ଏସବୁ ବାଣ୍ଟିବା ସହ ସମସ୍ତଙ୍କୁ ସାମାଜିକ ଦୂରତା ବଜାୟ ରଖିବା, ଘରୁ ବାହାରକୁ ନ ବାହାରିବା ପାଇଁ ସଚେତନ କରୁଛନ୍ତି।


ଏକ ଗାଁରେ ସ୍ୱାସ୍ଥ୍ୟକର୍ମୀ କିଶୋର କୁମାର ପଟ୍ଟନାୟକ ସଚେତନ କରୁଛନ୍ତି ।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ବାଲିଗୁଡ଼ା, ୨୩।୪(ଡି.ଏନ୍.ଏ.)

ବାଲିଗୁଡା ଉପଖଣ୍ଡ କୋଟଗଡ଼ ବ୍ଲକ ମାଦାଗୁଡା ଗ୍ରାମର ରବି ମଲ୍ଲିକ ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ନିକଟସ୍ଥ କାଜୁ ବଗିଚାରେ କାମସାରି ଫେରିବାବେଳେ ସେ ବାର୍‌ହା ହାବୁଡ଼ରେ ପଡ଼ିଯାଇଥିଲେ। ତାଙ୍କ ଶରୀରରେ କ୍ଷତ ସୃଷ୍ଟି ହୋଇଛି। ପରିବାର ଲୋକେ କୋଟଗଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ରେଡ଼କ୍ରସ୍ ପାଣ୍ଠିକୁ ଏମ୍‌ପିଙ୍କ ସହାୟତା



**ଢେଙ୍କାନାଳ ଅଫିସ, ୨୩।୪:** କରୋନା ମୁକାବିଲା ଲାଗି ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଜିଲା ରେଡ୍‌କ୍ରସ୍ ପାଣ୍ଠିକୁ ଗୁରୁବାର ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ସୌଦାମିନୀ ସେଠୀଙ୍କୁ ଏମ୍‌ପି ଏ ସମ୍ପର୍କିତ ଚେକ୍ ପ୍ରଦାନ କରିଥିଲେ। ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଞ୍ଜନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ସଂକ୍ରମିତଙ୍କ ଚିକିତ୍ସା ଲାଗି ଜିଲାରେ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ଏମ୍‌ପି ସମୀକ୍ଷା କରିଥିଲେ। ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ପାଣ୍ଠି ବନ୍ଦୋବସ୍ତ କରିବାକୁ ଉଦ୍ୟମ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି।

### ସାବୁନ୍, ମାସ୍କ ବଣ୍ଟନ

**ଢେଙ୍କାନାଳ ଅଫିସ, ୨୩।୪:** ସଚେତନ ନାଗରିକ ଫୋରମ୍ ପକ୍ଷରୁ ଗୁରୁବାର ହାତ ତିଆରି ମାସ୍କ ଓ ସାବୁନ୍ ବଣ୍ଟନ କରାଯାଇଛି। ସଦର ବ୍ଲକ୍ ଭାଲିଆବୋଲକାଟେଣୀ ପଞ୍ଚାୟତର କଅଁରପୁର ଗ୍ରାମର ୪୦ ପରିବାର ଏବଂ ସପ୍ତଶଯ୍ୟା ପଞ୍ଚାୟତର ମାଝିସାହିରେ ୩୦ ପରିବାରକୁ ଏହି କରୋନା ପ୍ରତିରୋଧୀ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ମଙ୍ଗଳବାର ବଳଦିଆବନ୍ଧ ପଞ୍ଚାୟତ ପାଇକଦହିକୋର ଗ୍ରାମ ଦଳିତ ସାହିର ୫୦ ପରିବାର ଏବଂ ନଡ଼ିଆଳି ପଞ୍ଚାୟତ ଉଆସଡ଼ିହ ଗ୍ରାମ ଦେହୁରୀସାହିର ୭୦ ପରିବାରକୁ ଅନୁରୂପ ସାମଗ୍ରୀ ଦିଆଯାଇଥିଲା। ଫୋରମ୍‌ର ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଉପସଭାପତି ପଙ୍କଜ ନାୟକ ପ୍ରମୁଖ ଏଥିରେ ସହାୟତା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**ବଇଣ୍ଡା, ୨୩।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ଘନପୁର ଗ୍ରାମବାସୀ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୬ ହଜାର ୭୨୦ ଟଙ୍କା ଦାନ କରିଛନ୍ତି। ଗ୍ରାମ ସଭାପତି ଗୋବିନ୍ଦ ପ୍ରଧାନ, ବସନ୍ତ ପ୍ରଧାନ, ବୀରକିଶୋର ସାହୁ, ବିଷ୍ଣୁ ଚରଣ ସାହୁ, ଅରୁଣ ସାହୁ ପ୍ରମୁଖ ଗ୍ରାମବାସୀଙ୍କଠାରୁ ସଂଗ୍ରହ ଟଙ୍କା ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କୁ ପ୍ରଦାନ କରିଛନ୍ତି।

### ଆକ୍ରମଣ: ଅଭିଯୁକ୍ତ ଗିରଫ

**କଣିହାଁ,୨୩।୪(ଡି.ଏନ.ଏ.):** ଜମିଜମା ବିବାଦକୁ ନେଇ ଗତ ୧୫ ତାରିଖରେ କଣିହାଁ ବ୍ଲକ କୁଲେଇ ଗ୍ରାମରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ସମଲ ଥାନା ପୋଲିସ ଗୁରୁବାର ଅଭିଯୁକ୍ତ ଘନଶ୍ୟାମ ନାଏକଙ୍କୁ ଗିରଫ କରିଛି। ଆକ୍ରମଣର ଶିକାର ହୋଇଥିବା ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ଅଭିଯୋଗ ଆଧାରରେ ପୋଲିସ ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ଦୋକାନ ସିଲ୍ କଲା ପ୍ରଶାସନ

**ପାଲଲହଡା,୨୩।୪(ଡି.ଏନ.ଏ.):** ପାଲଲହଡା ଉପଖଣ୍ଡ ମୁଖ୍ୟ ବଜାରରେ ଥିବା ଏକ ଲେଡିଜ କର୍ଣ୍ଣରକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ କରି ଦୋକାନୀ ଜଣକ ବାହାରୁ ବନ୍ଦ କରି ଭିତରେ ବ୍ୟବସାୟ କରୁଥିବା ଜାଣି ପାଲଲହଡା ଥାନା ଅଧିକାରୀ କିଶୋର କୁମାର ସାମଲ, ତହସିଲଦାର ସ୍ୱାଗତ ଦାସଙ୍କ ନେତୃତ୍ୱରେ ଚଢ଼ାଉ କରି ତାହାକୁ ସିଲ୍ କରିଥିଲେ।

### ମାନସିକ ରୋଗୀ ଉଦ୍ଧାର

**ଢେଙ୍କାନାଳ ଅଫିସ, ୨୩।୪:** ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ଗ୍ରାମରେ ଜଣେ ମାନସିକ ରୋଗୀଙ୍କୁ ହେଲ୍‌ପିଂହ୍ୟାଣ୍ଡ ଏସ୍-୨ର ସ୍ୱେଚ୍ଛାସେବୀମାନେ ଗୁରୁବାର ଉଦ୍ଧାର କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ସୁଶାନ୍ତ କୁମାର ମାଝି, ଡିଏସ୍‌ଡବ୍ଲ୍ୟୁଓ ପ୍ରସନ୍ନ କୁମାର ମଲ୍ଲିକ ତାଙ୍କୁ କାମାକ୍ଷାନଗରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଥଇଥାନ କରିଛନ୍ତି। ସେହିପରି ବୁଧବାର ଢେଙ୍କାନାଳ ସହରରୁ ଜଣେ ଅସହାୟ ମହିଳାଙ୍କୁ ଉଦ୍ଧାର କରି ଥଇଥାନ କରାଯାଇଥିବା ଅନୁଷ୍ଠାନର ସଦସ୍ୟ ଷ୍ଟାଲିନ ମହାନ୍ତି, ରାକେଶ ପାତ୍ର, ସର୍ଫରଜ ଅଲ୍ଲୀ ସୂଚନା ଦେଇଛନ୍ତି।

# ଗରାଖ ନାହାନ୍ତି, ଶଢୁଛି କଖାରୁ

**ଢେଙ୍କାନାଳ ଅଫିସ, ୨୩।୪**



ଚାଷଜମିରେ ପଡ଼ିରହିଥିବା କଖାରୁ।

- **ଲକ୍‌ଡାଉନ୍ ପାଇଁ ଆସୁନାହାନ୍ତି ବ୍ୟବସାୟୀ**
- **ଖରାବର୍ଷାରେ ପଡ଼ିରହିଛି ୫୦ ଟନ୍ ଫସଲ**
- **ଚିନ୍ତାରେ ୨୦ରୁ ଉର୍ଦ୍ଧ୍ୱ ଚାଷୀ ପରିବାର**

କୁଡ଼ା ହୋଇଛି ପାଚିଲା କଖାରୁ। ଦେଖିଲେ ଆଖି ଲାଖିଯିବ। ହେଲେ ଏପରି ସ୍ୱାଦିଷ୍ଟ, ପୁଷ୍ଟିକର ପରିବା ନେବାକୁ କେହିନାହାନ୍ତି। ଚାଷୀ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଲକ୍‌ଡାଉନ୍ ପାଚେରି ସାଜିଥିବାବେଳେ ଖରାବର୍ଷାରେ ୫୦ଟନ୍‌ରୁ ଉର୍ଦ୍ଧ୍ୱ କଖାରୁ ପଚିଶଢ଼ି ନଷ୍ଟ ହେବାକୁ ବସିଲାଣି। କରୋନା କଟକଣା ଚାଷୀ, ଶ୍ରମଜୀବୀଙ୍କ ଅଣ୍ଟା ଭାଙ୍ଗି ଦେଇଥିବାବେଳେ ଏବେ କଖାରୁ ବିକ୍ରି କେମିତି ହେବ ସେହି ଚିନ୍ତାରେ ଅଛନ୍ତି ଢେଙ୍କାନାଳ ସଦର ବ୍ଲକ ବଣସିଂହ ପଞ୍ଚାୟତ ଶଙ୍କରପୁର ମୌଜାର ୨୦ରୁ ଉର୍ଦ୍ଧ୍ୱ ଚାଷୀ ପରିବାର।

କଖାରୁ ଚାଷ ପାଇଁ ପ୍ରସିଦ୍ଧ ଶଙ୍କରପୁର ମୌଜାର ବ୍ରାହ୍ମଣୀ ନଦୀ ଅବବାହିକା। ନଦୀକୂଳିଆ ୩୩ ଏକର ଜମିରେ ୨୦ ଚାଷୀ ପରିବାର ପ୍ରତିବର୍ଷ କଖାରୁ ଚାଷ କରିଥାନ୍ତି। ଚଳିତ ବର୍ଷ ଅନୁକୂଳ ପାଗ ସାଙ୍ଗକୁ ଭଲ ଫସଲ ହୋଇଥିଲା। ହେଲେ ଉତ୍ପାଦନ ବେଳକୁ ଚଡ଼କ ସାଜିଛି କରୋନା। ଲକ୍‌ଡାଉନ୍ ଯୋଗୁ ବ୍ୟବସାୟୀ ଆସୁ ନ ଥିବାରୁ ତୋଳା ହୋଇଥିବା କଖାରୁ ପଡିରହି ନଷ୍ଟ ହେବାକୁ ବସିଲାଣି। ଏ ନେଇ ଚାଷୀମାନେ ଜିଲା ଉଦ୍ୟାନ କୃଷି ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ସମସ୍ୟା ସମ୍ପର୍କରେ ବଣସିଂହ ପଞ୍ଚାୟତର ଚାଷୀ ବିଦ୍ୟାଧର ମଲ୍ଲିକ କୁହନ୍ତି, ଲକ୍‌ଡାଉନ୍ ଯୋଗୁ ଯାନବାହନ ଚଳାଚଳ ବନ୍ଦ ରହିଛି।

ତେଣୁ କଖାରୁ ବଜାରକୁ ପଠାଇବାରେ ସମସ୍ୟା ଉପୁଜିଛି। ଅନ୍ୟପଟେ ତୋଳା ଯାଇଥିବା କଖାରୁ ଜମି ନିକଟରେ ରଖାଯାଇଛି। ହାତୀ ନଷ୍ଟ କରିଦେବା ଭୟରେ ରାତିରେ ଜଗିବାକୁ ପଡୁଛି। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ବିପୁଳ କ୍ଷତି ସହିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏ ନେଇ ଜିଲା ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଭଗବାନ ଦାସ କୁହନ୍ତି, ଏ ସମ୍ପର୍କରେ ଅବଗତ ଅଛୁ। ତଥ୍ୟ ସଂଗ୍ରହ ପରେ ରାଜ୍ୟ ପାଇଁ ହୋଇଥିବା ପୋର୍ଟାଲରେ ରିପୋର୍ଟ ପ୍ରଦାନ କରାଯାଇଛି । ବଣସିଂହ ସମେତ ଭୁବନ ବ୍ଲକରେ ମଧ୍ୟ ଏହି ସମସ୍ୟା ଦେଖାଦେଇଛି। ପୋର୍ଟାଲରେ ଦିଆଯାଇଥିବା ରିପୋର୍ଟ ଫଳପ୍ରଦ ହେବ ବୋଲି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଆଶାବ୍ୟକ୍ତ କରିଛନ୍ତି।

# ୨ ଦିନରେ ଲକ୍ଷେ ଟଙ୍କା ଜରିମାନା

**କାମାକ୍ଷାନଗର, ୨୩।୪(ଡି.ଏନ.ଏ.)**

ଲକ୍‌ଡାଉନ୍ ଉଲ୍ଲଂଘନକାରୀଙ୍କୁ ସାବାଡ଼୍ କରିବାକୁ ଆକ୍ସନ ମୋଡ୍‌କୁ ଆସିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ପୋଲିସ। ଗତ ଦୁଇଦିନରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଲକ୍‌ଡାଉନ୍ ସମୟରେ ସରକାରୀ ନିର୍ଦ୍ଦେଶ ପାଳନ କରିବାକୁ ସହରବାସୀଙ୍କୁ ସଚେତନ କରାଯାଉଛି। ଏହାସତ୍ତ୍ୱେ କେତେଜଣ ଅମାନିଆ ବିନା କାରଣରେ ଖୋଲାମେଲାରେ ବାଇକ୍ ଧରି ବୁଲୁଛନ୍ତି। ସେମାନେ ସାଧାରଣ ଟ୍ରାଫିକ୍ ନିୟମ ମଧ୍ୟ ମାନୁନାହାନ୍ତି। ଆଗାମୀ ଦିନରେ ଏପରି ବାଇକ୍ ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋଲି ଥାନା ଅଧିକାରୀ ଅଭିନବ ଡାଲୁଆ କହିଛନ୍ତି। ଯାଞ୍ଚ ସମୟରେ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ନିୟମ ଭାଙ୍ଗିଥିବା ଗାଡ଼ିଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଉଛି।

# ସମୟ ନୁହେଁ ସଂସାରର

**ଅନୁଗୋଳ ଅଫିସ, ୨୩।୪**

- **ବିବାହ ସ୍ଥଗିତ ରଖିଲେ ଲେଡି ଏସ୍‌ଆଇ**
- **୨୭ରେ ପଡ଼ିଥାନ୍ତା ହାତଗଣ୍ଠି**
- **ଟୁଇଟ୍ କରି କରୋନା ଯୋଦ୍ଧାଙ୍କୁ ଡିଜିପିଙ୍କ ପ୍ରଶଂସା**



କରୋନା ଯୋଦ୍ଧା ସାଜିଥିବା ଲେଡି ଏସ୍‌ଆଇ ଦେବଯାନୀ ଛତର।

ବହୁ ପୂର୍ବରୁ ସ୍ଥିର ହୋଇଥିଲା ବିବାହ। ତିଥି ଅନୁଯାୟୀ ତିନି ଦିନ ପରେ ପଡ଼ିଥାନ୍ତା ହସ୍ତଗଣ୍ଠି। ଏଥିପାଇଁ ଛୁଟି ମଧ୍ୟ ମିଳିସାରିଥିଲା ପୋଲିସ ବିଭାଗରୁ। ହେଲେ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ ବିବାହ ସ୍ଥଗିତ କରିଦେଲେ ଅନୁଗୋଳ ଜିଲା ଆଠମଲ୍ଲିକ ଥାନାର ଲେଡି ଏସ୍‌ଆଇ ଦେବଯାନୀ ଛତର। ତାଙ୍କର ଏପରି ନିଷ୍ପତ୍ତିକୁ ଉଚ୍ଚ ପ୍ରଶଂସା କରିଛନ୍ତି ପୋଲିସ ଡିଜି ଅଭୟ। ନିଜ ଟୁଇଟର ହ୍ୟାଣ୍ଡେଲରେ ଡିଜିପି ଏହି କରୋନା ଯୋଦ୍ଧାଙ୍କ ସମ୍ପର୍କରେ ତଥ୍ୟ ରଖିବା ପରେ ଦେବଯାନୀଙ୍କ ନିକଟକୁ ଛୁଟୁଛି ଶୁଭେଚ୍ଛାର ସୁଅ। ଦେବଯାନୀ କହିଛନ୍ତି, ଏ ସମୟ ନୂଆ ସଂସାର କରିବାର ନୁହେଁ ବରଂ କରୋନାରୁ ଲୋକଙ୍କୁ ସୁରକ୍ଷା ଦେବା ତାଙ୍କ ପାଇଁ ବଡ଼ ଆହ୍ୱାନ।

ବରଗଡ଼ ଜିଲା ସୋହେଲାର ଦେବଯାନୀ ୨୦୧୭ରେ ପୋଲିସ ବିଭାଗରେ ଯୋଗ ଦେଇଥିଲେ। କିଛିଦିନ ପୂର୍ବରୁ ତାଙ୍କର ବିବାହ କଟକ ସୂତାହାଟର ପ୍ରଭାତ ନାୟକଙ୍କ ସହ ସ୍ଥିର ହୋଇଥିଲା। ପ୍ରଭାତ ଆନ୍ଧ୍ରପ୍ରଦେଶର ଏକ ବ୍ୟାଙ୍କରେ ପିଓ ଭାବେ କାର୍ଯ୍ୟ କରୁଛନ୍ତି। ୨୭କୁ ତାରିଖ ଧାର୍ଯ୍ୟ ହୋଇଥିବାରୁ ଉଭୟ ପରିବାର ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। କିନ୍ତୁ କରୋନା ଯୋଦ୍ଧା ସାଜିଥିବା ଦେବଯାନୀ ଏପରି ପରିସ୍ଥିତିରେ ବିବାହ ଅପେକ୍ଷା କର୍ତ୍ତବ୍ୟ କରିବେ ବୋଲି ପରିବାରକୁ ଜଣାଇ ଦେଇଥିଲେ। ଛୁଟି ଆବେଦନ ଗ୍ରହଣ କରିଥିବା ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କୁ ମଧ୍ୟ ଦେବଯାନୀ କାର୍ଯ୍ୟ ଜାରିରଖିବେ ବୋଲି ଅବଗତ କରିଥିଲେ। ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଉଭୟ ପରିବାର ତିଥି ଘୁଞ୍ଚାଇ ଦେଇଥିଲେ। ସେହିପରି ଏସ୍‌ପି ମୀନା ଦେବଯାନୀଙ୍କ ସମ୍ପର୍କରେ ଅନୁଗୋଳ ଗସ୍ତରେ ଆସିଥିବା ପୋଲିସ ଡିଜିଙ୍କୁ ଜଣାଇବା ପରେ ଡିଜି ତାଙ୍କ ଟୁଇଟର୍ ହ୍ୟାଣ୍ଡେଲରେ ଏ ନେଇ ଦେବଯାନୀଙ୍କୁ ବେଶ୍ ପ୍ରଶଂସା କରିଛନ୍ତି।



ଖରାରୁ ରକ୍ଷା ପାଇଁ ଅନୁଗୋଳ ସହରରେ ୨ ଜଣ ମହିଳା ଛତା ଧରି ଯାଉଛନ୍ତି।

# କରୋନା ଯୋଦ୍ଧାଙ୍କୁ ବୀମାଭୁକ୍ତ କରିବାକୁ ଦାବି

**ଢେଙ୍କାନାଳ ଅଫିସ, ୨୩।୪**

କରୋନା ମହାମାରୀ ସମୟରେ ନିଃସ୍ୱାର୍ଥପର ଭାବେ କାମ କରୁଥିବା ପୋଲିସ ଏବଂ ସଫେଇ କର୍ମଚାରୀଙ୍କୁ ବୀମାଭୁକ୍ତ କରିବାକୁ ଢେଙ୍କାନାଳ ଜିଲା କଂଗ୍ରେସ ଦାବି କରିଛି। ସରକାରଙ୍କ ପକ୍ଷରୁ ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୫୦ଲକ୍ଷ ଟଙ୍କା ବୀମା ଘୋଷଣା ହୋଇଛି। କରୋନା ସଂକ୍ରମଣରେ ପ୍ରାଣ ହରାଇଲେ ପେନ୍‌ସନ୍ ବ୍ୟବସ୍ଥା ନିଷ୍ପତ୍ତିକୁ ଦଳ ସ୍ୱାଗତ କରିଛି। ଏଥିସହ ଗରିବଙ୍କୁ ପ୍ରଦାନ କରାଯାଉଥିବା ଅନୁଦାନ ଅନ୍‌ଲାଇନ୍‌ରେ ଜନଧନ ଆକାଉଣ୍ଟରେ ଜମା କରିବା, ଗ୍ରାମାଞ୍ଚଳରେ ଭ୍ରାମ୍ୟମାଣ ଏଟିଏମ୍ ସୁବିଧା, ପ୍ରବାସୀ ଓଡ଼ିଆଙ୍କ ସଂଖ୍ୟା ନିରୂପଣ, ଗଁଦିଆ ବ୍ଲକରେ ଉଜ୍ଜ୍ୱଳା ସଂଯୋଗରୁ ବଞ୍ଚିତ ଲୋକଙ୍କୁ ତୁରନ୍ତ ରନ୍ଧନ ଗ୍ୟାସ ଯୋଗାଣ, ଜିଲାପାଳ କ୍ଷମତା ପାଇଥିବା ସରପଞ୍ଚଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦେବା ଲାଗି ଦଳ ପକ୍ଷରୁ ଦାବି ହୋଇଛି। କୋଭିଡ୍-୧୯ ଆକ୍ସନ ଗ୍ରୁପ୍ ଅଧ୍ୟକ୍ଷ ଡା. ତୁଷାରକାନ୍ତି ନାୟକ, ଜିଲା କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ସଂଯୋଜକ ରୁଦ୍ର ପ୍ରକାଶ ଶରଣ, ସଂଯୋଜକ ଶେଷଦେବ ମହାପାତ୍ରଙ୍କୁ ନେଇ ଭିଡିଓ ଏବଂ ହ୍ୱାଟ୍‌ସଆପ୍‌ରେ ସମୀକ୍ଷା କରାଯାଇଥିଲା। ପ୍ରାରମ୍ଭରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

# କ୍ୱାରାଣ୍ଟାଇନ୍‌ରେ ରହିଲେ ଶ୍ରମିକ

**ଅନୁଗୋଳ ଅଫିସ, ୨୩।୪**

ରାଜ୍ୟ ଓ ଜିଲା ବାହାରୁ ଆସିଥିବା ୧୩ଜଣ ଶ୍ରମିକଙ୍କୁ ଗୁରୁବାର ଅନୁଗୋଳ ପୌର ପ୍ରଶାସନ ପକ୍ଷରୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏହି ୧୩ଜଣଙ୍କ ମଧ୍ୟରୁ ଜଣେ କଲିକତାରୁ ଆସିଥିବା ବେଳେ ଅନ୍ୟ ୧୨ଜଣ ଢେଙ୍କାନାଳ ଜିଲାରୁ ଆସିଛନ୍ତି। ଖବରପାଇ ମେଡିକାଲ ପ୍ରଶାସନ ପକ୍ଷରୁ ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି।

# ବାଇକ୍‌ରୁ ଖସି କନଷ୍ଟେବଲଙ୍କ ପ୍ରାଣହାନି

**ପାଲଲହଡା,୨୩।୪(ଡି.ଏନ.ଏ.)**

ପାଲଲହଡ଼ା ଥାନା ଝିମିରିପାଲି ନିକଟ ଜାତୀୟ ରାଜପଥ ୪୯ରେ ଗୁରୁବାର ବାଇକ୍‌ରୁ ଖସି କନଷ୍ଟେବଲ ବସନ୍ତ ଗାଗରାଇଙ୍କ ମୃତ୍ୟୁ ହୋଇଛି। ତାଙ୍କ ଘର ସ୍ଥାନୀୟ କାଇଁଶିରିପାଲିରେ। ସେ ରେଙ୍ଗାଲି ଥାନାରେ କାର୍ଯ୍ୟରତ ଥିଲେ ଓ ଡାକ ନେଇ ପାଲଲହଡା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପୋଲିସ ଅନୁମାନ କରିଛି। ଏ ନେଇ ନଂ. ୮୨/୨୦ରେ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ଥାନା ଅଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

# ଖାଦ୍ୟ ସାମଗ୍ରୀ ଦେଲା ଯୁବ ବିଜେଡି

**ବନ୍ତଳା,୨୩।୪(ଡି.ଏନ.ଏ.)**

ଅନୁଗୋଳ ବ୍ଲକ ଶୁଶୁଡା ପଞ୍ଚାୟତର ଆଙ୍ଗୁଲା ଗ୍ରାମରେ ଥିବା କେଦାରଗୌରୀ ଦୃଷ୍ଟିହୀନଧନ୍ଦାମୂଳକପ୍ରଶିକ୍ଷଣ କେନ୍ଦ୍ରକୁବିଜୁ ଯୁବ ଜନତା ଦଳ ତରଫରୁ ଗୁରୁବାର ୫୦ କେଜି ଚାଉଳ, ୫ କେଜି ଡାଲି ସହ ଅନ୍ୟ ଗ୍ରସେରି ସାମଗ୍ରୀ ପ୍ରଦାନ କରାଯାଇଛି। ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଦୀନେଶ ପ୍ରଧାନ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ସମସ୍ତ ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ। ଲକ୍‌ଡାଉନ ସମାପ୍ତ ହେବା ପର୍ଯ୍ୟନ୍ତ ବିଜୁ ଯୁବ ଜନତା ଦଳ ପକ୍ଷରୁ ଯଥା ସମ୍ଭବ ସହଯୋଗ ଜାରି ରଖାଯିବ ବୋଲି ଜିଲା ସଭାପତି ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଯୁବ ବିଜେଡି ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ ଓ ସପେନ୍ଦ୍ର ସାହୁ, ଆଦିତ୍ୟ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ କେନ୍ଦ୍ରରେ ଯୁବ ବିଜେଡିର ସଦସ୍ୟମାନେ।

# ବିଜେଡି ହୀନ ରାଜନୀତି କରୁଛି: ଛାତ୍ର କଂଗ୍ରେସ

**ଅନୁଗୋଳ ଅଫିସ, ୨୩।୪**

ଅନୁଗୋଳ ପୌରପାଳିକାରେ ଛାତ୍ର କଂଗ୍ରେସ ଓ ପୂର୍ବତନ କାଉନସିଲରଙ୍କ ଦ୍ୱାରା ଚାଲିଥିବା ସାନିଟାଇଜ୍ କାର୍ଯ୍ୟ ପୌରପ୍ରଶାସନ ବନ୍ଦ କରିବା ଦୁଃଖର ବିଷୟ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ଭବିଷ୍ୟତର ପୌର ନିର୍ବାଚନକୁ ଭୟ କରୁଥିବା ବିଜେଡି ଚାପ ପକାଇ ଏହି ସାନିଟାଇଜ୍ କାର୍ଯ୍ୟ ବନ୍ଦ କରାଇଥିବା ପୂର୍ବତନ କାଉନସିଲର ବଲ୍ଲବୀର ସିଂହ ଓ ଛାତ୍ର କଂଗ୍ରେସର ବିଶ୍ୱରଞ୍ଜନ ପାଣିଗ୍ରାହୀ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଏହା ଜିଲା ବିଜେଡିର ହୀନ ରାଜନୀତି ଓ ଔଷଧ ବିକଳରେ ଟାଟିଆ କାମୁଡ଼ିବା ସଦୃଶ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି।

ଉକ୍ତ ପ୍ରେସ୍ ବିବୃତିରେ ଦର୍ଶାଯାଇଛି ଯେ, କଂଗ୍ରେସ କରୁଥିବା ଏହି ସାନିଟାଇଜ୍ କାର୍ଯ୍ୟରେ ସରକାରୀ ଅର୍ଥ କି ପୌର ପରିଷଦର ଗାଡ଼ି ବ୍ୟବହାର ହୋଇନାହିଁ। ସରକାର ଏହାର ତଦନ୍ତ ମଧ୍ୟ କରିପାରିବେ। କିନ୍ତୁ ଏପରି କାର୍ଯ୍ୟରେ ସରକାରୀ ଅର୍ଥ ଓ ପୌର ପରିଷଦର ଗାଡ଼ି ବ୍ୟବହାର ହୋଇଥିବା ନେଇ ବିଜେଡି ଜିଲା ସଭାପତି ଯାହା କହୁଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। ଆଗକୁ ହେବାକୁ ଥିବା ପୌରନିର୍ବାଚନରେ ଅନୁଗୋଳବାସୀ ଏହାର ଜବାବ ବିଜେଡିକୁ ନିଶ୍ଚିତ ଦେବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, କୌଣସି ରାଜନୈତିକ ସଙ୍ଗଠନ ସିଧାସଳଖ କୋଭିଡ୍ ଆକ୍ଟିଭିଟିରେ ସାମିଲ ନ ହୋଇ ସରକାରୀ ଅଧିକାରୀଙ୍କୁ ସହାୟତା କରିପାରିବେ ବୋଲି ନିୟମ ରହିଛି। ଯେହେତୁ ସାନିଟାଇଜ୍ ଗାଡ଼ିରେ ନଗର କଂଗ୍ରେସ ପକ୍ଷରୁ ଦଳୀୟ ପୋଷ୍ଟର ମରାଯାଇଥିଲା ସେଥିପାଇଁ ଉକ୍ତ କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ କହିଛନ୍ତି, ପୌରପରିଷଦ କାର୍ଯ୍ୟାଳୟକୁ ନଗର କଂଗ୍ରେସ ନିଜ ଘର ବୋଲି ନ ଭାବୁ। ଏଭଳି କାର୍ଯ୍ୟରୁ ଦଳ ନିବୃତ୍ତ ରହୁ।

# ମାସ୍କ ନ ପିନ୍ଧି ଗଣିଲେ ଜରିମାନା

**ବଇଣ୍ଡା/ମାଧପୁର, ୨୩।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଆମ୍ବଶରମୁଣ୍ଡା ଅଞ୍ଚଳରେ ଗୁରୁବାର ମାସ୍କ ନ ପିନ୍ଧି ବୁଲୁଥିବା ୯ ଜଣ ଯୁବକଙ୍କଠାରୁ ପୋଲିସ ଜରିମାନା ଆଦାୟ କରିଛି। ଠାକୁରଗଡ ଆଇଆଇସି ଗବାକ୍ଷ ନାୟକ ଚଢ଼ାଉ କରି ୧୯ଶହ ଟଙ୍କା ଜରିମାନା ଆଦାୟ କରିବା ସହ ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ମାଧପୁର ବଜାରରେ ଆଠମଲ୍ଲିକ ପୋଲିସ ମାସ୍କ ପିନ୍ଧି ନ ଥିବା ୧୦ ଜଣଙ୍କ ଠାରୁ ୨୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରିଛି।

## ଫଟୋରେ ଖବର



ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ୧୭ହଜାର ୩୩୪ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।



ଢେଙ୍କାନାଳ ସଦର ବ୍ଲକ ବାରଦା ପଞ୍ଚାୟତର ଲୋକକଳା କଳାକାରମାନେ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୦ହଜାର ୮୦୦ଟଙ୍କା ଜିଲାପାଳଙ୍କ ଜରିଆରେ ପ୍ରଦାନ କରି ଫେରୁଛନ୍ତି।

ଧରିତ୍ରୀ
DHARITRI
ଶୁକ୍ରବାର, ୨୪ ଏପ୍ରିଲ, ୨୦୨୦



## ସଂକ୍ଷେପରେ

### ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସଚେତନତା

ପାଟଣାଗଡ, ୨୩।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଏବଂ ତୁରେକେଲା ବ୍ଲକର ମାଓବାଦୀ ପ୍ରଭାବିତ ଅଞ୍ଚଳର ବିଭିନ୍ନ ଗ୍ରାମରେ କରୋନା ଭୂତାଣୁକୁ ନେଇ ପୋଷ୍ଟର ମାଧମରେ ସଚେତନତା କରାଯାଇଛି। ତ୍ରିଲିଙ୍ଗେଶ୍ୱର, ଜୁନାନୀବାହାଲ, ରେଙ୍ଗାଲି, ବର୍ତିଆ, ସୁନାମୁଦି, ବୁଢାଛାପର, ମହଖଣ୍ଡ, ସାଲେପାଲି, ପଖନମୁଣ୍ଡା ପ୍ରଭୃତି ଗ୍ରାମରେ ବିଶ୍ୱ ଆରୋଗ୍ୟ ସଚେତନା ସମିତି ତରଫରୁ ଏହିପରି ସଚେତନ କରାଯାଇଛି। ଏହି ପୋଷ୍ଟରରେ ଲେଖାଯାଇଛି ଯେ, ମାଓବାଦୀମାନେ ନିଜ ଜୀବନ ସହିତ ସାଧାରଣ ଲୋକଙ୍କ ଜୀବନକୁ ମଧ ବିପଦକୁ ଠେଲିଦେବାକୁ ବସିଛନ୍ତି। ଗାଁମାନଙ୍କୁ ଯାଇ ସଭା କରିବା ବାହାନାରେ ଲୋକଙ୍କୁ ଡାକି ଏକାଠି କରି ଜୀବନ ପ୍ରତି ବିପଦ ଆଣୁଛନ୍ତି। ଏଥିଯୋଗୁ ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି। ତେଣୁ ନିଜକୁ ଏବଂ ସମାଜକୁ ବଞ୍ଚାଇବା ପାଇଁ ମାଓବାଦୀଙ୍କୁ ନିଜ ଗ୍ରାମରେ ପୁରାଇ ନ ଦେବାକୁ ପୋଷ୍ଟରରେ ନିବେଦନ କରାଯାଇଛି।

### ପଡ଼ିଆରୁ ଫେରିବା ବେଳେ ବଜ୍ରପାତ, ଯୁବକ ମୃତ

ଭଟଲି, ୨୩।୪(ଡି.ଏନ.ଏ.): ବରଗଡ଼ ଜିଲା ଭଟଲି ବ୍ଲକ କମଗାଁ ପଞ୍ଚାୟତ ଅଧୀନ ଅଇଁଲାପାଲି ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କିଶୋର ମାଝି (୧୮) । ସେ ଖେଳ ପଡିଆରୁ ସାଙ୍ଗମାନଙ୍କ ସହ ଫେରୁଥିବା ବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତଦେହକୁ ଶବାଗାରରେ ରଖାଯାଇଛି ଏବଂ ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି । ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୨୦/୨୦) ରୁଜୁ ହୋଇଛି ।

### ୭ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରାଗଲା

କୋକସରା, ୨୩।୪(ଡି.ଏନ୍.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ବିରିମୁହାଣ ଗ୍ରାମ ନିକଟସ୍ଥ ଏକ ନାଳରେ ଗୁରୁବାର ଦେଶୀ ହାତରନ୍ଧା ମଦ ତିଆରି ହେଉଥିଲା । ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ୭.୫ କୁଇଣ୍ଟାଲ ମହୁଲ ପୋଚ, ୨୦ଲିଟର ଦେଶୀ ହାତରନ୍ଧା ମଦ ଓ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଥିଲା। ଶେଷରେ ଉକ୍ତ ସାମଗ୍ରୀଗୁଡିକୁ ସେଠାରେ ନଷ୍ଟ କରାଯାଇଥିଲା।

# ମେ ୮ରୁ ଖୋଲିବ ଧାନମଣ୍ଡି

**ବରଗଡ଼ ଅଫିସ୍, ୨୩।୪**

ରବିଋତୁ ଧାନ ସଂଗ୍ରହ ପାଇଁ ଗୁରୁବାର ବରଗଡ଼ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ନୀତି ନିର୍ଦ୍ଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼, ଅତାବିରା, ପଦ୍ମପୁର, ବରପାଲି, ବିଜେପୁରର ଓସୱାନ ହଲଗୁଡ଼ିକରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଏହି ବୈଠକ ହୋଇଥିଲା। ଆସନ୍ତା ମେ ୮ତାରିଖରୁ ରବିଋତୁ ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । ମାତ୍ର ଚାଷୀ ପ୍ରତିନିଧିମାନେ ମେ’ ପହିଲାରୁ ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି ଉପସ୍ଥାପନ କରିଥିଲେ ।

ଏଥର ୧୨୪ଟି ମାର୍କେଟ୍ ୟାର୍ଡରେ ୫୧ଟି ପ୍ୟାକ୍ସ, ୧୪ଟି ଏସ୍ଏଚ୍‌ଜି ଗ୍ରୁପ୍ ଜରିଆରେ ଯୋଗାଣ ନିଗମ ଧାନ ସଂଗ୍ରହ କରିବ ଏବଂ କଷ୍ଟମ ମିଲିଂ ମାଧ୍ୟମରେ ୧୧୪ଟି ମିଲର୍ସ ସାମିଲ ହେବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଜୁନ୍ ୧୫ତାରିଖ ସୁଦ୍ଧା ଧାନ ସଂଗ୍ରହ ପ୍ରକ୍ରିୟା ଶେଷ କରିବାକୁ ଥିବାରୁ ଆବଶ୍ୟକ ପଡ଼ିଲେ ନୂଆ ମଣ୍ଡି ଖୋଲାଯିବ ବୋଲି ମଧ୍ୟ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ। ତେବେ ଏକର ପ୍ରତି କେତେ ପରିମାଣରେ ଧାନ ସଂଗ୍ରହ ହେବ, ତାହା ବୈଠକରେ ଚୂଡ଼ାନ୍ତ ହୋଇପାରି ନ ଥିଲା। ଗତଥର ଏକର ପ୍ରତି ୨୬ କୁଇଣ୍ଟାଲ ନିର୍ଦ୍ଧାରିତ ହୋଇଥିଲା। ଏହି ପରିମାଣ ଏଥର ବୃଦ୍ଧି କରିବାକୁ ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ମଣ୍ଡିରେ ପ୍ରତ୍ୟେକ ଦିନ କେବଳ ୩୦ଜଣ ଚାଷୀ ଧାନ ବିକ୍ରି କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ସେହିପରି ଚାଷୀମାନେ ମଧ୍ୟ ସାମାଜିକ ଦୂରତା ଅବଲମ୍ବନ ସହିତ ମାସ୍କ, ରୁମାଲ, ଗାମୁଛାରେ ମୁହଁକୁ ଘୋଡ଼ାଇ ରଖିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ଜିଲାର ୭୩ ହଜାର ୭୬୦ ହେକ୍ଟର ଜମିରେ ଧାନ ହୋଇଛି। ଏ ପର୍ଯ୍ୟନ୍ତ ୫୨ହଜାର ଚାଷୀଙ୍କ ପଞ୍ଜୀକରଣ ନବୀକରଣ ହୋଇଛି। ୨୦ହଜାର ୯୬୯ଜଣ ଚାଷୀ ନୂତନଭାବେ ପଞ୍ଜୀକରଣ କରିଥିବା ପ୍ରଶାସନିକ ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ସମୟ ଅବଧିକୁ ଆହୁରି ବଢ଼ାଇବାକୁ ଚାଷୀମାନେ ଦାବି କରିଥିଲେ । ଏହା ସହିତ ଧାନ ସଂଗ୍ରହ ପ୍ରକ୍ରିୟା ସମୟରେ ପଡ଼ୋଶୀ ଛତିଶଗଡ଼ରୁ ଜିଲାକୁ ଯେଭଳି ଧାନ ପ୍ରବେଶ କରି ନ ପାରିବ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ବୈଠକରେ ମତପ୍ରକାଶ ପାଇଛି। ଯୋଗାଣ ନିଗମ ଚାଷୀଙ୍କୁ ଅଖା (ବସ୍ତା) ଯୋଗାଇ ଦେବାକୁ ଦାବି ହୋଇଥିଲା । ସେହିପରି ଏଥର ଧାନ ଅମଳବେଳେ ଶ୍ରମିକ ଅଭାବ ପରିସ୍ଥିତି ଆଶଙ୍କା ରହିଥିବା ଯୋଗୁ ହୀରାକୁଦ ଜଳସେଚିତ ଅଞ୍ଚଳକୁ ବାହ୍ୟ ଜିଲାରୁ ଶ୍ରମିକଙ୍କ ପ୍ରବେଶ ଉପରେ ସୁଯୋଗ ଦେବା ପାଇଁ ଚାଷୀ ପ୍ରତିନିଧିମାନେ ମତପ୍ରକାଶ କରିଥିଲେ। ବୈଠକରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ବିଜେପୁର ବିଧାୟିକା ରୀତା ସାହୁ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ, ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସ୍ରାଙ୍କ ସମେତ ଚାଷୀ ପ୍ରତିନିଧି ଜୟକୃଷ୍ଣ ସାହୁ, କିଶୋର ଦେବତା, ରବୀନ୍ଦ୍ର ବିଶି ଏବଂ ମିଲର୍ସ ପ୍ରତିନିଧି ଉପସ୍ଥିତ ଥିଲେ ।

**ଭିଡିଓ କନଫରେନ୍ସିଂରେ ଧାନ ସଂଗ୍ରହ କମିଟି ବୈଠକ**



ବୈଠକରେ ଜିଲାପାଳ, ଜନ ପ୍ରତିନିଧି ଏବଂ ଅନ୍ୟମାନେ ।

# ଅମଳ ସମୟରେ ଉଜୁଡିଲା ଫସଲ

**ସମ୍ବଲପୁର, ୨୩।୪(ବ୍ୟୁରୋ)**

ରବିଧାନ ଅମଳ ଅବସ୍ଥାକୁ ଆସି ଯାଇଥିଲା। କରୋନା କଟକଣା ସତ୍ତ୍ୱେ ଚାଷର ଉପଯୁକ୍ତ ଯତ୍ନ ନେଇଥିଲା ଚାଷୀ। ହେଲେ ସମ୍ବଲପୁର ଜିଲାରେ ମଙ୍ଗଳବାର ସନ୍ଧ୍ୟାର ବର୍ଷା ଓ କରାମାଡ ସବୁ ଯେମିତି ଓଲଟପାଲଟ କରିଦେଲା। କ୍ଷେତରେ ହସୁଥିବା ସୁନାର ଫସଲ ଏବେ ଉଜୁଡି ଯାଇଛି। ପାଚିଲା ଧାନକେଣ୍ଡା ସବୁ ଝଡି କ୍ଷେତରେ ଲୋଟିଛି । ମାତ୍ର ୧୫ ମିନିଟର ତାଣ୍ଡବ ଚାଷୀ ପରିବାରକୁ ହତାଶା ମଧ୍ୟକୁ ଟାଣି ନେଇଛି। ଗତ ଦୁଇଦିନ ଧରି କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଛି ।

ସମ୍ବଲପୁର ମହାନଗରରେ ସାମିଲ ହୋଇଥିବା ମାନେଶ୍ୱର ବ୍ଲକର ୧୨ପଞ୍ଚାୟତର ଚାଷୀଙ୍କ ଫସଲ ବୀମାଭୁକ୍ତ କରାଯାଇନାହିଁ । ବ୍ୟାଙ୍କ ଓ ସମବାୟ ସମିତି ଋଣୀ ଓ ଅଣଋଣୀ ଚାଷୀଙ୍କ ବୀମା କରାଇନାହାନ୍ତି। ବୁଧବାର ଓ ଗୁରୁବାର କୃଷି ବିଭାଗ ପକ୍ଷରୁ ପ୍ରାଥମିକ କ୍ଷୟକ୍ଷତି ଆକଳନ କରାଯାଇଛି । ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ କ୍ଷତିଗ୍ରସ୍ତ କ୍ଷେତ ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି। ମାନେଶ୍ୱର ତହସିଲଦାର ମଧ କୃଷି ବିଭାଗ ସହ ମିଶି କ୍ଷୟକ୍ଷତି ଆକଳନ କରି ଚୂଡାନ୍ତ ରିପୋର୍ଟ ଦେବାକୁ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମିଳିଥିବା ରିପୋର୍ଟ ଅନୁସାରେ ବର୍ଷା ଓ କରାମାଡରେ ଯୁଯୁମୁରା ଓ ମାନେଶ୍ୱର ବ୍ଲକରେ ଅଧିକ ପ୍ରଭାବିତ ହୋଇଛି । ରେଙ୍ଗାଲି, ନାକଟିଦେଉଳ,ଜମନକିରା ବ୍ଲକରେ ଆଂଶିକ କ୍ଷତି ହୋଇଛି । ମୋଟ ୪ହଜାର ହେକ୍ଟର ରବିଧାନ ଫସଲ ଓ ୬ ଶହ ହେକ୍ଟର ପନିପରିବା ଚାଷ ନଷ୍ଟ ହୋଇଯାଇଛି । ମାନେଶ୍ୱର ବ୍ଲକରେ ୧୪ ପଞ୍ଚାୟତର ୭୧ ଗ୍ରାମର ୧୧୪୧ ହେକ୍ଟର, ଯୁଯୁମୁରା ବ୍ଲକରେ ୭ ପଞ୍ଚାୟତର ୩୩ ଗ୍ରାମର ୧୯୬୨ ହେକ୍ଟର, ଧନକଉଡା ବ୍ଲକରେ ୭ ପଞ୍ଚାୟତର ୨୪ ଗ୍ରାମରେ ୮୫୫ ହେକ୍ଟର ଜମି ପ୍ରଭାବିତ ହୋଇଛି। ଚାଷୀମାନେ କହିଛନ୍ତି, କରାମାଡରେ ପାଚିଲା ଧାନ ଝଡି ପଡିବାରୁ ପାଣିରେ ଭିଜି ବିଲରେ ଗଜା ହୋଇଯିବ । ପ୍ରଥମେ କରୋନା, ଏବେ ପ୍ରକୃତି ଚାଷୀ କୂଳକୁ ଉପରେ ଦାଉ ସାଜିଲା । ରାଜ୍ୟ ସରକାର ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।



ସମ୍ବଲପୁର ଜିଲା ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି ।

### ଧାନ ସଂଗ୍ରହ ବ୍ୟବସ୍ଥା ସୁଗମ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭବାନୀପାଟଣା, ୨୩।୪(ସ୍ୱ.ପ୍ର)**

ମହାମାରୀ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସାରାଦେଶରେ ଲକ୍ ଡାଉନ ସ୍ଥିତିରେ ରାଜ୍ୟର ଆର୍ଥିକ ମେରୁଦଣ୍ଡ ସାଜିଥିବା ଚାଷୀକୂଳ ଘୋର ସଙ୍କଟ ସମୟ ଦେଇ ଗତି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କଠାରୁ ଧାନ କିଣା ତଥା ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଏବେ ରବି ଧାନ ସଂଗ୍ରହ ସମୟ । କୃଷିଜାତ ଦ୍ରବ୍ୟର ସଂଗ୍ରହ ସହ ଧାନ କିଣା ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରି ବର୍ଷାଋତୁ ପୂର୍ବରୁ ସେହି କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ସେ ଅନୁରୋଧ କରିଛନ୍ତି। କରୋନା କଟକଣା ଯୋଗୁ ମଣ୍ଡିକୁ ଦିନକୁ ମାତ୍ର ୩୦ଜଣ ଚାଷୀ ଧାନ ବିକ୍ରି କରିବାକୁ ଆସିବେ। ମାତ୍ର ଏହି ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଧାର୍ଯ୍ୟ ପରିମାଣର ଧାନ ସଂଗ୍ରହ କରିବା ଆଦୌ ସମ୍ଭବ ନୁହଁ। ଯେଉଁଠି ପାଖରେ ମଣ୍ଡି ନାହିଁ, ସେଠାରେ ଏସ୍ଏଚ୍‌ଜି ତଥା ପଞ୍ଚାୟତ କର୍ମଚାରୀଙ୍କୁ ନିୟୋଜିତ କରି ଧାନ ସଂଗ୍ରହ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଛନ୍ତି।

# ଭଦ୍ରକରୁ ଅଫିସର ଆସିଥିବାରୁ ଭୟ

**ଗୁଡଭେଲା, ୨୩।୪(ଡି.ଏନ.ଏ.)**

କରୋନା ମୁକାବିଲା ପାଇଁ ସରକାର ମାର୍ଚ୍ଚ ୨୫ ତାରିଖରୁ ପ୍ରାୟ ସମସ୍ତ କାର୍ଯ୍ୟାଳୟ ବନ୍ଦ କରି ଦେଇଛନ୍ତି। ଏଣୁ ପ୍ରାୟ ଅଧିକାରୀ ଛୁଟି ଭାବି ନିଜ ନିଜ ଗାଁକୁ ଚାଲିଯାଇଛନ୍ତି। ହେଲେ ଏପ୍ରିଲ ୨୦ ତାରିଖରୁ କିଛି କାର୍ଯ୍ୟାଳୟ ଖୋଲିଛି। ଆସନ୍ତା ୨୫ ତାରିଖ ଭିତରେ ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ବହି ବାଣ୍ଟିବାକୁ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଏଣୁ ଭଦ୍ରକରେ ରହୁଥିବା ଗୁଡଭେଲା ବ୍ଲକ ଶିକ୍ଷା ବିଭାଗର ଜଣେ ଅଫିସର ଗତ ୧୯ ତାରିଖରେ ବାଇକ ଯୋଗେ ଆସି ଏଠାରେ ପହଞ୍ଚିଛନ୍ତି। ସେ ଭଦ୍ରକରୁ ଫେରିଥିବା ଜାଣି ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ତେବେ ତାଙ୍କୁ ୧୪ ଦିନ ପାଇଁ ହୋମକ୍ୱାରାଣ୍ଟାଇନରେ ରହିବା ପାଇଁ ବିଡିଓ ସୂର୍ଯ୍ୟ କୁମାର ନାୟକ ତାଗିଦ କରିଥିଲେ। ସମ୍ପୃକ୍ତ ଅଫିସର କିନ୍ତୁ କହିଛନ୍ତି ଯେ, ସେ ମାସ୍କ ପିନ୍ଧୁଛନ୍ତି। ସାନିଟାଇଜର ବ୍ୟବହାର କରିବା ସହ ସାମାଜିକ ଦୂରତା ଅବଲମ୍ବନ କରୁଛନ୍ତି। କାହା ସମ୍ପର୍କରେ ଆସି ନାହାନ୍ତି। ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲାରେ ଏବେ ପର୍ଯ୍ୟନ୍ତ ଜଣେ ମଧ କରୋନା ପଜିଟିଭ ଚିହ୍ନଟ ହୋଇ ନାହାନ୍ତି। ଏଣୁ ଏହି ଜିଲା ଗ୍ରୀନ୍ ଜୋନରେ ରହିଛି । ହେଲେ ପଶ୍ଚିମବଙ୍ଗ ଲିଙ୍କ ଯୋଗୁଁ ବର୍ତ୍ତମାନ ଭଦ୍ରକ ଉପରେ ସରକାରଙ୍କ ନଜର ରହିଛି। ଭଦ୍ରକରେ ୧୧ ଜଣ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଥିବା ବେଳେ ୨ ଜଣ ସୁସ୍ଥ ହୋଇଛନ୍ତି। ଏଣୁ ଭଦ୍ରକରୁ ଅଫିସର ଜଣକ ଆସିଥିବାରୁ ଏଠାରେ ଭୟ ସୃଷ୍ଟି ହୋଇଛି।

# ବିଦ୍ୟୁତ୍ ସଂଯୋଗ ବେଳେ ଜୀବନ ଗଲା



ଘଟଣାସ୍ଥଳରେ ରାସ୍ତାରୋକୋ କରାଯାଇଛି ।

**ବରଗଡ଼ ଅଫିସ୍, ୨୩।୪**

ବରଗଡ଼ ବ୍ଲକ ଖଣ୍ଡହଥା ନିକଟ ନୂଆଗଡ଼ ଗ୍ରାମରେ ବିଦ୍ୟୁତ ଆଘାତରେ ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଏହି ଗ୍ରାମର ଅନିଲ ସାହୁ। ସେ ଗାଁ ପାଖ ତେଲିଟିକ୍ରାରେ ରହିଥିବା ଏକ ମନ୍ଦିରକୁ ବିଦ୍ୟୁତ୍ ସଂଯୋଗ କରିବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି

**ପ୍ରତିବାଦରେ ରାସ୍ତାରୋକୋ**

ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି । ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି।

# ଡ୍ରାଇଭର ପୁଅ ପାଇଁ ହୋମ୍ କ୍ୱାରାଣ୍ଟାଇନରେ ରହିଲେ ପରିବାର ସଦସ୍ୟ

**ବିଜେପୁର, ୨୩।୪ (ଡି.ଏନ.ଏ.)**

ବରଗଡ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଖରମୁଣ୍ଡା ଗ୍ରାମରେ ଗୋଟିଏ ପରିବାରର ୫ଜଣ ସଦସ୍ୟଙ୍କୁ ଗୁରୁବାରଠାରୁ ୧୪ ଦିନ ଲାଗି ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପଡିଛି। ଏହି ଘରର ମୁରବି ଜଣେ ହାର୍ଭେଷ୍ଟର ଚାଳକ। ଏଣୁ ସେ ଭଦ୍ରକରେ ହାର୍ଭେଷ୍ଟର ଚଳାଇବାକୁ ପୂର୍ବରୁ ଚୁକ୍ତି ହୋଇଥିଲା । ହେଲେ ଲକ୍‌ଡାଉନ୍ କଟକଣା ଯୋଗୁ ସେ ନିର୍ଦ୍ଦିଷ୍ଟ ସମୟରେ ଭଦ୍ରକ ଯାଇ ପାରି ନ ଥିଲେ। ହେଲେ ମଙ୍ଗଳବାର ହାର୍ଭେଷ୍ଟର ମାଲିକ ସିଧାସଳଖ କାରରେ ଖରମୁଣ୍ଡା ପହଞ୍ଚି ଥିଲେ। ଘରର ମୁରବିଙ୍କୁ ସାଙ୍ଗରେ ଧରି ଭଦ୍ରକ ଫେରି ଯାଇଥିଲେ । ଏହି ଖବର ବୁଧବାର ସରପଞ୍ଚ ସୁବାଶିନୀ ତନସନାଙ୍କ କାନରେ ପଡିବାରୁ ସେ ଉକ୍ତ ଘରକୁ କଣ୍ଟାବାଡ ଦେଇ ଘେରି ଦେଇଥିଲେ। ଏଣୁ ଯୁବକଙ୍କ ମା, ସ୍ତ୍ରୀ, ଓ ୩ ପିଲା ବନ୍ଦୀ ହୋଇ ରହିଯାଇଥିଲେ । ଦିନତମାମ ଏହି ପରିବାର ବନ୍ଦୀ ହୋଇଥିବାର ଭିଡିଓ ଭାଇରାଲ ହେବା ପରେ ସନ୍ଧ୍ୟାରେ ବିଜେପୁର ବିଡିଓ ପଦ୍ମନାଭ ସାମନ୍ତରାୟ ପହଞ୍ଚି ସଂପୃକ୍ତ ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। ଗୁରୁବାରରୁ ୧୪ ଦିନ ପାଇଁ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ବିଡିଓ ପରାମର୍ଶ ଦେଇଛନ୍ତି। ତାଙ୍କର ଖାଦ୍ୟପେୟ ପାଇଁ ପ୍ରଶାସନ ପକ୍ଷରୁ ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି । ପାନୀୟ ଓ ସ୍ନାନଶୌଚ ପାଇଁ ଏକ ପାଣି ଟ୍ୟାଙ୍କର ଯୋଗାଇ ଦିଆଯାଇଛି।

## ଗଣ୍ଡାବାଜା କଳାକାରଙ୍କୁ କରୋନା ମାଡ଼



ଦୁର୍ଦ୍ଦିନରେ ଥିବା ଗଣ୍ଡାବାଜା କଳାକାର ।

**ଲାଠୋର, ୨୩।୪ (ଡି.ଏନ.ଏ.)**

କରୋନା ମୁକାବିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହାଦ୍ୱାରା ସବୁ କ୍ଷେତ୍ର ପ୍ରଭାବିତ ହୋଇଛି। ଏଣୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳର ଗଣ୍ଡାବାଜା କଳାକାର ମଧ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଜଲପାଙ୍ଗେଲ ଗ୍ରାମର ହେର୍ଣ୍ଣା ସୁନା, ବିନୋଦ ସୁନା, ହରି ସୁନା, ଡମନା ସୁନା, ମକାରୁ ବିଭାର, ମିନକେତନ ସୁନା ପ୍ରମୁଖ ପ୍ରକାଶ କରିଛନ୍ତି ଯେ, ସେମାନେ ପୂଜାପାର୍ବଣ, ବିବାହ ବ୍ରତ, ସାଂସ୍କୃତିକ ଏବଂ ଧାର୍ମିକ କାର୍ଯ୍ୟକ୍ରମରେ ବାଜା ବଜାଇ ଦୁଇ ପଇସା ରୋଜଗାର କରୁଥିଲେ। ସେଥିରେ ସେମାନଙ୍କ ପରିବାର ଚଳୁଥିଲା । ହେଲେ ଲକ୍‌ଡାଉନ୍ ଯୋଗୁ ବୁ ବନ୍ଦ ହୋଇଥିବାରୁ ଏହି ସବୁ କାର୍ଯ୍ୟକ୍ରମ ହେଉନାହିଁ। ଫଳରେ ବଜନିଆ ପରିବାରର ବୃତ୍ତି ଠପ୍ ହୋଇପଡିଛି। କାମ ନ ପାଇ ଏମାନେ ଘରେ ହାତବାନ୍ଧି ବସି ରହିଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାର ଅନ୍ୟମାନଙ୍କ ପାଇଁ ଯୋଜନା ଆଣିଛନ୍ତି। ହେଲେ ବଜନିଆ କଳାକାରଙ୍କ ପାଇଁ କୌଣସି ଯୋଜନା ହାତକୁ ନିଆଯାଇନାହିଁ। ଅନ୍ୟପକ୍ଷେ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ରହିଥିବା ବଜନିଆ କଳାକାରଙ୍କ ମଧ୍ୟରୁ ଅନେକେ ଆଜି ଯାଏ ଭତ୍ତା ମଧ ପାଉ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଏହି ପରିବାର ପଞ୍ଚାୟତରୁ ପାଉଥିବା ଚାଉଳ ଏକମାତ୍ର ଭରସା। ଚାଉଳ ଗଣ୍ଡେ ପାଇଲେ କ’ଣ ହେବ। ଆର୍ଥିକ ଅନଟନରେ ରହିଥିବା ପରିବାର ଏଥିରେ ଚଳିବା ସମ୍ଭବ ହେଉନି ବୋଲି ଗଣ୍ଡାବାଜା କଳାକାମାନେ କହିଛନ୍ତି ।

# ପ୍ରକୃତ ନିର୍ମାଣ ଶ୍ରମିକଙ୍କୁ ମିଳୁନି ସହାୟତା

**ଲଖନପୁର, ୨୩।୪(ଡି.ଏନ୍.ଏ.)**

କରୋନା ନିୟନ୍ତ୍ରଣ ପାଇଁ ଲକ୍ ଡାଉନ୍ ଜାରି ଯୋଗୁ ଗରିବ, ଅସହାୟ ଓ ନିର୍ମାଣ ଶ୍ରମିକ କାମ ନ ପାଇ ଘରେ ବସି ରହିଛନ୍ତି। ଫଳରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି। ସରକାର କିନ୍ତୁ ଏମାନଙ୍କ ଲାଗି ସହାୟତା ଯୋଗାଇ ଦେଉଛନ୍ତି। ହେଲେ ସରକାରଙ୍କ ଏହି ସୁବିଧା ସୁଯୋଗକୁ କେତେକ ସରକାରୀ ଚାକିରିଆ, ସ୍ୱଚ୍ଛଳ ବର୍ଗର ଲୋକ, ଜନପ୍ରତିନିଧି ଚଞ୍ଚକତା କରି ହାତେଇ ନେଉଛନ୍ତି। ଏଣୁ ପ୍ରକୃତ ହିତାଧିକାରୀ ଏସବୁ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଭୋକ ଉପାସରେ ଦିନ ବିତାଉଛନ୍ତି । ଏ ସମ୍ପର୍କରେ ଜିଲା, ବ୍ଲକ ପ୍ରଶାସନ ଓ ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳୁନାହିଁ । ଏଭଳି ଅଭିଯୋଗ ହୋଇଛି ଲଖନପୁର ବ୍ଲକ୍ ରେମତା ପଞ୍ଚାୟତ କିରିଟିମାଲ ଗ୍ରାମରେ।

କିରିଟିମାଲ ଗ୍ରାମର ବହୁ ଶ୍ରମିକ ନିର୍ମାଣ ଶ୍ରମିକ ଭାବେ ନିଜ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ନିକଟରୁ ସ୍ଥାନୀୟ କେତେକ ବ୍ୟକ୍ତି ନିର୍ମାଣ ଶ୍ରମିକ କାର୍ଡ କରାଇ ଦେବା ପାଇଁ କହି ୫ଶହରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ଠକି ନେଇଛନ୍ତି। ହେଲେ ଏହି ଶ୍ରମିକମାନଙ୍କ କାର୍ଡ ହୋଇପାରିନାହିଁ। ଫଳରେ ସରକାର ବାଣ୍ଟୁଥିବା ୧୫ଶହ ଟଙ୍କା ସରକାରୀ ସହାୟତାରୁ ଏମାନେ ବଞ୍ଚିତ ହୋଇଛନ୍ତି। କିରିଟିମାଲ ଗ୍ରାମର ନିତ୍ୟାନନ୍ଦ ପ୍ରଧାନ, ଡାକେଶ୍ୱର ପାଣ୍ଡେ, ପଦ୍ମଲୋଚନ ସିଦ୍ଧାର, ଅଶୋକ ପ୍ରଧାନ ଓ ଦଶରଥ କୋକ ପ୍ରମୁଖ ଏଭଳି ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି । ଶ୍ରମିକମାନେ ଅଭିଯୋଗ କରିଛନ୍ତି ଯେ, ଗ୍ରାମର ଯେଉଁମାନେ ଗୋଟିଏ ଦିନ କାମ କରିନାହାନ୍ତି ସେମାନେ ନିର୍ମାଣ ଶ୍ରମିକ ଭାବେ ନାମ ପଞ୍ଜୀକୃତ କରି ସରକାରୀ ସହାୟତା ୧୫ଶହ ଟଙ୍କା ଉଠାଇ ନେଇଛନ୍ତି। ଏ ସମ୍ପର୍କରେ ଶ୍ରମିକମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରି ତଦନ୍ତ ପାଇଁ ଦାବି କରିଛନ୍ତି। ସେହିପରି ତେଲେନପାଲି ପଞ୍ଚାୟତର ଜଣେ ସରକାରୀ ଚାକିରି କରିଥିବା ବ୍ୟକ୍ତି ନିର୍ମାଣ ଶ୍ରମିକ ଭାବେ ୧୫ଶହ ଟଙ୍କା ପାଇଛନ୍ତି। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ବିଶ୍ୱାଳ କହିଛନ୍ତି ଯେ, ପଞ୍ଚାୟତକୁ ଯେଉଁ ନିର୍ମାଣ ଶ୍ରମିକଙ୍କ ତାଲିକା ଆସିଛି ସେହି ହିସାବରେ ଟଙ୍କା ବଣ୍ଟା ଯାଇଛି । ଏଥିରେ କିଏ ଚାକିରି କରିଛି ନ କରିଛି ଜାଣି ହେବ ନାହିଁ। ଏବେ ଜଣାପଡିଲା ପରେ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସେହିପରି ଚାରପାଲି ପଞ୍ଚାୟତର ଜଣେ ବ୍ୟକ୍ତି ହୋମ୍‌ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି । ସେ ପଞ୍ଚାୟତରୁ ନିର୍ମାଣ ଶ୍ରମିକ ଭାବେ ୧୫ଶହ ଟଙ୍କା ନେଇଛନ୍ତି । ଏ ସମ୍ପର୍କରେ ଚାରପାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ଭବାନୀ ଶଙ୍କର ମେହେର କହିଛନ୍ତି, ଘଟଣା ଜଣାପଡିବା ପରେ ସହାୟତା ରାଶି ଫେରାଇ ଦେବା ପାଇଁ ତାଙ୍କୁ କୁହାଯାଇଛି। ବିଡିଓ ସଞ୍ଜୀବ ପଟେଲ କହିଛନ୍ତି ଯେ, ସମଗ୍ର ବ୍ଲକ ଅଞ୍ଚଳରେ ସମୁଦାୟ ୧୦ହଜାର ୬୯୬ ଜଣ ନିର୍ମାଣ ଶ୍ରମିକଙ୍କ ନାମ ପଞ୍ଜୀକୃତ ହୋଇଛି । ହେଲେ ୮ହଜାର ୫୪୩ଜଣଙ୍କୁ ୧୫ଶହ ଟଙ୍କା ଲେଖାଏ ସହାୟତା ଦିଆଯାଇଛି । କେତେକ ସମସ୍ୟା ହେତୁ ଅବଶିଷ୍ଟ ହିତାଧିକାରୀଙ୍କୁ ଦିଆଯାଇପାରିନାହିଁ। କେତେକ ପଞ୍ଚାୟତରେ ହାତେଇ ନେଇଥିବା ଅଣହିତାଧିକାରୀଙ୍କ ସମ୍ପର୍କରେ ଯାଞ୍ଚ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପଟେଲ କହିଛନ୍ତି। ଜିଲା ଶ୍ରମ ଅଧିକାରୀ କୃଷ୍ଣମୋହନ ରାଉତ କହିଛନ୍ତି ଯେ, ଯେଉଁମାନେ ନାମ ପଞ୍ଜୀକରଣ କରିଛନ୍ତି ସେମାନଙ୍କୁ ସରକାରୀ ସହାୟତା ଦିଆଯାଉଛି। ଯଦି ଏଥିରେ କୌଣସି ବ୍ୟକ୍ତି ଚଞ୍ଚକତା କରିଥିବା ଜଣାପଡେ ତେବେ ସେ ନେଇଥିବା ସରକାରୀ ସହାୟତା ଫେରାଇବେ। ଏହାସହ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ଲଖନପୁର ବ୍ଲକ**



■ ଚାକିରିଆ, ସ୍ୱଚ୍ଛଳ ବର୍ଗର ଲୋକେ ପାଉଛନ୍ତି ■ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ କରାଯିବ କହିଲେ ଅଧିକାରୀ

ଧରିତ୍ରୀ
DHARITRI
ଶୁକ୍ରବାର, ଏପ୍ରିଲ ୨୪, ୨୦୨୦



# ସଙ୍ଗରୋଧ ଗୃହ ଝରକା ଭାଙ୍ଗି ୧୯ ଶ୍ରମିକ ଫେରାର

ରାୟଗଡ଼ା ଅଫିସ,୨୩।୪

ଆନ୍ଧ୍ର ସୀମାନ୍ତ ରାୟଗଡ଼ା ଜିଲା କେରେଡ଼ାସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟର ଝରକା ଭାଙ୍ଗି ବୁଧବାର ୧୯ ଜଣ ପ୍ରବାସୀ ଶ୍ରମିକ ଫେରାର ହୋଇଯାଇଛନ୍ତି। ସେଥିରୁ ୧୭ ଜଣ ପଞ୍ଜାବ ଓ ୨ ଜଣ ଉତ୍ତରପ୍ରଦେଶର ବାସିନ୍ଦା। ଗତ ମାର୍ଚ୍ଚ ୩୦ରେ ଆନ୍ଧ୍ରପ୍ରଦେଶରୁ ଫେରିବା ବେଳେ ସେମାନଙ୍କୁ ସେସକାଲ ପୋଲିସ ଧରିଥିଲା। ପ୍ରଶାସନ ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଥିଲା। ଏପ୍ରିଲ ୧୪ରେ ଲକ୍‌ଡାଉନ ସରିଲେ ସେମାନେ ଘରକୁ ଫେରିବେ ବୋଲି ଆଶା ରଖିଥିଲେ। କିନ୍ତୁ ଲକ୍‌ଡାଉନ ଅବଧି ବଢ଼ିବା ଯୋଗୁ ସେମାନେ ନିଜ ଗାଁକୁ ଫେରିବା ପାଇଁ ଜିଦ୍ ଧରିଥିଲେ। ବୁଧବାର ବିଳମ୍ବିତ ରାତିରେ ସୁଯୋଗ ପାଇ ସେମାନେ ସେଣ୍ଟର ଝରକା ଭାଙ୍ଗି ଖସି ପଳାଇଥିଲେ। ସେଣ୍ଟରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପୋଲିସ କ୍ୟାମ୍ପ ଥିବା ସହ ସିଆରପିଏଫ୍ ମୁତୟନ କରାଯାଇଥିଲା। ଏହାସତ୍ତ୍ୱେ ଶ୍ରମିକମାନେ ଚକ୍‌ମା ଦେଇ ସେଠାରୁ ଖସିଯାଇଛନ୍ତି। ଖବର ପାଇ ବ୍ଲକ ନୋଡାଲ ଅଫିସର ତଥା ଆଇଟିଡିଏ ପିଏ ଟୁକୁ ବାରିକ, ବିଡିଓ ରାଜେନ୍ଦ୍ର ମାଝୀ, ଏବିଡିଓ ନୃସିଂହ ଚରଣ ପଟ୍ଟନାୟକ, ସେସକାଲ ଥାନା ଆଇଆଇସି ବି.ଏଲ୍. ହୁଇକା ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

## ବାହାରେ ଫସିଛନ୍ତି ୧୭ ଶ୍ରମିକ




ଦଶମନ୍ତପୁର,୨୩।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ୪ଟି ପଞ୍ଚାୟତର ୧୭ ଜଣ ଶ୍ରମିକ ବାହାର ରାଜ୍ୟରେ ଫସିରହିଛନ୍ତି। ପରଜା ବେଡ଼ାପଦର ପଞ୍ଚାୟତ ନୂଆଗୁଡ଼ା ଗ୍ରାମର ଲଇଚ ହିକ୍‌କା, ନରୀ ସାଉନ୍ତା, ସାହୁ ସାଉନ୍ତା, ଦେବ ସାଉନ୍ତା, ରେଲି ସାଉନ୍ତା, ସନିଆ ମୁଷ୍ଟା ଓ ବିଶ୍ୱ ସାଉନ୍ତା ; ଚଣ୍ଡାବାଡ଼ ପଞ୍ଚାୟତ ସଲପଗୁଡ଼ା ଗ୍ରାମର ଜଗୁ ମୁଦୁଲି, ବାରିକ ଜାନୀ, ମିଶ୍ର କୁଲେସିକା, ଲତାପୁଟ ଗ୍ରାମର ଡମ୍ବୁ ଜାନୀ, ଦଶମନ୍ତପୁର ପଞ୍ଚାୟତର ରବି ପାଇକ, ପିଣ୍ଡାପଦର ପଞ୍ଚାୟତ ସଦରର ଭୁବନ ଦିଶାରୀ, ସୁଶାନ୍ତ ମୁଦୁଲି, ଦେବ ମୁଦୁଲି, ଘେନୁ ମୁଦୁଲି, ଖଜୁରୀଗୁଡ଼ା ଗ୍ରାମର ରୁବେନ ସାଉନ୍ତା ବାହାର ରାଜ୍ୟରୁ ଫେରି ପାରୁନାହାନ୍ତି। ଗାଁରେ କାମଧନ୍ଦା ନ ପାଇ ଜଣେ ଦଲାଲଙ୍କ ପ୍ରଲୋଭନରେ ସେମାନେ ଗତ ଜାନୁଆରୀରେ ସମଲକୋଟ ଜିଲାକୁ ଯାଇଥିଲେ। ଲକ୍‌ଡାଉନ ପରଠାରୁ ସେମାନେ ସମଲକୋଟରୁ ପ୍ରାୟ ୧୫ କିମି ଦୂର କୋକିନଡ଼ସ୍ଥିତ ଏସ୍‌ଆର୍‌ଏମ୍‌ଟି କଂପାନୀରେ ଫସିରହିଛନ୍ତି। କାମ ନ ଥିବାରୁ ସେମାନଙ୍କୁ ପଇସା ମଧ ମିଳୁନାହିଁ। ସେଠାରୁ ଘରକୁ ଫେରାଇ ଆଣିବାକୁ ସେମାନେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

# ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ନବରଙ୍ଗପୁର,୨୩।୪(ବି.ପ୍ର.)

- ଦାଦା ହତ୍ୟା କରିଥିବା ସନ୍ଦେହ
- ଜେଜେବାପାଙ୍କୁ ଅଟକ ରଖିଛି ପୋଲିସ
- ଜମିବାଡି ବିବାଦ ଘଟାଇଲା ଅଘଟଣ

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଇନ୍ଦ୍ରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଜମିଜମା ବିବାଦକୁ ନେଇ ଜଣେ ଯୁବତୀଙ୍କୁ ନିଜ ଦାଦା ହତ୍ୟା କରି ନିଳଗିରି ଜଙ୍ଗଲରେ ଫୋପାଡି ଦେଇଥିବା ଅଭିଯୋଗ ହୋଇଛି । ମୃତା ଯୁବତୀ ହେଲେ ଜ୍ୟୋତ୍ସ୍ନାରାଣୀ ମଣ୍ଡଳ। ତାଙ୍କ ବାପାଙ୍କ ଦୀର୍ଘ ବର୍ଷ ହେଲା ମୃତ୍ୟୁ ଘଟିସାରିଛି। ଜ୍ୟୋତ୍ସ୍ନା ତାଙ୍କ ସାନଭଉଣୀ, ମାଆ ଓ ଜେଜେବାପାଙ୍କ ସହ ଏକାଠି ରହୁଥିଲେ । ବାପ ଛେଉଣ୍ଡ ଏହି ୨ ଭଉଣୀ ସବୁବେଳେ ନିର୍ଯାତିତ ହୋଇ ଆସୁଥିଲେ। ୨ ବର୍ଷ ହେବ ସେମାନେ ଅଲଗା ରହି ଆସୁଥିଲେ। ଜମିବାଡି ଭାଗବଣ୍ଟାକୁ ନେଇ ଜେଜେବାପା ଦେବେନ ମଣ୍ଡଳ ଓ ଦାଦା ଭୋଳାନାଥ ମଣ୍ଡଳଙ୍କ ସହ ସେମାନଙ୍କର ସବୁ ବେଳେ ବିବାଦ ଲାଗି ରହୁଥିଲା । ବୁଧବାର ସନ୍ଧ୍ୟାରେ ଦାଦା ଭୋଳାନାଥ ଏକ କଟୁରି ଧରି ଜ୍ୟୋତ୍ସ୍ନା, ତାଙ୍କ ସାନଭଉଣୀ ଓ ମାଆଙ୍କୁ ମାରିବାକୁ ଗୋଡାଇଥିଲେ । ଏନେଇ ଉମରକୋଟ ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ ଇନ୍ଦ୍ରପୁର ଯାଇ ସାନଝିଅ ଓ ମାଆକୁ ଆହତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ରାତିରେ ଜ୍ୟୋତ୍ସ୍ନାଙ୍କୁ ଖୋଜାଖୋଜି କରିଥିଲେ । ଗୁରୁବାର ସକାଳୁ ରାସ୍ତା କଡରେ ଥିବା ଏକ ନିଳଗିରି ଜଙ୍ଗଲରେ କ୍ଷତାକ୍ତ ଅବସ୍ଥାରେ ଜ୍ୟୋତ୍ସ୍ନାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରେ ଉମରକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ମାଆଙ୍କ ଅଭିଯୋଗ କ୍ରମେ ଜ୍ୟୋତ୍ସ୍ନାଙ୍କ ଜେଜେବାପା ଦେବେନଙ୍କୁ ପୋଲିସ ଅଟକ ରଖିଛି । ଦାଦା ଭୋଳାନାଥ ଫେରାର ହୋଇଯାଇଛନ୍ତି।


ଜଙ୍ଗଲରେ ପଡିଥିବା ଜ୍ୟୋତ୍ସ୍ନାରାଣୀଙ୍କ ମୃତଦେହ ।

## ସଂକ୍ଷେପରେ

### ବାରିକଙ୍କୁ ସହାୟତା ପ୍ରଦାନ ଦାବି



ଗୁଣପୁର,୨୩।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁର ବାରିକ ସଂଘ ଗୁରୁବାର ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛି। ସେମାନଙ୍କ ଅଭିଯୋଗ ହେଲା ଲକ୍‌ଡାଉନଠାରୁ ସେମାନଙ୍କର ଦୋକାନ ସବୁ ବନ୍ଦ ରହିଛି। ସେମାନେ ଏହି ଗୋଟିଏ ପେସା ଛାଡ଼ିଦେଲେ ଅନ୍ୟ କୌଣସି କାର୍ଯ୍ୟ କରନ୍ତି ନାହିଁ। ଏବେ ଦୋକାନ ବନ୍ଦ ଥିବା ଯୋଗୁ କିଛି ଉପାର୍ଜନର ବାଟ ନାହିଁ। ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ତେଣୁ ସେମାନଙ୍କୁ ସରକାରୀ ସହାୟତା ଦେବା ପାଇଁ ସେମାନେ ନିବେଦନ କରିଛନ୍ତି।

### କରୋନା ପାଇଁ ସଙ୍ଗୀତରେ ସଚେତନତା

ସୁନାବେଡ଼ା,୨୩।୪(ସ୍ୱ.ପ୍ର.): ସୁନାବେଡ଼ା ମିଗ୍‌ନଗରୀସ୍ଥିତ ଭିଏସ୍ ବିଦ୍ୟାଳୟର ଶିକ୍ଷକମାନେ କରୋନା ସଚେତନତା ପାଇଁ ସଙ୍ଗୀତକୁ ମାଧ୍ୟମ କରିଛନ୍ତି। କରୋନା ପ୍ରଭାବକୁ ପ୍ରଶମିତ କରିବା ପାଇଁ ଥିବା ଉପାୟକୁ ସଙ୍ଗୀତରେ ସଜାଇ ସେମାନେ ନଗର ପରିକ୍ରମା କରି ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଛନ୍ତି। ବିଦ୍ୟାଳୟ ଅଧକ୍ଷ ହେମନ୍ତ ସେଠଙ୍କ ନେତୃତ୍ୱରେ ଶିକ୍ଷକମାନେ ସଚେତନତା କାର୍ଯ୍ୟକ୍ରମ ସହ ମାସ୍କ ବଣ୍ଟନ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଉପାଧକ୍ଷ ପି.କେ. ମିଶ୍ର, ଅନ୍ୟତମ ଉପାଧକ୍ଷ ବି.ସି. ଦଳାଇ, ଚନ୍ଦ୍ରଶେଖର ମହାପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ଶେଖ ଇବ୍ରାହିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା

ଝରିଗାଁ,୨୩।୪ (ସ୍ୱ.ପ୍ର. )- କରୋନା ମହାମାରୀର ମୁକାବିଲା ନେଇ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଏବଂ ବିଇଓଙ୍କ ସହ କାର୍ଯ୍ୟାଳୟ କର୍ମଚାରୀମାନେ ମିଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬ ଲକ୍ଷ ୨୮ ହଜାର ୬ ୦୧ ଟଙ୍କା ଗୁରୁବାର ପ୍ରଦାନ କରିଛନ୍ତି। ଏ ବାବଦ ଚେକ୍‌କୁ ସୁରେଶ ଚନ୍ଦ୍ର ନାଏକ ବିଡିଓ ଦେବେନ୍ଦ୍ର ବାହାଦୁରସିଂ ଧୁରୁଆଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ଏବିଇଓ ବିଜୟାନନ୍ଦ ସୋରି, ଶୁଭେନ କୁମାର ମଣ୍ଡଳ,ସିଆରସିସି ଏବଂ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଏମ୍‌ଭି ୭୯ ଅଞ୍ଚଳ ସାନିଟାଇଜ




ଏମ୍‌ଭି ୭୯,୨୩।୪(ଡି.ଏନ.ଏ.)- କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଗୁରୁବାର କାଲିମେଳା ଅଗ୍ନିଶମ ବିଭାଗ ପକ୍ଷରୁ ମଧ ଏମ୍‌ଭି ୭୯ସ୍ଥିତ ଏଟିଏମ୍ କେନ୍ଦ୍ର ଓ ଗ୍ରାମରେ ଥିବା ଅସ୍ଥାୟୀ ପୋଲିସ କ୍ୟାମ୍ପ ଅଞ୍ଚଳକୁ ସାନିଟାଇଜ କରାଯାଇଛି । ସେହିପରି ପଡ଼ିଆ ଅଗ୍ନିଶମ ବିଭାଗ ପକ୍ଷରୁ ଏମ୍‌ଭି-୫୮ ଓ ଆଖପାଖ ଅଞ୍ଚଳରେ ସାନିଟାଇଜ କରାଯାଇଥିବା ପଡିଆ ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର କୁମାର ସିଂ ଓ କାଲିମେଳା ଅଗ୍ନିଶମ ଅଧିକାରୀ ଗୁପ୍ତେଶ୍ୱର ଦାସ କହିଛନ୍ତି।

### ୨୩୦ ପରିବାରକୁ ରାଶନ

ଚିତ୍ରକୋଣ୍ଡା,୨୩।୪(ଡି.ଏନ୍.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ପରିବର୍ତ୍ତନ ଅନୁଷ୍ଠାନ ପକ୍ଷରୁ ପ୍ରତି ଗରିବ ପରିବାରକୁ ୧ହଜାର ଟଙ୍କାର ରାଶନ ସାମଗ୍ରୀ ବୁଧବାର ବଣ୍ଟନ କରାଯାଇଛି। ଭୁବନେଶ୍ୱରସ୍ଥିତ ଆକ୍ସନେଡ୍ ସହାୟତାରେ ବିଡିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ଚିତ୍ରକୋଣ୍ଡା ପଞ୍ଚାୟତର ୩୦ ପରିବାର ଏହି ସହାୟତା ପାଇଛନ୍ତି। ରାଶନ ସାମଗ୍ରୀ ମଧରେ ଚାଉଳ, ଡାଲି, ତେଲ,ଲଙ୍କା ସାବୁନ, ବିସ୍କୁଟ୍ ଆଦି ରହିଛି। ସେହିପରି ବିଡିଓଙ୍କ ପରାମର୍ଶରେ ବିଚ୍ଛିନ୍ନାଞ୍ଚଳର ୨ଶହ ଗରିବ ପରିବାରକୁ ମଧ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି ବୋଲି ପରିବର୍ତ୍ତନର ସମ୍ପାଦକ ସନ୍ତୋଷ ଶୁକ୍ଳା କହିଛନ୍ତି।

# ଚିନ୍ତା ବଢ଼ାଉଛନ୍ତି ଫେରନ୍ତା ଶ୍ରମିକ

ପାପଡାହାଣ୍ଡି, ୨୩।୪, ( ଡି.ଏନ.ଏ.)

ଲକ୍‌ଡାଉନ ଯୋଗୁ ରାଜ୍ୟ ଓ ଜିଲା ବାହାରେ ଥିବା ଶ୍ରମିକମାନଙ୍କୁ ସରକାର ବିଭିନ୍ନ ସୁବିଧା ସୁଯୋଗ ଦେଇଛନ୍ତି। ସେଠାକାର ପ୍ରଶାସନ ସହ ଆଲୋଚନା କରି ଶ୍ରମିକଙ୍କ ରହିବା ଖାଇବା ବ୍ୟବସ୍ଥା କରାଇଛନ୍ତି। ତଥାପି ଏହି ଶ୍ରମିକମାନେ ପ୍ରଶାସନର ବିନା ଅନୁମତିରେ ଗ୍ରାମକୁ ଫେରି ସମସ୍ତଙ୍କ ଚିନ୍ତା ବଢାଉଛନ୍ତି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକରେ ଏପରି ସମସ୍ୟା ଦେଖିବାକୁ ମିଳୁଛି। ବ୍ଲକର ଡେଙ୍ଗାଗୁଡା ଅଞ୍ଚଳର ୨୫ ଜଣ ଦାଦନ ଶ୍ରମିକ ଫୁଲବାଣୀରେ କାର୍ଯ୍ୟ କରୁଥିଲେ। ସେମାନେ ଗ୍ରାମକୁ ଫେରୁଥିବା ବେଳେ କଳାହାଣ୍ଡି ଜିଲା ଆମପାଣି ପୋଲିସ ହାତରେ ଧରା ପଡିଥିଲେ। ପୋଲିସ ସେମାନଙ୍କୁ ନେଇ ସଙ୍ଗରୋଧ ଗୃହରେ ରଖିଥିଲା। ସେଠାରୁ ସେମାନେ ଗୁରୁବାର ଲୁଚି ପଳାଇ ଆସିଛନ୍ତି। ୬ ଜଣ ଶ୍ରମିକ ପାପଡାହାଣ୍ଡିକୁ ନୂଆକଟ ହୋଇ ଯିବା ସମୟରେ ସେମାନଙ୍କୁ ଅସ୍ଥାୟୀ ସଙ୍ଗରୋଧ ଗୃହକୁ ନେଇ ରଖାଯାଇଥିଲା। ସେମାନେ ଆମପାଣିରୁ ଲୁଚିକି ଆସିଥିବା ଜଣାପଡିଥିଲା। ଅନ୍ୟମାନେ କେଉଁଠାରେ ଅଛନ୍ତି ତାହା ଜଣାପଡୁନାହିଁ। ବିଡ଼ିଓ ରଞ୍ଜିତା ମଲିକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଘଟଣା ସମ୍ପର୍କରେ ଅବଗତ ଥିବା କହିଛନ୍ତି। ଏହି ଫେରନ୍ତା ଶ୍ରମିକ ଏବେ ପ୍ରଶାସନ ଓ ଗ୍ରାମ ପାଇଁ ସମସ୍ୟା ବଢାଉଛନ୍ତି। ଏନେଇ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

# ପୋଲିସକୁ ଆକ୍ରମଣ ଘଟଣା ମୁଖ୍ୟ ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି, ୨୩।୪ (ସ୍ୱ.ପ୍ର.)

ଗଜପତି ଜିଲା ଅଡବା ଥାନା ଅଞ୍ଚଳରେ ଦେଶୀ ଚୋରାମଦ ଚାଲାଣକୁ ବାରଣ କରିବାରୁ ଗତ ୧୪ ତାରିଖ ବିଳମ୍ବିତ ରାତିରେ ପୋଲିସକୁ କେତେ ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ଏସ୍‌ଆଇ ଚନ୍ଦନ ଦାସ ଏବଂ କନଷ୍ଟେବଳ ଦାଶରଥି ଶବର ଗୁରୁତର ହୋଇଥିଲେ । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବିଜୟ କୁମାର ନାୟକଙ୍କୁ ଅଡବା ପୋଲିସ ବୁଧବାର ଗିରଫ କରିଛି। ଏନେଇ ଅଡବା ଥାନାରେ ୨୭/୨୦ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାରେ ଜଡିତ ୧୪ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା ବୋଲି ଥାନା ଅଧିକାରୀ ଆଲୋକ ରଞ୍ଜନ ଜଗଦଲ କହିଛନ୍ତି।

# ଝାଡ଼ଖଣ୍ଡ ଶ୍ରମିକଙ୍କ ଖାଦ୍ୟ ବ୍ୟବସ୍ଥା କଲା ସଙ୍ଗଠନ

କୋଟପାଡ,୨୩।୪(ଡି.ଏନ.ଏ.)

କୋରାପୁଟ ଜିଲା କୋଟପାଡ ବ୍ଲକ ସଦର ମହକୁମାଠାରେ ଝାଡଖଣ୍ଡର ବରିଆଡିଗାଁରୁ ଆସ ୩ ଜଣ ଶ୍ରମିକ ପ୍ଲାଇଉଡ କାମ କରି ୨ ମାସ ହେବ ମାଲିକ ନିକଟରେ ରହୁଥିଲେ । ମାଲିକ ସେମାନଙ୍କ ଖାଇବା ଓ ରହିବା ସୁବିଧା କରିଥିଲେ। ମାତ୍ର ଲକ୍‌ଡାଉନ ଯୋଗୁ କାମ ବନ୍ଦ ହୋଇଯାଇଥିଲା। ଗାଡିମୋଟର ଚଳାଚଳ ନ କରିବାରୁ ସେମାନେ ଘରକୁ ଫେରିପାରି ନ ଥିଲେ। ଫଳରେ ଶ୍ରମିକମାନେ ଖାଇବା ନେଇ ସମସ୍ୟାରେ ପଡିଥିଲେ। ଏନେଇ ସେମାନେ ଝାଡଖଣ୍ଡ ପ୍ରଶାସନକୁ ଜଣାଇଥିଲେ। ସେଠାକାର ପ୍ରଶାସନ ଏସମ୍ପର୍କରେ କୋରାପୁଟ ଜିଲା ପ୍ରଶାସନକୁ ଅବଗତ କରାଇଥିଲା। କୋରାପୁଟର ସ୍ୱେଡ ଅନୁଷ୍ଠାନର ବିଦ୍ୟୁତ ମହାନ୍ତି ନବରଙ୍ଗପୁର ଗ୍ରାମ୍ୟ ବିକାଶ ସଙ୍ଗଠନ ଅଧକ୍ଷ ଈଶ୍ୱର ଚନ୍ଦ୍ର ସୁବଡୁଙ୍କୁ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନ ଜଣାଇବା ପରେ ଅଧକ୍ଷ ସୁବଡୁ ତାଙ୍କ ସ୍ୱେଚ୍ଛାସେବୀଙ୍କ ଜରିଆରେ ଏହି ୩ ଶ୍ରମିକଙ୍କ ଖାଦ୍ୟପେୟ ବ୍ୟବସ୍ଥା କରିଛନ୍ତି।



କୋଟପାଡରେ ଥିବା ଝାଡଖଣ୍ଡର ୩ ଶ୍ରମିକ ।

# ବିନା କାରଣରେ ବାହାରେ ବୁଲିଲେ କାର୍ଯ୍ୟାନୁଷ୍ଠାନ


ଗାଡ଼ିମୋଟର ଯାଞ୍ଚ କରୁଛନ୍ତି ତହସିଲଦାର ।

ଡାବୁଗାଁ,୨୩।୪ (ଡି.ଏନ୍.ଏ.)

କରୋନା ଭାଇରସକୁ ରୋକିବା ଲାଗି ସାରା ଦେଶ ଲକ୍‌ଡାଉନରେ ରହିଛି। ଲକ୍‌ଡାଉନ ସମୟରେ ଧାର୍ଯ୍ୟ ନୀତିନିୟମ ମାନିବାକୁ ରାଜ୍ୟ ସରକାର ଲୋକଙ୍କୁ ବାରମ୍ବାର ସଚେତନ କରୁଛନ୍ତି। ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ସକାଳ ୬ରୁ ୧୧ଟା ପର୍ଯ୍ୟନ୍ତ ପନିପରିବା ଓ ଗ୍ରସେରି ସାମଗ୍ରୀ କିଣାବିକା ଉପରେ କୋହଳ କରାଯାଇଛି। ମାତ୍ର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଏହି ସମୟସୀମା ପରେ ମଧ ଲୋକେ ବାହାରେ ବୁଲୁଛନ୍ତି। ଲୋକଙ୍କୁ ସଚେତନ କରି ବାହାରେ ନ ବୁଲିବା ଲାଗି ପରାମର୍ଶ ଦେବାକୁ ତହସିଲଦାର ସୁବାସ ଚନ୍ଦ୍ର ସିଂ ଗୁରୁବାର ଦୁଇଚକିଆ ଏବଂ ଚାରିଚକିଆ ଯାନ ଯାଞ୍ଚ କରିଛନ୍ତି। ବିନା କାରଣରେ ବାହାରେ ବୁଲୁଥିବା ଏବଂ ମାସ୍କ ବ୍ୟବହାର ନ କରି ଗାଡ଼ି ଚଳାଉଥିବା ଚାଳକଙ୍କୁ ସେ ତାଗିଦ କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରିଥିଲେ। ଆଗାମୀ ଦିନରେ ମାସ୍କ ନ ପିନ୍ଧି ଘରୁ ବାହାରି ବିନା କାରଣରେ କେହି ବୁଲାବୁଲି କରୁଥିବା ବେଳେ ଧରାପଡ଼ିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତହସିଲଦାର ସିଂ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଫାମ୍ପୁଣି/ଜୟପୁର,୨୩।୪ (ଡି.ଏନ୍.ଏ.):

ଜୟପୁର ସଦରଥାନା ଫାମ୍ପୁଣିଠାରେ ନିର୍ମାଣାଧୀନ ଗୃହରେ ଗୁରୁବାର ପୂର୍ବାହ୍ନରେ ପାଣି ପକାଉଥିବା ବେଳେ ୧୧ କେଭି ବିଦ୍ୟୁତ ତାର ସ୍ପର୍ଶରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ସୁକାନ୍ତ ପ୍ରଧାନ (୨୭) ନିଜ ନବନିର୍ମିତ ଗୃହରେ ପାଣି କ୍ୟୁରିଂ କରୁଥିଲେ। ଘର ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ତାଙ୍କ ମୁଣ୍ଡକୁ ଛୁଇଁବାରୁ ସେ ଅଚେତ ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଜୟପୁର ଜିଲା ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ୨୫ ଗାଁକୁ ସହାୟତା ଦେଲେ ୨ ସଂସ୍ଥା

ବିଷମକଟକ,୨୩।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ନିୟମଗିରି ପର୍ବତ ଉପରେ ଥିବା କୁର୍ଲୀ ପଂଚାୟତର ସମସ୍ତ ଗ୍ରାମବାସୀଙ୍କୁ ଅଜିଜ୍‌ପ୍ରେମ୍‌ଜୀ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଏଫ୍‌ଏସ୍‌ଆର୍‌ଏନ୍ ପକ୍ଷରୁ ରାଶନ ସାମଗ୍ରୀ ବଣ୍ଟାଯାଇଛି। ଲକ୍‌ଡାଉନ୍ ଯୋଗୁ ଉକ୍ତ ପଞ୍ଚାୟତବାସୀ ସହରକୁ ଯାଇ ନ ପାରି ନିଜ ଉତ୍ପାଦିତ ଦ୍ରବ୍ୟ ବିକିପାରୁ ନାହାନ୍ତି। ତେଣୁ ଅର୍ଥାଭାବର ଶିକାର ହୋଇଛନ୍ତି। ତେଣୁ ଉପରୋକ୍ତ ସଂସ୍ଥା କୁର୍ଲୀ ପଞ୍ଚାୟତର ୨୩ଟି ଗାଁ ଓ ଚାଟିକୋଣା ପଞ୍ଚାୟତର ବଡମଟକବାଡ଼ି, ହାଡସିଙ୍ଗୁଳା ଗ୍ରାମର ୧୫୪୬ ପରିବାରକୁ ଏକ ମାସ ପାଇଁ ରାଶନ ସାମଗ୍ରୀ ଦେବ। ପ୍ରଥମ ଦିନରେ ଡଙ୍ଗର ରାଣୀବନ୍ଧ, ଗନ୍ଦିଲି, ଲାହୁଣିଖୁଣ୍ଟି, ଶଗଡି, ପାତଲାମ୍ବ, ଆରସାକାନି ଗ୍ରାମରେ ରାଶନ ଦିଆଯାଇଛି। ସଂସ୍ଥାର ଜିଲା କୋର୍ଡିନେଟର ମାନସ ପାଢ଼ୀ, ନମିତା ସାହୁ, କାମେଶ୍ୱର ମାଣ୍ଡାଙ୍ଗି, ମୃତ୍ୟୁଞ୍ଜୟ ଓ ଆକ୍‌ସୁସ୍ ସଂସ୍ଥାର ମନୋଜ ବେଉରିଆ ରାଶନ ଓ ମାସ୍କ ଦେଇଥିଲେ।

# ବର୍ଷକର ଦରମା ପାଇନାହାନ୍ତି ୨୫୦ ଠିକା କର୍ମଚାରୀ

ଜୟପୁର,୨୩।୪(ଡି.ଏନ୍.ଏ./ନି.ପ୍ର.)

କରୋନା ମୁକାବିଲା ପାଇଁ ଜାରି ରହିଥିବା ଲକ୍‌ଡାଉନକୁ ଦୃଷ୍ଟିରେ ରଖି ସରକାର ସମସ୍ତ ଶ୍ରେଣୀର ଲୋକଙ୍କୁ ସହାୟତା ଦେଉଛନ୍ତି। କିନ୍ତୁ କୋରାପୁଟ ଜିଲା ବିଏସ୍‌ଏନ୍‌ଏଲ୍‌ରେ କାର୍ଯ୍ୟରତ ୨୫୦ ଜଣ ଅସ୍ଥାୟୀ, ଠିକା କର୍ମଚାରୀଙ୍କୁ ଗତ ୧୨ ମାସର ଦରମା ମିଳିନାହିଁ। ଆଗରୁ ଦୈନନ୍ଦିନ ଗୁଜୁରାଣ ବଡ଼କଷ୍ଟରେ ଚଳୁଥିବା ବେଳେ ଲକ୍‌ଡାଉନ ପରିସ୍ଥିତିରେ ସେମାନଙ୍କ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ଦେଶରେ ଅଗ୍ରଣୀ ସେବା ପ୍ରଦାନକାରୀ ସଂସ୍ଥା କୁହାଯାଉଥିବା

**ବିଏସ୍‌ଏନ୍‌ଏଲ୍**

ବିଏସ୍‌ଏନ୍‌ଏଲ୍‌ର କର୍ମଚାରୀମାନେ ଏବେ ସରକାରଙ୍କ ପାଇଁ ଅଲୋଡ଼ା ପାଲଟି ଯାଇଛନ୍ତି। ଜୟପୁରସ୍ଥିତ ସହକାରୀ ଯୁଗ୍ମ ଶ୍ରମ କମିଶନରଙ୍କୁ ଏନେଇ ଦାବିପତ୍ର ମଧ ଦିଆଯାଇଛି। କୌଣସି ଜରୁରିକାଳୀନ କର୍ମଚାରୀ ଓ ଶ୍ରମିକ ଭୋକ ଉପବାସରେ ନ ରହିବା ପାଇଁ ସରକାର ଘୋଷଣା କରିଥିଲେ ମଧ ବିଏସ୍‌ଏନ୍‌ଏଲ୍‌ର ଅସ୍ଥାୟୀ ଓ ଠିକା କର୍ମଚାରୀ ଏଥିରୁ ବାଦ୍ ପଡ଼ିଥିବା ଅଭିଯୋଗ କରିଛି ସଂଘ। ତୁରନ୍ତ ବକେୟା ଦରମା ଦେବା ପାଇଁ ସଂଘର ଜିଲା କୋର୍ଡିନେଟର ସୁରେଶ ଗୌଡ଼, ଉପସଭାପତି ବିଜୟପାତ୍ର, ଦେବ ଚାଲାଣ, ରାମଚନ୍ଦ୍ର ପଟ୍ଟନାୟକ ଦାବି କରିଛନ୍ତି।

# ଧରାହେଲେ ୧୪୨ ଅମାନିଆ

ପାରଳାଖେମୁଣ୍ଡି, ୨୩।୪ (ସ୍ୱ.ପ୍ର.)

ଗଜପତି ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଲକ୍‌ଡାଉନ୍ ସମୟରେ ବିନା କାରଣରେ ବାହାରେ ବୁଲିବା ଏବଂ ମାସ୍କ ପରିଧାନ କରି ନ ଥିବା ଯୋଗୁ ୧୪୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଧରାପଡି ଜରିମାନା ଗଣିଛନ୍ତି। ପୋଲିସ ଜିଲାର ମୋହନା, ଗୁରାଣ୍ଡି, କାଶୀନଗର, ଆର୍.ଉଦୟଗିରି ଓ ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଧରପଗଡ ବେଳେ ଏହି ଅମାନିଆ ଧରା ପଡିଥିବା ଏସପି ସାରା ଶର୍ମା ଓ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି ।

# ରିଲିଫ ପାଣ୍ଠିକୁ ସହାୟତା

ରାୟଗଡ଼ା ଅଫିସ୍/ଗୁଣପୁର/ବୈପାରୀଗୁଡ଼ା/କୁନ୍ଦୁରା,୨୩।୪(ଡି.ଏନ୍.ଏ.)

ଭାରତୀୟ ମଜଦୁର ସଂଘ ରାୟଜଡ଼ା ଜିଲା ସଭାପତି ଯୋଗେଶ୍ୱର ଦାଶଙ୍କ ନେତୃତ୍ୱରେ ସମ୍ପାଦକ ଖଗେଶ୍ୱର ସିଂ, କୋଠାବାଡ଼ି ଓ ଅନ୍ୟ ନିର୍ମାଣ ସଂଘ ସଭାପତି ଅରୁଣ ଲେଙ୍କା, ରାଜ୍ୟ ଆଶାକର୍ମୀ ସଂଘ ଜିଲା ସଭାପତି ପୁଷ୍ପାଞ୍ଜଳି ବେହୁରା ରାୟଗଡ଼ା ଜିଲାପାଳ ପ୍ରମୋଦ ବେହେରାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୫୦୦୦ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଗୁଣପୁର ଶୌଣ୍ଡିକ ସମାଜ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ ହଜାର ଟଙ୍କାର ସହାୟତା ଦିଆଯାଇଛି। ଶୌଣ୍ଡିକ ସମାଜ ସଭାପତି ବଳରାମ ସେନାପତି, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାହୁ, ସମ୍ପାଦକ ନୀଳାମ୍ବର ଚୌଧୁରୀ, ଜଗନ୍ନାଥ ଚୌଧୁରୀ, ଦିଲ୍ଲିପ ଚୌଧୁରୀ, ଲିଙ୍ଗରାଜ ଚୌଧୁରୀ ଓ ମନୋଜ ତୁଳ ଉପଜିଲାପାଳ ଡ. ସିଦ୍ଧେଶର ବଳିରାମ ବନ୍ଦରଙ୍କୁ ଏହି ରାଶି ପ୍ରଦାନ କରିଥିଲେ। ସେହିପରି ବୈପାରୀଗୁଡ଼ା ଫ୍ରେଣ୍ଡସ ୟୁନିଟ୍ କ୍ଲବ ସଦସ୍ୟମାନେ ୬ ହଜାର ୬୬୬ ଟଙ୍କା ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ ସଂଘର କର୍ମକର୍ତ୍ତା ମଧୁସୂଦନ ରାଉତ, ମନ୍ଦାକିନୀ ପାଇକ, ପ୍ରଭାତୀ ପାତ୍ର, ତେଜେଶ୍ୱର ରାଓ, ଏନ୍. ଗୌରୀ, କେ. ଉମା, କାର୍ତ୍ତିକ ହନ୍ତାଳ, ଚକ୍ର ବୈରାଗୀ ଉପସ୍ଥିତ ଥିଲେ। ସେହିପରି ଦଶମନ୍ତପୁର ପଞ୍ଚାୟତ ପି. ମାଳିଗୁଡ଼ାର ୧୧ ବର୍ଷୀୟ ଭିନ୍ନକ୍ଷମ ବାଳକ ଭଗବାନ ମାଳି ମାସକର ଭତ୍ତା ପ୍ରଦାନ କରିଛନ୍ତି। ସେହିପରି କୁନ୍ଦୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଅଧୀନରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ, ବିଇଓ କାର୍ଯ୍ୟାଳୟର କର୍ମଚାରୀମାନେ ଗୋଟିଏ ଦିନର ଦରମା ପ୍ରଦାନ କରିଛନ୍ତି। ଏ ବାବଦକୁ ୩ ଲକ୍ଷ ୧୧ ହଜାର ୭ ଶହ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସେମାନେ ଦାନ କରିଛନ୍ତି।

# କେନ୍ଦୁପତ୍ର କିଣା ନେଇ ରେଞ୍ଜରଙ୍କ ସହ ଆଲୋଚନା

କାଳିମେଳା,୨୩।୪(ଡି.ଏନ.ଏ)

- ଫଡ଼ିରେ ହାତ ଧୋଇବା ବ୍ୟବସ୍ଥା କରିବା
- ମାନୁନାହାନ୍ତି ସାମାଜିକ ଦୂରତା
- ଏଣିକି ନିୟମ ଖିଲାପ କଲେ ଦଣ୍ଡ


ରେଞ୍ଜରଙ୍କ ସହ ତହସିଲଦାର କେନ୍ଦୁପତ୍ର କିଣିବା ନେଇ ଆଲୋଚନା କରୁଛନ୍ତି ।

ମାଲାକନଗିରି ଜିଲା କାଳିମେଳା ତହସିଲଦାର ତଥା କୋଭିଡ-୧୯ର କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କ ସଭାପତିତ୍ୱରେ କେନ୍ଦୁପତ୍ର କିଣିବା ନେଇ ଏକ ବୈଠକ ତହସିଲ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ରେଞ୍ଜର ଆଶୁତୋଷ ସିଂ, ସୁନନ୍ଦ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କରୋନା ପାଇଁ ସବୁଆଡେ କଟକଣା ଜାରି ରହିଛି। ତେବେ ସରକାର କେନ୍ଦୁପତ୍ର ତୋଳିବା ଲାଗି ଅନୁମତି ଦେଇଛନ୍ତି। ଏହା ତୋଳିବା ସମୟରେ ଶ୍ରମିକମାନେ ସାମାଜିକ ଦୂରତା ରକ୍ଷା କରୁ ନ ଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଆଲୋଚନା କରି ତସହିଲଦାର ୪ଟି ବିଷୟ ଉପରେ ଗୁରୁତ୍ୱରୋପ କରିଛନ୍ତି। ସମସ୍ତ କେନ୍ଦୁପତ୍ର ଫଡିରେ ହାତ ଧୋଇବା ପାଇଁ ବ୍ୟବସ୍ଥା କରିବା, ଲୋକେ ୨ ମିଟର ସାମଜିକ ଦୂରତା ଯେପରି ବଜାୟ ରଖିବେ ତାହା ସୁନିଶ୍ଚିତ କରିବା, ପତ୍ର ତୋଳିବା ସମୟରେ ମୁହଁରେ ମାସ୍କ ବାନ୍ଧିବା ଏବଂ କୌଣଷି ବାହାର ରାଜ୍ୟର ବ୍ୟବସାୟୀଙ୍କୁ କେନ୍ଦୁପତ୍ର କିଣିବା ପାଇଁ ଅନୁମତି ନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ସ୍ଥାନୀୟ ଲୋକଙ୍କ ଜରିଆରେ ବାହାର ସୀକୃତିପ୍ରାପ୍ତ ବ୍ୟବସାୟୀ କେନ୍ଦୁପତ୍ର କିଣିପାରିବେ। ଏହି ନିୟମଗୁଡିକର ଖିଲାପ କଲେ ଦଣ୍ଡ ବିଧାନ କରାଯିବ ବୋଲି ତହସିଲଦାର ଅନୁଗୁଳିଆ କହିଛନ୍ତି। ସୂଚନାଯୋଗ୍ୟ ଯେ, କାଳିମେଳା କେନ୍ଦୁପତ୍ର ରେଞ୍ଜ ଅଧୀନରେ କାଳିମେଳା ରେଞ୍ଜରେ ୨୪ଟି ,ପଡିଆ ୧୮ଟି, ଗମ୍ପାକୋଣ୍ଡା ୧୧ଟି ଓ କୁର୍ତି ରେଞ୍ଜରେ ୧୪ଟି ଫଡି ରହିଛି। ଆଦି ୪ଟି ରେଞ୍ଜର ଫଡି ରହିଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ଏପ୍ରିଲ ୨୪/୨୦୨୦ Friday, April 24/2020

**ସଂକ୍ଷେପରେ**

## ତନିସ୍କ ପକ୍ଷରୁ ଅକ୍ଷୟ ତୃତୀୟା ଅନ୍‌ଲାଇନ




**ଭୁବନେଶ୍ୱର,୨୩।୪:** ତନିସ୍କ ପକ୍ଷରୁ ଚଳିତ ବର୍ଷ ଅକ୍ଷୟ ତୃତୀୟା ଅନ୍‌ଲାଇନ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଏହି ଅଫର ୨୭ ଏପ୍ରିଲ ଯାଏ ଏହାର ଇ-କମର୍ସ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ। କରୋନା ସ୍ଥିତି ଠିକ୍ ହେବା ପରେ ଷ୍ଟୋରରେ ପୁଣି ଥରେ ସେବା ଆରମ୍ଭ କରାଗଲେ ଗ୍ରାହକ ଷ୍ଟୋରକୁ ଆସି ତାଙ୍କ ଗହଣା ନେଇପାରିବେ। ଏହାବାଦ ସେମାନଙ୍କ ଘରେ ମଧ ଡେଲିଭରି ଦେବାର ସୁବିଧା କରାଯାଇଛି। ଗ୍ରାହକ ବିସ୍ତୃତ ବର୍ଗରେ ଗୋଲ୍ଡ କଏନ ଲାଭ କରିପାରିବେ। ଏହାବାଦ ଷ୍ଟଡେଡ୍ ଆଣ୍ଡ ଡାଏମଣ୍ଡ ଜୁଏଲେରି, ରିଙ୍ଗ୍, ଇୟରରିଙ୍ଗ୍, ନେକ୍‌ଲେସ୍, ଚୁଡି ମଧ ବିଭିନ୍ନ ଡିଜାଇନର ରହିଛି। ବେଷ୍ଟ ଇନ୍ କ୍ଲାସ୍ ଡିଜାଇନର ଜୁଏଲେରି, ସଦ୍ୟତମ ୱେଡିଂ କଲେକ୍ସନ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ଏକ ଭିନ୍ନ ଢଙ୍ଗରେ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଯୋଜନା ରଖାଯାଇଛି ବୋଲି ଟାଇଟାନ କମ୍ପାନୀ ଲିମିଟେଡ୍‌ର ଜୁଏଲେରି ଡିଭିଜନ ସିଇଓ ଅଜୟ୍ ଚାୱ୍ଲା ସୂଚନା ଦେଇଛନ୍ତି। ଅକ୍ଷୟ୍ ତୃତୀୟାରେ ପ୍ରାଚୁର୍ଯ୍ୟର ନିଦର୍ଶନ ହୋଇଥିବା ବେଳେ ବର୍ତ୍ତମାନ ସମୟରେ ସାହସ ଏବଂ ଦୃଢତା ସହ ଲଢିବାର ଆବଶ୍ୟକତା ରହିଛି। ନୂଆ ଆରମ୍ଭ ଏବଂ ଭବିଷ୍ୟତ ଲାଗି ଗ୍ରାହକଙ୍କ ସହ ସବୁବେଳେ ରହି କାମ କରୁଛୁ ବୋଲି ଚାୱ୍ଲା ମତବ୍ୟକ୍ତ କରିଛନ୍ତି।

# ଏଫ୍‌ଡିଆଇ ଲାଗି ଉତ୍କୃଷ୍ଟ ସମୟ

**ୱାଶିଂଟନ,୨୩।୪**




କୋଭିଡ୍-୧୯ ଲାଗି ବର୍ତ୍ତମାନ ଚ୍ୟାଲେଞ୍ଜିଂ ସ୍ଥିତି ସୃଷ୍ଟି ହୋଇଛି। ଭାରତ ସମେତ ସାରା ବିଶ୍ୱ ଏବେ ଲକ୍‌ଡାଉନ ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଦେଶର ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ରହିଛି। ଗ୍ରାମାଞ୍ଚଳରେ କିଛି କ୍ଷେତ୍ରକୁ ଏବେ ଏବେ ସରକାର କାର୍ଯ୍ୟ ପରିଚାଳନା ନେଇ ଅନୁମତି ପ୍ରଦାନ କରିଛନ୍ତି। ବର୍ତ୍ତମାନ ସମୟରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଆକୃଷ୍ଟ କରିବାକୁ ଭାରତ ଲାଗି ଏକ ଉତ୍କୃଷ୍ଟ ସମୟ ବୋଲି ଆମେରିକାରେ ଅବସ୍ଥିତ ଭାରତ କୈନ୍ଦ୍ରିକ ବିଜ୍‌ନେସ ଆଡଭୋକେସି ଗ୍ରୁପ୍ ପକ୍ଷରୁ ଏକ ଅଧ୍ୟୟନରେ କୁହାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, କରୋନା ମହାମାରୀ ସଙ୍କଟ ସ୍ଥିତି ଦେଇ ଭାରତ ଗତି କରୁଥିଲେ ମଧ ଫେସ୍‌ବୁକ୍ ଭାରତରେ ୫.୭ ବିଲିୟନ ଡଲାର ମୁକେଶ ଅମ୍ବାନୀଙ୍କ ଜିଓରେ ନିବେଶ କରିଛି। ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ବିଦେଶୀ ନିବେଶକଙ୍କ ଏହା ଦୃଢ଼ବିଶ୍ୱାସର ପ୍ରତିଫଳନ। ଏଭଳି କାର୍ଯ୍ୟ ଦେଶର ଆର୍ଥିକ ବିକାଶଧାରା ଲାଗି ଏକ ଭଲ ସଙ୍କେତ ବୋଲି ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି। ଏହି ପରିପ୍ରେକ୍ଷୀରେ ୟୁଏସ୍ ଇଣ୍ଡିଆ ଷ୍ଟ୍ରାଟେଜିକ ଆଣ୍ଡ ପାର୍ଟନରଶିପ ଫୋରମ(ୟୁଏସ୍‌ଆଇଏସ୍‌ପି) ସଭାପତି ମୁକେଶ ଆଘି କହିଛନ୍ତି ଯେ, ଭାରତକୁ ଏଫ୍‌ଡିଆଇ ଆକୃଷ୍ଟ କରିବା ଲାଗି କୋଭିଡ୍-୧୯ ସୁଯୋଗ ପ୍ରଦାନ କରିଛି। ନିବେଶ ଧାରା ଲାଗି ରହିଲେ ଭାରତ ଚାଇନାକୁ ପଛରେ ପକାଇ ବିଶ୍ୱର ୧ ନମ୍ବର ମାନୁଫାକଚରିଂ ହବ୍ ହେବାକୁ ସକ୍ଷମ ହେବ। ନୂଆ ନିବେଶ ଆସିଲେ ଏହା ନିଯୁକ୍ତି ସୃଷ୍ଟି ଏବଂ ବିକାଶଧାରାରେ ଯୋଗଦାନକୁ ବଢ଼ାଇବ। ଶ୍ରମ ଆଇନରେ ସଂଶୋଧନ, ସଂସ୍କାର ଧାରାରେ ଉନ୍ନତ ମାନୁଫାକଚରିଂକୁ ପ୍ରୋତ୍ସାହିତ କରିବା ଲାଗି ଜାପାନ ଭଳି ପ୍ୟାକେଜ ବ୍ୟବସ୍ଥା ଭଳି ଅନ୍ୟ ଦିଗରେ ସରକାର ବିଚାର କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ମୁକେଶ ପୁଣି ହେଲେ ଏସିଆର ସବୁଠୁ ଧନୀ ବ୍ୟକ୍ତି

**ନୂଆଦିଲ୍ଲୀ,୨୩।୪:** ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଜିଓ ସହ ଫେସ୍‌ବୁକ୍‌ର ଚୁକ୍ତି ହେବା ପରେ ଅମ୍ବାନୀ ପୁଣି ଥରେ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ସ୍ଥାନକୁ ଫେରିଛନ୍ତି। ଆଲିବାବାର ପ୍ରତିଷ୍ଠାତା ଜ୍ୟାକ୍ ମାଙ୍କୁ ପଛରେ ପକାଇ ଅମ୍ବାନୀ ଏହି ସ୍ଥାନ ହାସଲ କରିଛନ୍ତି। ଫେସ୍‌ବୁକ୍ ସହ ହୋଇଥିବା ଡିଲ୍ ପରେ ଅମ୍ବାନୀଙ୍କ ସମ୍ପତ୍ତିରେ ୪ ବିଲିୟନ ଡଲାର ବୃଦ୍ଧି ଘଟି ୪୯.୫ ବିଲିୟନ ଡଲାର (୩.୭୭ ଲକ୍ଷ କୋଟି ଟଙ୍କା) ଛୁଇଁଛି। ଜିଓରେ ଫେସ୍‌ବୁକ୍ ୪୩,୫୭୪ କୋଟି ଟଙ୍କା ନିବେଶ କରିବ ବୋଲି ଜଣାପଡିଛି। ଏହି ନିବେଶ ପରେ ଫେସ୍‌ବୁକ୍ ଜିଓର ୯.୯୯% ଅଂଶଧନ ହାସଲ କରିବ। ଜ୍ୟାକ ମାଙ୍କ ସମ୍ପତ୍ତି ତୁଳନାରେ ଅମ୍ବାନୀଙ୍କ ସମ୍ପତ୍ତି ୩ ବିଲିୟନ ଡଲାର ଅଧିକ ରହିଛି। ବ୍ଲୁମ୍‌ବର୍ଗ ତଥ୍ୟ ମୁତାବକ ୨୧ ଏପ୍ରିଲ ସୁଦ୍ଧା




ଅମ୍ବାନୀଙ୍କ ସମ୍ପତ୍ତି ୧୪ ବିଲିୟନ ଡଲାର ଖସିଯାଇଥିଲା। ଫେସ୍‌ବୁକ୍ ସହ ଡିଲ୍ ପରେ ରିଲାଏନ୍ସ ଶେୟାର କାରବାର ବଢିଛି। କାରବାର ଶେଷ ବେଳକୁ ଏହା ୯.୮୩% ଉପରେ ରହିଛି। କେବଳ ବୁଧବାର କମ୍ପାନୀର ବଜାର ପୁଞ୍ଜିକରଣରେ ୯୦ ହଜାର କୋଟି ଟଙ୍କା ବଢିଛି। ନୂଆ ଚୁକ୍ତି ଦ୍ୱାରା ଭାରତର ଡିଜିଟାଲ ଦୁନିଆରେ ଏକ ପ୍ରମୁଖ ସ୍ଥାନରେ ରହିବା ସ୍ୱପ୍ନ ସତ ହେବ ବୋଲି ଅମ୍ବାନୀ କହିଛନ୍ତି।

## କରୋନା ଯୋଦ୍ଧାଙ୍କୁ ଓଜିବିକେଏସ୍‌ର ସମର୍ଥନ



**ଭୁବନେଶ୍ୱର, ୨୩।୪:** କରୋନା ବିରୋଧରେ ଲଢୁଥିବା ବ୍ୟକ୍ତିବିଶେଷଙ୍କୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) ପକ୍ଷରୁ ସମର୍ଥନ କରାଯାଇଛି। କରୋନା ଯୋଦ୍ଧାଙ୍କୁ ସମର୍ଥନ ଜଣାଇ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀମାନେ ସଲିଡାରିଡି ଡେ ପାଳନ କରିଛନ୍ତି। ଏହି ଦିବସକୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘ (ଓଜିବିକେଏସ୍) ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀ ସଂଘ(ଓଜିବିଏଏସ୍) ପକ୍ଷରୁ ପାଳନ କରାଯାଇଛି। ଭାରତୀୟ ମଜଦୁର ସଂଘ ପକ୍ଷରୁ ୨୨ ଏପ୍ରିଲକୁ ସଲିଡାରିଟି ଡେ ପାଳନ କରାଯିବା ଲାଗି ଏହାର ସମସ୍ତ ସଦସ୍ୟଙ୍କୁ କୁହାଯାଇଥିଲା। କର୍ମଚାରୀମାନେ ନୀରବ ପ୍ରାର୍ଥନା, ପ୍ଲାକାର୍ଡ ଧରି ସମର୍ଥନ ଏବଂ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା ଭଳି ଅନ୍ୟ ପଦକ୍ଷେପ ହାତକୁ ନିଆଯାଇଛି।

## ମୋରାଟୋରିୟମ ସୁବିଧା ଦେଲା ବଜାଜ ଫାଇନାନ୍ସ

**ଭୁବନେଶ୍ୱର,୨୩।୪:** ବଜାଜ ଫାଇନାନ୍ସ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି କୋଭିଡ୍-୧୯ ମୋରାଟୋରିୟମ ସୁବିଧା ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଭଲ ଟ୍ରାକ୍ ରେକର୍ଡ ଥିବା ଗ୍ରାହକଙ୍କୁ ଋଣ ପରିଶୋଧ କରିବା ଲାଗି କମ୍ପାନୀ ମହଲତ ହେଉଥିବା ସୂଚନା ଦେଇଛି। ଯେଉଁ ଗ୍ରାହକଙ୍କର କୌଣସି ପ୍ରକାର ଋଣରେ ୨ରୁ ଅଧିକ ଇଏମ୍‌ଆଇ ବକେୟା ନାହିଁ ସେମାନେ ଚଳିତ ବର୍ଷ ମାର୍ଚ୍ଚ, ଏପ୍ରିଲ ଏବଂ ମେ ମାସର କିସ୍ତି ପଇଠ ନ କରିବା ଲାଗି ମହଲତ ପାଇବାକୁ ଯୋଗ୍ୟ। ଯଦି ୨୦୨୦ ମାର୍ଚ୍ଚ ପରେ କୌଣସି ଋଣ ମଞ୍ଜୁର କରାଯାଇଥିବ ତେବେ ସେ ଉପରେ କୌଣସି ମହଲତ ପ୍ରଦାନ କରାଯିବ ନାହିଁ।

# ଭାରତକୁ ରେମିଟାନ୍ସ କମିବ

**ୱାଶିଂଟନ,୨୩।୪**




କୋଭିଡ୍-୧୯ ଯୋଗୁ ଏବେ ସାରା ବିଶ୍ୱରେ ମାନ୍ଦାବସ୍ଥା ସ୍ଥିତି ଉପୁଜିଛି। ଫଳରେ ବିଦେଶରେ ରହୁଥିବା ଭାରତୀୟମାନଙ୍କ ରେମିଟାନ୍ସ (ପ୍ରେରିତ ଅର୍ଥ) ୨୩% କମିବ ବୋଲି ଆଶଙ୍କା କରାଯାଉଛି। ଗତ ବର୍ଷ ବିଦେଶରେ ରହୁଥିବା ଭାରତୀୟମାନେ ଦେଶକୁ ୮୪ ବିଲିୟନ ଡଲାରର ଅର୍ଥ ପଠାଇଥିଲେ। ଚଳିତ ବର୍ଷ ଏହା କମିବା ସହ ୬୪ ବିଲିୟନ ଡଲାରକୁ ଖସିବ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ବୁଧବାର ଜାରି କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ସାରା ବିଶ୍ୱର ରେମିଟାନ୍ସ ପ୍ରାୟ ୨୦% ହ୍ରାସ ଘଟିବ। କରୋନା ଜନିତ ଶଟ୍‌ଡାଉନ ଲାଗି ବଜାର କ୍ଷତିଗ୍ରସ୍ତ ରହିଛି। ପ୍ରବାସୀ ଶ୍ରମିକଙ୍କ ନିଯୁକ୍ତି ଏବଂ ବେତନ ଉପରେ କରୋନା ଗଭୀର ପ୍ରଭାବ ପକାଇଛି। ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକ ଲାଗି ରେମିଟାନ୍ସକୁ ଆୟର ଏକ ପ୍ରମୁଖ ମାଧ୍ୟମ ବୋଲି ବିଚାର କରାଯାଏ। ବିକଶିତ ଅର୍ଥ ବ୍ୟବସ୍ଥାଗୁଡିକ ଏବେ କ୍ଷତିଗ୍ରସ୍ତ ଥିବାରୁ ସେଠାରେ କାମ କରୁଥିବା ଲୋକମାନଙ୍କ ଉପରେ ମଧ ପ୍ରଭାବ ରହିବ। ସ୍ଥିତି ନ ସୁଧୁରିବା ଯାଏ ଲୋକମାନେ ଏ କ୍ଷେତ୍ରରେ ସମସ୍ୟା ସାମ୍ନା କରିବେ ବୋଲି ୱାର୍ଲଡ ବ୍ୟାଙ୍କ ଗ୍ରୁପ୍ ସଭାପତି ଡାଭିଡ୍ ମାଲପାସ୍ କହିଛନ୍ତି। ରିପୋର୍ଟ ମୁତାବକ ୟୁରୋପ ଆଣ୍ଡ ସେଣ୍ଟ୍ରାଲ ଏସିଆର ରେମିଟାନ୍ସ ୨୭.୫%, ସାହାରା ଏବଂ ଆଫ୍ରିକା ୨୩.୧%, ଲାଟିନ ଆମେରିକା-କାରିବିଆନ ୧୯.୩%, ପୂର୍ବ ଏସିଆ-ପାସିଫିକ ୧୩%, ପାକିସ୍ତାନକୁ ୨୩% ଖସିବ ବୋଲି କୁହାଯାଇଛି।

# ଖେଳ ଖବର

## ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍‌ର ପୁନଃ ନିର୍ଦ୍ଧାରଣ ହେବ

**ଦୁବାଇ, ୨୩।୪ (ପି.ଟି.):** କୋଭିଡ୍-୧୯ ମହାମାରୀ ଯୋଗୁ ସମଗ୍ର ବିଶ୍ୱରେ କ୍ରୀଡ଼ା କାର୍ଯ୍ୟକଳାପ ଏକପ୍ରକାର ସ୍ଥାଣୁ ପାଲଟିଯାଇଛି। ଏଥିଯୋଗୁ ୨୦୨୩ ପର୍ଯ୍ୟନ୍ତ ରହିଥିବା ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍ (ଏଫ୍‌ଟିପି)ର ପୁନଃନିର୍ଦ୍ଧାରଣ ହେବ। ଗୁରୁବାର ଅନୁଷ୍ଠିତ ଆଇସିସି(ଅନ୍ତର୍ଜାତୀୟ କ୍ରିକେଟ ପରିଷଦ)ର ମୁଖ୍ୟକାର୍ଯ୍ୟନିର୍ବାହୀ କମିଟି ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି। ଟେଲି କନଫରେନ୍ସ ଜରିଆରେ ଏହି ବୈଠକ ବସିଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏବଂ ପ୍ରସ୍ତାବିତ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଲିଗ୍ ସମ୍ପର୍କରେ ଦିନ ଧାର୍ଯ୍ୟ ପରେ ହେବ। କୋଭିଡ୍-୧୯ ଯୋଗୁ ଇତିମଧ୍ୟରେ ଇଂଲଣ୍ଡର ଶ୍ରୀଲଙ୍କା ଟୁର୍ ଏବଂ ଅଷ୍ଟ୍ରେଲିଆର ନ୍ୟୁଜିଲାଣ୍ଡ ଟୁର୍ ସ୍ଥଗିତ ରଖାଯାଇଛି। ଅପରପକ୍ଷରେ ପାକିସ୍ତାନ ଓ ୱେଷ୍ଟଇଣ୍ଡିଜର ଇଂଲଣ୍ଡ ଟୁର୍ ହୋଇ ପାରିବ କି ନା ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଖବର ଅନୁସାରେ ଅଷ୍ଟ୍ରେଲିଆରେ ଅକ୍ଟୋବର ଓ ନଭେମ୍ବରରେ ହେବାକୁଥିବା ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ୨୦୨୦ ଏବଂ ଆଇସିସି ମହିଳା କ୍ରିକେଟ ବିଶ୍ୱକପ୍ ୨୦୨୧ ସମେତ ସମସ୍ତ ଆଇସିସି ଗ୍ଲୋବାଲ ଇଭେଣ୍ଟଗୁଡ଼ିକ ଲାଗି ଏହି ବୈଠକରେ ଆକସ୍ମିକ ଯୋଜନା ପ୍ରସ୍ତୁତ କରାଯାଇଛି।

# 'ଟ୍ରେନିଂ ସୁବିଧା ପାଉଥିବାରୁ ମୁଁ ଭାଗ୍ୟଶାଳୀ'

**ଭୁବନେଶ୍ୱର, ୨୩।୪(କ୍ରୀଡ଼ା ପ୍ରତିନିଧି)**

କୋଭିଡ୍-୧୯ ପ୍ରଭାବରେ କ୍ରୀଡ଼ା ଜଗତ ସ୍ଥାଣୁ ଅବସ୍ଥାକୁ ଚାଲି ଆସିଥିବାରୁ ସର୍ବଦା କୋଳାହଳ ମୁଖରିତ ଖେଳାଳି ତିଆରି କାରଖାନା ଉତ୍କଳ କରାଟେ ସ୍କୁଲ ଏବେ ଶୂନ୍‌ଶାନ୍। ନିଜର ଦୂରଦୃଷ୍ଟି ଏବଂ ସବୁବେଳେ ନୂଆ କିଛି କରିବାର ଝୁଙ୍କ୍ ଯୋଗୁ ସୀମିତ ପରିସରରେ ପାଖାପାଖି ଡଜନେ କ୍ରୀଡ଼ା ଇଭେଣ୍ଟ ପରିଚାଳନା କରି

**ଉତ୍କଳ କରାଟେ ସ୍କୁଲରେ ଅଭ୍ୟାସ କରୁଛନ୍ତି ଅନୁପମା**



ପାରୁଥିବା ଏହାର ପ୍ରତିଷ୍ଠାତା ତଥା ମୁଖ୍ୟ କୋଚ୍ ହରି ପ୍ରସାଦ ପଟ୍ଟନାୟକ ଏବେ କ୍ରୀଡ଼ାର ଭବିଷ୍ୟତକୁ ନେଇ ଚିନ୍ତିତ। ସମଗ୍ର ବିଶ୍ୱ କରୋନା ଭାଇରସ ସଂକ୍ରମଣରେ ପ୍ରଭାବିତ ହୋଇଥିବାରୁ କେବେ ପୁଣି କ୍ରୀଡ଼ା ଜଗତ ସ୍ୱାଭାବିକ ଅବସ୍ଥାକୁ ଆସିବ ତାହାକୁ ନେଇ କେହି କିଛି ପୂର୍ବାନୁମାନ ଲଗାଇପାରୁ ନାହାନ୍ତି। ବିଶେଷ କରି କରାଟେ ସ୍କୁଲ ପରିସରରେ ହେଉଥିବା ଫୁଲ୍ କଣ୍ଟାକ୍ଟ କ୍ରୀଡ଼ା ଇଭେଣ୍ଟ ଗୁଡ଼ିକୁ ନିକଟ ଅତୀତରେ ଅନୁମତି ମିଳିବା ସମ୍ଭାବନା ନାହିଁ ବୋଲି ହରିପ୍ରସାଦ ଅନୁଭବ କରୁଛନ୍ତି।

ଏହି ସ୍କୁଲର ଅନ୍ୟତମ ଶ୍ରେଷ୍ଠ ସୃଷ୍ଟି ହେଲେ ଅନୁପମା ସ୍ୱାଇଁ। କରାଟେ ସ୍କୁଲରେ ସର୍ବଦା ଅଭ୍ୟାସରେ ବ୍ୟସ୍ତ ରହୁଥିବା ଅନ୍ୟ କ୍ରୀଡ଼ାବିତ୍‌ମାନେ ଘରକୁ ଫେରି ପରିବାର ସହିତ ସମୟ କଟାଉଥିବାବେଳେ ବହୁମୁଖୀ କ୍ରୀଡ଼ା ପ୍ରତିଭାର ଅଧିକାରୀ ଅନୁ ଲକ୍‌ଡାଉନ୍ ସ୍ଥିତିରେ ଏଠାରେ ରହିଯାଇଛନ୍ତି। ସେ ମଧ ଘରକୁ ଫେରିଥିଲେ ଭଲ ହୋଇଥାନ୍ତା ବୋଲି ପ୍ରାରମ୍ଭିକ ପର୍ଯ୍ୟାୟରେ ଭାବୁଥିଲେ। ମାତ୍ର ଲକ୍ ଡାଉନ୍ ଅବଧି ବଢୁଥିବାରୁ ତାଙ୍କ ମନୋଭାବରେ ପରିବର୍ତ୍ତନ ଆସିଛି। ପାର୍ଟନର ମିଳୁ ନ ଥିଲେ ହେଁ କରାଟେ ସ୍କୁଲରେ ଅଭ୍ୟାସ ଜାରି ରଖି ପାରିଥିବାରୁ ନିଜକୁ ଭାଗ୍ୟଶାଳୀ ମଣୁଛନ୍ତି। " ଦେଶ ଏବେ ଲକ୍‌ଡାଉନ୍ ସ୍ଥିତିରେ ଥିବାରୁ ଅଧିକାଂଶ ଖେଳାଳି ଘରେ ସମୟ ବିତାଉଛନ୍ତି। ଏହା ଅବଶ୍ୟ ଗୋଟିଏ ଦୃଷ୍ଟିରୁ ଭଲ କଥା, ତେବେ ଘରେ କିଛିଦିନ ରହିବାପରେ ଫିଜିକାଲ ଫିଟ୍‌ନେସ ବଜାୟ ରଖିବା କଷ୍ଟକର ହୋଇପଡ଼ିବ। ଏ କ୍ଷେତ୍ରରେ ମୁଁ ସାମାନ୍ୟ ଭାଗ୍ୟଶାଳୀ ମନେ କରୁଛି । କାରଣ ମୋ ଟ୍ରେନିଂ ଏପର୍ଯ୍ୟନ୍ତ ପ୍ରଭାବିତ ହୋଇନାହିଁ। ଫାଇଟିଂ ଟ୍ରେନିଂ ଅବସରରେ ବିଭିନ୍ନ ପାର୍ଟନରଙ୍କ ସହ ଅଭ୍ୟାସରୁ ଫାଇଦା ମିଳିଥାଏ। ମାତ୍ର ତାହା ଏବେ ସମ୍ଭବ ହେଉ ନ ଥିବାରୁ ହରି ସାରଙ୍କ ତତ୍ତ୍ୱାବଧାନରେ ମୁଁ ଏହା ଜାରି ରଖିବାରେ ସକ୍ଷମ ହୋଇଛି'' ବୋଲି ଅନୁପମା କହିଛନ୍ତି। ମୁଁ ସକାଳେ ୱାର୍ମଅପ୍, ଷ୍ଟ୍ରେଚିଂ ଆଦି ଏକ୍ସରସାଇଜ୍ କରୁଛି। ଫିଟ୍‌ନେସ ପାଇଁ ପୁଶ୍‌ଅପ୍‌ଠାରୁ ଆରମ୍ଭ କରି ପେଟ କମିବା ପାଇଁ ବିଭିନ୍ନ ବ୍ୟାୟାମ କରୁଛି। ହାତ ଏବଂ ଆଣ୍ଠୁର ଷ୍ଟ୍ରେନ୍ଥ ବଢ଼ାଇବା ପାଇଁ ସ୍କ୍ୱାଟ୍ ଏକ୍ସରସାଇଜ୍ କରୁଛି। ଟ୍ରେନିଂ ସ୍କୁଲରେ ଥିବାରୁ ୱେଟ୍ ଟ୍ରେନିଂ ମଧ ସମ୍ଭବ ହୋଇପାରୁଛି। ଏକୁଟିଆ ଟ୍ରେନିଂ କରୁଥିବାରୁ ସମୟସୀମାର କିଛି କଟକଣା ନାହିଁ। ପୂର୍ବରୁ ଆସୁଥିବା ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଆମେ ଟ୍ରେନିଂ କରୁଥିଲୁ। ମାତ୍ର ଏବେ କରାଟେ ଓ ଜୁଜୁଟ୍‌ସୁ ଜାତୀୟ ପ୍ରତିଯୋଗିତା ବାତିଲ ହୋଇ ଯାଇଥିବାରୁ ମୁଁ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଅଭ୍ୟାସ କରୁନାହିଁ। ଜୁଜୁଟ୍‌ସୁ ପାଇଁ ଗ୍ରାଉଣ୍ଡ ଟେକ୍ନିକ ଆବଶ୍ୟକ ଥିବାରୁ ଅଭ୍ୟାସ ସମୟରେ ପାର୍ଟନର ନିହାତି ଦରକାର। ତାହା ସମ୍ଭବ ନ ଥିବାରୁ ନିଜର ଶକ୍ତି ବଢ଼ାଇବା ଉପରେ ବିଶେଷ ଧ୍ୟାନ ଦେଉଛି ବୋଲି ସେ କହିଛନ୍ତି।

## ଏଟିପି, ଡବ୍ଲ୍ୟୁଟିଏର ମିଶ୍ରଣ ପାଇଁ କିଙ୍ଗ୍, ଫେଡରର, ନାଡାଲଙ୍କ ପ୍ରସ୍ତାବ

**ପ୍ୟାରିସ, ୨୩।୪ (ଏଏଫ୍‌ପି):** ପୁରୁଷ ଟେନିସର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଏଟିପି ଓ ମହିଳା ଟେନିସର ଡବ୍ଲ୍ୟୁଟିଏର ବିଧିବଦ୍ଧ ବିଲୟ ପାଇଁ ଏବେ ପ୍ରସ୍ତାବ ଦିଆଯାଇଛି। ଡବ୍ଲ୍ୟୁଟିଏ ପ୍ରତିଷ୍ଠାତା ବିଲି ଜିନ୍ କିଙ୍ଗ୍, ସୁଇଜରଲାଣ୍ଡ ଅଭିଜ୍ଞ ଟେନିସ ତାରକା ରୋଜର ଫେଡରର ଓ ସ୍ପେନର ରାଫାଲ ନାଡାଲ ଏଟିପି ଓ ଡବ୍ଲ୍ୟୁଟିଏର ବିଲୟ ପାଇଁ ମିଳିତ ଭାବେ ପ୍ରସ୍ତାବ ଦେଇଛନ୍ତି। ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଫେଡରର ପ୍ରଥମେ ଟୁଇଟ୍ କରି ଏ ନେଇ ପ୍ରସ୍ତାବ ଦେଇଥିଲେ।



ଏହାପରେ ନାଡାଲ ଓ କିଙ୍ଗ୍ ତାଙ୍କୁ ସମର୍ଥନ ଜଣାଇଛନ୍ତି। ଏବେ ପୁରୁଷ ଓ ମହିଳା ଟେନିସ ଏକାଠି ହେବାର ସମୟ ଆସି ଉପନୀତ ହୋଇଛି। ମହିଳା ଓ ପୁରୁଷ ଟେନିସ କୋର୍ଟ ନୁହେଁ ଦୁଇଟି ପ୍ରଶାସନିକ ସଂଗଠନର ବିଲୟ ହେଉ। ପୁରୁଷ ଓ ମହିଳା ଟେନିସ୍‌ର ପେସାଦାର ଟୁର ସମ୍ପର୍କରେ ଏହି ଦୁଇ ସଂଗଠନ କାର୍ଯ୍ୟ କରିଥାନ୍ତି। ଏହି ଦୁଇ ଗଭର୍ନିଂ ବଡିର ବିଲୟ ଚାହୁଁଛୁ ବୋଲି ଫେଡରର କହିଛନ୍ତି।

ସେହିପରି ୧୯୭୩ରେ ଡବ୍ଲ୍ୟୁଟିଏ ପ୍ରତିଷ୍ଠା କରିଥିବା କିଙ୍ଗ୍ ମଧ ସମାନ ମତ ରଖିଛନ୍ତି। କେତେ ଦଶନ୍ଧି ପୂର୍ବରୁ ଏ ନେଇ ମୋର ସମର୍ଥନ ରହିଆସିଛି। ନାଡାଲ ମଧ ତାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଫେଡରରଙ୍କ କଥାକୁ ସମର୍ଥନ କରିଛନ୍ତି। ଏହା ଟେନିସର ବୃହତ୍ତର ସ୍ୱାର୍ଥ ସାଧନ କରିବ ବୋଲି ନାଡାଲ କହିଛନ୍ତି। ବହୁ ପୂର୍ବରୁ ଦୁଇଟି ସଂସ୍ଥାର ବିଲୟ ହେବାର ଥିଲା। ଚଳିତ ପଦ୍ଧତିରେ ର୍ୟାଙ୍କିଙ୍ଗ୍ ସିଷ୍ଟମ, ଭିନ୍ନ ଭିନ୍ନ ଲୋଗୋ, ଭିନ୍ନ ୱେବ୍‌ସାଇଟ୍, ଭିନ୍ନ ଟୁର୍ନାମେଣ୍ଟ କାଟାଗୋରିକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି।

## ୱାର୍ଲ୍ଡ ଗେମ୍ସ ବିଳମ୍ବ ଯୋଗୁ ନୂଆ ଲୋଗୋ ଓ ଟାଇଟଲ

**ୱାଶିଂଟନ, ୨୩।୪ (ଏପି):** କରୋନା ମହାମାରୀ ଯୋଗୁ ବର୍ମିଂହାମ୍, ଆଲବାମାଠାରେ ହେବାକୁଥିବା ୱାର୍ଲ୍ଡ ଗେମ୍ସକୁ ବର୍ଷେ ଘୁଞ୍ଚାଇ ଦିଆଯାଇଥିବାରୁ ଏହାର ଲୋଗୋ ଓ ଟାଇଟଲକୁ ବଦଳାଇ ଦିଆଯାଇଛି। ଅଲିମ୍ପିକ ଷ୍ଟାଇଲରେ ହେଉଥିବା ଏହି ପ୍ରତିଯୋଗିତା ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରୋଗ୍ରାମ୍‌ରେ ନାହିଁ। ବର୍ତ୍ତମାନ ଏହାର ଟାଇଟଲ ଦି ୱାର୍ଲ୍ଡ ଗେମ୍ସ ୨୦୨୨ ରଖାଯାଇଛି। ଏହି ଇଭେଣ୍ଟ ପ୍ରକୃତରେ ୨୦୨୧ ଜୁଲାଇରେ ହୋଇଥାନ୍ତା। କିନ୍ତୁ ୨୦୨୦ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସକୁ ବର୍ଷେ ଘୁଞ୍ଚାଇ ଦିଆଯାଇଥିବାରୁ ବର୍ତ୍ତମାନ ଏହା ୨୦୨୨ ଜୁଲାଇରେ ହେବ। ଆୟୋଜକଙ୍କ ପକ୍ଷରୁ ମଧ ଏକ ନୂଆ ୱେବ୍‌ସାଇଟ୍ ଉନ୍ମୋଚନ କରାଯାଇଛି।

## ଅଲିମ୍ପିକ୍ସ ଘୁଞ୍ଚିବା ଆମ ଲାଗି ସୁଯୋଗ ସୃଷ୍ଟି କରିଛି: ନମିତା

**ବେଙ୍ଗାଲୁରୁ, ୨୩।୪(ପି.ଟି.):** ଟୋକିଓ ଅଲିମ୍ପିକ୍ସ ଗୋଟିଏ ବର୍ଷ ଘୁଞ୍ଚିବା ଭାରତୀୟ ମହିଳା ହକି ଦଳ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ପ୍ରସ୍ତୁତି ପାଇଁ ଆମକୁ ଆହୁରି ଗୋଟିଏ ବର୍ଷ ଅଧିକ ମିଳିଛି। ଏହା ଦ୍ୱାରା ଆମେ ଅଧିକ ଗୋଟିଏ ବର୍ଷର ଅଭିଜ୍ଞତା ହାସଲ କରିବୁ ବୋଲି ଓଡ଼ିଆ ମହିଳା ହକି ତାରକା ନମିତା ଟୋପ୍ପୋ କହିଛନ୍ତି। ଦଳର ପ୍ରସ୍ତୁତି ଆହୁରି ଶାଣିତ ହୋଇପାରିବ ଓ ଆମେ ଅଲିମ୍ପିକ ପଦକ ହାସଲ କରିବୁ ବୋଲି ଏହି ଅଭିଜ୍ଞ ମିଡ୍‌ଫିଲ୍ଡର ମତ ରଖିଛନ୍ତି। କରୋନାଭାଇରସ ପାଇଁ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଯାଇଛି।




ତେବେ ଏହା ଆମେ ଅଲିମ୍ପିକ୍ ପଦକ ହାସଲ କରିବା ଲକ୍ଷ୍ୟକୁ ପ୍ରଭାବିତ କରିପାରିବେ ନାହିଁ। ଅଲିମ୍ପିକ ପଦକ ଜିତିବା ଆମର ମୂଳ ଲକ୍ଷ୍ୟ। ଏବେ ଏହି ଲକ୍ଷ୍ୟରେ ପରିବର୍ତ୍ତନ ହେବ ନାହିଁ।

# ୧୩ ବର୍ଷ ହେଲା ଅପେକ୍ଷା କରିଛନ୍ତି କାର୍ତ୍ତିକ

**ଚେନ୍ନାଇ, ୨୩।୪:** ଆଇପିଏଲରେ ନିଜ ଘରୋଇ ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳିବାକୁ ସବୁ ଖେଳାଳିଙ୍କର ଇଚ୍ଛା ଥାଏ। ମାତ୍ର ଏପରି କେତେଜଣ ତାରକା ଖେଳାଳି ଅଛନ୍ତି ଯିଏକି ଏହି ସୁଯୋଗ ପାଇ ନାହାନ୍ତି। ସେପରି ଜଣେ କ୍ରିକେଟର ହେଲେ ଦୀନେଶ କାର୍ତ୍ତିକ। ସେ ୬ଟି ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଥିଲେ ହେଁ ନିଜ ଘରୋଇ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଖେଳିପାରିନାହାନ୍ତି। ଚେନ୍ନାଇ ପକ୍ଷରୁ ଖେଳିବା ତାଙ୍କର ଇଚ୍ଛା, ଏଥିପାଇଁ ସେ ୧୩ ବର୍ଷ ଧରି ଅପେକ୍ଷା କରିଛନ୍ତି ବୋଲି କାର୍ତ୍ତିକ କହିଛନ୍ତି। ୨୦୦୪ରେ ମହେନ୍ଦ୍ର ସିଂ ଧୋନୀ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ




ଦିନେଶ କାର୍ତ୍ତିକ

କରିବାପରେ କାର୍ତ୍ତିକଙ୍କ ପାଇଁ ସୁଯୋଗ କମି ଯାଇଛି। ତାଙ୍କ କ୍ୟାରିୟର ଉତ୍‌ଥାନ ପତନ ମଧଦେଇ ଗତି କରିଛି। ଆଇପିଏଲ ଇତିହାସରେ ସେ ଜଣେ ସଫଳ ଖେଳାଳି। ଏଥିପାଇଁ ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ

**ଇଣ୍ଡିଆନ ପ୍ରିମିୟର ଲିଗ୍**

ଖେଳିବା ପାଇଁ ସୁଯୋଗ ସୃଷ୍ଟି ହେଉଛି। ମାତ୍ର ସମ୍ଭବତଃ ଧୋନୀଙ୍କ ଉପସ୍ଥିତି ଯୋଗୁ ଚେନ୍ନାଇ ସୁପରକିଙ୍ଗ୍ସ ଏପର୍ଯ୍ୟନ୍ତ ଆଗ୍ରହ ଦେଖାଇନାହିଁ। ଫଳରେ କାର୍ତ୍ତିକଙ୍କ ପାଇଁ ଚେନ୍ନାଇ ପକ୍ଷରୁ ଖେଳିବାକୁ ଭାଗ୍ୟରେ ଜୁଟିନାହିଁ। ଆଇପିଏଲର ଉଦ୍‌ଘାଟନୀ ସଂସ୍କରଣ ବେଳକୁ କାର୍ତ୍ତିକ ଭାରତୀୟ ଦଳର ଜଣେ ନିୟମିତ ସଦସ୍ୟ ଥିଲେ। ତେଣୁ ଅଧିନାୟକ ହେବାନେଇ ନିଶ୍ଚିତ ନ ଥିଲେ ହେଁ ଖେଳାଳି ନିଲାମରେ ସୁପରକିଙ୍ଗ୍ସ ତାଙ୍କୁ କିଣିବ ବୋଲି ଆଶା ରଖିଥିଲେ। ୨୦୦୮ରେ ଖେଳାଳି ନିଲାମ ସମୟରେ କାର୍ତ୍ତିକ ଅଷ୍ଟ୍ରେଲିଆରେ ଥିଲେ। ସେଠାରେ ଥିବା ଧୋନୀ ଦ୍ୱିତୀୟ ପର୍ଯ୍ୟାୟରେ କିଣା ହେବାନେଇ ଆଶା ରଖିଥିଲେ। ମାତ୍ର ଚେନ୍ନାଇ ଫ୍ରାଞ୍ଚାଇଜ୍ ଧୋନୀଙ୍କୁ ୬ କୋଟି(ପ୍ରଥମ ସଂସ୍କରଣରେ ସର୍ବାଧିକ ବିଡ୍) ଟଙ୍କାରେ କିଣିବା ତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା ବୋଲି କାର୍ତ୍ତିକ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଗଭୀର ଆଘାତ ପାଇଥିବା କାର୍ତ୍ତିକ ପରେ ଚେନ୍ନାଇ ପକ୍ଷରୁ ଖେଳିବାକୁ ଆଶା ରଖିଥିଲେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ